

ଗଡ଼କରୀ ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ — ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 127 ଭାଗ ୩୪ | ସଂଖ୍ୟା ୧୨୭ | Tuesday 28 July 2026 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର, ୨୮ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ନାଇଡୁ କମିଶନ ରିପୋର୍ଟ ଗାଏବ ଘଟଣା

## କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ନାଇଡୁ କମିଶନଙ୍କ ରିପୋର୍ଟ ଫାଇଲ୍ ଗାଏବ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ମାମଲା ତଦନ୍ତ ସମ୍ପର୍କିତ ଫାଇଲ ଗାଏବ ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲା ଓ କନ୍ଧମାଳ ହିଂସାକାଣ୍ଡ ତଦନ୍ତ ସହ ଜଡ଼ିତ 'ନାଇଡୁ କମିଶନ'ଙ୍କ ରିପୋର୍ଟ ଫାଇଲ ଗାଏବ ହେବା ଘଟଣା ଓଡ଼ିଶା ରାଜନୀତିରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ସମ୍ବେଦନଶୀଳ ମାମଲାର ଫାଇଲଟି କେଉଁ ପରିସ୍ଥିତିରେ ଓ କାହା ସମୟରେ ଗାଏବ ହେଲା, ସେନେଇ କ୍ରାଇମବ୍ରାଞ୍ଚ ଆନୁଷ୍ଠାନିକ ଭାବେ ଖୋଳତାଡ଼ ଆରମ୍ଭ କରିବ।

୨୦୦୮ ଅଗଷ୍ଟ ୨୩ ତାରିଖ ପବିତ୍ର ଜନ୍ମାଷ୍ଟମୀ ରାତିରେ କନ୍ଧମାଳ ଜିଲ୍ଲା ଜଲେସପଟ୍ଟା ଆଶ୍ରମ ଭିତରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ତାଙ୍କର ୪ ଜଣ ସହଯୋଗୀଙ୍କୁ କେତେକ ଆତତାୟୀ ଗୁଳି କରି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ପରେ ସମଗ୍ର କନ୍ଧମାଳ ଜିଲ୍ଲାରେ ଭୟଙ୍କର ସାମ୍ପ୍ରଦାୟିକ ହିଂସାକାଣ୍ଡ ବ୍ୟାପିଯାଇଥିଲା, ଯେଉଁଥିରେ ବହୁ ଲୋକ ନିଜର ଜୀବନ ହରାଇବା ସହ ବ୍ୟାପକ ସମ୍ପତ୍ତି ନଷ୍ଟ ହୋଇଥିଲା।

ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ତତ୍କାଳୀନ ସରକାର କଟକ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଏସ୍ଆର୍ ନାଇଡୁଙ୍କ ଅଧ୍ୟକ୍ଷତାରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ କରିଥିଲେ। ଏହି 'ନାଇଡୁ କମିଶନ'କୁ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନଟ କରିବା, ପୃଷ୍ଠା-୬

### ପେପର୍ ଲିକ୍ ରୋକିବାକୁ ସରକାରଙ୍କ ଠୋସ୍ ପଦକ୍ଷେପ

## ସଂସଦରେ ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଲ୍ ଆଗତ

- ପ୍ରଥମ ଦିନରେ ହୋଇପାରିଲାନି ବିଚାରବିମର୍ଶ
- ୧୦ ବର୍ଷ ଜେଲ୍ ସହ ୫୦ ଲକ୍ଷ ଜରିମାନା ପ୍ରାବଧାନ
- ସିଣ୍ଡିକେଟ୍ କ୍ଷେତ୍ରରେ ୧୦ କୋଟି ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା



**ନୂଆଦିଲ୍ଲୀ,୨୭।୭:** ଦେଶରେ ପ୍ରଶ୍ନପତ୍ର ପ୍ରଘଟ ଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକୁ ସ୍ଥାୟୀଭାବେ ରୋକିବା ଲାଗି ଏକ ବଡ଼ ପଦକ୍ଷେପସ୍ୱରୂପ ସରକାରଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ସୋମବାର ଲୋକସଭାରେ ସାର୍ବଜନୀନ ପରୀକ୍ଷା (ପ୍ରିଭେନସନ୍ ଅଫ୍ ଅନଫେୟାର ମିନ୍ସ) ସଂଶୋଧନ ବିଲ୍-୨୦୨୬ ଆଗତ କରିଥିଲେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଓ କକ୍ଷତ୍ୟାଗ ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ କୌଣସି ବିଚାରବିମର୍ଶ ହୋଇପାରିନାହିଁ।

ମୌସୁମୀ ଅଧିବେଶନର ପ୍ରାକ୍-ନିର୍ଦ୍ଧାରିତ ସପ୍ତମ ଦିନର କାର୍ଯ୍ୟସୂଚୀ ଅନୁଯାୟୀ, ଗୃହର ବାଚସ୍ପତି ଓମ୍ ବିର୍ଲାଙ୍କ ଆହ୍ୱାନକ୍ରମେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ସୋମବାର ପ୍ରଶ୍ନପତ୍ର ପ୍ରଘଟ ନିରୋଧୀ (ଆଣ୍ଟି-ପେପର ଲିକ୍) ବିଧେୟକ ଲୋକସଭାରେ ଆଗତ କରିଥିଲେ। ପ୍ରସ୍ତାବିତ ବିଲ୍‌ରେ ଯେକୌଣସି ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ରୋକିବା ଲାଗି ଦୃଢ଼ ଦଣ୍ଡବ୍ୟବସ୍ଥା ରଖାଯାଇଛି। ପ୍ରତ୍ୟେକ ରାଜ୍ୟରେ ନିର୍ଦ୍ଦିଷ୍ଟ ଭାବେ ପେପରଲିକ୍ ମାମଲାଗୁଡ଼ିକ ଉପରେ ବିଚାର ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବା ସହିତ ଦୁଇ ମାସ ମଧ୍ୟରେ ତଦନ୍ତ ଶେଷ କରିବା ବାଧ୍ୟତାମୂଳକ କରିବାକୁ ପ୍ରାବଧାନ ରଖାଯାଇଛି।

ପ୍ରସ୍ତାବିତ ବିଲ୍‌ରେ ଆପରାଧିକ ଦଣ୍ଡ ବ୍ୟବସ୍ଥାକୁ ଅତି କଠୋର କରାଯାଇଛି। ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ପାଇଁ ୧୦ ବର୍ଷ ପର୍ଯ୍ୟନ୍ତ କଠୋର ଜେଲଦଣ୍ଡ ବ୍ୟବସ୍ଥା ଥିବା ବେଳେ ବ୍ୟକ୍ତିଗତ ଭାବେ ଜଣ ପିଛା ୫୦ ଲକ୍ଷ ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। ଏଥିସହ ସଂଗଠିତ ଭାବେ ପ୍ରଶ୍ନପତ୍ର ଲିକ୍ କରୁଥିବା ସିଣ୍ଡିକେଟ୍‌ଗୁଡ଼ିକ ଉପରେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗୁ କରିବାକୁ ବିଲ୍‌ରେ ଉଲ୍ଲେଖ ରହିଛି।

ଗୃହରେ ବିଲ୍ ଆଗତ ହେବା ପରେ ବାଚସ୍ପତି ଓମ୍ ବିର୍ଲା କହିଥିଲେ ଯେ ବିଲ୍‌ରେ ୯୧ଟି ସଂଶୋଧନ କରାଯାଇଛି। ଦେଶର ପ୍ରତିଯୋଗିତାମୂଳକ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଲାଗି ଏକକ ଆଭିମୁଖ୍ୟର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ଥିବାରୁ ବାଚସ୍ପତି ଓମ୍ ବିର୍ଲା ପ୍ରସ୍ତାବିତ ସାର୍ବଜନୀନ ପରୀକ୍ଷା ବିଲ୍ ଉପରେ ବ୍ୟାପକ ଆଲୋଚନା କରିବା ପାଇଁ ଗୃହର ସଦସ୍ୟମାନଙ୍କୁ ୬ ଘଣ୍ଟାର ଦୀର୍ଘ ସମୟ ପ୍ରଦାନ କରିଥିଲେ। ବିଶେଷକରି, ନିଟ୍-ୟୁଜି ପେପର ଲିକ୍ ପରେ ଜେନ-ଜି ଛାତ୍ରମାନଙ୍କ ଦ୍ୱାରା ଦେଶବ୍ୟାପୀ ସୃଷ୍ଟି ହୋଇଥିବା ତୁମ୍ବିତୋଫାନ୍ ପରେ ଏହାକୁ ନେଇ କୌଣସି ପ୍ରକାର ସାଲିସ୍ କରିବାକୁ ଚାହୁଁ ନଥିବା ବିଜେପି ନେତୃତ୍ୱାଧୀନ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପ୍ରଶ୍ନପତ୍ର ପ୍ରଘଟ ନିରୋଧୀ (ଆଣ୍ଟି-ପେପର ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୧୯ତମ ପାଳି

## ବଢୁଛି ସାଧାରଣ ଲୋକଙ୍କ ଭରସା



- ୧୨ ରୋଗୀଙ୍କ ପାଇଁ ତୁରନ୍ତ ୬.୧୫ ଲକ୍ଷ ମଞ୍ଜୁର
- ଅଭିଯୋଗର ସ୍ଥିତି ଉପରେ ନିୟମିତ ନଜର ରଖାଯାଉଛି
- ୧୮ ପାଳି ସୁଦ୍ଧା ୯୬% ଓ ଜିଲ୍ଲା ସ୍ତରରେ ୮୯% ଅଭିଯୋଗର ସମାଧାନ
- ମୁଖ୍ୟମନ୍ତ୍ରୀଙ୍କ ସହ ୬ ମନ୍ତ୍ରୀ, ଅଧିକାରୀ ଅଭିଯୋଗ ଶୁଣିଲେ

**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ଆଜି ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୯ତମ ପାଳି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସକାଳେ ଭୁବନେଶ୍ୱର ୟୁନିଟ-୨ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ମନ୍ତ୍ରିମଣ୍ଡଳର ୬ ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତିଟି ଅଭିଯୋଗର ସ୍ଥିତି ଉପରେ ନିୟମିତ ନଜର ରଖାଯାଉଛି। ରାଜ୍ୟ ସ୍ତରଠାରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ବ୍ୟବସ୍ଥାର ତଦାରଖ କରାଯାଉଛି। ତେଣୁ ସମାଧାନର ହାର ବୃଦ୍ଧି ପାଉଛି। ଏହାଦ୍ୱାରା ଏହି ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ଭରସା ବୃଦ୍ଧି ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବରୁ ରାଜ୍ୟ ସ୍ତରରେ ଅନୁଷ୍ଠିତ ୧୮ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୪,୯୪୧ ପୃଷ୍ଠା-୬

### ସଂସଦରେ ଧର୍ମେନ୍ଦ୍ରଙ୍କୁ ବିପୁଳ ସ୍ୱାଗତ

## ମନ୍ତ୍ରୀ ପଦ ଛାଡ଼ିଲେ, ହୃଦୟ ଜିତିଲେ



**ନୂଆଦିଲ୍ଲୀ,୨୭।୭:** ନିଟ୍ ପ୍ରଶ୍ନପତ୍ର ଲିକ୍ ବିବାଦ ଓ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ କାରଣରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ମନ୍ତ୍ରୀ ପଦ ଛାଡ଼ିବା ପରେ ମଧ୍ୟ ବିଜେପି ଦଳ ଭିତରେ ତାଙ୍କର ଦବଦବା ଏବଂ ଲୋକପ୍ରିୟତା ଟିକିଏ ବି କମିନ। ହଁ

**ଗୁଞ୍ଜରିତ ହେଲା 'ଜିନ୍ଦାବାଦ' ନାରା**

ବୋଲି ସଂସଦ ଭବନରେ ଦେଖିବାକୁ ମିଳିଛି। ଇସ୍ତଫା ଦେବା ପରେ ଯେତେବେଳେ ପ୍ରଥମ ଥର ପାଇଁ ଧର୍ମେନ୍ଦ୍ର ପ୍ରଧାନ ଆଜି ସଂସଦରେ ପହଞ୍ଚିଥିଲେ, ସେତେବେଳେ ବିଜେପି ସାଂସଦମାନେ ତାଙ୍କୁ ଏକ ଭବ୍ୟ ଓ ଉଷ୍ମ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସଂସଦର 'ମକର ଦ୍ୱାର' ନିକଟରେ ଘଟିଥିବା ଏହି ଅପୂର୍ବ ଦୃଶ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ଧର୍ମେନ୍ଦ୍ର ପ୍ରଧାନ ସଂସଦର ମକର ଦ୍ୱାର ନିକଟରେ ପହଞ୍ଚିବା କ୍ଷଣି ସେଠାରେ ଉପସ୍ଥିତ ଥିବା ଦଳୀୟ ସାଂସଦମାନେ ଏକାଠି ହୋଇଯାଇଥିଲେ। ସମସ୍ତେ ତାଙ୍କୁ ଚାରିପଟୁ ଘେରିଯାଇ 'ଧର୍ମେନ୍ଦ୍ର ପ୍ରଧାନ ଜିନ୍ଦାବାଦ...' ନାରା ଲଗାଇଥିଲେ। ଅନେକ ସାଂସଦ ତାଙ୍କୁ କୁଣ୍ଢାଇ ପକାଇଥିଲେ ତ ଆଉ କେହି କରମର୍ଦ୍ଦନ ପୃଷ୍ଠା-୬

**ବିକାଶ ପୁରୁଷଙ୍କ ଅପେକ୍ଷାରେ ରାଜ୍ୟ ବିଜେପି**

#### ବିମାନବନ୍ଦରରେ କରାଯିବ ଭବ୍ୟ ସ୍ୱାଗତ

**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସିବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ପରେ ଧର୍ମେନ୍ଦ୍ରଙ୍କର ଏହା ପ୍ରଥମ ଓଡ଼ିଶା ଗସ୍ତ। ଦିଲ୍ଲୀରୁ ଆସନ୍ତାକାଲି ଭୁବନେଶ୍ୱର ଆସିବେ। ସକାଳ ୧୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ନେଇ ସୂଚନା ରହିଛି। ଧର୍ମେନ୍ଦ୍ରଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ ଜଣାଇବା ପାଇଁ ରାଜ୍ୟ ବିଜେପି ପକ୍ଷରୁ ପ୍ରସ୍ତୁତି କରାଯାଇଛି। ସ୍ୱାଗତ ପୃଷ୍ଠା-୬

## ମୃଦୁ ପାନୀୟ ବୋତଲରୁ ହଟିବ 'ଏନର୍ଜି ଡ୍ରିଙ୍କ୍' ଶବ୍ଦ

**୯୦ ଦିନର ମହଲତ ଦେଲା ଏଫ୍‌ଏସ୍‌ଏସ୍‌ଏଆଇ**

**ନୂଆଦିଲ୍ଲୀ,୨୭।୭:** ଆଗାମୀ ଦିନରେ ଦେଶରେ ଉପଲବ୍ଧ ହେଉଥିବା ବିଭିନ୍ନ ପ୍ରମୁଖ କମ୍ପାନୀର ମୃଦୁ ପାନୀୟ ବୋତଲରେ 'ଏନର୍ଜି ଡ୍ରିଙ୍କ୍' ରହିବ ନାହିଁ। କାରଣ ଆଜି ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ଏହି କମ୍ପାନୀମାନଙ୍କୁ ତୁରନ୍ତ ବୋତଲରୁ 'ଏନର୍ଜି ଡ୍ରିଙ୍କ୍' ଶବ୍ଦ ହଟାଇବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଏହି କମ୍ପାନୀ ମଧ୍ୟରେ ପେପ୍‌ସୀ, ରେଡ୍ ବୁଲ୍, ମନଷ୍ଟର୍ ବେଭେରେଜ୍, ରିଲାଏନ୍ସ ଓ ହେଲ୍ ଏନର୍ଜି ଆଦି ରହିଥିବା ଏକ ବିଦେଶୀ ଗଣମାଧ୍ୟମରେ କୁହାଯାଇଛି। ଏ ସଂକ୍ରାନ୍ତରେ ଚଳିତ ମାସ ପ୍ରାରମ୍ଭରେ ଦେଶର ଖାଦ୍ୟ ନିୟାମକ ସଂସ୍ଥା ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ କୁହାଯାଇଥିଲା ଯେ ଭାରତରେ ପ୍ରସ୍ତୁତ ହେଉଥିବା କୌଣସି ଖାଦ୍ୟରେ 'ଏନର୍ଜି ଡ୍ରିଙ୍କ୍' ଭଳି ମାନକ ଉପଲବ୍ଧ ନାହିଁ। ସେହିପରି ଏହି ମୃଦୁ ପାନୀୟ କମ୍ପାନୀମାନେ ଏହାକୁ ପିଇବା ପରେ ଖାଉଟିଙ୍କ ଶରୀର ଓ ମସ୍ତିଷ୍କ ସଶକ୍ତ ହେଉଛି କିମ୍ବା ଦୁର୍ବଳତା ଦୂର କରିବାରେ ସହାୟକ ହେଉଛି ବୋଲି ଯେଉଁ ଦାବି କରାଯାଉଛି, ତାହା ଖାଉଟିମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ଦିଷ୍ଟ। ତେଣୁ ମୃଦୁ ପାନୀୟ କମ୍ପାନୀମାନେ ସେମାନଙ୍କ ପୃଷ୍ଠା-୬

### ୭୧ ମାଧ୍ୟମିକ ବିଦ୍ୟାଳୟର ଉନ୍ନତିକରଣକୁ କେନ୍ଦ୍ରର ଅନୁମୋଦନ

## ୧୪୦ କୋଟିର ଅନୁଦାନ ମଞ୍ଜୁର

**ଉପକୃତ ହେବେ ଗ୍ରାମାଞ୍ଚଳ ଛାତ୍ରଛାତ୍ରୀ**



**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ରାଜ୍ୟର ୭୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉନ୍ନତିକରଣ ହେବ। ଏ ସଂକ୍ରାନ୍ତ ଏକ ପ୍ରସ୍ତାବକୁ କେନ୍ଦ୍ର ସରକାର ଆଜି ଅନୁମୋଦନ ଦେଇଛନ୍ତି। ଏଥିସହ ଏହାକୁ କାର୍ଯ୍ୟକାରୀ କରିବା ସକାଶେ କେନ୍ଦ୍ର ସରକାର ୧୪୦ କୋଟି ଟଙ୍କାର ଅନୁଦାନ ମଧ୍ୟ ମଞ୍ଜୁର କରିଛନ୍ତି। ୨୦୨୬-୨୭ ଶିକ୍ଷା ବର୍ଷରେ କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ଏହି ଅର୍ଥ ମଞ୍ଜୁର କରାଯାଇଛି।

ମିଳିଥିବା ସୂଚନାନୁସାରେ, ଉପରୋକ୍ତ ୭୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସକାଶେ ୧୪୦.୭୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ପ୍ରୋଜେକ୍ଟ ଆପ୍ରୁଭାଲ୍ ବୋର୍ଡ (ପିଏବି) ପକ୍ଷରୁ ମଞ୍ଜୁର କରାଯାଇଛି। ସେହିପରି ପୃଷ୍ଠା-୬

## ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ପରଲୋକ

- ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତା
- ବିଧାନସଭା ଓ ଶଙ୍ଖ ଭବନରେ ଦିଆଗଲା ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୨୭।୭(ସଂଚାରବ୍ୟୁରୋ):** ବିଜେଡିର ବରିଷ୍ଠ ଯୁବନେତା, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କର ଦେହାନ୍ତ। ଭୁବନେଶ୍ୱରର ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ରାତିରେ ସେ ଆଖି ବୁଜି ଦେଇଛନ୍ତି। ତାଙ୍କୁ ମାତ୍ର ୫୩ ବର୍ଷ ହୋଇଥିଲା। ସୁଶାନ୍ତଙ୍କ ମୃତ୍ୟୁରେ ପଶ୍ଚିମ ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି। ସର୍ବୋପରି ବିଜେଡି ଜଣେ ଦକ୍ଷ ସଂଗଠକଙ୍କୁ ହରାଇଛି।

ସୁଶାନ୍ତ ସିଂ ଦୀର୍ଘ ଦିନରୁ ଅସୁସ୍ଥ ଥିଲେ। କିଛି ମାସ ଧରି ରାଜ୍ୟ ବାହାରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ସେଠାରୁ ଫେରି ମଝିରେ ବରଗଡ଼ର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିଲେ। ମଝିରେ ସେ ସାମାନ୍ୟ ସୁସ୍ଥ ହୋଇ ଭୁବନେଶ୍ୱର ଘରେ ରହୁଥିଲେ। ଗତକାଲି ରାତିରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ତାଙ୍କୁ ତୁରନ୍ତ ଆପୋଲୋ ହସ୍ପିଟାଲରେ ପୃଷ୍ଠା-୬

### ଅମୁନି ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି

## ଧର୍ମେନ୍ଦ୍ରଙ୍କ ଉଦାହରଣ ଦେଲେ ନବୀନ

### ଜବାବ ଦେଲେ ବିଧାୟକ ଲକ୍ଷ୍ମଣ ବାଗ



**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ନିଟ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ଓଡ଼ିଶାରେ ବହିତ୍ରୁଟି ଓ ରାଜନୈତିକ ବୟାବାଜି ଜୋର ଧରିଛି। ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ ପୂର୍ବରୁ କ୍ରାଇମବ୍ରାଞ୍ଚ ତଦନ୍ତ ହୋଇଥିଲେ ମଧ୍ୟ ଏବେ ରାଜ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ପ୍ରସଙ୍ଗ ପୁଣିଥରେ ସାମ୍ନାକୁ ଆସିଛି। ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦାହରଣ ଦେଇ ଗଣଶିକ୍ଷା ପୃଷ୍ଠା-୬

## ଛାତ୍ରଛାତ୍ରୀଙ୍କୁ ଗୁଳି କରିଥିବା କନ୍‌ଷ୍ଟେବଲ ନିଲମ୍ବିତ

**ପାଟନା, ୨୭।୭:** ଗତ ଶନିବାର ସିୱାନ ଜିଲ୍ଲାରେ ଆନ୍ଦୋଳନରତ ଛାତ୍ରଙ୍କ ଉପରକୁ ଏକେ-୪୭ ଚଳାଇଥିବା ବିହାର ପୁଲିସର ଜଣେ କନ୍‌ଷ୍ଟେବଲ୍‌ଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ସୋମବାର ସିୱାନ୍ ପୁଲିସ ଅଧୀକ୍ଷକ ପୂରନ୍ କୁମାର ଝା କହିଛନ୍ତି। କନ୍‌ଷ୍ଟେବଲ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରକୁ ଏକେ-୪୭ରେ ଗୁଳି ଚଳାଉଥିବା ଭିଡ଼ିଓ ଭାଇରାଲ୍ ହେବା ପରେ ଏପରି ପଦକ୍ଷେପ ନିଆଯାଇଛି। ତେବେ ଏକେ-୪୭ ଗୁଳିରେ କେହି ମୃତାହତ ହୋଇନାହାନ୍ତି।

### ନିଟ୍ ଫାଷ୍ଟ-ଟ୍ରାକ୍ କୋର୍ଟର ପ୍ରଥମ ଦିନ

## ବିନା ଶୁଣାଣିରେ ମୁଲତବୀ

**ନୂଆଦିଲ୍ଲୀ,୨୭।୭:** ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାର ବିଚାର ପାଇଁ ଗଠିତ ପ୍ରଥମଶ୍ରେଣୀ ଅଦାଲତ (ଫାଷ୍ଟ-ଟ୍ରାକ୍) କୋର୍ଟଙ୍କ ପ୍ରଥମଦିନର କାର୍ଯ୍ୟ ବିନା ଶୁଣାଣିରେ ଶେଷ ହୋଇଛି। ସିବିଆଇ ପକ୍ଷରୁ ସୋମବାର କୌଣସି ଓକିଲ ନୂତନ ଭାବେ ଗଠିତ ଦିଲ୍ଲୀର ଫାଷ୍ଟ-ଟ୍ରାକ୍ କୋର୍ଟରେ ଉପସ୍ଥିତ ନ ରହିବାରୁ ଅଦାଲତ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ବିଚାରପତି ଅନୁ ଗ୍ରୋଭର ବାଲିଗା କୋର୍ଟକୁ ମୁଲତବୀ ଘୋଷଣା କରିଛନ୍ତି। ନିର୍ଦ୍ଦିଷ୍ଟ ଭାବେ ପ୍ରଶ୍ନପତ୍ର ପ୍ରଘଟ ଓ ସାର୍ବଜନୀନ ପରୀକ୍ଷାରେ ଅନୁଚିତ କାର୍ଯ୍ୟପ୍ରକ୍ରିୟା ଉପରେ ବିଚାର କରିବା ଲାଗି ପ୍ରଧାନମନ୍ତ୍ରୀ ଜରୁରୀକାଳୀନ ଭିତ୍ତିରେ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପେପର ଲିକ୍ ମାମଲାର ଦୁଇ ଅଭିଯୁକ୍ତ ଦିନେଶ ବିୱାଲ୍ ଓ ବିକାଶ ବିୱାଲଙ୍କ ଜାମିନି ଆବେଦନ ଉପରେ ଆଜି ଅଦାଲତରେ ଶୁଣାଣି କରିବାର କାର୍ଯ୍ୟସୂଚୀ ରହିଥିଲା।



### କାନ ଡେରିଆ

ମାଗଣା ଚାଉଳ ମାଗଣା ପଇସା
ସବୁ ଆମ ପାଇଁ କାଳ
ମୁଲିଆ ଟି ଏଠି କାମକୁ ଆସୁନି
ଖାଇ ସେ ବାସୀ ପଖାଳ
ସ୍ଥିତି ଟା ନୁହେଁ ସବଳ ...
ଶୁଖୁଆ କେଜି କୁ ଚାଉଳ ଗଣ୍ଡିକ
କରୁଛି ତାଙ୍କୁ ଦୁର୍ବଳ
ଭବିଷ୍ୟ ନିଜେ ସମ୍ଭାଳ ।

■ ଦେବାଶିଷ

## କେନ୍ଦ୍ର କ୍ୟାବିନେଟ୍ ପାଇଁ ଡଜନେ ଆଶାୟୀ

- ଦକ୍ଷିଣରୁ ପଶ୍ଚିମ ପର୍ଯ୍ୟନ୍ତ ସବୁଠି ଧାଁଦଉଡ଼
- ନବାଗତ ଓ ବରିଷ୍ଠ ସମସ୍ତେ ଲବିରେ ବ୍ୟସ୍ତ



**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶା କୋଟାରୁ ମନ୍ତ୍ରୀ ହେବା ପାଇଁ ଏବେ ପ୍ରାୟ ଡଜନେ ସାଂସଦ ଆଶା ବାନ୍ଧିଲେଣି। ଏବେ ଦକ୍ଷିଣରୁ ପଶ୍ଚିମ ପର୍ଯ୍ୟନ୍ତ ସାଂସଦମାନେ ମନ୍ତ୍ରୀ ହେବା ପାଇଁ ଧାଁଦଉଡ଼ ଚଳାଇଛନ୍ତି। ଉପକୂଳର କିଛି ସାଂସଦ ବି ଲବି ଆରମ୍ଭ କରିଦେଲେଣି। ଓଡ଼ିଶା କୋଟାରୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ୩ ଜଣ ମନ୍ତ୍ରୀ ଥିବା ବେଳେ ପ୍ରଧାନମନ୍ତ୍ରୀ ତାଙ୍କ ମନ୍ତ୍ରିମଣ୍ଡଳରେ ଆଉ ଜଣଙ୍କୁ ନେବେ ବୋଲି କିଛିଦିନ ପୂର୍ବରୁ ଚର୍ଚ୍ଚା ଜୋର୍ ଧରିଥିଲା।

ତେବେ ଏହାରି ଭିତରେ ପରିବର୍ତ୍ତିତ ରାଜନୈତିକ ପାଣିପାଗରେ ଛାତ୍ରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇଛନ୍ତି। ଫଳରେ ଓଡ଼ିଶାରୁ ଏବେ ମାତ୍ର ଦୁଇ ଜଣ ଜୁଏଲ ଓରାମ ଓ ଅଶ୍ୱିନୀ ବୈଷ୍ଣବ ମନ୍ତ୍ରୀ ଅଛନ୍ତି। ଅନ୍ୟ ପକ୍ଷରେ ଓଡ଼ିଶାରୁ ଲୋକସଭାରେ ବିଜେପିର ୨୦ ଜଣ ସାଂସଦ ଥିବା ବେଳେ ରାଜ୍ୟସଭାରେ ୫ ଜଣ ରହିଛନ୍ତି।

ଶ୍ରୀ ପ୍ରଧାନ ମନ୍ତ୍ରୀ ପଦ ଛାଡ଼ିବା ପରେ ଏବେ ସେହି ସ୍ଥାନ ପୂରଣ ପାଇଁ ରେସ୍ ଆରମ୍ଭ ହୋଇଛି। ଏଥିରେ ସବୁଠାରୁ ଆଗରେ ଯେଉଁମାନଙ୍କ ନାମ ଚର୍ଚ୍ଚାରେ ରହିଛି, ସେମାନଙ୍କ ମଧ୍ୟରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ପୁରୀ ସାଂସଦ ସମ୍ବିତ ପାତ୍ର ପ୍ରମୁଖ। ଏମାନଙ୍କ ବ୍ୟତୀତ ମହିଳା କୋଟାରେ ଆସିକା ସାଂସଦ ଅନିତା ପ୍ରିୟଦର୍ଶିନୀ ଆଶା ବାନ୍ଧିଥିବା ବେଳେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ବି ଦୌଡ଼ରେ ରହିଛନ୍ତି। ଏଥିସହ ପଶ୍ଚିମ ଓଡ଼ିଶାରୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ନାମ ବି ଚର୍ଚ୍ଚାରେ ରହିଛି। ଏମାନେ ସମସ୍ତେ ହେଉଛନ୍ତି ଲୋକସଭା ସଦସ୍ୟ। ନିକଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ଦିଲ୍ଲୀପ ରାୟଙ୍କ ନାଁ ବି କେନ୍ଦ୍ରମନ୍ତ୍ରୀ ଭାବେ ଚର୍ଚ୍ଚାର ଆଗରେ ରହିଛି। ଶ୍ରୀ ରାୟ ପୂର୍ବରୁ କେନ୍ଦ୍ରରେ ମନ୍ତ୍ରୀ ରହିସାରିଛନ୍ତି।

ଏମାନଙ୍କ ବ୍ୟତୀତ ପୂର୍ବତନ ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ରାଜପରିବାର ସଦସ୍ୟ ଭାବେ ପୃଷ୍ଠା-୬

SANCHAR ସଂଚାର

# ରତ୍ନ ସିଂହାସନକୁ ବାହୁଡ଼ିଲେ ଶ୍ରୀଜୀଉ

## ନୀଳାଦ୍ରି ବିଜେ ପରେ ନିୟମାନୁସାରେ ସମ୍ପନ୍ନ ହେଲା ସମସ୍ତ ନୀତି



**କେନ୍ଦ୍ରାପଡ଼ା,୨୭।୭ (ସଂଚାର ବ୍ୟୁରୋ):** ନବଦିନାତ୍ମକ ଯାତ୍ରାର ସମସ୍ତ ଦିବ୍ୟ ଲୀଳା ଓ ଧାର୍ମିକ ପରମ୍ପରା ସମ୍ପନ୍ନ କରି ଶ୍ରୀଜୀଉ ରତ୍ନ ସିଂହାସନକୁ ବାହୁଡ଼ିଛନ୍ତି। ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଏବଂ ଶେଷରେ ନୀଳାଦ୍ରି ବିଜେ ନୀତି ମାଧ୍ୟମରେ ଶ୍ରୀଜୀଉ ପୁନର୍ବାର ନିଜ କର୍ମବେଦୀ ରତ୍ନ ସିଂହାସନରେ ବିରାଜମାନ ହୋଇଛନ୍ତି। ଏହି ପବିତ୍ର ଅବସରରେ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ଦୁର୍ଲଭ ଦର୍ଶନ ଲାଭ କରି ନିଜକୁ ଧନ୍ୟ ମନେ କରିଥିଲେ।

ରବିବାର ବିଳମ୍ବିତ ରାତ୍ରିରେ ନୀଳାଦ୍ରି ବିଜେ ପହଣ୍ଡି ନୀତି ରାତ୍ରି ପ୍ରାୟ ୧୨ଟା ମଧ୍ୟରେ ସମ୍ପନ୍ନ ହୋଇଥିଲା। ଏହାପରେ ଶ୍ରୀଜୀଉଙ୍କ ଚାରମାଳ ଫିଟା ଯାଇ ମହାସ୍ନାନ, ରାତ୍ରଧୂପ, ବଡ଼ସିଂହାର ବେଶ ଓ ପୁଷ୍ପାଞ୍ଜଳି ନୀତି ସମ୍ପନ୍ନ କରାଯାଇଥିଲା। ସମସ୍ତ ନୀତି ଶେଷ ହେବା ପରେ ଭୋର ପ୍ରାୟ ୫ଟା ସମୟରେ ଶ୍ରୀଜୀଉଙ୍କ ପହୁଡ଼ ନୀତି ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳ ପ୍ରାୟ ୭ଟାରେ ପହୁଡ଼ ଖୋଲାଯାଇ ଜୟମଙ୍ଗଳା ଆଳତି ଅନୁଷ୍ଠିତ ହୋଇଥିଲା। ପରେ ସ୍ନାନବଲ୍ଲଭ ସମେତ ଅନ୍ୟାନ୍ୟ ନିତ୍ୟନୀତି ବିଧିବଦ୍ଧ ଭାବେ ସମ୍ପନ୍ନ କରାଯାଇଥିଲା। ଦିନ ପ୍ରାୟ ଗୋଟାଏ ବେଳେ ପ୍ରସାଦ ଧୂପ ନୀତି ସମାପନ ପରେ ଭକ୍ତମାନଙ୍କ ମଧ୍ୟରେ ମହାପ୍ରସାଦ ବଣ୍ଟନ କରାଯାଇଥିଲା।

ଦୂରଦୂରାନ୍ତରୁ ଆସିଥିବା ଅସଂଖ୍ୟ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ସହିତ ମହାପ୍ରସାଦ ସେବନ କରି ଆଧ୍ୟାତ୍ମିକ ପରିବେଶରେ ନିଜକୁ ସାମିଲ କରିଥିଲେ। ନବଦିନାତ୍ମକ ରଥଯାତ୍ରାର ସମାପନ ସହ ରତ୍ନ ସିଂହାସନରେ ଶ୍ରୀଜୀଉଙ୍କ ବିରାଜମାନ ହେବା ପରେ ମନ୍ଦିର ପରିସରରେ ଭକ୍ତି, ଶ୍ରଦ୍ଧା ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା।

## ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍' ର ସିଧାପ୍ରସାରଣ




**ମାର୍ଶାଘାଇ,୨୭।୭ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତେଇ ପଞ୍ଚାୟତ ପାଇଲୋ ଗ୍ରାମର କାଳୀ ପୀଠରେ ରବିବାର ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା । ମହାକାଳପଡ଼ା ବିଧାୟକ ଡ ଦୁର୍ଗା ପ୍ରସନ ନାୟକ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଉପଦେଶକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ପ୍ରଧାନମନ୍ତ୍ରୀଙ୍କ ଉପଦେଶ ଅନୁଯାୟୀ 'ମା ପାଇଁ ଗଛଟିଏ' ବାର୍ତ୍ତାକୁ ସଫଳ କରିବା ପାଇଁ ସମସ୍ତେ ଗୋଟିଏ ଲେଖାଏଁ ଗଛ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା କୈବର୍ତ୍ତ ସମାଜର ସଭାପତି ତଥା ଅନ୍ତେଇ ପଞ୍ଚାୟତର ଯୁବ ସମାଜସେବୀ ରଂଜନ କୁମାର ବେହେରା, ବରିଷ୍ଠ ବିଜେପି ନେତା ଗଙ୍ଗାଧର ସାମଲ, ପ୍ରଶାନ୍ତ କୁମାର ସାହୁ, କରୁଣାକର ଚୁଳି, ପ୍ରଭାସ ସାମନ୍ତରାୟ,ପଞ୍ଚାୟତ ଶକ୍ତି କେନ୍ଦ୍ର ପ୍ରମୁଖ ବିଜ୍ଞାନ ବେହେରା, ବୁଥ ପ୍ରମୁଖ ଉମେଶ ବାରିକ, ମହେଶ୍ୱର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବରିଷ୍ଠ ନାଗରିକଙ୍କୁ ପୁଲିସର ନିର୍ଯାତନା ଅଭିଯୋଗ

**କେନ୍ଦ୍ରାପଡ଼ା,୨୭।୭(ସଂଚାର ବ୍ୟୁରୋ):** ଜଣେ ବରିଷ୍ଠରିକଙ୍କୁ ପୋଲିସ ନିର୍ଯ୍ୟାତନା ଦେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଥାନା ଅଧିନ ଦଶିପୁର ଗ୍ରାମର ବିବେକାନନ୍ଦ ଦାଶ ଅଭିଯୋଗ କରିଛନ୍ତି ଯେ ରାଜକନିକା ଥାନାର ଫଇସଲା କ୍ରମେ ଗ୍ରାମର ଶ୍ରୀଚୈତନ୍ୟ ମହାପ୍ରଭୁ, ଦଶିପୁର ମାର୍ଫତ ବିବେକାନନ୍ଦ ଦାଶ ଓଗେରଙ୍କ ନାମରେ ସେହି ମୌଜାର ଥିବା ଖାତା ନମ୍ବର- ୫୦୭, ପ୍ଲଟ ନମ୍ବର -୧୨୧୨, ଏରିଆ ଏ୦.୦୭ ଡିସିମିଲ ଜମିର ସୀମା ନିର୍ଦ୍ଧାରଣ ଆଳି ତହସିଲ ପକ୍ଷରୁ କରାଯାଇ ଉକ୍ତ ଜମିର ସୀମା ନିର୍ଦ୍ଧାରଣ କରାଯାଇ ଚିହ୍ନ ଦିଆଯାଇଥିଲା । ଏହାପରେ ଆଳି ତହସିଲରୁ ସୀମା ନିର୍ଦ୍ଧାରଣ ରିପୋର୍ଟର ସହିମୋହର ନକଲ ମଧ୍ୟ ବିବେକାନନ୍ଦଙ୍କୁ ପ୍ରଦାନ କରାଗଲା ।କିନ୍ତୁ ସେହି ଚିହ୍ନକୁ ଏକ ସ୍ଥାନୀୟ ଲୋକ ବିନା କାରଣରେ ଉପାଡିଦେଇ ମନ୍ଦିର ନିର୍ମାଣରେ ଅନ୍ତରାୟ ସୃଷ୍ଟି କରିଲେ । ସେହି ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ସଂଗୀନ ମାମଲା ପୂର୍ବରୁ ରହିଛି ।ଏସମ୍ପର୍କରେ ବିବେକାନନ୍ଦ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରୁ ପୋଲିସ ଯାଇ ଘଟଣା ସମ୍ପର୍କରେ ତଦନ୍ତ କରି ଫେରିଲେ । ଘଟଣାର ସତ୍ୟତା ଥିବା ପୋଲିସ ଉପଲବ୍ଧି କରିଲା । କିନ୍ତୁ ରାଜକନିକା ଥାନା ପୋଲିସର ଅସହଯୋଗ ଏବଂ ଅପରପକ୍ଷଙ୍କୁ ସହଯୋଗ କରିବା ହେତୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ ହୋଇପାରୁନଥିବା ବିବେକାନନ୍ଦ ଅଭିଯୋଗ କରିଛନ୍ତି । ସେ ଥାନାକୁ ବାରମ୍ବାର ଦୌଡି ଦୌଡି ନିରାଶ ହୋଇଥିଲେବି ପୋଲିସ ତାଙ୍କୁ ଅସହଯୋଗ କରିବା ସହିତ ନିର୍ଯ୍ୟାତନା ଦେଉଛି । ବିବେକାନନ୍ଦ ଜଣେ ବରିଷ୍ଠ ନାଗରିକ ହୋଇଥିବା ବେଳେ ତାଙ୍କୁ ଜାଣିଶୁଣି ହଇରାଣ ହରକତ କରାଯାଇ ନିର୍ଯ୍ୟାତନା ଦିଆଯାଉଥିବା ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ସେ ଚଳିତମାସ ୭ତାରିଖରେ ଆଳି ବ୍ଲକର ଅଭିଯୋଗ ଶୁଣାଣି ଶିବିରେ ମଧ୍ୟ ଅଭିଯୋଗ କରିଥିଲେ । ପଟ୍ଟାମୁଣ୍ଡାଇ ଏସଡିପିଓ ରାଜକନିକା ଥାନାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । କିନ୍ତୁ ପୋଲିସର ପକ୍ଷପାତିତା ଯୋଗୁଁ ସେ ଅତ୍ୟନ୍ତ ଅସହାୟ ହୋଇପଡିଥିବା କହିଛନ୍ତି । ତେଣୁ ତୁରନ୍ତ ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବାକୁ ସେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଜିଲ୍ଲାପାଳ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ଗହଣା ଦୋକାନରୁ ଲକ୍ଷାଧିକ ଟଙ୍କାର ସୁନା ରୁପା ଲୁଟ୍

**ବାରିପଦା, ୨୭।୭ (ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରୀରେ ମୟୁରଭଞ୍ଜ ଜିଲ୍ଲା ରସଗୋବିନ୍ଦପୁର ଥାନା ଅନ୍ତର୍ଗତ ମାଣିଦା ଛକ ନିକଟରେ ଥିବା କୃଷ୍ଣଚନ୍ଦ୍ର ଜୁଏଲାରୀ ନାମକ ଏକ ଗହଣା ଦୋକାନରୁ ଦୁର୍ବୃତ୍ତ ମାନେ ଲୁହାଗ୍ରିଲ ସମେତ ତାଲାଭାଙ୍ଗି ସୁନା ଗହଣା ଲୁଟ କରିନେଇଥିବାର ଦୋକାନ ମାଲିକ ଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଅଛି । ଅଭିଯୋଗ ମୁତାବକ ଦୁର୍ବୃତ୍ତମାନେ ତିନି କେଜି ରୁପା ଅଳଙ୍କର ସମେତ ସୁନା ଲୁଟ କରିଛନ୍ତି । ବିଳମ୍ବିତ ରାତ୍ରୀରେ ତିନି ଜଣ ଦୁର୍ବୃତ୍ତ ହାତରେ ମାରଣାସ୍ତ୍ର ଧରି ମୁହଁରେ କପଡା ବାନ୍ଧି ଲୁଟ କରୁଥିବାର ଦୃଶ୍ୟ ଦୋକାନରେ ଲାଗିଥିବା ସି ସି ଟିଭି କ୍ୟାମେରାରେ କଏଦ ହୋଇଅଛି । ପୋଲିସ ସି ସି ଟିଭି କ୍ୟାମେରା କୁ ଆଧାର କରି ତଦନ୍ତ ଜାରିରଖିଅଛି । ପ୍ରକାଶ ଥାଉକି ଉକ୍ତ ଅଞ୍ଚଳରେ ଦିନ କୁ ଦିନ ଚୋରି ବଢିବାରେ ଲାଗିଅଛି । ଗତ ସପ୍ତାହକ ମଧ୍ୟରେ ତିନି ଚାରି ଗୋଟି ଚୋରି ହୋଇଥିବାବେଳେ ଏକ ପିକଅପ ଭ୍ୟାନ ମଧ୍ଯ ଚୋରି ହୋଇଅଛି । ତେଣୁ ଏ ଦିଗରେ ପୋଲିସ ର ଶିଥିଳ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

## ହେମଗିରି ବ୍ଲକ ଚିତାମୁଣ୍ଡା ଗ୍ରାମ ରାସ୍ତା ଶୋଚନୀୟ

**ସୁନ୍ଦରଗଡ଼, ୨୭।୭ (ସଂଚାର ବ୍ୟୁରୋ):** ଗହେମଗିରି ବ୍ଲକ କେନ୍ଦୁଡିହି ପଞ୍ଚାୟତ ଅନ୍ତର୍ଗତ ଚିତାମୁଣ୍ଡା ଗ୍ରାମଠାରୁ ପ୍ରାୟ ୪ କିଲୋମିଟର ରାସ୍ତା ଶୋଚନୀୟ ହୋଇପଡ଼ିଛି । ପ୍ରତିବର୍ଷ ବର୍ଷା ମାସ ଆସିଲେ ଗ୍ରାମର ଜନସାଧାରଣଙ୍କ ସମେତ ସ୍କୁଲ ପଢ଼ାପିଲାଙ୍କ ମନରେ ଚିନ୍ତା ମାଡିଆସେ। ବର୍ଷା ଦିନେ ରାସ୍ତା କାଦୁଅ ପଚପଚ ହୋଇ ଚାଷ ଖେତ ପାଲଟି ଯାଏ । ଗ୍ରାମରୁ ବାହାରି ପ୍ରତିଦିନ ଦୈନନ୍ଦିନ ଜୀବନ ଜୀବିକା ପାଇଁ ଶହଶହ ପୁରୁଷ ମହିଳା ଅନ୍ୟତ୍ର ଯାଉଥିବା ବେଳେ, ଗ୍ରାମରୁ ୪ କିଲୋମିଟର ବାହାରି କୁନି କୁନି ପିଲାମାନେ ପାଠପଢିବାକୁ ଯାଆନ୍ତି । ବାରମ୍ବାର ଉକ୍ତ ରାସ୍ତାକୁ ପକ୍କାରାସ୍ତା କରିବା ପାଇଁ ପ୍ରଶାସନକୁ ଅନୁରୋଧ କରି ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ଗତବର୍ଷ କିଛି ମୋରମ ଆଣି ଢ଼ାଳି ଥିଲେ, ହେଲେ କୌଣସି ସୁଫଳ ହେଲା ନାହିଁ । ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ସମସ୍ତ ଜାଗାରେ ପକ୍କାରାସ୍ତା ତିଆରି କରୁଥିବାବେଳେ ଚିତାମୁଣ୍ଡା ଗ୍ରାମବାସୀଙ୍କ ପାଇଁ ବୈମାତୃକ ଭାବ କାହିଁକି କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ । ଉକ୍ତ ରାସ୍ତା ଟି ଯିବା ଆସିବା ପାଇଁ ପକ୍କା ରାସ୍ତା ଟିଏ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଅଞ୍ଚଳବାସୀ ଅନୁରୋଧ କରୁଛନ୍ତି ।



# ରାସ୍ତା ଉପରେ ପୋଖରୀ ଭ୍ରମ

### ଦୁର୍ଘଟଣାରେ ଖଣ୍ଡିଆ ଖାବରା ହେଉଛନ୍ତି ଯାତ୍ରୀ

### ନାହିରେ ତେଲ ଦେଇ ଶୋଇଛି ଗ୍ରାମ୍ୟ ଉନ୍ନୟନ ବିଭାଗ



**ଗରଦପୁର,୨୭।୭ (ସଂଚାର ବ୍ୟୁରୋ):** ଢଳେଇ ରାସ୍ତା ଉପରେ ପାଣି ଜମି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରିଛି। ଜଳନିଷ୍କାସନ ହୋଇ ନପାରିବାରୁ ନିଇତି ଦୁର୍ଘଟଣାର ଶୀକାର ହେଉଛନ୍ତି ଯାତ୍ରୀ। ବିଭାଗ ତରଫରୁ ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହାକୁ ନେଇ ଏବେ ଅସନ୍ତୋଷ ଦେଖିବାକୁ ମିଳିଛି।

ଏମିତି ଘଟଣା ଦେଖିବାକୁ ମିଳିଛି ଗରଦପୁର ବ୍ଲକ ତିକନପୁର ପଞ୍ଚାୟତ ଅନ୍ତର୍ଗତ ହରିପୁର ଗ୍ରାମରେ। କୋରୁଆ କଲେଜରୁ ରାୟଚାନ୍ଦକୁ ସଂଯୋଗ କରୁଥିବା ଏହି ଆରଡି ରାସ୍ତା ହରିପୁର ଗ୍ରାମର ଠାକୁରାଣୀ ନିକଟର ମାତ୍ର କିଛି ହାତ ଦୂରର ଢଳେଇ ରାସ୍ତାର ସଂଯୋଗ ମୁଣ୍ଡରେ ଜମି ରହୁଛି ବର୍ଷା ପାଣି। ରାସ୍ତାର ଦୁଇ ପାର୍ଶ୍ୱ ଉଚ୍ଚ ରହିଥିବା ବେଳେ ଜଳନିଷ୍କାସନ ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରିଛି। ଯେଉଁଥିପାଇଁ ଗ୍ରାମବାସୀ ଭଣ୍ଡାଏ ନର୍ଦ୍ଦମା ପାଣିରେ ପଶି ଯାଆଆସ କରିବାକୁ ବାଧ୍ୟ ହେଉଛନ୍ତି।

ମୁଖ୍ୟ ରାସ୍ତା ହୋଇ ଥିବାରୁ ଏହି ରାସ୍ତା ମଧ୍ୟ ଦେଇ ବସ୍, ଟ୍ରକ୍ ଠାରୁ ଆରମ୍ଭ କରି ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟତ କରୁଛନ୍ତି। ପାଣିରେ ରାସ୍ତା ଜଣାପଡୁନାହିଁ। ଯାହା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ବିଶେଷ କରି ବାଇକ୍ ଆରୋହୀ ପଡ଼ି କ୍ଷତାକ୍ତ ହେଉଛନ୍ତି। ଏଥିପାଇଁ କିନ୍ତୁ ବିଭାଗୀୟ ଅଧିକାରୀଙ୍କ ପୋଡ଼ାଜଳା ନାହିଁ। ଆଉ କେତେ ଦୁର୍ଘଟଣା ଘଟିଲେ ଅଧିକାରୀଙ୍କ ଚେତା ପଶିବ ବୋଲି ଲୋକେ କହିଛନ୍ତି। ବିଭାଗୀୟ ଅଧିକାରୀ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏହି ଜଳମଗ୍ନ ସମସ୍ୟାର ସମାଧାନ ନକରାଇଲେ ଗ୍ରାମବାସୀ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି।

## କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ପକ୍ଷରୁ ପ୍ରସାଦ ବଣ୍ଟନ

**କେନ୍ଦ୍ରାପଡ଼ା, ୨୭।୭ (ସଂଚାର ବ୍ୟୁରୋ):** ପବିତ୍ର ବାହୁଡ଼ା ଯାତ୍ରା ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ପକ୍ଷରୁ ପବିତ୍ର ରଥ ଦାଣ୍ଡରେ ଆଗନ୍ତୁକ ଭକ୍ତ ମାନଙ୍କୁ ପ୍ରସାଦ ବିତରଣ ସହିତ ପାନିୟଜଳ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଆଳିର ରାଜା ସାହେବ ବ୍ରଜ ସୁନ୍ଦର ଦେବ କାର୍ଯ୍ୟକ୍ରମକୁ ସର୍ବପ୍ରଥମେ ଉଦଘାଟନ କରିଥିଲେ ଏବଂ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବିତରଣ କରିଥିଲେ। ତତସହିତ ସଂଘର ସ୍ମରଣିକା ଅସୀ ଓ ମସି କୁ ଉନ୍ମୋଚନ କରିଥିଲେ। ସଂଘର ସଭାପତି ଶରତ କୁମାର ବେହୁରାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସମାବେଶରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜ୍ଞାନଦେବ ବେଉରା, ଭୁବନ ମୋହନ ଜେନା ଉପସ୍ଥିତ ରହି ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବିତରଣ କରିଥିଲେ। ସଂଘ ତରଫରୁ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାବେଶରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରସାଦ ସେବନ କରି ଆତ୍ମସନ୍ତୋଷ ଲାଭ କରିଥିଲେ ।




## କର୍କଟ ରୋଗରେ ଆକ୍ରାନ୍ତ ପରୋପକାରୀ ରଞ୍ଜନ ଦାସଙ୍କ ପରଲୋକ



**ମାର୍ଶାଘାଇ, ୨୭।୭ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ପଞ୍ଚାୟତ ଅଧୀନ ହନ୍ତପଡ଼ା ଗ୍ରାମର ବିଶିଷ୍ଟ ପରୋପକାରୀ ତଥା ସମାଜସେବୀ ରଞ୍ଜନ ଦାସଙ୍କର କର୍କଟ ରୋଗରେ ଆକ୍ରାନ୍ତ ହୋଇ ଅସମୟରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ରଞ୍ଜନ ଦାସ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ସକ୍ରିୟ ଭାବେ ଜଡିତ ଥିଲେ। ସମାଜସେବା ଓ ପରୋପକାରୀ କାର୍ଯ୍ୟ ପାଇଁ ସେ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ ପରିଚିତ ଥିଲେ। ସେ କରିଲୋପାଟଣା ଉଚ୍ଚ ବିଦ୍ୟାଳୟର ପୂର୍ବତନ ଛାତ୍ର ଥିବାବେଳେ ତାଙ୍କ ଅକାଳ ବିୟୋଗରେ ବିଦ୍ୟାଳୟର ଆଲୁମନି ଛାତ୍ର ସଂଗଠନ ଗଭୀର ଶୋକ ପ୍ରକାଶ କରିଛନ୍ତି।

ରଞ୍ଜନ ଦାସଙ୍କ ଅସମୟରେ ପରଲୋକରେ ସ୍ଥାନୀୟ ଜନସାଧାରଣ, ଆଲୁମନି ସଂଗଠନର ସଦସ୍ୟ ଏବଂ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ସେମାନେ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ପରିବାରବର୍ଗଙ୍କୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ଓ ସାହସ ପ୍ରଦାନ ପାଇଁ ପ୍ରାର୍ଥନା କରିଛନ୍ତି।

## ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପକ୍ଷରୁ ଗୁଆଳସିଂ ପଞ୍ଚାୟତକୁ ପୋଷ୍ୟ ପଞ୍ଚାୟତର ମାନ୍ୟତା

### ପ୍ରାଥମିକ ଆଇନ ସହାୟତା ପରାମର୍ଶ କେନ୍ଦ୍ର ଉନ୍ମୋଚିତ




**ଡେରାବିଶ,୨୭।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୁଆଳସିଂ ସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଆଇନ ସହାୟତା କେନ୍ଦ୍ର ଦ୍ୱାରା ଗୁଆଳସିଂ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ପ୍ରାଥମିକ ଆଇନ ସହାୟତା କେନ୍ଦ୍ର ଉନ୍ମୋଚନ କରାଯାଇଛି। ମହାବିଦ୍ୟାଳୟ ଦ୍ୱାରା ପୋଷ୍ୟ ପଞ୍ଚାୟତ ଭାବେ ଗ୍ରହଣ କରାଯାଇଥିବା ଏହି ପଞ୍ଚାୟତରେ ଅନୁଷ୍ଠିତ ଉନ୍ମୋଚନ କାର୍ଯ୍ୟକ୍ରମରେ ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଡ. ଶିବରାମ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଃଶୁଳ୍କ ପ୍ରାଥମିକ ଆଇନ ସହାୟତା ପରାମର୍ଶ କେନ୍ଦ୍ରର ଫଳକକୁ ଅନାବରଣ କରିବା ସହିତ ଏହି ସହାୟତା କେନ୍ଦ୍ର ମାଧ୍ୟମରେ ତୃଣମୂଳ ସ୍ତରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମାଜ ପାଇଁ ଅତ୍ୟନ୍ତ ଆବଶ୍ୟକତା ରହିଥିବା କହିଥିଲେ।

ଏଥିସହିତ ନାରୀଶକ୍ତିର ଉତ୍‌ଥାନ ସମଗ୍ର ସମାଜର ହିତସାଧନ ନିମନ୍ତେ ଅପରିହାର୍ଯ୍ୟ ରହିଥିବା ମୁଖ୍ୟ ଅତିଥି ଡ. ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଆଇନସେବା ପ୍ରାଧୀକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ନ୍ୟାୟ ପ୍ରଦାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

ଅନ୍ୟତମ ଅତିଥିଭାବେ ଗୁଆଳସିଂ ସରପଞ୍ଚ ମଧୁସ୍ମିତା ଦାସ ଯୋଗଦେଇ ପଞ୍ଚାୟତକୁ ପୋଷ୍ୟ ପଞ୍ଚାୟତ ଭାବେ ଆଇନ ମହାବିଦ୍ୟାଳୟ ପକ୍ଷରୁ ଗ୍ରହଣ କରାଯାଇଥିବାରୁ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ତାଙ୍କ ପକ୍ଷରୁ ସମସ୍ତ ଉଦ୍ୟମ କରାଯିବ ବୋଲି କହିଥିଲେ। ପଞ୍ଚାୟତ ଆଇନ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସୁଜିତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଅଧ୍ୟାପକ ଡ. ଚିରଞ୍ଜିବୀ ପଣ୍ଡା ଗୁଆଳସିଂ ପଞ୍ଚାୟତକୁ ପୋଷ୍ୟ ପଞ୍ଚାୟତ ଭାବେ ଗ୍ରହଣ କରାଯିବା ଓ ସାଧାରଣ ଲୋକଙ୍କୁ କିପରି ନିଃଶୁଳ୍କ ଆଇନ ପରାମର୍ଶ ସହାୟତା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

## ମଣ୍ଡପଡ଼ାରେ ଜିଲ୍ଲାସ୍ତରୀୟ ଉଷୁ ଚାମ୍ପିୟନସିପ ପ୍ରତିଯୋଗିତା



**ପଟ୍ଟାମୁଣ୍ଡାଇ ସଦର, ୨୭।୭ (ସଂଚାର ବ୍ୟୁରୋ):** ରାଜ୍ୟ ଉଷୁ ସଂଘ ପକ୍ଷରୁ ସମଗ୍ର ଓଡିଶାର ବିଭିନ୍ନ ଜିଲ୍ଲାରେ ୨୦୨୬ ବର୍ଷରେ ଉଷୁ ଚାମ୍ପିୟନ ସିପ ପ୍ରତିଯୋଗିତା ଚାଲିଛି। ବିଗତ ୪ ବର୍ଷ ହେବ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ମଣ୍ଡପଡା ସ୍କୁଲର ଛାତ୍ରଛାତ୍ରୀମାନେ ଏହି ଖେଳରେ ଭାଗ ନେଇ ୧୫ ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୧ ଟି ବ୍ରୋଞ୍ଜ ପଦକ ଜିତି ସମଗ୍ର ଓଡିଶାରେ କେନ୍ଦ୍ରାପଡ଼ା ଜିଲ୍ଲାର ଗୁରୁତ୍ୱ ଓ ଗୌରବ ବୃଦ୍ଧି କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ପଂଚାୟତ ମଣ୍ଡପଡା ଭଜନେଶ୍ୱର ମହାଦେବ ପ୍ରାଙ୍ଗଣରେ ଜିଲ୍ଲା ସ୍ତରୀୟ ଉଷୁ ଚାମ୍ପିୟନସିପ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି ।

ରାଜ୍ୟ ଉଷୁ ସଭାପତି ତଥା ଜାତୀୟ ଚୟନକର୍ତ୍ତା ପୃଥ୍ୱୀରାଜ ହରିଚନ୍ଦନ ଓ ରାଜ୍ୟ ଚୟନକର୍ତ୍ତା ରମାକାନ୍ତ ସାମନ୍ତରାୟଙ୍କ ଉପସ୍ଥିତିରେ ସବ ଜୁନିଅର, ଜୁନିଅର ଓ ସିନିଅର ବର୍ଗର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଉଷୁ ସଂଘ ସଭାପତି ଯୁବ ସମାଜସେବୀ ସଂଗ୍ରାମ ସାମଲ ଉପସଭାପତି ଅବିନାଶ ପ୍ରଧାନ ଓ ସମ୍ପାଦିକା ପଲ୍ଲବୀ ସାମଲଙ୍କ ମାର୍ଗଦର୍ଶନ ଓ କୋଚ ସୁଶୀଲ ସାମଲଙ୍କ ନିରନ୍ତର ପ୍ରୟାସ ଓ ପ୍ରଶିକ୍ଷଣ ଯୋଗୁଁ ୨୦୨୩ ମସିହା ଠାରୁ ଉଷୁ ଖେଳ ପ୍ରତି ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାର କ୍ରୀଡା ପ୍ରେମୀଙ୍କ ମଧ୍ୟରେ ଅହେତୁକ ଆଗ୍ରହ ଦେଖାଦେଇଛି ।

ମଣ୍ଡପଡା ଭଳି ପ୍ରକୃତିପଲ୍ଲୀ ଗାଁ ର କୋମଳମତି ପିଲାମାନେ ସୁଦୂର କେରଳରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ଚାମ୍ପିୟନସିପ ରେ ଭାଗ ନେଇ ବିଶେଷ ସଫଳତା ପାଇବା ଓଡିଶା ରାଜ୍ୟ କେନ୍ଦ୍ରାପଡ଼ା ଜିଲ୍ଲା ଓ ପଟ୍ଟାମୁଣ୍ଡାଇ ମାଟିକୁ ଗୌରବାନ୍ୱିତ କରିଛି। ପଟ୍ଟାମୁଣ୍ଡାଇ ବ୍ଲକ ମଣ୍ଡପଡା ଠାରେ ଆୟୋଜିତ ଉଷୁ ଚମ୍ପିୟାନସିପ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସଭାରେ ଭଜନେଶ୍ୱର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଲକ ବିହାରୀ ଭୂୟାଁ ପୌରାହିତ୍ୟ କରିଥିଲେ ।

ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ମନୋଜ୍ଞ ଉତ୍ସବରେ ପଟ୍ଟାମୁଣ୍ଡାଇ ଅଂଚଳର ବିଶିଷ୍ଟ ସମାଜସେବୀ ମଣ୍ଡପଡା ଗାଁ ମୁରବୀ ବରାହ ଚରଣ ସାମଲ ମୁଖ୍ୟଅତିଥି, କଷଣଅଣ୍ଟା ଉଚ୍ଚବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା, ଭଜନେଶ୍ୱର ଉଚ୍ଚବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ସଭ୍ୟ ପବିତ୍ର ମୋହନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କର୍ଷତା ପ୍ରତିପାଦିତ କରିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମେଡାଲ ପ୍ରଦାନ କରିଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଉତ୍କଳ ରତ୍ନ ସମ୍ମାନ



**ପୁରୀ/ସତ୍ୟବାଦୀ, ୨୭।୭ (ସଂଚାର ବ୍ୟୁରୋ):** ଶନିବାର ପବିତ୍ର ରଥଯାତ୍ରା ଓ ସୁନାବେଶ ଅବସରରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୩୧ତମ ସୁନାବେଶ ଭଜନ ସମାରୋହ ଶରଧାବାଲି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଏବଂ ଓଡ଼ିଶା ବାହାରର ବହୁ ବିଦ୍ୱାନ, ଭକ୍ତ ତଥା ସଂସ୍କୃତିପ୍ରେମୀ ଯୋଗଦାନ କରିଥିଲେ। ଭକ୍ତି ସଙ୍ଗୀତ, ନୃତ୍ୟ ପରିବେଷଣ, ଆଧ୍ୟାତ୍ମିକ ଭାବବୋଧ ଭିତରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହି ଆଧ୍ୟାତ୍ମିକ ଭଜନ ସମାରୋହରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବହୁ କୃତବିଦ୍ୟ ବ୍ୟକ୍ତିତ୍ୱଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପରିପ୍ରସାର ନିମନ୍ତେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ "ଉତ୍କଳ ରତ୍ନ ସମ୍ମାନ -୨୦୨୬"ରେ ଭୂଷିତ କରି ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିସହିତ ସମାରୋହ ତରଫରୁ ଶ୍ରୀମନ୍ଦିର ପ୍ରଶାସକ ଏବଂ ପୁରୀ ଜିଲ୍ଲାପାଳଙ୍କୁ ମଧ୍ୟ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାବେଳେ ଏକାଧିକ କଳାକାରଙ୍କୁ 'ସୁନାବେଶ ସମ୍ମାନ' ପ୍ରଦାନ କରାଯାଇଥିଲା।

### 'ସଂଚାର' ପ୍ରଭାବ

## କାରଣ ଦର୍ଶାଇଲେ ବରକନ୍ଧା ପିଇଓ

### ବିନା ତାରିଖ ଥିବା ଜିଏସଟି ବିଲ୍‌ରେ କରିଥିଲେ ପେମେଣ୍ଟ

**ମହାକାଳପଡ଼ା, ୨୭।୭ (ସଂଚାର ବ୍ୟୁରୋ):** ବିନା ତାରିଖ ଥିବା ଜିଏସଟି ବିଲ୍ ଦାଖଲ କରି ମହାକାଳପଡ଼ା ବ୍ଲକ ବରକନ୍ଧା ପଞ୍ଚାୟତର ପିଇଓ ପେମେଣ୍ଟ କରିଥିଲେ। ଏହା ଦୈନିକ ଖବରକାଗଜ ସଂଚାରରେ ପ୍ରକାଶ ପାଇବା ପରେ ସମ୍ପୃକ୍ତ ପିଇଓ ଅର୍ଣ୍ଣପୂର୍ଣ୍ଣା ସେଠୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା ମହାକାଳପଡ଼ା ବ୍ଲକ୍ ପ୍ରଶାସନ। ଦାୟିତ୍ୱରେ ଅବହେଳା,ବିନା ଯାଞ୍ଚ୍ କରି ସରକାରୀ ପେମେଣ୍ଟ କରାଇବା ଘଟଣାରେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ତେବେ ପିଇଓ ୧୮ ଜୁଲାଇରେ କାରଣ ଦର୍ଶାଇ କହିଛନ୍ତି ଯେ, ଭୁଲ୍ ବଶତଃ ଜିଏସଟି ବିଲ୍ ରେ ତାରିଖ ପଡ଼ିନଥିଲା। ନଜରକୁ ଆସିବା ପରେ ଏହାକୁ ଯାଞ୍ଚ୍ କରି ବିଲ୍ ସତ୍ୟ ବୋଲି ଜଣାଯାଇଛି। ତେବେ ଏମିତି ଭୁଲ୍ ଆଗକୁ ହେବନାହିଁ ବୋଲି ସେ ଚିଠିରେ କାରଣ ଦର୍ଶାଇଛନ୍ତି।

# ମନମର୍ଜିରେ ଚାଲିଛି ଶବଳକଣା ଅଙ୍ଗନବାଡ଼ି କେନ୍ଦ୍ର-୩

### ୯ଟା ୨୦ ପର୍ଯ୍ୟନ୍ତ କେନ୍ଦ୍ରରେ ଝୁଲୁଛି ତାଲା

### କାର୍ଯ୍ୟାନୁଷ୍ଠାନ ଦାବୀ



**ମାହାଙ୍ଗା, ୨୭।୭ (ସଂଚାର ବ୍ୟୁରୋ):** ସରକାରଙ୍କ ପକ୍ଷରୁ କୁନି କୁନି ପିଲାମାନଙ୍କ ପାଠ ପଢ଼ାଇବା ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯାଇଅଛି। ଏହି ପିଲାମାନଙ୍କୁ ଗୀତ, ନାଚ ଓ ଖେଳନା ମାଧ୍ୟମରେ ପଢ଼ା ଯାଇଥାଏ। କିନ୍ତୁ କେତେକ କେନ୍ଦ୍ରମାନଙ୍କରେ ନିଯୁକ୍ତ ଅଙ୍ଗନୱାଡ଼ୀ କର୍ମୀ ଓ ସହାୟିକା ସଠିକ୍ ସମୟରେ ଦେଖା ମିଳୁନାହାନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ କରୁଜଙ୍ଗା ପଞ୍ଚାୟତ ଶବଳକଣା ଅଙ୍ଗନବାଡ଼ି କେନ୍ଦ୍ର-୩ରେ।

ସରକାରଙ୍କ ନିୟମ ଅନୁଯାୟୀ କେନ୍ଦ୍ରଗୁଡିକ ସକାଳ ୯ଟାରେ ଖୋଲିବା ସହ ଅପରାହ୍ନ ୧ଟା ସମୟରେ ବନ୍ଦ ହୋଇଥାଏ। କିନ୍ତୁ ଏହି କେନ୍ଦ୍ରରେ ନିଯୁକ୍ତ ଅଙ୍ଗନୱାଡ଼ୀ କର୍ମୀ ଶୁଭଲକ୍ଷ୍ମୀ ମହାପାତ୍ର ଓ ସହାୟିକା ଅନୁସୂୟା ମିଶ୍ର ୯ଟା ୨୦ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସିନଥିଲେ ଯାହା ଫଳରେ ୯ଟା ୨୦ ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲିଥିବା ଦେଖିବାକୁ ମିଳିଛି। ଯାହାକି ସରକାରଙ୍କ ନିୟମକୁ ଉଭୟ ଫୁ କରି ଦେଇଛନ୍ତି। ସେହିପରି ପିଲାମାନଙ୍କ ପାଠ ପଢ଼ା ଓ କିପରି ଖାଦ୍ୟ ଖାଇବାକୁ ଦେଉଥିବେ ତଦନ୍ତ କଲେ ଜଣାପଡ଼ିବ।।

ଅଙ୍ଗନୱାଡ଼ୀ କର୍ମୀ ଶୁଭଲକ୍ଷ୍ମୀ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ମୁଁ ଏସଆଇଆର ଡ୍ୟୁଟିରେ ଅଛି କିନ୍ତୁ କେନ୍ଦ୍ର ଖୋଲାଯିବା କଥା କହିଥିଲେ। ସେହିପରି ସିଡିପିଓ ଗୁରୁବାରୀ ସିଂହଙ୍କୁ ପଚାରିବାରୁ ଏସଆଇଆର କାର୍ଯ୍ୟ କରୁଥିବା କର୍ମୀ ଏସଆଇଆର କାର୍ଯ୍ୟ ଆଗେ କାର୍ଯ୍ୟ କରିବେ କିନ୍ତୁ କେନ୍ଦ୍ରକୁ ଆସି ସହାୟିକାଙ୍କୁ ସମସ୍ତ ଦାୟିତ୍ୱ ଦେବା ପରେ ଏସଆଇଆର କାର୍ଯ୍ୟ କରିବେ ବୋଲି କହିବା ସହ କେନ୍ଦ୍ର ଖୋଲା ରହିବ ବୋଲି କହିଥିଲେ। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟରେ ଅବହେଳା କରୁଥିବା କର୍ମୀ ଓ ସହାୟିକାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଦାଦନ ଖଟିବାକୁ ଯାଇ ଛାତ୍ରଙ୍କ ମୃତ୍ୟୁ





ମୋହନା,୨୭।୭(ସଂଚାର ବ୍ୟୁରୋ): ଉଚ୍ଚଶିକ୍ଷାର ସ୍ୱପ୍ନ ପୂରଣ ପାଇଁ ଗୋଆକୁ ଦାଦନ ଖଟିବାକୁ ଯାଇଥିଲେ। କିନ୍ତୁ ଆଡମିଶନ୍ କରିବାକୁ ଟଙ୍କା ଅଭାବ ପଡ଼ିବାରୁ ଘର ଛାଡ଼ି ରୋଜଗାର ପାଇଁ ବାହାର ରାଜ୍ୟକୁ ଯାଇଥିଲେ ଛାତ୍ର। ହେଲେ ଫେରିଲାନି ତାଙ୍କ ସ୍ୱପ୍ନ, ଫେରିଲା କେବଳ ତାଙ୍କ ମୃତ୍ୟୁର ଖବର। ଏପରି ଏକ ଘଟଣା ଅଞ୍ଚଳରେ ଏବେ ଶୋକର ଛାୟା ଖେଳାଇ ଦେଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ବ୍ଲକ ତେଙ୍ଗେଡ଼ିଖଣ୍ଡ ଗାଁରେ। ମୃତ ଯୁବକ ଜଣଙ୍କ ହେଲେ ତେଙ୍ଗେଡ଼ିଖଣ୍ଡ ଗାଁର ମୁନା ନାୟକ (୨୬)। ମିଳିଥିବା ସୂଚନାନୁସାରେ, ମୁନା ବିଏ ପାସ୍ କରିବା ପରେ ବିଜିତ ନାମ ଲେଖାଇ ଉଚ୍ଚ ଶିକ୍ଷକ ହେବାର ସ୍ୱପ୍ନ ଦେଖିଥିଲେ। କିନ୍ତୁ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଆଡମିଶନ୍ ପାଇଁ ଆବଶ୍ୟକ

**ମରଶରୀର ଆଣିବାକୁ ଗ୍ରାମବାସୀଙ୍କ ନିବେଦନ**

ଅର୍ଥ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ସେ ଗୋଆକୁ ଦାଦନ ଖଟିବାକୁ ଯାଇଥିଲେ। ମୁନାଙ୍କ ବାପାଙ୍କର ପ୍ରାୟ ୧୩ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ମା' କଷ୍ଟରେ ତିନି ପୁଅ ଓ ଗୋଟିଏ ଝିଅଙ୍କୁ ପାଠ ପଢ଼ାଇଥିଲେ। ପରିବାରର ବଡ଼ ପୁଅ ହୋଇଥିବାରୁ ମୁନା ନିଜ ପାଠପଢ଼ା ସହ ପରିବାରର ଦାୟିତ୍ୱ ବୁଝି ରୋଜଗାର ଆଶାରେ ଘର ଛାଡ଼ିଥିଲେ। ହେଲେ ଗୋଆରେ ତାଙ୍କର ମୃତ୍ୟୁ ଖବର ଆସିବା ପରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି। ମୁନାଙ୍କ ବିଜିତ ପଢ଼ିବାର ସ୍ୱପ୍ନ ଅଧୁରା ରହିଯାଇଥିବା ବେଳେ ଏବେ ସମଗ୍ର ଗାଁ ଶୋକରେ ଭାଙ୍ଗିପଡ଼ିଛି। ଅନ୍ୟପଟେ ଗରିବ ପରିବାର ହୋଇଥିବାରୁ ମୁନାଙ୍କ ମୃତଦେହକୁ ନିଜ ଜନ୍ମମାଟିକୁ ଆଣିବା ପାଇଁ ସେମାନଙ୍କ ପାଖରେ ଆର୍ଥିକ ସମ୍ବଳ ନାହିଁ। ତେଣୁ ସରକାର ଏହି ଗରିବ ପରିବାରକୁ ସାହାଯ୍ୟର ହାତ ବଢ଼ାଇବା ସକାଶେ ଗ୍ରାମବାସୀ ସରକାରଙ୍କୁ ନିବେଦନ କରିଛନ୍ତି।

**ଗଭୀର ଅବପାତର ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ**

# ୨୪ଘଣ୍ଟିଆ ସତର୍କତା ଓ ରିଲିଫ ବ୍ୟବସ୍ଥାକୁ ଗୁରୁତ୍ୱ

ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତଜନିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଲୋକସେବା ଭବନସ୍ଥିତ ରାଜସ୍ୱ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ସେ ଜିଲ୍ଲାଭିତ୍ତିକ ପ୍ରସ୍ତୁତିର ଆକଳନ କରିବା ସହ ସମସ୍ତ ଜିଲ୍ଲା ପ୍ରଶାସନକୁ ଚବିଶ ଘଣ୍ଟିଆ ସତର୍କତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମନ୍ତ୍ରୀ କହିଥିଲେ ଯେ ଜନସାଧାରଣଙ୍କ ଜୀବନର ସୁରକ୍ଷା ଆମର ସର୍ବାଧିକ ପ୍ରାଥମିକତା। ଆବଶ୍ୟକତା ଅନୁଯାୟୀ ବିପଦପୂର୍ଣ୍ଣ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ରନ୍ଧା ଖାଦ୍ୟ, ଶୁଖିଲା ରାସନ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ରିଲିଫ ସାମଗ୍ରୀର ଯଥେଷ୍ଟ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।



**ବିପଦ ସ୍ତର ତଳେ ସମସ୍ତ ପ୍ରମୁଖ ନଦୀ**

ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି ଓ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କର ଜିଲ୍ଲାପାଳ ତଥା ବରିଷ୍ଠ ପଦାଧିକାରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗଦେଇ ନିଜ ଅଞ୍ଚଳର ପ୍ରସ୍ତୁତି ଓ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର ପ୍ରସ୍ତୁତିର ସମୀକ୍ଷା କରି ସମ୍ଭାବ୍ୟ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳରେ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି)ର ପୂର୍ବାନୁମାନ ଅନୁଯାୟୀ, ଗଭୀର ଅବପାତ ଉତ୍ତର-ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆଜି ଅପରାହ୍ନରେ ଓଡ଼ିଶାର ବାଲେଶ୍ୱର ଓ ପଶ୍ଚିମବଙ୍ଗର କ୍ୟାନିଂ ମଧ୍ୟରେ ଉପକୂଳ ଅତିକ୍ରମ କରିଛି। ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଷ୍ଟେଟ୍ ଏମର୍ଜେନ୍ସି ଅପରେସନ୍ ସେଣ୍ଟର ଓ ଜିଲ୍ଲା ଏମର୍ଜେନ୍ସି ଅପରେସନ୍ ସେଣ୍ଟର ଓ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଚବିଶଘଣ୍ଟିଆ ଭିତ୍ତିରେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଗତ ୧ଜୁନରୁ ରାଜ୍ୟରେ ମୋଟ ୫୧୨.୭ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ହାର ତୁଳନାରେ ୭୫.୭ ପ୍ରତିଶତ ଅଧିକ। ସମୀକ୍ଷା ସମୟରେ ଏହା ଆକଳନ କରାଯାଇଥିଲା ଯେ, ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ବିପଦ ସ୍ତରରୁ ତଳେ ପ୍ରବାହିତ ହେଉଛି।

**ପିଜି ଆଡମିଶନ ପାଇଁ ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି**

# ଆସନ୍ତା ୨ ପର୍ଯ୍ୟନ୍ତ ଚଏସ୍ ଲକିଂ

■ ୭ରେ ପ୍ରକାଶ ପାଇବ ପ୍ରଥମ ମେଧା ତାଲିକା, ୨୧ରୁ ପାଠପଢ଼ା

ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ): ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ (ପିଜି) ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟର ମାର୍କ ଆଧାରରେ କରାଯିବ। ଆଜି ଅପରାହ୍ନ ୩ଟାରୁ ଆସନ୍ତା ୨ ତାରିଖ ରାତି ୧୧.୪୫ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜ ପସନ୍ଦର ଉଚ୍ଚଶିକ୍ଷାନୁଷ୍ଠାନରେ ଆଡ଼ମିଶନ ପାଇଁ ଚଏସ୍ ଲକିଂ କରିପାରିବେ। ସେହିପରି ଆସନ୍ତା ୭ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ପ୍ରଥମ ମେଧା ତାଲିକାରେ ଚୟନିତ ହୋଇଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୭ ସନ୍ଧ୍ୟା ୬ଟାରୁ ୧୧ ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ଫ୍ରିଜ୍/ସ୍ଲାଇଡ୍/ଫ୍ଲୋଟ୍ ବିକଳ୍ପ ବାଛିପାରିବେ।

ସେହିପରି ଆସନ୍ତା ୧୭ ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ଏଥିସହ ଆସନ୍ତା ୨୧ ତାରିଖରୁ ଉକ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ସ୍ନାତକୋତ୍ତର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୧୩୫ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ୩୨,୫୩୧ଟି ସ୍ନାତକୋତ୍ତର ସିଟ୍ ରହିଛି।

# କେଜିବିଭି ୱାର୍ଡେନଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଆରମ୍ଭ



ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ): କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି) ର ୱାର୍ଡେନମାନଙ୍କ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣର ଶୁଭାରମ୍ଭ ହୋଇଯାଇଛି। ଜାତୀୟ ଶିକ୍ଷା ଯୋଜନା ଓ ପ୍ରଶାସନ ପ୍ରତିଷ୍ଠାନ (ନିପା), ନୂଆଦିଲ୍ଲୀ ଏବଂ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଓଡ଼ିଶାର ମିଳିତ ସହଯୋଗରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍ଆଇଇ) ଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଅନୁଶାସନ ସଚିବ ରାମ ନିବାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୱାର୍ଡେନମାନଙ୍କୁ ଦକ୍ଷ, ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଓସେପାର ଅତିରିକ୍ତ ନିର୍ଦ୍ଦେଶକ ଅମିତା ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାଏ, ପ୍ରତିଷ୍ଠାନର ଅଧ୍ୟକ୍ଷ ମାନସୀ ଗୋସ୍ୱାମୀ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ରାଉତ, ଓସେପାର ରାଜ୍ୟ ଜେଣ୍ଡର କୋଅର୍ଡିନେଟର ଲକ୍ଷ୍ମୀ ମହାନ୍ତି ଉପସ୍ଥିତ ଥିଲେ। ଛାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ, ସମାବେଶୀ, ସ୍ନେହପୂର୍ଣ୍ଣ ଓ ଶିକ୍ଷାନୁକୂଳ ଆବାସିକ ପରିବେଶ ସୃଷ୍ଟି କରିବା ହେଉଛି ୱାର୍ଡେନମାନଙ୍କ କର୍ତ୍ତବ୍ୟ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟଗୁଡ଼ିକୁ ଏକ ନିରାପଦ, ଶୃଙ୍ଖଳିତ, ଛାତ୍ରୀ-ଅନୁକୂଳ ଓ ଉଚ୍ଚମାନର ଆବାସିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ୱାର୍ଡେନମାନଙ୍କୁ ସକ୍ଷମ କରିବା ଏହି କର୍ମଶାଳାର ମୁଖ୍ୟ ଆଭିମୁଖ୍ୟ ବୋଲି ସୂଚନା ଦେଇଛନ୍ତି। ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏନ୍ଆଇଇପିଏର କୁଳପତି ପ୍ରଫେସର୍ ଶଶିକଳା ୱାଞ୍ଜରି ଓ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଯୁଗ୍ମ ସଚିବ ଅର୍ଚ୍ଚନା ଅବସ୍ଥି, ଡକ୍ଟର ଇର୍ମା କେରକେଟ୍ଟା, ସନ୍ଧ୍ୟା ଦେବ୍ ପ୍ରମୁଖ ଆଭାସୀ ଜରିଆରେ ଯୋଗ ଦେଇଥିଲେ।

■ ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ ଅଣାଯାଇଥିବା ଆଇନ ପ୍ରସଙ୍ଗ

# ଆଇନର ପ୍ରଭାବଶାଳୀ କାର୍ଯ୍ୟକାରିତା ଆବଶ୍ୟକ: ବିଜେଡି



ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ): ଦେଶରେ ପ୍ରଶ୍ନପତ୍ର ପ୍ରଘଟକୁ ରୋକିବା ପାଇଁ କେନ୍ଦ୍ର ସରକାର ପୂର୍ବ ଆଇନର ସଂଶୋଧନ ନିମନ୍ତେ ସଂସଦରେ ପାରିତ ଲାଗି ଉଦ୍ୟମ ଆରମ୍ଭ କରିଥିବା ବେଳେ ବିଜେଡି ଏହା ଉପରେ ପ୍ରତିକ୍ରିୟା ଦେଇ କେବଳ ଆଇନ ପ୍ରଣୟନ ନୁହେଁ, ଏହାକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଛି। ଏହାଛଡ଼ା ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିବା ମାମଲାରେ ବିଜେଡି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛି। ବିଜେଡି ପକ୍ଷରୁ ଆଜି ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି କହିଛନ୍ତି ଯେ ଗତ ୧୨ ବର୍ଷ ମଧ୍ୟରେ ଦେଶରେ ୧୫୦ରୁ ଅଧିକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ଓ ଏହାକୁ ନେଇ ଦେଶବ୍ୟାପୀ ଅନେକ ପ୍ରତିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହି ଆନ୍ଦୋଳନ ସମଗ୍ର ଦେଶବାସୀଙ୍କୁ ପ୍ରଭାବିତ କରିଥିବା ବେଳେ କିଛିଦିନ ତଳେ କେନ୍ଦ୍ର କ୍ୟାବିନେଟ୍ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ରେ ସଂଶୋଧନକୁ ଅନୁମୋଦନ କରିଥିବା ବେଳେ ଆଜି ସଂସଦରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ଆଗତ କରାଯାଇଛି। ଏହି ସଂଶୋଧନ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ଭଳି ଅନିୟମିତତା ପାଇଁ ଅଧିକ କଠୋର ଦଣ୍ଡ ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରହିଛି।

ସେ ଆହୁରି କହିଛନ୍ତି ଯେ କେବଳ ଆଇନ ପାରିତ କରିଦେଲେ ଏହି ସଙ୍କଟର ସମାଧାନ ହେବ ନାହିଁ। ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକିବା ଏବଂ ଦୋଷୀମାନଙ୍କୁ ଦଣ୍ଡିତ କରିବା ପାଇଁ ଆଇନର କଡ଼ା, ନିରପେକ୍ଷ ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଓଡ଼ିଶାରେ ମଧ୍ୟ ବିଜେପି ସରକାର ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ବିଲ୍, ୨୦୨୪କୁ ୨୦୨୪ ଡିସେମ୍ବର ୬ ତାରିଖରେ ବିଧାନସଭାରେ ପାରିତ କରିଥିଲା। କିନ୍ତୁ 'ଡବଲ୍ ଇଞ୍ଜିନ୍' ସରକାର ଅମଳରେ ଗତ ଦୁଇ ବର୍ଷ ମଧ୍ୟରେ ୨୩ଟି ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ଘଟଣାଗୁଡ଼ିକରେ ଜଣେ ହେଲେ ବି ଦୋଷୀଙ୍କୁ ଦଣ୍ଡିତ କରାଯାଇନାହିଁ। ଏହା ପ୍ରମାଣ କରୁଛି ଯେ କେବଳ କଠୋର ଆଇନ ତିଆରି କରିବା ଯଥେଷ୍ଟ ନୁହେଁ, ଆଇନକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବା ସଙ୍ଗେ ସଙ୍ଗେ ଦୋଷୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି।

**ଭୁବନେଶ୍ୱରରେ ମିଳିତ ବିକ୍ଷୋଭ ପ୍ରଦର୍ଶନ**

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ରାଜଧାନୀ ଭୁବନେଶ୍ୱରସ୍ଥିତ ମାଷ୍ଟର କ୍ୟାଣ୍ଟିନ୍ ଛକରେ ଭାରତର ଐତିହାସିକ ଛାତ୍ର-ଯୁବ ଆନ୍ଦୋଳନର ବିଜୟକୁ ଅଭିନନ୍ଦନ ଜଣାଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ), ସି ପି ଆ ଇ ( ଏ ମ୍ ) ଓ ଗଣ ସଙ୍ଗଠନ ମାନଙ୍କର ମଞ୍ଚର



ମିଳିତ ଆହ୍ୱାନରେ ଏକ ମିଳିତ ପଟୁଆର ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ବକ୍ତାମାନେ କହିଥିଲେ ଯେ ଦେଶର ଜେନ୍-ଜୀ' ଛାତ୍ର-ଯୁବ ସମାଜ ସେମାନଙ୍କର ଐକ୍ୟବଦ୍ଧ, ସାହସିକ ଓ ଅଦମ୍ୟ ସଂଗ୍ରାମ ମାଧ୍ୟମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରି ଆନ୍ଦୋଳନର ପ୍ରଥମ ବିଜୟ ହାସଲ କରିଛନ୍ତି। ଓଡ଼ିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଭଳି ମନ୍ତ୍ରୀଙ୍କୁ ମଧ୍ୟ ଇସ୍ତଫା ଦେବାକୁ ବାଧ୍ୟ କରିବା ପର୍ଯ୍ୟନ୍ତ ବାମପନ୍ଥୀ ଛାତ୍ର-ଯୁବ ଆନ୍ଦୋଳନ ଜାରି ରହିବ। ଏହି ବିକ୍ଷୋଭରେ ସିପିଆଇ, ସିପିଆଇ(ଏମ୍), ଏଆଇଏସଏଫ୍, ଏସଏଫଆଇ, ଏଆଇୱାଇଏଫ୍, ଡିୱାଇଏଫଆଇ, ଏଆଇଟିୟୁସି, ସିଆଇଟିୟୁ, ଏଆଇକେଏସ, ଓଡ଼ିଶା କୃଷକ ସଭା, ବିକେଏମ୍ୟୁ ଓ କେଏମ୍ୟୁ ଭଳି କୃଷକ ଓ କ୍ଷେତ ମଜଦୁର ସଂଗଠନ, ଏଆଇଡବ୍ଲ୍ୟୁଏ ଓ ଶିକ୍ଷକ ସଂଗଠନ ସମେତ ବିଭିନ୍ନ ଗଣସଂଗଠନର ନେତା ଓ କର୍ମୀମାନେ ଯୋଗ ଦେଇଥିଲେ। ସଭାରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଏରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ପ୍ରଶ୍ନପତ୍ର ଲିକ୍‌ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିବା ଛାତ୍ର-ଯୁବକଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର ଆଦି ପ୍ରମୁଖ ରହିଛି।

**ସରଣ୍ଡାରେ ମାଓଗଡ଼କୁ ଧକ୍କା**

# ମୁଖ୍ୟ ସ୍ରୋତରେ ସାମିଲ ହେଲେ ୨୦ ନକ୍ସଲ

ରାଉରକେଲା,୨୭।୭(ସଂଚାର ବ୍ୟୁରୋ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଯବାନଙ୍କ ପକ୍ଷରୁ ଅପରେସନକୁ ଜୋରଦାର କରାଯାଇଥିବା ବେଳେ ଗତକାଲି ୨୦ ମାଓବାଦୀ ଝାଡ଼ଖଣ୍ଡ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି।

ସୂଚନା ମୁତାବକ, ସରଣ୍ଡା ଛାଡ଼ି ମାଓ କେନ୍ଦ୍ରୀୟ କମିଟି ସଦସ୍ୟ ମିଶିର ବେସ୍ରା ପଞ୍ଜାବ ପଳାଇ ଯାଇଥିବା ବେଳେ ଅସୀମ ମଣ୍ଡଳ ପଶ୍ଚିମବଙ୍ଗ ଚାଲିଯାଇଛନ୍ତି। ଏ ସମ୍ପର୍କରେ ଜଣାପଡ଼ିବା ପରେ ସେମାନଙ୍କୁ ଧରିବା ଲାଗି ଝାଡ଼ଖଣ୍ଡ ପୁଲିସ୍ ପକ୍ଷରୁ ଉଦ୍ୟମ ଜାରି ରହିଛି। ଦୁଇ ମାଓନେତା ପଳାଇଯିବା ପରେ ବାକି ରହିଥିବା ଅନ୍ୟ ମାଓବାଦୀଙ୍କୁ ଧରିବା ଲାଗି ସିଆର୍‌ପିଏଫ୍, କୋବ୍ରା, ଜାଗୁଆର ଯବାନମାନେ ସରଣ୍ଡା ଜଙ୍ଗଲରେ ଅପରେସନକୁ ଜୋରଦାର କରିଛନ୍ତି। ଏହି ଅପରେସନରେ ଭୟଭୀତ ହୋଇ ୨୦ ଜଣ ମାଓବାଦୀ ସଂଗଠନ ଛାଡ଼ି ଝାଡ଼ଖଣ୍ଡ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ସୋମବାର ଏ ନେଇ ବିଧିବଦ୍ଧ ଭାବେ ଘୋଷଣା ହେବ ବୋଲି ଜଣାପଡ଼ିଛି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ରହିଛନ୍ତି ଜୋନାଲ କମାଣ୍ଡର, ସବ୍-ଜୋନାଲ କମାଣ୍ଡର, ଆଞ୍ଚଳିକ କମାଣ୍ଡର। ସେମାନଙ୍କ ମୁଣ୍ଡ ଉପରେ ରହିଛି ୧୫ ଲକ୍ଷ, ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଛି।

■ ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳାର ଷଷ୍ଠ ସଂସ୍କରଣ

# ପ୍ରଶିକ୍ଷଣ ନେବେ ରାଜନୀତି ବିଜ୍ଞାନର ପିଜିଟି



ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗ୍‌ଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି। ଶିରିପୁରସ୍ଥିତ ଇମେଜ୍‌ଠାରେ ରାଜନୀତି ବିଜ୍ଞାନ, ସଂସ୍କୃତ ଓ ଅର୍ଥଶାସ୍ତ୍ରର ୧୨୦ ଜଣ ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉଦଘାଟନୀ ଅଧିବେଶନରେ ୟୁନିସେଫ୍‌ର ରାଜ୍ୟ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଉଚ୍ଚମାଧ୍ୟମିକ ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଉପନିର୍ଦ୍ଦେଶକ ସିଏଚ୍ ବିଜୟଲକ୍ଷ୍ମୀ, ୟୁନିସେଫ୍‌ର ରାଜ୍ୟ ଶିକ୍ଷା ପରାମର୍ଶଦାତା ଜୟାଜ୍ୟୋତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ପଟ୍ଟନାୟକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷା ଗ୍ରହଣର ଆବଶ୍ୟକତା ରହିଥିବା କହିଛନ୍ତି। କର୍ମଶାଳା ପିଜିଟିଙ୍କ କାର୍ଯ୍ୟଶୈଳୀ ବୁଝିବାରେ ସାହାଯ୍ୟ କରିଥାଏ। ଜାତୀୟ ଶିକ୍ଷା ନୀତି-୨୦୨୦ ଛାତ୍ରକୈନ୍ଦ୍ରିକ ଶିକ୍ଷା ଉପରେ ଧ୍ୟାନ ଦେଇଆସିଛି। ତେଣୁ କର୍ମଶାଳାରେ ଅଂଶଗ୍ରହଣ କରି ଏହାର ଲାଭ ଉଠାଇବାକୁ ଶ୍ରୀମତୀ ପଟ୍ଟନାୟକ ଆହ୍ୱାନ ଦେବା ସହ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ କର୍ମଶାଳା ସମସ୍ତଙ୍କ ଆବଶ୍ୟକତାକୁ ନେଇ ପ୍ରସ୍ତୁତ କରାଯାଇଥିବା କହିଛନ୍ତି।

**ନିରାପଦ ଟ୍ରେନ୍ ପରିଚାଳନାରେ ଉଲ୍ଲେଖନୀୟ ସତର୍କତା**

# ଟେକ୍ନିସିଆନ୍‌ଙ୍କୁ ପୂର୍ବତଟ ରେଳପଥର ସମ୍ମାନ



ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ): ସୁରକ୍ଷିତ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ଉଲ୍ଲେଖନୀୟ ସତର୍କତା ଓ ବୃତ୍ତିଗତ ପ୍ରତିବଦ୍ଧତା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ରାୟଗଡ଼ା ରେଳମଣ୍ଡଳ ଅନ୍ତର୍ଗତ ଟେକ୍ନିସିଆନ୍ ଗ୍ରେଡ୍-୧ (କ୍ୟାରେଜ୍ ଆଣ୍ଡ ୱାଗନ୍) କେ. ନରେନ୍ଦ୍ରଙ୍କୁ 'ସୁରକ୍ଷା ପୁରସ୍କାର' ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। ଗତ ଜୁନ୍ ୨୯ରେ ରାୟଗଡ଼ାଠାରେ ଏକ ମାଲବୋଝେଇ ଟ୍ରେନ୍‌ର ନିୟମିତ ଯାଞ୍ଚ କରୁଥିବା ସମୟରେ ଶ୍ରୀ ନରେନ୍ଦ୍ର ଏହାର ଗୋଟିଏ ୱାଗନରେ ୟୋକ୍ ଭାଙ୍ଗିଯାଇଥିବା ଓ ବ୍ୟାକ ଷ୍ଟପର୍‌ର ୱେଲ୍ଡିଂ କ୍ଷତିଗ୍ରସ୍ତ ହୋଇଥିବା ଚିହ୍ନଟ କରିଥିଲେ। ଏହି ତ୍ରୁଟି ଟ୍ରେନର ନିରାପଦ ଚଳାଚଳକୁ ପ୍ରଭାବିତ କରିପାରେ ବୋଲି ଅନୁଭବ କରି ସେ ତୁରନ୍ତ ତ୍ରୁଟିପୂର୍ଣ୍ଣ ୱାଗନଟିକୁ ବଦଳାଇବା ପାଇଁ ଟ୍ରେନ୍‌ରୁ ଅଲଗା କରିବାର ବ୍ୟବସ୍ଥା କରିଥିଲେ। ତାଙ୍କର ଏହି ସମୟୋଚିତ ପଦକ୍ଷେପ ଏକ ସମ୍ଭାବ୍ୟ ସୁରକ୍ଷା ବିପଦକୁ ଏଡ଼ାଇବା ସହ ଟ୍ରେନର ନିରାପଦ ଚଳାଚଳ ସୁନିଶ୍ଚିତ କରିଥିଲା। ପୂର୍ବତଟ ରେଳପଥ ଶ୍ରୀ ନରେନ୍ଦ୍ରଙ୍କ କର୍ତ୍ତବ୍ୟନିଷ୍ଠା ଓ ସତର୍କତାକୁ ଉଚ୍ଚ ପ୍ରଶଂସା କରିଛି। ତାଙ୍କର ଏହି କାର୍ଯ୍ୟ ପୂର୍ବତଟ ରେଳପଥର ଦୃଢ଼ ସୁରକ୍ଷା ସଂସ୍କୃତି ଓ ନିରାପଦ, ସୁରକ୍ଷିତ ଓ ବିଶ୍ୱସନୀୟ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ଦିଗରେ ରେଳ କର୍ମଚାରୀମାନଙ୍କ ପ୍ରତିବଦ୍ଧତାର ଏକ ପ୍ରଶଂସନୀୟ ଉଦାହରଣ ବୋଲି କୁହାଯାଇଛି।

# କଂଗ୍ରେସରେ ମିଶିଲେ ଦୁଇ ଶହରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ

**ସମ୍ବଲପୁରର ଆକ୍ରୋଶ ର୍‍ୟାଲିରୁ କଂଗ୍ରେସର ପୁନରୁତ୍ଥାନ ହୋଇଛି: ଭକ୍ତ**



ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ): ଗତ ଜୁନ୍ ୧୦ ତାରିଖରେ ସମ୍ବଲପୁରଠାରେ ଯୁବନେତା କହ୍ନେୟା କୁମାରଙ୍କ ଆକ୍ରୋଶ ସମାବେଶର ଐତିହାସିକ ସଫଳତା ଦଳର ନେତା ଓ କର୍ମୀଙ୍କ ମନରେ ଅଫୁରନ୍ତ ଉତ୍ସାହ ଓ ଉଦ୍ଦୀପନା ଭରିଦେଇଛି। ସୁଦୂର ସମ୍ବଲପୁରରୁ ଆଜି ଏଠାରେ ପହଞ୍ଚି ଦୁଇ ଶହରୁ ଊର୍ଦ୍ଧ୍ୱ ଯୁବନେତା ଓ କର୍ମୀ କଂଗ୍ରେସରେ ଯୋଗଦେବା ତା'ର ଏକ ପ୍ରମାଣ। ଆଗାମୀ ଦିନରେ ଦଳରେ ଏହିପରି ମିଶ୍ରଣ ପର୍ବ ଜାରି ରହିବ। ଏହି କ୍ରମରେ ସମ୍ବଲପୁରରେ ଅଗଷ୍ଟ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ସହସ୍ରାଧିକ ଲୋକଙ୍କର ଏକ ମିଶ୍ରଣ ପର୍ବ ଆୟୋଜନ ହେବ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଭକ୍ତ କହିଛନ୍ତି ଯେ ଦଳର ଅଗଣିତ ନେତା ଓ କର୍ମୀଙ୍କ ସକ୍ରିୟ ସମ୍ପୃକ୍ତି ଯୋଗୁଁ ଗୋଟିଏ ପରେ ଗୋଟିଏ ଆନ୍ଦୋଳନ ସଫଳ ହୋଇଛି। ଓଡ଼ିଶାର ପାଠ୍ୟପୁସ୍ତକରେ ୨୨ ଶହରୁ ଅଧିକ ତ୍ରୁଟି ପରି ଗୁରୁତର ଅସଙ୍ଗତି ବିରୋଧରେ ଦଳର ଆନ୍ଦୋଳନ ଆଗକୁ ଆହୁରି ତୀବ୍ରତର ହେବ। ଉତ୍ତରଦାୟିତ୍ୱ ନେଇ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆସନ୍ତା ୭ ଦିନ ମଧ୍ୟରେ ଇସ୍ତଫା ନ ଦେଲେ ଓଡ଼ିଶା ବନ୍ଦ ପରି ଚରମ ନିଷ୍ପତ୍ତି ନେବାକୁ ଦଳ ବାଧ୍ୟ ହେବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

# ଠିକାଦାର ଆନ୍ଦୋଳନ, ଲୋକେ ନାକେଦମ୍



ଭୁବନେଶ୍ୱର,୨୭।୭: ରାଜଧାନୀରେ ଠିକାଦାର ସଂଘର ଆନ୍ଦୋଳନ ଯୋଗୁଁ ଏବେ ସରକାରୀ ଘରେ ରହୁଥିବା ମନ୍ତ୍ରୀଙ୍କ ଠାରୁ ଅଫିସରଙ୍କ ପର୍ଯ୍ୟନ୍ତ ସମସ୍ତେ ନୟାନ୍ତ ହେଲେଣି। ବଡ ବଡ କାମ ତ ଦୂରରକଥା ଛୋଟକାଟର ମରାମତି ବି ହୋଇପାରୁ ନାହିଁ। ପୂର୍ତ୍ତ ବିଭାଗ ଏହିସବୁ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଭାବେ ଠିକାଦାରଙ୍କ ଉପରେ ନିର୍ଭର କରୁଥିବାବେଳେ ଠିକାଦାରମାନେ ଏବେ ନିର୍ମାଣସୌଧ ଆଗରେ ଧାରଣାରେ ବସିଛନ୍ତି। ରାଜଧାନୀର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ କୋଠାବାଡି, କ୍ୱାଟର୍ସ ଆଦିରେ କୌଣସି କାର୍ଯ୍ୟ ହୋଇପାରୁ ନାହିଁ। ଯନ୍ତ୍ରୀମାନେ ଚାହିଁଲେ ମଧ୍ୟ ଠିକାଦାରମାନେ କାମରେ ହାତ ମାରୁନାହାନ୍ତି। କାଳେ କୌଣସି ଠିକାଦାର ଲୁଚି ଛପି କାମ କରିଦେବ ସେଥିପାଇଁ ଧାରଣାରତ ଠିକାଦାରମାନେ ଗୁଇନ୍ଦା ନିଯୁକ୍ତ କରିଛନ୍ତି। ଯଦି କୌଣସି ଠିକାଦାର କାମ କରୁଥିବା ଜଣାପଡିବ ତେବେ ତାଙ୍କ ଉପରେ ୧୦ହଜାର ଟଙ୍କାର ଜୋରିମାନା ଲାଗିବ ବୋଲି ଚେତାବନୀ ଦିଆଯାଇଛି। ଏଥିଯୋଗୁଁ କୌଣସି ଠିକାଦାର କାମ କରିବାକୁ ରାଜି ନୁହନ୍ତି।

ଅନ୍ୟପକ୍ଷରେ ବର୍ଷାଋତୁରେ ଅନେକ ସରକାରୀ କ୍ୱାଟର୍ସଗୁଡିକ ଦୟନୀୟ ସ୍ଥିତିରେ ପହଞ୍ଚିଛି। କେଉଁଠି ପାଣି ଗଳୁଛି ତ ଆଉ କେଉଁଠି କବାଟ ଝରକା ଭାଙ୍ଗିଲାଣି। କେତେକ ସ୍ଥାନରେ ଚୋରି ବି ହେଲାଣି। ଏହିସବୁ କ୍ୱାଟର୍ସରେ ରହୁଥିବା ବାବୁମାନେ ନିଜର ଦୟନୀୟ ସ୍ଥିତି ସଂକ୍ରାନ୍ତରେ ଯନ୍ତ୍ରୀମାନଙ୍କୁ ଜଣାଉଥିଲେ ମଧ୍ୟ ସେମାନେ ନିଜର ଅସହାୟତା ପ୍ରକାଶ କରୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ କଣ୍ଟାଟିଏ ପିଟିବା ବି ବିଭାଗୀୟ ଯନ୍ତ୍ରୀଙ୍କ ପକ୍ଷରେ ସମ୍ଭବପର ହେଉନାହିଁ। ସବୁଠାରୁ ବଡ କଥା ହେଲା ଖୋଦ ରାଜଧାନୀରେ ଦୀର୍ଘଦିନ ହେଲା ଏହି ଠିକାଦାରମାନେ ସେମାନଙ୍କର ଦାବି ନେଇ ନିର୍ମାଣସୌଧ ସାମ୍ନାରେ ଧାରଣାରେ ବସିଛନ୍ତି। ପ୍ରଥମେ ଘଣ୍ଟ ବାଡେଇ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଥିବାବେଳେ ଏବେ ଧାରଣାରେ ବସୁଛନ୍ତି। ମାସାଧିକକାଳ ହେଲା ସେମାନେ ସଚିବାଳୟ ପାର୍ଶ୍ୱର୍ରେ ଧାରଣା ଦେଉଥିଲେ ମଧ୍ୟ ବିଭାଗୀୟ ମନ୍ତ୍ରୀ କିମ୍ବା ସଚିବ ଏଥିରେ ହସ୍ତକ୍ଷେପ କରୁନାହାନ୍ତି।

ସମସ୍ତେ ନିଜ ନିଜ ଜିଦ୍‌ରେ ଅଟଳ ଥିବାବେଳେ କାମ କିଭଳି ତାହା ବି କେହି ଚିନ୍ତା କରୁନାହାନ୍ତି। ଯଦି ଠିକାଦାରମାନେ ଆନ୍ଦୋଳନ ଜାରି ରଖୁଛନ୍ତି ତେବେ ଜରୁରୀ କାର୍ଯ୍ୟଗୁଡିକ କିଭଳି ହେବ ସେ ସଂକ୍ରାନ୍ତରେ ବିଭିନ୍ନ ଡିଭିଜନର ଯନ୍ତ୍ରୀମାନଙ୍କୁ ସରକାର ନିର୍ଦ୍ଦେଶ ଦେବା ଉଚିତ୍ ବୋଲି ମତପ୍ରକାଶ ପାଉଛି। ଏହା ନକଲେ ଏହି ସମୟ ମଧ୍ୟରେ ଲୋକେ ହଇରାଣ ହେବା ସହିତ ସରକାରୀ ସମ୍ପତ୍ତି ଯେଭଳି ନଷ୍ଟ ହେଉଛି ତାହାର ଭରଣା କିଏ କରିବ ବୋଲି ମତପ୍ରକାଶ ପାଇଲାଣି। ରାଜଧାନୀରେ ଏବେ ସରକାର ଓ ଠିକାଦାରଙ୍କ ମଝିରେ ସରକାରୀ ଘରେ ରହୁଥିବା ଲୋକେ ଏକ ପ୍ରକାର ଫସି ଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ବର୍ଷାଦିନେ ସର୍ବନିମ୍ନ ମରାମତି କାମ ହୋଇପାରୁ ନଥିବାରୁ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରିବାକୁ ମତପ୍ରକାଶ ପାଉଛି। (ତଥ୍ୟ)

# ବାଲିଅନ୍ତା ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି

ବାଲିଅନ୍ତା,୨୭।୭(ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟକ୍ଷ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ। ଆଜି ମୋଟ ୭୨ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୪୫ଟି ଅଭିଯୋଗ ବ୍ୟକ୍ତିଗତ ଓ ୨୭ଟି ଗୋଷ୍ଠୀଗତ ଅଭିଯୋଗ। ସେଥିମଧ୍ୟରୁ ୪ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଦୁଇ ଜଣଙ୍କ ଆବେଦନକୁ ବିଚାରକୁ ନିଆଯାଇ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା



ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହାଛଡ଼ା ସମସ୍ତ ଅଭିଯୋଗକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜିର ଶୁଣାଣି ଅବସରରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବାଲିଅନ୍ତା ବିଡିଓ ରଶ୍ମିତା ନାଥ, ତହସିଲଦାର ଲୀଳନ ପ୍ରସାଦ ସାହୁ, ଜିଲ୍ଲା ସାଧାରଣ ଅଭିଯୋଗ ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କହଁର ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିମି ଲେୟାର ଓ ସଂରକ୍ଷଣ:ଏକ ବିବାଦ

ଭାରତୀୟ ସମାଜରେ ସଂରକ୍ଷଣ ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ନ୍ୟାୟ ଉପାୟ ଭାବେ ଗ୍ରହଣ କରାଯାଇଛି। ଐତିହାସିକ ଭେଦଭାବ, ଅସ୍ପୃଶ୍ୟତା ଓ ଆର୍ଥିକ-ସାମାଜିକ ପଛୁଆ ଅବସ୍ଥାକୁ ଦୂର କରିବା ପାଇଁ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିଲା। ତଥାପି ଗତ କିଛି ଦଶନ୍ଧି ଧରି "କ୍ରିମି ଲେୟାର" ବା ସମୃଦ୍ଧ ବର୍ଗର ଲୋକମାନେ ସଂରକ୍ଷଣର ସୁବିଧା ନେବା ଉପରେ ତୀବ୍ର ବିବାଦ ଚାଲିଛି। ବିଶେଷକରି ଶିକ୍ଷା, ଚାକିରି, ପଦୋନ୍ନତି ଓ ଅନ୍ୟାନ୍ୟ କ୍ଷେତ୍ରରେ ଏହି ବର୍ଗର ଲୋକମାନେ ବାରମ୍ବାର ସଂରକ୍ଷଣର ଲାଭ ଉଠାଉଥିବା ଦେଖି ସମାଜର ଏକ ବଡ଼ ଅଂଶ ପ୍ରଶ୍ନ ଉଠାଉଛନ୍ତି-ଏହା କ'ଣ ପ୍ରକୃତ ସାମାଜିକ ନ୍ୟାୟର ଲକ୍ଷ୍ୟକୁ ପୂରଣ କରୁଛି?

୧୯୯୨ ମସିହାର ଇନ୍ଦ୍ରା ସାହନୀ ରାୟରେ ସୁପ୍ରିମକୋର୍ଟ ଓବିସି ସଂରକ୍ଷଣରେ କ୍ରିମି ଲେୟାରର ଧାରଣା ପ୍ରବର୍ତ୍ତନ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଯେ ଯେଉଁମାନେ ଆର୍ଥିକ ଓ ଶିକ୍ଷାଗତ ଭାବେ ଆଗୁଆ ଅଛନ୍ତି, ସେମାନେ ସଂରକ୍ଷଣର ସୁବିଧାରୁ ବଞ୍ଚିତ ହେବେ। କିନ୍ତୁ ବାସ୍ତବତାରେ ଦେଖାଯାଏ ଯେ କେତେକ ପରିବାର ପିଢ଼ି ପିଢ଼ି ଧରି ସଂରକ୍ଷଣର ଲାଭ ନେଉଛନ୍ତି। ସେମାନେ ଉଚ୍ଚ ଶିକ୍ଷା, ସରକାରୀ ଚାକିରି ଓ ଅନ୍ୟାନ୍ୟ ସୁଯୋଗରେ ପୁନଃପୁନଃ ଲାଭାନ୍ୱିତ ହେଉଥିବା ବେଳେ ପ୍ରକୃତ ପଛୁଆ ବର୍ଗର ଲୋକମାନେ ସେହି ସୁଯୋଗରୁ ବଞ୍ଚିତ ରହୁଛନ୍ତି। ଏହା ସଂରକ୍ଷଣର ମୌଳିକ ଉଦ୍ଦେଶ୍ୟକୁ ପ୍ରଶ୍ନବାଚୀ କରିଛି।

ଏହି ବିବାଦର ଆରମ୍ଭ ହୁଏ ଯେତେବେଳେ ଲୋକେ ପଚାରନ୍ତି-ଯଦି ଏକ ପରିବାରର ପିତା ଉଚ୍ଚ ପଦବୀରେ ଥିବା ସରକାରୀ କର୍ମଚାରୀ କିମ୍ବା ବ୍ୟବସାୟୀ ହୋଇଥାନ୍ତି, ତେବେ ତାଙ୍କ ସନ୍ତାନମାନେ କାହିଁକି ସଂରକ୍ଷଣର ସୁବିଧା ପାଇବେ? ବିଶେଷକରି ଚିକିତ୍ସା, ଇଞ୍ଜିନିୟରିଂ, ଆଇନ ଓ ସିଭିଲ ସେବା ପରୀକ୍ଷା ଭଳି ପ୍ରତିଯୋଗିତାମୂଳକ କ୍ଷେତ୍ରରେ ଏହି ପ୍ରଶ୍ନ ଅଧିକ ତୀବ୍ର ହୋଇଛି। ଅନେକ ସମାଲୋଚକ କହନ୍ତି ଯେ ସଂରକ୍ଷଣ ଏକ ସ୍ଥାୟୀ ଅଧିକାର ନୁହେଁ, ବରଂ ଏକ ସାମୟିକ ଉପାୟ ଯେଉଁମାନେ ଏହାର ଲାଭ ନେଇ ଆର୍ଥିକ ଓ ସାମାଜିକ ଭାବେ ସଶକ୍ତ ହୋଇଯାଇଛନ୍ତି, ସେମାନେ ଏହି ବ୍ୟବସ୍ଥାରୁ ବାହାରି ଆସିବା ଉଚିତ। ନଚେତ୍ ସଂରକ୍ଷଣ ଏକ ବଂଶାନୁକ୍ରମିକ ସୁବିଧାରେ ପରିଣତ ହେବ ଏବଂ ପ୍ରକୃତ ଦରିଦ୍ର ଓ ପଛୁଆ ବର୍ଗ ଆହୁରି ପଛରେ ପଡ଼ିଯିବେ।



ଅନ୍ୟପକ୍ଷରେ ସଂରକ୍ଷଣର ସମର୍ଥକମାନେ ଯୁକ୍ତି ଦିଅନ୍ତି ଯେ କେବଳ ଆର୍ଥିକ ସ୍ଥିତିକୁ ଭିତ୍ତି କରି କ୍ରିମି ଲେୟାର ନିର୍ଣ୍ଣୟ କରିବା ଯଥେଷ୍ଟ ନୁହେଁ। ସାମାଜିକ ଭେଦଭାବ, ଜାତିଗତ ଅପମାନ ଓ ମାନସିକ ପ୍ରତିବନ୍ଧକ ଏପର୍ଯ୍ୟନ୍ତ ରହିଛି। ଏକ ପରିବାର ଆର୍ଥିକ ଭାବେ ସମୃଦ୍ଧ ହେଲେ ମଧ୍ୟ ସେମାନେ ସମାଜରେ ସମ୍ପୂର୍ଣ୍ଣ ସମାନତା ପାଉଥାନ୍ତି ନାହିଁ। ତେଣୁ କ୍ରିମି ଲେୟାରକୁ ସମ୍ପୂର୍ଣ୍ଣ ବାଦ୍ ଦେବା ପରିବର୍ତ୍ତେ ଏହାର ମାନଦଣ୍ଡକୁ ଅଧିକ ସ୍ପଷ୍ଟ ଓ ନ୍ୟାୟସଙ୍ଗତ କରିବା ଉଚିତ। ବିଶେଷକରି ଏସସି ଓ ଏସଟି ସମ୍ପ୍ରଦାୟ ପାଇଁ କ୍ରିମି ଲେୟାର ଲାଗୁ କରିବା ପ୍ରଶ୍ନ ଏବେ ନୂତନ ଭାବେ ଉଠିଛି। ଏହା ଏକ ଜଟିଳ ବିଷୟ କାରଣ ଏହି ସମ୍ପ୍ରଦାୟଗୁଡ଼ିକର ଐତିହାସିକ ପୀଡ଼ନ କେବଳ ଆର୍ଥିକ ନୁହେଁ, ବରଂ ଗଭୀର ସାମାଜିକ ମୂଳକ।

ଏହି ବିବାଦର ସମାଧାନ ପାଇଁ କେତେକ ପ୍ରସ୍ତାବ ଉଠିଛି। ପ୍ରଥମତଃ, ସଂରକ୍ଷଣର ଲାଭ କେବଳ ଏକ ପିଢ଼ି ପାଇଁ ସୀମିତ ରହିବା ଉଚିତ। ଦ୍ୱିତୀୟତଃ, ଆର୍ଥିକ ମାନଦଣ୍ଡକୁ ସମୟାନୁସାରେ ପରିବର୍ତ୍ତନ କରି ଏବଂ ଆୟ ସୀମାକୁ ଯଥାର୍ଥ କରି କ୍ରିମି ଲେୟାରକୁ ଅଧିକ କଠୋର କରାଯିବା ଦରକାର। ତୃତୀୟତଃ, ସଂରକ୍ଷଣ ବ୍ୟବସ୍ଥାକୁ କେବଳ ଜାତି ଉପରେ ନିର୍ଭର ନ କରି ଆର୍ଥିକ, ଶିକ୍ଷାଗତ ଓ ସାମାଜିକ ସୂଚକାଙ୍କ ଉପରେ ଭିତ୍ତି କରି ପୁନର୍ବିଚାର କରାଯିବା ଉଚିତ। ଏହା ସହିତ ଗ୍ରାମୀଣ ଓ ନଗରୀୟ ପଛୁଆ ବର୍ଗ ମଧ୍ୟରେ ପାର୍ଥକ୍ୟ କରି ସୁବିଧା ବଣ୍ଟନ କରାଯିବା ଆବଶ୍ୟକ। ସରକାର ଓ ନୀତି ନିର୍ଦ୍ଧାରକମାନେ ଏହି ବିଷୟରେ ଖୋଲା ଆଲୋଚନା କରିବା ଉଚିତ। କେବଳ ରାଜନୈତିକ ଲାଭ ପାଇଁ ସଂରକ୍ଷଣକୁ ବିଚାର କରିବା କିମ୍ବା ଏହାକୁ ସ୍ଥିର ରଖିବା ଯଥେଷ୍ଟ ନୁହେଁ। ପ୍ରକୃତ ସାମାଜିକ ନ୍ୟାୟ ତେବେ ହିଁ ସମ୍ଭବ ଯେତେବେଳେ ସଂରକ୍ଷଣର ଲାଭ ସେହି ଲୋକଙ୍କ ପାଖରେ ପହଞ୍ଚିବ ଯେଉଁମାନେ ପ୍ରକୃତରେ ଏହାର ଆବଶ୍ୟକତା ରଖନ୍ତି। କ୍ରିମି ଲେୟାର ଯଦି ନିରନ୍ତର ସୁବିଧା ପାଇଚାଲନ୍ତି, ତେବେ ଏହା ସମାଜରେ ନୂତନ ପ୍ରକାରର ଅସମାନତା ସୃଷ୍ଟି କରିବ।

ସର୍ବୋପରି, ସଂରକ୍ଷଣ ବ୍ୟବସ୍ଥାକୁ ଏକ ଗତିଶୀଳ ଓ ନ୍ୟାୟସଙ୍ଗତ ପ୍ରକ୍ରିୟା ଭାବେ ଦେଖିବା ଦରକାର। ଏହା କେବଳ ଜାତି କିମ୍ବା ଆର୍ଥିକ ସ୍ଥିତି ଉପରେ ନିର୍ଭର କରିବ ନାହିଁ, ବରଂ ସମାଜର ପ୍ରତ୍ୟେକ ବର୍ଗକୁ ସମାନ ସୁଯୋଗ ପ୍ରଦାନ କରିବାର ଏକ ମାଧ୍ୟମ ହେବା ଉଚିତ। କ୍ରିମି ଲେୟାର ବିବାଦ ଆମକୁ ମନେ ପକାଇ ଦିଏ ଯେ ସାମାଜିକ ନ୍ୟାୟ କେବଳ ଆଇନ ଦ୍ୱାରା ନୁହେଁ, ବରଂ ସଚେତନତା ଓ ସମାନତାର ମନୋଭାବ ଦ୍ୱାରା ହିଁ ସମ୍ଭବ। ଏହି ବିବାଦକୁ ସମାଧାନ କରିବା ପାଇଁ ସମାଜ, ସରକାର ଓ ବିଚାରପାଳିକା ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ।

# ବିପଜ୍ଜନକ ପର୍ଯ୍ୟାୟରେ ଯୁଦ୍ଧ

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ଇରାନ ଆମେରିକା ଯୁଦ୍ଧ ଏବେ ୫ ମାସ ତଥା ୧୫୦ ଦିନ ପୁରିବାକୁ ଯାଉଥିବାବେଳେ ୟେମେନର 'ଆନସାର ଆଲା' ଯେ କି ହୁତି ଭାବେ ଜଣାଶୁଣା ସାଉଦି ଆରବର ଯାତାୟତ ପଥଗୁଡିକୁ ଅବରୋଧ କରିବା ପାଇଁ ନିଷ୍ପତି ଘୋଷଣା କରିବା ନିଶ୍ଚିତ ଭାବେ ଯୁଦ୍ଧ ଏବେ ଏକ ବିପଦଜନକ ପର୍ଯ୍ୟାୟରେ ପ୍ରବେଶ କରିଛି ବୋଲି କୁହାଯାଇପାରିବ ହୁତି ସଂଗଠନ ଇରାନର ଏକ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା। କିନ୍ତୁ ୟେମେନ'ର ବହୁ ଜନବସତି ଅଞ୍ଚଳ ସମେତ ରାଜଧାନୀ ସାନା ହୁତିର ନିୟନ୍ତ୍ରଣାଧୀନ ଥିବା ସତ୍ତ୍ୱେ ସାଉଦି ଆରବ ସହ ଦୁର୍ବଳ କିନ୍ତୁ କାର୍ଯ୍ୟକ୍ଷମ ଅସ୍ତ୍ରବିରତି ଯୋଗୁଁ ପ୍ରତ୍ୟକ୍ଷ ଭାବେ ଯୁଦ୍ଧରେ ସାମିଲ ହେବାକୁ ଏଡାଇ ଆସୁଥିଲା। କିନ୍ତୁ ସାଉଦି ଆରବ ସ୍ଥିତ ୟେମେନ'ର ଆନ୍ତର୍ଜାତିକ ସରକାରର ଅନୁଗତ ସେନା ବାହିନୀ ଗତ ୧୩ ତାରିଖ ଦିନ ସାନା' ବିମାନ ମନ୍ଦିର ଉପରେ ଆକ୍ରମଣ କରିବା ପରେ ଯୁଦ୍ଧ ବିରତି ବସ୍ତୁତଃ ଅକାମୀ ହୋଇଯାଇଥିବା ଦର୍ଶାଇ ହୁତି ଏବେ ପ୍ରତ୍ୟକ୍ଷ ଯୁଦ୍ଧରେ ସାମିଲ ହେବାକୁ ଘୋଷଣା କରିଛି। କହିବା ବାହୁଲ୍ୟ ଯେ, ୟେମେନରେ ଏବେ ବି ହୁତି ଏକ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ରାଜନୈତିକ ଓ ସାମରିକ ଶକ୍ତି ଭାବେ ରହିଛି। ସାନା' ବିମାନବନ୍ଦର ଉପରେ ଆକ୍ରମଣ ପାଇଁ ରିୟାଧ'କୁ ଦାୟୀ କରି ଲୋହିତ ସାଗରରେ ସାଉଦି ଆରବ ବ୍ୟବହାର କରୁଥିବା ବନ୍ଦରଗୁଡିକୁ ଅବରୋଧ କରିବା ପାଇଁ ଗଲା ୨୦ ତାରିଖରେ ଘୋଷଣା କରିଛି। ସାଉଦି ଆରବ ତା'ର ଅଶୋଧିତ ତୈଳ ଓ ଅନ୍ୟାନ୍ୟ ସାମଗ୍ରୀ ହର୍ମୁଜା ପ୍ରଣାଳୀ ଦେଇ ରପ୍ତାନୀ କରିଥାଏ। ହର୍ମୁଜା ପ୍ରଣାଳୀ ଏବେ ଇରାନର ଅବରୋଧରେ ରହିଛି। ସେହିପରି ୟେମେନର ଉପକୂଳ ଅଞ୍ଚଳ ହୁତିର ନିୟନ୍ତ୍ରଣରେ ରହିଥିବାରୁ ରୋହିତ ସାଗର ବାବ-ଏଲ-ମାନଦେବ ପ୍ରଣାଳୀ ଦେଇ ଏସିଆ ମହାଦେଶର ବିଭିନ୍ନ ଅଞ୍ଚଳକୁ ତୈଳ ଓ ଅନ୍ୟାନ୍ୟ ସାମଗ୍ରୀ ରପ୍ତାନୀ ବାଧାପ୍ରାପ୍ତ ହୋଇପାରେ। ଉଲ୍ଲେଖଯୋଗ୍ୟ ଯେ ଇରାନ-ଆମେରିକା ମଧ୍ୟରେ ଯୁଦ୍ଧ ବିରତି ପାଇଁ ଗଲା ଜୁନ ମଧ୍ୟଭାବରେ ସ୍ୱାକ୍ଷରିତ ୬୦ ଦିନିଆ ଯୁଦ୍ଧ ବିରତି ଉଲଂଘନ କରି ଆମେରିକା ଆତର୍କିତ ପୁନର୍ବାର ଇରାନ ଉପରେ ବୋମାବର୍ଷଣ ସହ କ୍ଷେପଣାସ୍ତ୍ର ମାଡ କରିବା ଯୋଗୁଁ ଦୁଇଦେଶ ମଧ୍ୟରେ ଏବେ ଯୁଦ୍ଧ ଯୋରଦାର ହୋଇଛି। ଯୁଦ୍ଧ ଏପରି ଉଗ୍ର ଆକାର ଧାରଣ କରିଛି ଯେ, ସମଗ୍ର ପଶ୍ଚିମ ଏସୀୟ ଅଞ୍ଚଳ ଏକ ଅଗ୍ନିପିଣ୍ଡୁଳା ମଧ୍ୟରେ ରହିଛି ବୋଲି କହିଲେ ଅତିରଞ୍ଜିତ ହୋଇନପାରେ। ନିକଟରେ ଆମେରିକା ଯୁଦ୍ଧ ବିରତି ଓ ଆଲୋଚନା ପାଇଁ ଇରାକ୍‌ର ପ୍ରଧାନମନ୍ତ୍ରୀଙ୍କ ଜରିଆରେ ଦେଇଥିବା ପ୍ରସ୍ତାବକୁ ଇରାନ ରୋକଠୋକ୍ ପ୍ରତ୍ୟାଖ୍ୟାନ କରିଛି। ତେବେ ଯୁଦ୍ଧ ନିକଟ ଭବିଷ୍ୟତରେ ବନ୍ଦ ହେବା ସମ୍ଭାବନା କ୍ଷୀଣ ବୋଲି କୁହାଯାଇପାରେ। ଏହା ନିସନ୍ଦେହ ଯେ, ଯୁଦ୍ଧ ଯୋଗୁଁ କେବଳ ଇରାନ-ଆମେରିକା ନୁହେଁ କିମ୍ବା ମଧ୍ୟ-ପ୍ରାଚ୍ୟ ନୁହେଁ, ସମଗ୍ର ବିଶ୍ୱର ଅର୍ଥନୀତି ତୈଳ ସହ ଖାଦ୍ୟ ସାମଗ୍ରୀ ଏବଂ ପରିବେଶ ବିପର୍ଯ୍ୟାୟ ହେବାରେ ଲାଗିଛି। ୱାଂଶିଟନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଯୁଦ୍ଧରେ ଆମେରିକାର ବର୍ତ୍ତମାନ ସୁଦ୍ଧା ୩୭୧ ଲକ୍ଷ କୋଟି ଟଙ୍କା ବ୍ୟୟ ହୋଇଥିବାବେଳେ ଇରାନର କ୍ଷୟକ୍ଷତି ଅକଳନୀୟ ବୋଲି କୁହାଯାଇଛି। କେବଳ ଏତକି ନୁହେଁ, ଜୁନ ମଧ୍ୟ ଭାବରେ ଅସ୍ତ୍ରବିରତି ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ସମଗ୍ର ବିଶ୍ୱ ପାଇଁ ଆଶ୍ୱସ୍ତି ଆଣିଦେଇଥିବାବେଳେ ଏବେ ପୁଣି ଉପରମୁହାଁ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। କହିବା ବାହୁଲ୍ୟ ଯେ, ହର୍ମୁଜା ଦେଇ ଦୈନିକ ବିଶ୍ୱର ଏକ ପଞ୍ଚମାଶ ତୈଳ ରପ୍ତାନୀ ହୋଇଥାଏ। ଏହା ବନ୍ଦ ଯୋଗୁଁ ରପ୍ତାନୀରେ ପରିବହନ ବ୍ୟୟ କେବଳ ବଢ଼ିବ ନାହିଁ। ବିଶ୍ୱରେ ତୈଳ ଦର ବୃଦ୍ଧି ଓ ସଂକଟର କାରଣ ହୋଇପାରେ। ଆହୁରି ମଧ୍ୟରେ ବିଶ୍ୱରେ ଖାଦ୍ୟ ସଂକଟକୁ ଏଡାଇ ଦିଆଯାଇନପାରେ। ବିଶ୍ୱରେ ୨୦୨୫-୨୬ ବର୍ଷରେ ଗହମ, ଚାଉଳ, ଚିନି, ସୋୟାବିନ, ପାମ୍ ତେଲ ଓ ଡାଲି ଜାତୀୟ ଶସ୍ୟ ରେକର୍ଡ ପରିମାଣର ଆମଦାନୀ-ରପ୍ତାନୀ ହୋଇଥିବାବେଳେ ଭାରତରେ ଗଲା ଜୁନ ପହିଲା ସୁଦ୍ଧା ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ନିକଟରେ ଗହମ, ଚାଉଳ ମହଜୁଦ ୧୨୧୭ ମିଲିଅନ ଟନ ଥିଲା। ଯାହାକି ଆବଶ୍ୟକତା ଠାରୁ ୩ଗୁଣ ଅଧିକ। ଚଳିତକୃଷି ବର୍ଷରେ ଭାରତ ସମେତ ବିଶ୍ୱର ବହୁ ରାଷ୍ଟ୍ରରେ ଏଲ-ନିନୋର ପ୍ରଭାବ ଯୋଗୁଁ ଉତ୍ପାଦନ ହ୍ରାସ ପାଇବ ସମ୍ଭାବନା ରହିଛି। କହିବା ବାହୁଲ୍ୟ ଯେ, ମହାମାରୀ କୋରୋନା ଓ ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ୨୦୨୨-୨୩ ରେ ସମଗ୍ର ବିଶ୍ୱରେ ଖାଦ୍ୟ ଶସ୍ୟ ରପ୍ତାନୀ-ଆମଦାନୀ ବାଧାପ୍ରାପ୍ତ ହେବା ସହ ଦରଦାମ ବଢ଼ିଥିଲା। ବିଶ୍ୱବାସୀ ଏହି ସଂକଟରୁ ମୁକୁଳିଥିବା ବେଳେ ଏବେ ଯୁଦ୍ଧ ଏବଂ ଏଲ-ନିନୋର ପ୍ରଭାବ ପୁଣି ଅନିଶ୍ଚିତତା ମଧ୍ୟକୁ ଠେଲି ଦେବା ଆଶଙ୍କା ଉପୁଜିଛି। ସେହିପରି ଯୁଦ୍ଧର ପ୍ରଭାବ ବିଶ୍ୱଜଳବାୟୁ ଓ ପରିବେଶକୁ ପୁଣି ପ୍ରଭାବିତ କରିଛି। ୟୁରୋପ ମହାଦେଶରେ ଗଲା ଜୁନ ମାସରେ ଅସହ୍ୟ ଗ୍ରୀଷ୍ମ ପ୍ରଭାହ ଏହାର ଜ୍ୱଳନ୍ତ ଉଦାହରଣ। ସମ୍ଭାବ୍ୟ ଏଲ-ନିନୋ ଯୋଗୁଁ ବିଶ୍ୱ ଜଳବାୟୁ ଓ ପରବେଶ ଆହୁରି ବିଗଡ଼ି ଯାଇପାରେ। ତେଣୁ ଯୁଦ୍ଧ ତୁରନ୍ତ ବନ୍ଦ ହେବା ଜରୁରୀ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ୍:୯୪୩୭୯୯୪୩୭୯

# ଭାରତୀୟ ଜଳବାୟୁ, ଏଲ୍ ନିନୋ ଓ ଅର୍ଥନୀତି



ଡା. ରାଜକିଶୋର ପଣ୍ଡା

ମଧ୍ୟପ୍ରାଚ୍ୟ ସଙ୍କଟର ଅନିଶ୍ଚିତତା ମଧ୍ୟରେ ପୃଥିବୀ ପୃଷ୍ଠକୁ ଏବେ ଘେରି ରହିଛି ଏକ ବିଷମ ଜଳବାୟୁ ଜନିତ ସମସ୍ୟା। ଏହା ହେଉଛି ଏଲ୍ ନିନୋ। ଜଳବାୟୁ ବିଜ୍ଞାନୀଙ୍କ ମତାନୁଯାୟୀ ଏହା ମଧ୍ୟରେ ଏଲ୍ ନିନୋ ପ୍ରଶାନ୍ତ ମହାସାଗରରେ ସକ୍ରିୟ ହୋଇଯାଇଛି। ଏହାର ପ୍ରଭାବ ଭାରତବର୍ଷରେ ମୌସୁମୀ ଚକ୍ର ଉପରେ ପଡ଼ିବା ପ୍ରାୟ ନିଶ୍ଚିତ ବୋଲି ସ୍ୱୀକାର କରାଯାଉଛି। କେବଳ ଏତିକି ନୁହେଁ, ଏଲ୍-ନିନୋ ମୌସୁମୀ ଯିବା ପରେ ମଧ୍ୟ ସକ୍ରିୟ ରହିବା ଆଶଙ୍କା ବର୍ତ୍ତମାନ ଜନମାନସର ଚିନ୍ତା ବଢ଼ାଇ ଦେଇଛି। ଯଦି ସେପ୍ଟେମ୍ବର ପର୍ଯ୍ୟନ୍ତ ଏହା ସକ୍ରିୟ ରୁହେ ତା'ହେଲେ କୃଷି ଓ ପେୟ ଜଳର ଉପଲବ୍ଧତା ଉପରକୁ ଗଭୀର ବିପଦ ମାଡ଼ି ଆସିବ। ଆମେରିକାର ଜଳବାୟୁ ଗବେଷଣା ସଂସ୍ଥାନ "ନ୍ୟାସ୍‌ନାଲ୍ ଓସେନିକ୍ ଆଣ୍ଡ୍ ଏଟ୍‌ମୋସ୍‌ଫିୟରିକ୍ ଆଡ୍‌ମିନିଷ୍ଟ୍ରେସନ୍" ଅନୁସାରେ ଏଲ୍ ନିନୋ ଜୁନ୍‌ରୁ ଜୁଲାଇ ମଧ୍ୟରେ ପ୍ରବେଶ କରିବାର ଅଛି। ଏହାର ପ୍ରବେଶରେ ହିଁ ପ୍ରଶାନ୍ତ ମହାସାଗରର ପୃଷ୍ଠଦେଶରେ ତାପମାତ୍ରା ସାମାନ୍ୟ ଠାରୁ ୦.୭୦ମ ବୃଦ୍ଧି ପାଇଅଛି, ଯାହାକି ଇଙ୍ଗିତ କରୁଛି କି ପରିସ୍ଥିତି ଆଗକୁ ଆହୁରି ବିଗିଡ଼ିପାରେ।

ଭାରତୀୟ ଜଳବାୟୁ ବିଭାଗ ମଧ୍ୟ ମାନୁଛି କି, ଏଲ୍ ନିନୋର ସିଧା ପ୍ରଭାବ ମୌସୁମୀ ଜନିତ ବର୍ଷା ଉପରେ ପଡ଼ିବ, ଅର୍ଥାତ୍ ବର୍ଷା କମ୍ ହେବ। ଏହା ମଧ୍ୟ ପ୍ରତିଫଳିତ ହୋଇଛି ଚଳିତ ବର୍ଷର ଜୁନ୍‌ରେ। ଜୁନ୍ ଚଉଦ ସୁଦ୍ଧା ସ୍ୱାଭାବିକଠାରୁ ଅଠେଇଶି ପ୍ରତିଶତ କମ୍ ବର୍ଷା ରେକର୍ଡ଼ କରାଯାଇଛି। ଯଦି ଜୁଲାଇ ମାସରେ ମଧ୍ୟ ଏହିପରି ଧାରା ଜାରି ରହେ, ତାହା ହେଲେ ଖରିଫ୍ ଫସଲ ପ୍ରଭାବିତ ହେବା ସହ ମରୁଡ଼ି ଓ ଖାଦ୍ୟାଭାବ ମଧ୍ୟ ଦେଖାଯାଇପାରେ। ସ୍ୱାଭାବିକ ଅବସ୍ଥାରେ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ବହୁଥିବା ତୀବ୍ର ବାୟୁ, ଉତ୍ତପ୍ତ ଜଳକୁ ଏସିଆ ଓ ଅଷ୍ଟ୍ରେଲିଆ ଆଡ଼କୁ ଠେଲିଥାଏ, ଯାହାଦ୍ୱାରା ଭାରତରେ ଭଲ ବର୍ଷା ହୋଇଥାଏ ମାତ୍ର ଏଲ୍ ନିନୋର ପ୍ରଭାବରେ ଉପରୋକ୍ତ ବାୟୁ ଦୁର୍ବଳ ହୋଇ ପଡ଼ିବାରୁ ମଧ୍ୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ପେରୁର ତଟବର୍ତ୍ତୀ ଜଳ ଅସାମାନ୍ୟ ଭାବରେ ଉତ୍ତପ୍ତ ହୋଇପଡ଼େ। ଏହାଦ୍ୱାରା ବୈଶ୍ୱିକ ବୃଷ୍ଟିଚକ୍ର ବିପର୍ଯ୍ୟସ୍ତ ହୁଏ। ସମୁଦ୍ରର ଏହି ତାପମାତ୍ରାକୁ ବାୟୁମଣ୍ଡଳରେ ପରିବ୍ୟାପ୍ତ ହେବା ପାଇଁ କିଛି ସମୟ ଲାଗିଥାଏ, ଯାହାକି ଆଗାମୀ ବର୍ଷରେ ତାପମାତ୍ରା ବୃଦ୍ଧି ରୂପରେ ସାମ୍‌ନାକୁ ଆସିଥାଏ। ଜଳବାୟୁ ବିଭାଗ ଦର୍ଶାଇଛି କି ଆଗାମୀ ଅଗଷ୍ଟ-ସେପ୍ଟେମ୍ବରରେ ମୌସୁମୀ ବାୟୁ ଆହୁରି ଆଗକୁ ଅଗ୍ରସର ହେବା ସହ ଏଲ୍ ନିନୋ ଆହୁରି ଶକ୍ତିଶାଳୀ ହେବ। ଏଥିମଧ୍ୟରେ ଭାରତୀୟ ପାଣିପାଗ ବିଜ୍ଞାନୀମାନେ ଏକ ସୁଖଦ ସମ୍ଭାବନା ମଧ୍ୟ ଦର୍ଶାଇଛନ୍ତି। ଏହା ହେଉଛି ଭାରତ ମହାସାଗରର ଦ୍ୱିଧ୍ରୁବ ପରିସ୍ଥିତି। ଇଂରାଜୀରେ ଏହାକୁ କୁହାଯାଏ **Indian Ocean Dipole (IOD)**। ଏଥିରେ ଯଦି ପଶ୍ଚିମ ଭାରତ ମହାସାଗରର ତାପମାତ୍ରା ପୂର୍ବ ଅପେକ୍ଷା ଉତ୍ତପ୍ତ ରହେ, ତାହା ହେଲେ ଏଲ୍‌ନିନୋର ପ୍ରଭାବ କିଛି ମାତ୍ରାରେ ହ୍ରାସ ପାଇପାରିବ। ଏଲ୍ ନିନୋ ଏକ ପ୍ରାକୃତିକ ଜଳବାୟୁ ଚକ୍ର ଅଟେ। ଏଥିରେ ମଧ୍ୟ ଓ ପୂର୍ବ ପ୍ରଶାନ୍ତ ମହାସାଗରର ପୃଷ୍ଠଦେଶର ତାପମାତ୍ରା ସାମାନ୍ୟଠାରୁ ବହୁତ ଅଧିକ ହୋଇଯାଇଥାଏ। ପ୍ରାୟତଃ ଏହି ଘଟଣା ପ୍ରତି ଦୁଇ ବର୍ଷରେ ସଂଘଟିତ ହୋଇଥାଏ ଓ ଏହାର ପ୍ରଭାବ ସମ୍ପୂର୍ଣ୍ଣ ବିଶ୍ୱର ଜଳବାୟୁ, ତାପମାତ୍ରା ଓ ବୃଷ୍ଟିପାତ ଉପରେ ପଡ଼ିଥାଏ। ଚଳିତ ବର୍ଷ ଏହାକୁ ସୁପର ଏଲ୍ ନିନୋ ବୋଲି କୁହାଯାଉଛି। ଏହାର ପ୍ରଭାବ ବର୍ଷର ଶେଷ ପର୍ଯ୍ୟନ୍ତ ରହିବ। ବୈଜ୍ଞାନିକମାନଙ୍କର କହିବା ଅନୁଯାୟୀ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବରରେ ଯଦିବା ଏଲ୍ ନିନୋର ପ୍ରଭାବ କମ୍ ରହିବ, ସେପ୍ଟେମ୍ବର ଶେଷ ସୁଦ୍ଧା ଏହା ବେଶୀ ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି।



ଏଲ୍ ନିନୋ ଶବ୍ଦଟି ସ୍ପେନୀୟ ଭାଷାରୁ ଆସିଅଛି। ଦକ୍ଷିଣ ଆମେରିକାର ମାଛଧରାଳି ମାନଙ୍କର ଧ୍ୟାନ ୧୬୦୦ ମସିହାରେ ଗୋଟିଏ ଘଟଣା ଉପରକୁ ଯାଇଥିଲା, ଯେଉଁଥିରେ ସେମାନେ ଲକ୍ଷ୍ୟ କରିଥିଲେ କି, ପ୍ରଶାନ୍ତ ମହାସାଗରର ପେରୁ ତଟବର୍ତ୍ତୀ ଅଞ୍ଚଳରେ ଜଳର ତାପମାତ୍ରା ଡିସେମ୍ବର ମାସରେ କିଛି ଥର ବୃଦ୍ଧି ପାଉଛି। ଏହା ସାଧାରଣତଃ ବଡ଼ଦିନ ସମୟରେ ହେଉଥିଲା ଓ ସେମାନେ ଏହାକୁ "ଅଲ୍ ନିନୋ ଡି ନାବିଦାଦ୍" ବୋଲି ନାମିତ କଲେ। ଏହାକୁ ପରେ ଏଲ୍ ନିନୋ ବୋଲି କୁହାଗଲା। ସେହିପରି ଆଉ ଏକ ଜଳବାୟୁ ପରିସ୍ଥିତି ମଧ୍ୟ ଅଛି ଯାହାକୁ କୁହାଯାଏ "ଲା ନିନୋ"।

ଏହା ଏଲ୍ ନିନୋର ବିପରୀତ ପ୍ରକ୍ରିୟା। ଏଥିରେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଜଳୀୟ ତାପମାତ୍ରା ଅହେତୁକ ଭାବରେ ଶୀତଳ ହୋଇଯାଇଥାଏ। ତେବେ ଏଲ୍ ନିନୋକୁ ନେଇ ବର୍ତ୍ତମାନ ସମୟରେ ଜଳବାୟୁ ବିଜ୍ଞାନୀ, ପରିବେଶବିତ୍, କୃଷି ବିଜ୍ଞାନୀ ଓ ଅର୍ଥନୈତିଜ୍ଞ ମାନଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ଚିନ୍ତାଗ୍ରସ୍ତ ଅଛନ୍ତି। ଏବେ ଦୃଷ୍ଟି ଦେବା ଏହାର ଆର୍ଥିକ ପ୍ରଭାବ ଉପରେ।

**ବୃଷ୍ଟିପାତରେ ହ୍ରାସ**: ଏଲ୍ ନିନୋ ଦକ୍ଷିଣ-ପଶ୍ଚିମ ମୌସୁମୀକୁ ବାଧା ଦେଇଥାଏ। ଭାରତର ବାର୍ଷିକ ବୃଷ୍ଟିପାତର ସତୁରୀ ପ୍ରତିଶତ ମୌସୁମୀ ଯୋଗୁଁ ହିଁ ହୋଇଥାଏ ଓ ଏହି ଜଳ ହିଁ ଜଳଭଣ୍ଡାର, ଭୂତଳ ଜଳର ପ୍ରାଥମିକ ଆଧାର। ସେହିପରି ଦେଶର ସମୁଦାୟ କୃଷିକ୍ଷେତ୍ରର ପାଖାପାଖି ଅଧା ଜଳସେଚନ ନିମନ୍ତେ ବର୍ଷାଜଳ ଉପରେ ନିର୍ଭରଶୀଳ। ଏଲ୍ ନିନୋ ହେତୁ ମୌସୁମୀ ବାଧାପ୍ରାପ୍ତ ହେବା ଦ୍ୱାରା ବୃଷ୍ଟିପାତ ହାରରେ ହ୍ରାସ ଆସିବ ଓ ଏହା ଫଳରେ ଗୁରୁତ୍ୱପୂର୍ଣ୍ଣ ଖରିଫ୍ ଫସଲ ଯେପରିକି ଧାନ, କପା, ଡାଲି ଓ ସୋୟାବିନ ଚାଷରେ ସମସ୍ୟା ଦେଖାଯିବ। ବର୍ଷାର ଅଭାବକୁ ଭରଣ କରିବା ପାଇଁ ଚାଷୀମାନେ ଭୂତଳଜଳକୁ ବ୍ୟବହାର କରିବା ପାଇଁ ବାଧ୍ୟ ହେବେ। ଏଥିପାଇଁ ଆବଶ୍ୟକ ହୋଇଥାଏ ମୋଟର ପମ୍ପ ଯାହାକି ଚାଳିତ ହୋଇଥାଏ ବିଦ୍ୟୁତ୍ ବା ଡିଜେଲ୍ ଦ୍ୱାରା। ଏହା ଫଳରେ ଚାଷୀମାନଙ୍କର ନିବେଶ ଜନିତ ଖର୍ଚ୍ଚର ବୃଦ୍ଧି ଘଟିବ। ଏକରେ ଫସଲ ଅମଳରେ ହ୍ରାସ ଓ ଦୁଇରେ ନିବେଶ ଖର୍ଚ୍ଚରେ ବୃଦ୍ଧି ହେତୁ କୃଷକମାନଙ୍କର ଲାଭାଂଶରେ ହ୍ରାସ ଘଟିବ ଓ ପରିଶେଷରେ ଏହା ଦ୍ୱାରା ଗ୍ରାମ୍ୟ ଅର୍ଥନୀତି କ୍ଷତିଗ୍ରସ୍ତ ହେବ।

**ଖାଦ୍ୟଶସ୍ୟର ମୂଲ୍ୟବୃଦ୍ଧି**: ଶସ୍ୟ ଅମଳରେ ହ୍ରାସ ହେତୁ ଏହାର ମୂଲ୍ୟବୃଦ୍ଧି ଘଟିବ, ଯାହା ଫଳରେ ସାଧାରଣ ଲୋକମାନେ ଚାଉଳ, ଡାଲି ଓ ପନିପରିବା ଆଦି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟଦ୍ରବ୍ୟ ସକାଶେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କାର୍ଯ୍ୟକ୍ଷମତାରେ ହ୍ରାସ**: ଭାରତର ଶ୍ରମ ଶକ୍ତିର ସିଂହଭାଗ ଅଣକୁଶଳୀ, ଅଣସଂଗଠିତ ଓ ସେମାନେ ପ୍ରାୟତଃ ବାହାରେ କାର୍ଯ୍ୟ କରିଥାନ୍ତି। ଉଦାହରଣ ସ୍ୱରୂପ ନିର୍ମାଣ ଶ୍ରମିକ, ବୁଲାବିକାଳି, ଡେଲିଭରୀ କର୍ମଚାରୀ ଇତ୍ୟାଦି ତାପମାତ୍ରାରେ ବୃଦ୍ଧି ଘଟିଲେ ସେମାନଙ୍କର କାର୍ଯ୍ୟ କରିବାର କ୍ଷମତା ଓ ସମୟରେ ହ୍ରାସ ଘଟିବ। ଆନ୍ତର୍ଜାତିକ ଶ୍ରମ ସଂଗଠନ ଅନୁସାରେ ବୈଶ୍ୱିକ ତାପମାତ୍ରାରେ ୧.୫୦ ମ ବୃଦ୍ଧି ଘଟିଲେ, ୨୦୩୦ ସୁଦ୍ଧା ବିଶ୍ୱରେ ସମଗ୍ର କାର୍ଯ୍ୟନିର୍ଘଣ୍ଟର ୨.୨% ହ୍ରାସ ଘଟିବ, ଯାହାକି ଅଶୀ ମିଲିଅନ୍ ପୂର୍ଣ୍ଣକାଳୀନ ନିଯୁକ୍ତିର ଅନୁରୂପ।

**ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ**: ସହରାଞ୍ଚଳରେ ଅନିୟନ୍ତ୍ରିତ ଭାବରେ କଂକ୍ରିଟ ଜଙ୍ଗଲର ସୃଷ୍ଟି ଓ ସବୁଜିମାର କ୍ଷୟ, ଏଲ ନିନୋର ପ୍ରଭାବକୁ ଆହୁରି ବ୍ୟାପକ ଓ ଘାତକ କରିବ। ପାର୍ଶ୍ୱବର୍ତ୍ତୀ ସବୁଜିମା ଭରା ଅଞ୍ଚଳଠାରୁ ଉପରୋକ୍ତ ସହରାଞ୍ଚଳଗୁଡ଼ିକର ତାପମାତ୍ରା ୩ ରୁ ୧୦୦ ମ ବୃଦ୍ଧି ପାଇବା ଘଟଣାକୁ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ବୋଲି କୁହାଯାଇଥାଏ। ସହରରେ ଗୋଟିଏ ପଟେ ଧନୀ ଶ୍ରେଣୀର ଲୋକମାନେ ଏ.ସି, କୁଲର ଆଦିର ବହୁଳ ବ୍ୟବହାର କରୁଥିବା ବେଳେ, ବସ୍ତିମାନଙ୍କରେ ରହୁଥିବା ଗରିବ ଲୋକମାନେ ଗରମ ଜନିତ ଅସୁସ୍ଥତାର ଶିକାର ହୋଇଥାନ୍ତି। ଧନୀ ଓ ଗରିବଙ୍କ ମଧ୍ୟରେ ଦେଖାଯାଉଥିବା ଏହି ଅର୍ଥନୈତିକ ଫରକ ଏକ ସାମାଜିକ ତାରତମ୍ୟ ମଧ୍ୟ ସୃଷ୍ଟି କରିଥାଏ।

ଇତିହାସ ଉପରେ ନଜର ପକାଇଲେ ଦେଢ଼ଶହ ବର୍ଷ ତଳେ ଗୋଟିଏ ଶକ୍ତିଶାଳୀ ଏଲ୍ ନିନୋ ଭାରତବର୍ଷକୁ ପ୍ରଭାବିତ କରିଥିଲା। ସମୟ ଥିଲା ୧୮୭୬-୭୮। ଦେଶ ଥିଲା ବ୍ରିଟିଶ୍ ଶାସନାଧୀନ। ଏହି ଏଲ ନିନୋ ଯୋଗୁଁ ସୃଷ୍ଟି ହୋଇଥିବା ମରୁଡ଼ି ଜନିତ ଖାଦ୍ୟାଭାବରେ ପ୍ରାୟ ପଞ୍ଚାବନ ଲକ୍ଷରୁ ଅଶୀ ଲକ୍ଷ ଲୋକ ମୃତ୍ୟୁବରଣ କରିବା ଜଣାଯାଏ ଓ ଏପର୍ଯ୍ୟନ୍ତ ଏହା ଦେଶର ଆଧୁନିକ ଇତିହାସରେ ଦେଖାଦେଇଥିବା ମରଣାନ୍ତକ ମରୁଡ଼ି ମାନଙ୍କ ମଧ୍ୟରୁ ଅନ୍ୟତମ।

ବୈଜ୍ଞାନିକମାନେ କହିଛନ୍ତି କି, ନଭେମ୍ବର ୨୦୨୬ରୁ ଜାନୁୟାରୀ ୨୦୨୭ ମଧ୍ୟରେ ଏଲ୍ ନିନୋର ପ୍ରଭାବ ସବୁଠାରୁ ବେଶୀ ରହିବ। ୨୦୩୨ ସୁଦ୍ଧା ଭାରତ ପାଖାପାଖି ଏକ ଟ୍ରିଲିଅନ୍ ଡଲାରର କ୍ଷତି, ଏଲ ନିନୋ ଯୋଗୁଁ ସହିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଯେବେକି ସମଗ୍ର ବିଶ୍ୱ ପାଇଁ ଏହା ଦଶ ଟ୍ରିଲିଅନ୍। ଏହି କ୍ଷତି କୃଷି, ରୋଜଗାର, ଶକ୍ତି ଓ ମାନବ ସମ୍ବଳ ସହିତ ଜଡ଼ିତ। ଆଶା କରାଯାଉଛି କି, ୨୦୨୬ ରେ ଇଣ୍ଡିଆନ୍ ଓସେନ୍ ଡାଇପୋଲ (ଓଡଡ) ର ସ୍ତର ୧.୩୦ ମ ଉପରେ ବୃଦ୍ଧି ପାଇବ ଯାହାକି ମୌସୁମୀ ବର୍ଷା ଉପରେ ଏଲ ନିନୋର ପ୍ରଭାବକୁ ପ୍ରତିହତ କରିବ। ଏହା ଘଟିତ ହେବା ପାଇଁ କିନ୍ତୁ ସେପ୍ଟେମ୍ବର ଯାଏଁ ସମୟ ଲାଗିଯିବ।

ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ୍:୮୧୪୪୦୪୨୯୯୭

# ସାଧୁ ଯେ ମଳୟ ପବନ



ଶ୍ରୀହରିଗୁରବୈଷ୍ଣବଆଶ୍ରିତ ଅତୀଶ

ଶ୍ରୀଲ କୃଷ୍ଣଦାସ କବିରାଜ ଗୋସ୍ୱାମୀ ସ୍ୱରଚିତ ଶ୍ରୀଚୈତନ୍ୟ ଚରିତାମୃତରେ ବର୍ଣ୍ଣନା କରାଯାଇଛି ଠାକୁର ହରିଦାସଙ୍କ ଉପରେ-'ହରିଦାସର ଗୁଣ ଗଣ ଅସଂଖ୍ୟ ଅପାର। କହେ କୋନ ଅଂଶ ବର୍ଣ୍ଣି ନେହି ପାୟ ପାର।' ଶ୍ରୀଲ ହରିଦାସ ଠାକୁରଙ୍କ ମହିମା ଅସଂଖ୍ୟ ଓ ଅପାର ତାହା କେହି ବର୍ଣ୍ଣନା କରିପାରିବେ ନାହିଁ ଅସଂଖ୍ୟ ଲୀଳା ମାନଙ୍କ ଭିତରୁ କିପରି ଏକ ବେଶ୍ୟାର ଉଦ୍ଧାର କରିଛନ୍ତି ତାହା ଶ୍ରୀଚୈତନ୍ୟ ଚରିତାମୃତରେ ରହିଛି। ହରିଦାସ ଠାକୁର ବେନାପୋଲ ଗ୍ରାମର ଶେଷ ମୁଣ୍ଡରେ ଏକ କୁଟୀର ନିର୍ମାଣ କରି କୁଟୀର ଆଗରେ ଏକ ତୁଳସୀ ଚଉରା ରଖି ତାଙ୍କ ପାଖରେ ପ୍ରତିଦିନ ୩ ଲକ୍ଷ ମହାମନ୍ତ୍ର ଜପ କରୁଥିଲେ। ସେହି ଗ୍ରାମର ଜମିଦାର ଥିଲେ ରାମଚନ୍ଦ୍ର ଖାଁ ସେ ସାଧୁ ବୈଷ୍ଣବ ମାନଙ୍କର ଘୋର ବିରୋଧୀ ଓ ଧର୍ମ ବିରୋଧୀ ସେ ଦେଖିଲା ମୁଁ ଏହି ଗ୍ରାମର ଜମିଦାର ହୋଇ ମଧ୍ୟ ଲୋକମାନେ ମତେ ଶ୍ରଦ୍ଧା ସମ୍ମାନ ନକରି ସେ ଭିକାରୁ ସାଧୁ ହରିଦାସକୁ ଭକ୍ତି କରୁଛନ୍ତି। ମୁଁ ଯଦି ତାହାର ଚରିତ୍ର ଖରାପ କରିଦିଏ ଗ୍ରାମବାସୀମାନଙ୍କ ଆଗରେ ତାହେଲେ ସେମାନେ ମତେ ସମ୍ମାନ ଦେବେ। ସେ ଠାକୁର ହରିଦାସଙ୍କ ଦୋଷ ଖୋଜିବାକୁ ଲାଗିଲା ହେଲେ ସେ କୌଣସି ଦୋଷ ହରିଦାସଙ୍କ ପାଇଲା ନାହିଁ କ'ଣ କରିବ ଭାବି ଭାବି ଶେଷରେ ଚିନ୍ତାକଲା ଗୋଟିଏ ସୁନ୍ଦରୀ ବେଶ୍ୟାକୁ ହରିଦାସଙ୍କ ପାଖକୁ ପଠାଇ ତାଙ୍କ ଚରିତ୍ର ନଷ୍ଟ କରିବ ସୁନ୍ଦରୀ ମେନକାର ଘୁଁଘୁର ଶବ୍ଦରେ ତପସ୍ୱୀ ବିଶ୍ୱାମିତ୍ରଙ୍କ ହଜାର ବର୍ଷର ତପସ୍ୟା ନଷ୍ଟ ହୋଇଥିଲା ସେହି ପରି ଦୁଇ ଦିନର ବୈରାଗୀ ହରିଦାସର କଥା ବା କ'ଣ? କାରଣ କାମି ପୁରୁଷ ନିଜ ଧନ ସମ୍ପତ୍ତିକୁ ତୁଚ୍ଛ କରି ନାରୀ ସଙ୍ଗ କରିବାକୁ ଇଚ୍ଛାକରେ।

ନାରୀର କଟାକ୍ଷ ବାଣରେ ଘାଇଲା ହୋଇ ଇନ୍ଦ୍ର ସମାନ ପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛକରି ନାରୀ ସଙ୍ଗ ପାଇବା ପାଇଁ ବ୍ୟାକୁଳିତ ହୁଏ। ଏହା ଭାବି ସବୁଠାରୁ ସୁନ୍ଦର ବେଶ୍ୟା ଲକ୍ଷେ ହୀରାକୁ ହରିଦାସ ଠାକୁରଙ୍କ ବୈରାଗୀ ଧର୍ମକୁ ନଷ୍ଟ କରିବାକୁ କହିଲା। ସେ ସୁନ୍ଦର ବେଶ୍ୟା ନିଜ ରୂପ ଯୌବନର ଗର୍ବରେ ଚୁର ହୋଇ କହିଲା ମୁଁ ତିନି ଦିନ ଭିତରେ ବୈରାଗୀ ଠାକୁର ହରିଦାସଙ୍କ ଚିତ୍ତକୁ ହରଣ କରି ଭଜନରୁ ହଟାଇ ମୋର ଠାରେ ଆସକ୍ତ କରିଦେବି। ଏହା ଶୁଣି ରାମଚନ୍ଦ୍ର ଖାଁ କହିଲା ମୁଁ ତୁମ ସହିତ ମୋର ଗୋଟେ ଦୂତକୁ ପଠାଇ ଦେବି। ସେ ତୁମ ଦୁଇଜଣକୁ ଅସଂଯତ ଅବସ୍ଥାରେ ଧରି ମୋର ପାଖକୁ ନେଇ ଆସିବ। ଏହା ଶୁଣି ଲକ୍ଷେ ହୀରା କହିଲା - ମୁଁ ଗୋଟ ଦିନ ହରିଦାସକୁ ଭୋଗ କରିସାରେ ଦ୍ୱିତୀୟ ଦିନ ତୁମେ ଦୂତ ପଠାଇବ ରାମଚନ୍ଦ୍ର ଖାଁ ଏହି କଥା ଶୁଣି ସ୍ୱୀକୃତି ଦେଲା। ସେ ଦିନ ରାତିରେ ବେଶ୍ୟା ଲକ୍ଷେ ହୀରା ସୁନ୍ଦର ଢ଼ଙ୍ଗରେ ସଜବାଜ ଭାବ ବିଭୋର ହୋଇ ଶ୍ରୀଲ ହରିଦାସ ଠାକୁରଙ୍କ ଭଜନ କୁଟୀରରେ ଯାଇ ପହଞ୍ଚିଲା। ଏହି ସମୟରେ ଠାକୁର ହରିଦାସ ଆନନ୍ଦରେ ଭାବ ବିଭୋର ହୋଇ ଶ୍ରୀ ମହାମନ୍ତ୍ର ଉଚ୍ଚାରଣ ପୂର୍ବକ ଜପ କରୁଥାନ୍ତି ଓ ଏହି ସମୟରେ ଲକ୍ଷେ ହୀରା ଦେଖିଲା କୁଟୀର ବାହାରେ ତୁଳସୀ ଚଉରା ରହିଛି ତାକୁ ସେ ପ୍ରଣାମ କଲା ଓ କୁଟୀର ଦ୍ୱାର ପାଖରେ ସେ ନାମଚର୍ଯ୍ୟ ଶ୍ରୀ ହରିଦାସଙ୍କୁ ପ୍ରଣାମ କଲା। ଶ୍ରୀନାମ ପ୍ରଭାବରୁ କିମ୍ବ ଅଭିନୟ ଦୃଷ୍ଟିରୁ ହୋଇପାରେ କିନ୍ତୁ ଶ୍ରୀ ତୁଳସୀ ଓ ବୈଷ୍ଣବ ପ୍ରବର ଶ୍ରୀଲ ହରିଦାସ ଠାକୁରଙ୍କୁ ପ୍ରଣାମ କରି ସଦା ପାପଚାର କରୁଥିବା ବେଶ୍ୟା ଭକ୍ତିର ଦୁଇ ଅଙ୍ଗକୁ ପାଳନ କରିଦେଲା। ଲକ୍ଷେ ହୀରା ଧୀରେ ଧୀରେ କୁଟୀର ଭିତରକୁ ଯାଇ ନିଜ ବସ୍ତ୍ର ଅଳ୍ପ ଖୋଲି ଅଙ୍ଗ ପ୍ରଦର୍ଶନ ପୂର୍ବକ କହିଲା ଠାକୁର ଆପଣ ବହୁତ ସୁନ୍ଦର ଆପଣଙ୍କୁ ଦେଖି କୋଉ ନାରୀ ସମ୍ଭାଳି ରହିପାରିବ ମୋର ବହୁତ ଇଛା ହେଉଛି ଆପଣଙ୍କ ଅଙ୍ଗ ସଙ୍ଗ କରିବା ପାଇଁ। ଏହା ଶୁଣି ଠାକୁର ହରିଦାସ କହିଲେ ମୁଁ ତୁମର କାମନା ଅବଶ୍ୟ ପୂର୍ଣ୍ଣ କରିବି କିନ୍ତୁ ମୋର ନିୟମିତ ନାମ ଜପ ସଂଖ୍ୟା ପୂର୍ଣ୍ଣ କରିସାରେ ତୁମେ



ଏହିଠାରେ ବସି ନାମ ଶ୍ରବଣ କର ଏହା କହି ଠାକୁର ହରିଦାସ ନାମ ଜପ କଲେ।

ଠାକୁର ହରିଦାସ ବେଶ୍ୟାର ଖରାପ ଅଭିଳାଷକୁ ଦୃଷ୍ଟି ନ ଦେଇ ତାକୁ କୃପା ପ୍ରଦାନ କଲେ ଭୁବନ ମଙ୍ଗଳକରି ଶ୍ରୀ ହରିନାମ ଶ୍ରବଣ କରାଇଲେ। ଠାକୁର ହରିଦାସଙ୍କ ଦୃଢ଼ ବିଶ୍ୱାସ ଥିଲା ହରିନାମ ଉପରେ ଯାହାକୁ ଶ୍ରବଣ କରିବା ଦ୍ୱାରା ଏହି କଳୁଷିତ ଚିନ୍ତା ରଖିଥିବା କାମିନୀ ନାରୀ ମନରୁ ସବୁ କାଳିମା ହଟିଯିବ ଓ ନିଜେ ମତେ ନାମତତ୍ତ୍ୱ, ବିଷୟରେ ଜାଣିବା ପାଇଁ ଜିଜ୍ଞାସା କରିବ। ସେ ଦିନ ସାରା ରାତି ସୁନ୍ଦରୀ ହରିଦାସଙ୍କ ପାଖରେ ବସି ପବିତ୍ର ହରିନାମ ଶ୍ରବଣ କଲା ଶୁଦ୍ଧ ଭକ୍ତ ଠାରୁ ଏହିପରି ସକାଳ ହୋଇଗଲା ନାମ ଜପ ସରିଲା ନାହିଁ ସେ ରାତିରେ ଆସିବ କହି ଚାଲିଗଲା। ସକାଳେ ରାମଚନ୍ଦ୍ର ଖାଁ ସହିତ ଦେଖକରି କହିଲା ଠାକୁର ହରିଦାସ କଥା ଦେଇଛନ୍ତି ଆଜି ମୋର ଅଭିଳାଷ ପୂର୍ଣ୍ଣ କରିବେ। ସେ ଦିନ ରାତିରେ ପୁଣି ଥରେ ସେ ଆସିଲା ହରିଦାସ କହିଲେ ଟିକେ ବସ ମୁଁ ନାମଜପ କରିସାରେ ଲକ୍ଷେ ହୀରା ବସିଲା ଓ ଶ୍ରୀହରିନାମ ଶ୍ରବଣ କଲା ଏହିପରି ସେ ଦିନ ରାତି ମଧ୍ୟ ବିତିଗଲା ହେଲେ ନାମ ଜପ ହରିଦାସ ଠାକୁରଙ୍କ ସାରିଲା ନାହିଁ ବେଶ୍ୟା ଜିଦି କରି କହିଲା ମୋର ଇଛା ତାହାଲେ ଆପଣ ପୂର୍ଣ୍ଣ କରିବେ ନାହିଁ ଠାକୁର କହିଲେ ଆଜି ହିଁ ତାହା ପୂର୍ଣ୍ଣ ହେବ ତୁମେ ରାତିରେ ଆସ। ଧନ୍ୟ ହରିଦାସ ଯେ ତାଙ୍କର ପତନ ପାଇଁ ଆସିଲା ତାର କଲ୍ୟାଣ ପାଇଁ ଏତେ ଚେଷ୍ଟା ଶ୍ରୀ ଠାକୁର ହରିଦାସଙ୍କ ମୁଖରୁ ଶ୍ରୀହରିନାମ ଶ୍ରବଣ ତୁଳସୀଙ୍କୁ ପ୍ରଣାମ ବୈଷ୍ଣବ ପ୍ରଣାମ ସହିତ ବୈଷ୍ଣବର ଭଜନ କୁଟୀରକୁ ଆସିବା ଓ ସେଠାରେ କିଛି ସମୟ ବସିବା ଯୋଗୁଁ ସେ ହରିନାମର ମଦିରା ସେ ବେଶ୍ୟା ଲକ୍ଷେ ହୀରା ଉପରେ ଚଢ଼ିଗଲା ସେ ଦିନ ରାତିରେ ଆସି ନିଦରେ ଘୁମାଇ ଘୁମାଇ ମହାମନ୍ତ୍ର ଜପ କରିବାକୁ ଲାଗିଲା। ହଠାତ୍ ସେ ଚମକି ଉଠିଲା ଏ କ'ଣ ମୁଁ କରୁଛି ମୋର ପାଟିରୁ ଏହି ଦିବ୍ୟ ନାମ କିପରି ପଶୁଛି ମୋର ମନରୁ କାମ ରୂପୀ ପାପ ଚିନ୍ତା ଚାଲି ଯାଉଛି ମୋର ସହିତ କ'ଣ ହେଉଛି ମୋ ପରି ପାପୀ ଚଣ୍ଡାଳୁଣୀକୁ ଦୟା କଲେ ଏହି ମହାପୁରୁଷ ଯାହାର ଚରିତ୍ର ମୁଁ ନଷ୍ଟ କରିବାକୁ ଆସିଥିଲି ହେଲା ସେ ମୋର ଏହି ଖରାପ ଚରିତ୍ରକୁ ଶୋଧନ କରିଦେଲେ ଏହା କହି ଠାକୁର ହରିଦାସଙ୍କ ପାଦ ତଳେ ଲମ୍ବ ହୋଇ ପଡ଼ିଗଲା ଲକ୍ଷେ ହୀରା ମୋର ଉଦ୍ଧର କର ଠାକୁର।

ତାର ଏହି ଅବସ୍ଥା ଦେଖି ଦୟା ହେଲା ହରିଦାସଙ୍କର କହିଲେ ମୁଁ ତୁମକୁ ସ୍ୱୀକାର କରିସାରିଛି ମୁଁ ଆଗରୁ ଜାଣିଥିଲି ରାମଚନ୍ଦ୍ର ଖାଁ ଏହି ଷଡ଼ଯନ୍ତ୍ର କଥା କିନ୍ତୁ ତୁମକୁ ଉଦ୍ଧାର କରିବା ପାଇଁ ମୁଁ ଏଠାରେ ରହିଥିଲି ତୁମେ ପାପ କର୍ମରେ ରୋଜଗାର କରିଥିବା ଧନକୁ ବ୍ରାହ୍ମଣ ମାନଙ୍କୁ ଦାନ ଦେଇ ଲଣ୍ଡିତ ମସ୍ତକ ହୋଇ ଧଳା ଲଉଗା ପିନ୍ଧି ଏହି କୁଟୀରରେ ଆସିରୁହ ସବୁଦିନ ତୁଳସୀ ମହାରାନୀକୁ ସେବା କରିବ ଭିକ୍ଷା କରି ଭୋଜନ କରିବ ଓ ସବୁଦିନ ଏକ ଲକ୍ଷ ହରିନାମ ଜପ କରିବ ଏହା କହି ଠାକୁର ହରିଦାସ ନାମ କୀର୍ତ୍ତନକରି ସେଠାରୁ ଅନ୍ୟତ୍ର ଚାଲିଗଲେ। ଯେଉଁ ବେଶ୍ୟାକୁ ଦେଖିଲେ ଲୋକ ସାଧୁ ବ୍ରାହ୍ମଣ ଛି ଛି କରୁଥିଲେ ଶୁଦ୍ଧ ଭକ୍ତର ସଙ୍ଗ ପାଇ ସେ ଶୁଦ୍ଧ ହୋଇଗଲା। ପରବର୍ତ୍ତୀ କାଳରେ ଅନେକ ଭଗବାନ ଭକ୍ତ ସାଧୁ ଓ ସନ୍ଥ ତାଙ୍କ ସତସଙ୍ଗ ପାଇଁ ତାଙ୍କ ପାଖକୁ ଆସିଲେ ଧନ୍ୟ ଶ୍ରୀହରିନାମ ଧନ୍ୟ ଠାକୁର ହରିଦାସ ଯାହାଙ୍କ କୃପାରୁ ବେଶ୍ୟା ଭଳି ବୃତ୍ତି କରୁଥିବା ନାରୀ ପରମ ଭାଗବତ ହୋଇଗଲା ଯାହାକୁ ସଭିଏଁ ହୀରା ବାଇ ବୋଲି ଭକ୍ତି ଶ୍ରଦ୍ଧାରେ ଡାକିବାକୁ ଲାଗିଲେ ଯେପରି ମଳୟ ପବନ ବହିଲେ ଲିମ୍ବଗଛ ଦିବ୍ୟ ଚନ୍ଦନ ବୃକ୍ଷରେ ପରିଣତ ହୁଏ ସେହିପରି ସାଧୁସଙ୍ଗ ରୂପୀ ମଳୟ ଲାଗି ବେଶ୍ୟା ରୂପୀ ତିକ୍ତ ସୁଗନ୍ଧ ବିହୀନ ଲିମ୍ବ ଦେହରୂପୀ ଓଲଟ ବୃକ୍ଷ ସାଧୁ ରୂପୀ ମଳୟ ପବନ ସ୍ପର୍ଶରେ ଶୀତଳ ମଳୟଗିରି ଚନ୍ଦନ ହୋଇଗଲା ସେଥିପାଇଁ ଶ୍ରୀମଦ ଭାଗବତ କହିଲେ ସାଧୁ ସଙ୍ଗତେ ସଙ୍ଗ ଯାର, ପବିତ୍ର ହୁଏ ତା ଶରୀର। ନିତାଇ ଗୌର ହରିବୋଲ।

କଟକ, ମୋବାଇଲ୍:୬୩୭୧୫୮୦୫୨୪

# ଇରାନ ଉପରେ କୁଏତ-ବାହାରିନ୍‌ର ଆକ୍ରମଣ



## ପୁଣି ଯୁଦ୍ଧ ଆରମ୍ଭ ସମ୍ଭାବନା

ତେହରାନ, ୨୭।୭: ଆମେରିକା-ଇରାନ ସଂଘର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଉପସାଗରୀୟ ଦେଶ କୁଏତ ଓ ବାହାରିନ୍ ସିଧାସଳଖ ଇରାନ ଉପରେ ବିମାନ ଆକ୍ରମଣ କରିଥିବା ସୂଚନା ସାମ୍ନାକୁ ଆସିଛି। 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍'ର ରିପୋର୍ଟକୁ ଉଦ୍ଧୃତ କରି ଏହି ଖବର ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ଉଭୟ ଦେଶ ସାଉଦି ଆରବ ସାହାଯ୍ୟରେ ଇରାନର କ୍ଷେପଣାସ୍ତ୍ର ଭଣ୍ଡାର ଓ ସୈନ୍ୟ ଠିକଣା ଉପରେ ବିମାନ ଆକ୍ରମଣ କରିଛନ୍ତି। ଏହାକୁ ଇରାନ ବିରୋଧରେ କୁଏତ ଓ ବାହାରିନ୍‌ର ପ୍ରଥମ ପ୍ରତ୍ୟକ୍ଷ ସାମରିକ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି।

ରିପୋର୍ଟରେ କୁହାଯାଇଛି, ଆକ୍ରମଣରେ ଇରାନର ଡ୍ରୋନ୍ ଓ କ୍ଷେପଣାସ୍ତ୍ରଭଣ୍ଡାର ସମେତ ଅନ୍ୟ କେତେକ ସାମରିକ ପ୍ରତିଷ୍ଠାନକୁ ନିଶାଣ କରାଯାଇଥିଲା। ଏହି ଅଭିଯାନରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗୁଇନ୍ଦା ସୂଚନା ଓ ପ୍ରତିରକ୍ଷା ସହଯୋଗ ଯୋଗାଇଥିବା ମଧ୍ୟ ରିପୋର୍ଟରେ ଦାବି କରାଯାଇଛି।

ଗତ କିଛି ସପ୍ତାହ ଧରି ଇରାନ ପକ୍ଷରୁ କୁଏତ ଓ ବାହାରିନ୍‌ରେ ଥିବା ଆମେରିକୀୟ ସାମରିକ ଘାଟିକୁ ଲକ୍ଷ୍ୟ କରି ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଆସୁଥିଲା। ଏହାର ପାଲଟା ପଦକ୍ଷେପ ସ୍ୱରୂପ ଉଭୟ ଦେଶ ଏହି ବିମାନ ଆକ୍ରମଣ କରିଥିବା କୁହାଯାଉଛି। ଇରାନର ଲଗାତାର ଆକ୍ରମଣ ପରେ ନିଜ ସୁରକ୍ଷା ପାଇଁ ଏଭଳି ପଦକ୍ଷେପ ନେବାକୁ କୁଏତ ଓ ବାହାରିନ୍ ବାଧ୍ୟ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ ରବିବାର କୁଏତ ସରକାର ଇରାନ ବିରୋଧୀ କୌଣସି ସାମରିକ ଅଭିଯାନରେ ନିଜ ସେନା କିମ୍ବା ଯୁଦ୍ଧବିମାନ ସାମିଲ ଥିବା ଖବରକୁ ଖଣ୍ଡନ କରିଛନ୍ତି।

କୁଏତ କହିଛି ଯେ, ଏହା ଆଞ୍ଚଳିକ ସ୍ଥିରତା ଓ ଶାନ୍ତିପୂର୍ଣ୍ଣ ସମାଧାନ ନୀତିରେ ଅଟଳ ରହିଛି ଓ ତାହାର ଭୂମି କିମ୍ବା ସାମରିକ ବାହିନୀକୁ କୌଣସି ଆକ୍ରମଣାତ୍ମକ ଅଭିଯାନ ପାଇଁ ବ୍ୟବହାର କରାଯାଇନାହିଁ। ଏହି ଘଟଣା ଉପସାଗରୀୟ ଅଞ୍ଚଳର ସଂଘର୍ଷକୁ ଆହୁରି ବ୍ୟାପକ କରିପାରେ ବୋଲି ଆଶଙ୍କା କରାଯାଉଛି। ଆମେରିକା, ଇରାନ ଓ ସେମାନଙ୍କ ସହଯୋଗୀ ଦେଶମାନଙ୍କ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ସମଗ୍ର ପଶ୍ଚିମ ଏସିଆର ସୁରକ୍ଷା ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିଛି।

## ହର୍ମୁଜ୍ ଓ ବାବ୍ ଏଲ୍-ମାଣ୍ଡେବରେ ଜାହାଜ ଚଳାଚଳ ହ୍ରାସ



ସାନା: ଗତ ସପ୍ତାହରୁ ୟେମେନର ହୁତିମାନେ ଲୋହିତ ସାଗର ଉପକୂଳରେ ସାଉଦି ଉପରେ ଆକ୍ରମଣ କରିବା ପରେ ବାବ୍ ଏଲ୍-ମାଣ୍ଡେବ ଦେଇ ଜାହାଜ ଯାତାୟାତ ହ୍ରାସ ପାଇଛି। କେପ୍ଲର ଜାହାଜ ଟ୍ରାକିଂ ତଥ୍ୟରୁ ଏହା ଜଣାପଡ଼ିଛି। ଆମେରିକା-ଇରାନ ଯୁଦ୍ଧ ଯୋଗୁଁ ପୂର୍ବରୁ ହର୍ମୁଜ୍ ପ୍ରଣାଳୀ ଦେଇ ତେଲ ଯୋଗାଣ ଅବରୋଧ ହୋଇଥିବାବେଳେ ଏବେ ବାବ୍ ଏଲ୍-ମାଣ୍ଡେବ ପ୍ରଣାଳୀରେ ସମାନ ସ୍ଥିତି ସୃଷ୍ଟି ହୋଇଛି। ତଥ୍ୟ ଦର୍ଶାଉଛି ଯେ, ରବିବାର ଦିନ ଏଗାରଟି ପଣ୍ୟ ଜାହାଜ ବାବ୍ ଏଲ୍-ମାଣ୍ଡେବ ପ୍ରଣାଳୀ ଦେଇ ଚଳାଚଳ କରିଛି। ଏହାକୁ ସର୍ବନିମ୍ନ ବୋଲି କୁହାଯାଉଛି। ବାବ୍ ଏଲ୍-ମାଣ୍ଡେବ ଦେଇ ଯାଉଥିବା ଜାହାଜଗୁଡ଼ିକ ମଧ୍ୟରୁ ସାତଟି ତେଲ ଟ୍ୟାଙ୍କର ଥିଲା। ଦୁଇଟି ବଡ଼ ଅଶୋଧିତ ବାହକ (ଭିଏଲସିସି) ସାଉଦି ଅଶୋଧିତ ତେଲ ଲୋଡ୍ କରିବା ପାଇଁ ୟାନବୁ ବନ୍ଦରକୁ ଯାଉଥିବାବେଳେ ତୃତୀୟଟି ଏକ ରୁଷ ସହ କାରବାର କରୁଥିବା ଜାହାଜ ବୋଲି ତଥ୍ୟ ଦର୍ଶାଉଛି। ତଥ୍ୟ ଅନୁଯାୟୀ, ଲୋହିତ ସାଗରରୁ ବାହାରିଥିବା ଚାରୋଟି ଜାହାଜ ମଧ୍ୟରେ ହଂକଂ ପତାକାଯୁକ୍ତ ଭିଏଲସିସି ନ୍ୟୁ ଏକ୍ସପ୍ଲୋରର ଥିଲା ଗୋଟିଏ ଯାହା ପୂର୍ବ ଚୀନ୍‌ର ନିଙ୍ଗବୋ ବନ୍ଦର ପାଇଁ ୨ ନିୟୁତ ବ୍ୟାରେଲ ସାଉଦି ଓ ଏମିରେଟ୍ସ ଅଶୋଧିତ ତୈଳ ବହନ କରୁଥିଲା। ଚୀନ୍ ପାଇଁ ୧ ନିୟୁତ ବ୍ୟାରେଲ ରୁଷୀୟ ଅଶୋଧିତ ତୈଳ ବହନ କରୁଥିବା ଓ ପାକିସ୍ତାନ ପାଇଁ ପ୍ରାୟ ୭୫୦ ହଜାର ବ୍ୟାରେଲ ସାଉଦି ଅଶୋଧିତ ତୈଳ ବହନ କରୁଥିବା ଦୁଇଟି ଟ୍ୟାଙ୍କର ଥିଲା।

### ଶାନ୍ତିପୂର୍ଣ୍ଣ ପ୍ରତିବାଦ ଏକ ସାମ୍ବିଧାନିକ ଅଧିକାର

## ପୁଲିସର ଅତ୍ୟାଚାର ଯଥାର୍ଥ ନୁହେଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୭।୭: ଶାନ୍ତିପୂର୍ଣ୍ଣ ଓ ଆଇନଗତ ପ୍ରତିବାଦ ସାମ୍ବିଧାନିକ ଭାବେ ସୁରକ୍ଷିତ ଥିବା ଏକ ଅଧିକାର। ପ୍ରତିବାଦ ହେଉଛି ବୋଲି ପୁଲିସର ଅତ୍ୟାଚାରକୁ ଯଥାର୍ଥ କୁହାଯାଇ ପାରିବ ନାହିଁ। ଜନ୍ତର-ମନ୍ତରରେ ପ୍ରଦର୍ଶନକାରୀଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏହା କହିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ମଧ୍ୟ କହିଛନ୍ତି ଯେ, ଆମେ ଅନ୍ୟ ବିଚାରାଧୀନ ଆବେଦନ ସହିତ କିଛି ପୁଲିସ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଦାଏର ଏକ ପୃଥକ ଆବେଦନର ଶୁଣାଣି କରିବାକୁ ଯାଉଛୁ, ଯେଉଁଥିରେ ପ୍ରତିବାଦ ସମୟରେ ସେମାନଙ୍କ ଉପରେ ଆକ୍ରମଣ ଅଭିଯୋଗ କରାଯାଇଛି। ସୁପ୍ରିମକୋର୍ଟ କହିଛି, ବିକ୍ଷୋଭ ଓ ପୁଲିସ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏକ ସ୍ପଷ୍ଟ ପ୍ରୋଟୋକଲ ରହିବା ଉଚିତ। ପ୍ରଦର୍ଶନ ପାଇଁ ଉପଯୁକ୍ତ ସ୍ଥାନ ଯୋଗାଇ ଦିଆଯିବା ଉଚିତ ଏବଂ ଅନାବଶ୍ୟକ କଟକଣା ଲଗାଯିବା ଉଚିତ ନୁହେଁ। ଯଦି ସେଠାରେ ଅସାମାଜିକ ତତ୍ତ୍ୱ ଥାଆନ୍ତି, ତେବେ ସେମାନଙ୍କୁ ଆଇନ ଅନୁଯାୟୀ ମୁକାବିଲା କରାଯାଇପାରିବ।

ଖଣ୍ଡପୀଠ କହିଛନ୍ତି ଯେ, ଗଣତନ୍ତ୍ରରେ ଶୃଙ୍ଖଳା ଅତ୍ୟନ୍ତ ଜରୁରୀ ଏବଂ କେବଳ ପ୍ରତିବାଦ ହେଲେ ପୁଲିସ ଲାଠିଚାର୍ଜ କରିବା ସମାଧାନ ନୁହେଁ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ପ୍ରତିବାଦ ସମୟରେ ପୁଲିସ ଅଧିକାରୀମାନଙ୍କ ସମେତ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ଓ ସୁରକ୍ଷା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏହି ପ୍ରସଙ୍ଗ ସହିତ ଜଡିତ ସମସ୍ତ ବିଚାରାଧୀନ ଆବେଦନଗୁଡ଼ିକୁ ଏକତ୍ର ତାଲିକାଭୁକ୍ତ କରାଯିବ ଏବଂ ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮ ତାରିଖରେ ହେବ।

## ହସ୍ପିଟାଲରୁ ରାଜଘାଟ ଗଲେ ୱାଙ୍ଗଚୁକ୍



ନୂଆଦିଲ୍ଲୀ,୨୭।୭: ପରିବେଶ କର୍ମୀ ସୋନମ ୱାଙ୍ଗଚୁକ୍ ହସ୍ପିଟାଲରୁ ଘରକୁ ଯିବା ପୂର୍ବରୁ ପତ୍ନୀ ଗୀତାଞ୍ଜଳିଙ୍କ ସହ ରାଜଘାଟ ଯାଇଛନ୍ତି। ସୋନମ ୱାଙ୍ଗଚୁକ୍ କହିଛନ୍ତି, ଗାନ୍ଧୀଙ୍କ ପଥ ଆଜି ମଧ୍ୟ ପ୍ରାସଙ୍ଗିକ। ଅହିଂସା ଓ ଶାନ୍ତି ମାଧ୍ୟମରେ ସଫଳତା ହାସଲ କରିହୁଏ। ସେ ଆହରି କହିଛନ୍ତି ଯେ, ଆପଣମାନଙ୍କୁ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ। ଏହି ୨୬ ଦିନିଆ ଉପବାସ ଓ ଆନ୍ଦୋଳନର ଶେଷରେ, ମୁଁ ପ୍ରଥମେ ବାପୁଙ୍କୁ ସ୍ମରଣ କରିବାକୁ ଓ ମୋର ଶ୍ରଦ୍ଧାଞ୍ଜଳି ଜଣାଇବାକୁ ରାଜଘାଟ ଆସିବାକୁ ଚାହୁଁଥିଲି। ମୁଁ ଦେଶକୁ କହିବାକୁ ଚାହୁଁଥିଲି ଯେ ସେ ଯେଉଁ ପଥ ଦେଖାଇଥିଲେ ତାହା ଆଜି ମଧ୍ୟ ଶହେ ବର୍ଷ ପୂର୍ବେ ଯେପରି ପ୍ରାସଙ୍ଗିକ ରହିଛି।

## ଇ-୨୦ ବିବାଦ: ଗଡକରୀ ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ



ନୂଆଦିଲ୍ଲୀ, ୨୭।୭: କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡକରୀ ସୋସିଆଲ ମିଡିଆରେ ପ୍ରସାରିତ ଡିପଫେକ୍ ଭିଡିଓ ଓ ମାନହାନିଜନକ ପୋଷ୍ଟ ବିରୋଧରେ ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏହି ପୋଷ୍ଟଗୁଡ଼ିକ ଦାବି କରୁଛି ଯେ ଗଡକରୀ ଓ ତାଙ୍କ ପରିବାର ଇ-୨୦ ଇଥାନଲରୁ ଆର୍ଥିକ ଭାବରେ ଲାଭବାନ ହୋଇଛନ୍ତି। ତାଙ୍କ ଆବେଦନରେ ଗଡକରୀ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ମେଟା ସମେତ ଅଜ୍ଞାତ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତାଙ୍କୁ ଟାର୍ଗେଟ କରି ମିଥ୍ୟା, ମାନହାନିଜନକ ବିଷୟବସ୍ତୁ ଏହି ପ୍ଲାଟଫର୍ମଗୁଡ଼ିକରେ ପ୍ରସାରିତ କରାଯାଉଥିବା ସେ ଅଭିଯୋଗ କରିଛନ୍ତି।

## ସବୁଜ ବାଣଫୁଟାକୁ ନେଇ ସରକାରୀ ସଂସ୍ଥା ମୁହାଁମୁହିଁ



ନୂଆଦିଲ୍ଲୀ, ୨୭।୭: ଦୀପାବଳି ପୂର୍ବରୁ ବାଣ ଫୁଟାଇବାକୁ ନେଇ ବିବାଦ ଦେଖାଦେଇଛି। ସବୁଜ ବାଣ ଫୁଟାଇବାକୁ ନେଇ ଦୁଇଟି କେନ୍ଦ୍ର ସରକାରୀ ସଂସ୍ଥା ମୁହାଁମୁହିଁ ହୋଇଛନ୍ତି। ଏହି ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। କୋର୍ଟ ସବୁଜ ବାଣ ଯୋଗୁଁ ହେଉଥିବା ପ୍ରଦୂଷଣ ଉପରେ ଶୁଣାଣି କରିବେ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସବୁଜ ବାଣରେ ବ୍ୟବହୃତ ବେରିୟମ ନାଇଟ୍ରେଟ୍‌କୁ ପ୍ରଦୂଷଣର କାରଣ ବୋଲି ବିଚାର କରି ଏହାର କଡ଼ା ବିରୋଧ କରିଛି। କେନ୍ଦ୍ର ସରକାର ଏବେ ଏହି ନିଷ୍ପତ୍ତି ସୁପ୍ରିମକୋର୍ଟ ଉପରେ ଛାଡି ଦେଇଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) କହିଛି ଯେ, ସବୁଜ ବାଣରେ ବ୍ୟବହୃତ ବେରିୟମ ନାଇଟ୍ରେଟ ଏକ ପ୍ରମୁଖ ପ୍ରଦୂଷଣକାରୀ ଉପାଦାନ। ତେବେ ସିଏସଆଇଆର-ଏନଇଇଆରଆଇ ସବୁଜ ବାଣରେ ଏହାର ବ୍ୟବହାରକୁ ଅନୁମୋଦନ କରିଛି। ଫଳସ୍ୱରୂପ, ପରିବେଶ ମନ୍ତ୍ରଣାଳୟ ଏହି ଦୁଇ ପକ୍ଷଙ୍କ ମଧ୍ୟରେ ଜାରି ରହିଥିବା ବିବାଦକୁ ସୁପ୍ରିମକୋର୍ଟକୁ ପଠାଇଛନ୍ତି।

## ପୁଲିସ ମାଡ଼ରେ ହାସ୍ୟାଭିନେତାଙ୍କ ଧର୍ମପତ୍ନୀ ଆହତ



ନୂଆଦିଲ୍ଲୀ, ୨୭।୭: ନିଟ୍ ପେପର୍ ଲିକ୍ ଭଳି ଗମ୍ଭୀର ପ୍ରସଙ୍ଗକୁ ନେଇ ସାରା ଦେଶରେ ଛାତ୍ରଛାତ୍ରୀମାନେ ଗତ କିଛି ଦିନ ଧରି ରାସ୍ତାକୁ ଓହ୍ଲାଇଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରସିଦ୍ଧ ହାସ୍ୟ ଅଭିନେତା ରୌନକ ରଜାନିଙ୍କ ପତ୍ନୀ ମଧ୍ୟ ସାମିଲ ଥିଲେ। ରୌନକ ରଜାନି ଏବଂ ତାଙ୍କ ପତ୍ନୀ ମୁମ୍ବାଇର ଶିବାଜୀ ପାର୍କରେ ଚାଲିଥିବା ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ। ହାସ୍ୟ ଅଭିନେତା ଏକ ଭିଡିଓ ସେୟାର କରି ପ୍ରମାଣ ସହ ଦାବି କରିଛନ୍ତି, ଯେ ମୁମ୍ବାଇ ପୁଲିସ ସେମାନଙ୍କୁ ବଳପୂର୍ବକ ଅଟକ ରଖିଛି। ସେ ଅଭିଯୋଗ କରିଛନ୍ତି ଯେ ସେମାନଙ୍କ ସହିତ ଦୁର୍ବ୍ୟବହାର କରାଯାଇଛି ଏବଂ ଏପରି କଠୋର ବ୍ୟବହାର କରାଯାଇଛି ଯେ ତାଙ୍କ ପତ୍ନୀଙ୍କ ପଞ୍ଜରା ଭାଙ୍ଗି ଯାଇଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡ଼ିଛି। ପୁଲିସ ସେମାନଙ୍କୁ ଜୋରଜବରଦସ୍ତ ଭ୍ୟାନ୍ ଭିତରକୁ ଠେଲି ଦେଇଥିଲା। ଏହି ସମୟରେ ତାଙ୍କ ବେକରେ ଆଘାତ ଲାଗିବା ସହିତ ଧର୍ମପତ୍ନୀଙ୍କ ପଞ୍ଜରାହାଡ ଭାଙ୍ଗି ଯାଇଥିଲା।

### ରାମ ମନ୍ଦିର ଦାନଚୋରି ମାମଲା

## ଯାଞ୍ଚରେ ସାମିଲ ହେବେ ଫରେନସିକ୍ ଅଡିଟର



ନୂଆଦିଲ୍ଲୀ, ୨୭।୭: ସୁପ୍ରିମକୋର୍ଟ ସୋମବାର ଉତ୍ତରପ୍ରଦେଶ ସରକାରଙ୍କୁ ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ଯାଞ୍ଚ ପାଇଁ ଗଠିତ ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍ (ଏସଆଇଟି)ରେ ଜଣେ ଫରେନସିକ୍ ଅଡିଟରଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ବିଚାରପତି ଜଷ୍ଟିସ୍ ଭି. ମୋହନାଙ୍କ ପୀଠ ଦାନ ହଡ଼ପ ଅଭିଯୋଗର ସିବିଆଇ ଯାଞ୍ଚ ଓ ମନ୍ଦିର ଟ୍ରଷ୍ଟର ଅର୍ଥ ଅଡିଟ ଦାବି ଆବେଦନ ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟରେ ଉତ୍ତରପ୍ରଦେଶ ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଫରେନସିକ୍ ଅଡିଟର ସମ୍ପର୍କରେ ଦିଆଯାଇଥିବା ପରାମର୍ଶକୁ ସ୍ୱୀକାର କରିଛନ୍ତି। ଶୁଣାଣିରେ ସର୍ବୋଚ୍ଚ ନ୍ୟାୟାଳୟ ଏସଆଇଟିକୁ ଦୁଇ ସପ୍ତାହ ମଧ୍ୟରେ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସରକାର ନ୍ୟାୟାଳୟଙ୍କୁ ସୂଚିତ କରିଛନ୍ତି ଯେ ଏସଆଇଟି ଗଠନ ଦାନ ଚୋରି ମାମଲାରେ ପୁଲିସ ଯାଞ୍ଚର ଦେଖରେଖ ନିମନ୍ତେ କରାଯାଇଛି।

# ଟ୍ରମ୍ପ କହିଲେ ମୁଁ ବିଶ୍ୱର ରକ୍ଷକ



ସେୟାର କଲେ ଏଆଇ ଚିତ୍ର

ୱାଶିଂଟନ, ୨୭।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟ୍ରୁଥ୍ ସୋସିଆଲ ପ୍ଲାଟଫର୍ମରେ ନିଜର ଅନେକ ଏଆଇ-ଜେନେରେଟେଡ୍ ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋଗୁଡ଼ିକ ଇରାନ ବିରୋଧରେ ଆମେରିକୀୟ ସୈନ୍ୟଙ୍କ ବିଜୟକୁ ଦର୍ଶାଉଛି। ଟ୍ରମ୍ପ ନିଜେ ଏକ ଇରାନୀ ତୈଳ ଟ୍ୟାଙ୍କର୍ ଜବତ କରିବା ଓ ଇରାନୀ ଦ୍ୱୀପପୁଞ୍ଜ ଉପରେ ବୋମା ମାଡ଼ କରୁଥିବାର ଦେଖାଯାଉଛି। ଟ୍ରମ୍ପ ଏହି ଫଟୋଗୁଡ଼ିକୁ ଏପରି ସମୟରେ ସେୟାର କରିଛନ୍ତି ଯେତେବେଳେ ଦୁଇ ସପ୍ତାହର ଯୁଦ୍ଧ ପରେ, ଉଭୟ ପକ୍ଷ ଏବେ ଆକ୍ରମଣ ବନ୍ଦ କରିଛନ୍ତି ଓ ଆଲୋଚନା ପୁଣି ଆରମ୍ଭ ହେବାର ଆଶା କରାଯାଉଛି। କିନ୍ତୁ ଏହି ଫଟୋଗୁଡ଼ିକ ଏକ ଭିନ୍ନ ଆଶଙ୍କା ସୃଷ୍ଟି କରିଛି। ବିଶେଷଜ୍ଞମାନେ ଏହାକୁ ଇରାନ ଉପରେ ଏକ ବଡ଼ ଆମେରିକା ଆକ୍ରମଣର ସଙ୍କେତ ଭାବରେ ଦେଖୁଛନ୍ତି। ଗୋଟିଏ ଫଟୋରେ ଟ୍ରମ୍ପଙ୍କୁ ଆମେରିକୀୟ ପତାକା ସହିତ ଏକ ଟ୍ୟାଙ୍କର୍ ଉପରେ ଠିଆ ହୋଇଥିବା ଦେଖାଯାଇଛି, ଯେତେବେଳେ ଅନ୍ୟ ଏକ ଫଟୋରେ ଖାର୍ଗ ଉପରେ ଯୁଦ୍ଧ ବିମାନ ବୋମା ମାଡ଼ କରୁଥିବା ଦେଖାଯାଇଛି। ଫଟୋରେ ଟ୍ରମ୍ପ ନିଜକୁ ବିଶ୍ୱର ରକ୍ଷକ ବୋଲି କହୁଛନ୍ତି। ଏହି ଫଟୋଗୁଡ଼ିକ ଇରାନର ତୈଳ ବାଣିଜ୍ୟକୁ ଟାର୍ଗେଟ କରିବା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ଉଦ୍ଦେଶ୍ୟକୁ ସୂଚିତ କରୁଛି, ଯାହା ସମଗ୍ର ଅଞ୍ଚଳରେ ଉତ୍ତେଜନା ବୃଦ୍ଧି କରିପାରେ ବୋଲି କୁହାଯାଉଛି।

## ଜିହାଦ ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ: ମୋଜତାବା



ତେହରାନ, ୨୭।୭: ଇରାନ ଲେବାନନ୍ ସଶସ୍ତ୍ର ଗୋଷ୍ଠୀ ହିଜବୁଲ୍ଲାକୁ ଖୋଲାଖୋଲି ସମର୍ଥନ କରିଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ମୋଜତାବା ଖେମିନି କହିଛନ୍ତି ଯେ ଆମେ ହିଜବୁଲ୍ଲା ଯୋଦ୍ଧାମାନଙ୍କର ପ୍ରତିରକ୍ଷାକୁ ଏକ ରଣନୈତିକ ଦାୟିତ୍ୱ ବୋଲି ବିବେଚନା କରୁଛୁ। ଇସ୍ରାଏଲ ବିରୋଧରେ ଲଢ଼େଇ ପାଇଁ ସେ ହିଜବୁଲ୍ଲାକୁ ପ୍ରଶଂସା କରିଛନ୍ତି। ଆମେରିକା ସହିତ ଯୁଦ୍ଧ ସମାପ୍ତ କରିବା ପାଇଁ ଯେକୌଣସି ଚୁକ୍ତିର ଅଂଶ ଭାବରେ ସେ ଲେବାନନ ବିରୋଧରେ ଇସ୍ରାଏଲର ଆକ୍ରମଣକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବି କରିଛନ୍ତି।

ସୋସିଆଲ ମିଡିଆ ଏକ୍ସର ଏକ ପୋଷ୍ଟରେ, ମୋଜତାବା ହିଜବୁଲ୍ଲା ମୁଖ୍ୟ ଶେଖ ନଇମ୍ କାସେମ୍ ଓ ଗୋଷ୍ଠୀର ଅନ୍ୟ ଯୋଦ୍ଧାମାନଙ୍କୁ ବିଶ୍ୱସ୍ତ କହି ସେମାନଙ୍କ ଧୈର୍ଯ୍ୟ, ମହାନତା ଓ ଆତ୍ମବଳିଦାନକୁ ପ୍ରଶଂସା କରିଛନ୍ତି। ମୋଜତାବା କହିଛନ୍ତି ଯେ ହିଜବୁଲ୍ଲା ସଦସ୍ୟମାନଙ୍କ ପାଖରେ ଜିହାଦ ଓ ପ୍ରତିରୋଧ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ରାସ୍ତା ନାହିଁ। କାରଣ ସେମାନଙ୍କ ଦେଶ ଉପରେ ଇସ୍ରାଏଲ ଲଗାତାର ଆକ୍ରମଣ ଜାରି ରଖିଛି।

### ଭାରତୀୟ ଥିବା ଜାହାଜ ଉପରେ ଆକ୍ରମଣ

## ୟୁକ୍ରେନ୍ ରାଷ୍ଟ୍ରଦୂତଙ୍କୁ ଭାରତର ସମନ



ନୂଆଦିଲ୍ଲୀ, ୨୭।୭: ୟୁକ୍ରେନର ଓଡେସା ବନ୍ଦର ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ପରେ ବିଦେଶ ମନ୍ତ୍ରଣାଳୟ ସୋମବାର ଭାରତରେ ଅବସ୍ଥାପିତ ୟୁକ୍ରେନର ରାଷ୍ଟ୍ରଦୂତ ଡ. ଓଲେକଜାଣ୍ଡର ପୋଲିଶଚୁକ୍‌ଙ୍କୁ ସମନ ଜାରି କରିଛି। ଏହି ଜାହାଜରେ ୪ ଜଣ ଭାରତୀୟ ନାଗରିକ ଥିଲେ। ଶନିବାର କୃଷ୍ଣସାଗରରେ ଓଡେସା ବନ୍ଦର ନିକଟରେ ଏମ୍‌ଭି ଏଜିଏନ୍ ରାଗନାର ଉପରେ ଆକ୍ରମଣ ହୋଇଥିଲା। ରୁଷ୍-ୟୁକ୍ରେନ୍ ବିବାଦ ଆରମ୍ଭ ହେବା ପରଠାରୁ କୃଷ୍ଣସାଗରରେ ବାରମ୍ବାର ଆକ୍ରମଣ ହେଉଛି। ଜୁଲାଇ ୧୮ ତାରିଖରେ ବାଣିଜ୍ୟିକ ଜାହାଜ ଏମ୍‌ଭି ଓମୋଫ ଉପରେ ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କର ମୃତ୍ୟୁ ଘଟିଛି।

## ସମୁଦ୍ର ଫେରାଇଲା ୨୫ ଶହ ମେଟ୍ରିକ୍ ଟନ୍ ଅଳିଆ



ମୁମ୍ବାଇ, ୨୭।୭: ମନସୁନ୍ ସମୟରେ ଆରବ ସାଗର ମୁମ୍ବାଇବାସୀଙ୍କୁ ପ୍ରାୟ ୨୫୦୦ ମେଟ୍ରିକ୍ ଟନ୍ ଆବର୍ଜନା ଫେରାଇ ଦେଇଛି। ତଥ୍ୟ ଅନୁଯାୟୀ, ଖାଲି ନାଳ ଓ ଗଟରରେ ଲୋକଙ୍କ ଦ୍ୱାରା ପକାଯାଇଥିବା ଆବର୍ଜନା ବର୍ଷାଜଳ ନିଷ୍କାସନ ଡ୍ରେନ୍ ଜରିଆରେ ସମୁଦ୍ର ଭିତରକୁ ଯାଇଥିଲା। ପ୍ରବଳ ବର୍ଷା ପରେ ଆରବ ସାଗରର ଉଚ୍ଚ ଲହରୀ ଏହି ସବୁ କୁଟା-କଚରାକୁ ପୁଣି କୂଳକୁ ଫିଙ୍ଗି ଦେଇଛି। ଜୁହୁ ଚୌପାଟିରେ ୧, ୮୨୪ ମେଟ୍ରିକ୍ ଟନ୍, ଭର୍ସୋଭା ଚୌପାଟିରେ ୨୭୭.୬, ଦାଦର ମାହିମ ଚୌପାଟିରେ ୧୫୨, ଚିମ୍ବାଇରେ ୧୨୭.୨, ମଧ ମାର୍ଭେରେ ୪୪.୨୪, ଗୋରାଇରେ ୩୮.୮୨, ଗିରଗାଓଁ ଚୌପାଟିରେ ୩୩.୬୬ ମେଟ୍ରିକ୍ ଟନ୍ ଆବର୍ଜନା ବାହାରିଛି। ଏହି ଆବର୍ଜନା ମଧ୍ୟରେ ପ୍ଲାଷ୍ଟିକ, ଥର୍ମୋକୋଲ, କପଡ଼ା, କାଠ ଏବଂ ଘରୋଇ ବର୍ଜ୍ୟବସ୍ତୁ ସାମିଲ ରହିଛି।

## ଫୁଡ୍ ଫେଷ୍ଟିଭାଲରେ ଗୁଳିକାଣ୍ଡ, ୨ ମୃତ

ୱାଶିଂଟନ, ୨୭।୭: ଆମେରିକାର ସିଆଟେଲରେ ସବୁଠାରୁ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ସ୍ପେସ୍ ନିଡଲ୍ ନିକଟରେ ଆୟୋଜିତ ଏକ ଖାଦ୍ୟ ମହୋତ୍ସବରେ ଅଚାନକ ଗୁଳିକାଣ୍ଡ ଘଟିଛି। ଏହି ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଦୁଇ ବର୍ଷର ଶିଶୁ ସମେତ ତିନି ଜଣ ମହିଳା ଏବଂ ଜଣେ ୨୩ ବର୍ଷୀୟ ପୁରୁଷ ଆହତ ହୋଇଛନ୍ତି। ଡାକ୍ତର କହିଛନ୍ତି ଯେ ଆହତ ମହିଳାଙ୍କ ମଧ୍ୟରୁ ଜଣେ ୫୬ ବର୍ଷୀୟ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଅନୁସାରେ, ଘଟଣା ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ସିଆଟେଲ ସେଣ୍ଟରରେ ଘଟିଥିଲା। ବାର୍ଷିକ ବାଇଟ୍ ଅଫ୍ ସିଆଟେଲ ଖାଦ୍ୟ ମହୋତ୍ସବ ଚାଲିଥିଲା। ହଜାର ହଜାର ଲୋକ ଏହି ଲୋକପ୍ରିୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ହଠାତ୍ ଗୁଳିଚାଳନା ହୋଇଥିଲା।

## ନେପାଳରେ ସାମ୍ପ୍ରଦାୟିକ ହିଂସା: ଜଣେ ମୃତ



କାଠମାଣ୍ଡୁ, ୨୭।୭: ନେପାଳର କୋଶି ପ୍ରଦେଶର ସୁନସାରି ଜିଲ୍ଲାରେ ସାମ୍ପ୍ରଦାୟିକ ସଂଘର୍ଷରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୁରକ୍ଷାକର୍ମୀଙ୍କ ସମେତ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହି ଘଟଣା ପରେ ପାଞ୍ଚଟି ବଜାର ଅଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରିଛି। ନେପାଳର ସମ୍ପୃକ୍ତ ହିଂସାଗ୍ରସ୍ତ ଅଞ୍ଚଳ ବିହାର ସୀମାକୁ ଲାଗି ରହିଛି।

ସୁନସାରି ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ, ଜିଲ୍ଲାର କପ୍ତାନଗଞ୍ଜ ବଜାର, ଦିବାନଗଞ୍ଜ ଗ୍ରାମୀଣ ନଗରପାଳିକା-୩ ସହିତ ପାଞ୍ଚଟି ବଜାର ଅଞ୍ଚଳରେ ସକାଳ ସାତଟାରୁ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଟକଣା ଲାଗୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ ହିଂସା ରବିବାର ରାତିରେ ଦେବଗଞ୍ଜ ଗ୍ରାମ ପଞ୍ଚାୟତର କପ୍ତାନଗଞ୍ଜ ଅଞ୍ଚଳରେ ଆରମ୍ଭ ହୋଇଥିଲା। ଏଠାରେ ଦୁଇଟି ସମ୍ପ୍ରଦାୟର ଲୋକ ଅଲଗା ଅଲଗା ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଜଣାଯାଇଛି।

## ଭେନେଜୁଏଲା ଭୂମିକମ୍ପକୁ ନେଇ ଚାଞ୍ଚଲ୍ୟକର ତଥ୍ୟ



ନୂଆଦିଲ୍ଲୀ, ୨୭।୭: ଗତ ମାସରେ ଭେନେଜୁଏଲାରେ ଘଟିଥିବା ଦୁଇଟି ଭୟଙ୍କର ଭୂମିକମ୍ପ ଯୋଗୁଁ ହୋଇଥିବା ବ୍ୟାପକ କ୍ଷୟକ୍ଷତିର କାରଣ ବିଷୟରେ ଏବେ ଏକ ପ୍ରମୁଖ ବୈଜ୍ଞାନିକ ତଥ୍ୟ ପ୍ରକାଶ ପାଇଛି। ଭାରତର ମହାକାଶ ସଂସ୍ଥା ଇସ୍ରୋ ଏବଂ ଆମେରିକୀୟ ମହାକାଶ ସଂସ୍ଥା ନାସାର ମିଳିତ ଉପଗ୍ରହ ନିସାରରୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ବିପର୍ଯ୍ୟୟ ସମୟରେ କିଛି ସ୍ଥାନରେ ଭୂପୃଷ୍ଠ ପ୍ରାୟ ଦୁଇ ଫୁଟ ଘୁଞ୍ଚି ଯାଇଥିଲା। ରାଜଧାନୀ କାରାକାସ୍ ଏବଂ ଲା ଗୁଆଏରା ଅଞ୍ଚଳରେ ଭୂପୃଷ୍ଠ ପ୍ରାୟ ୬୦ ସେଣ୍ଟିମିଟର ବା ଦୁଇ ଫୁଟ ଘୁଞ୍ଚି ଯାଇଥିଲା। ଫଳରେ ଏଠାରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଜୁନ୍ ୨୪ ରେ ହୋଇଥିବା ଭୂମିକମ୍ପ ପୂର୍ବରୁ ଓ ପରେ ନିଆଯାଇଥିବା ଚିତ୍ରଗୁଡ଼ିକୁ ତୁଳନା କରିବା ପାଇଁ ବୈଜ୍ଞାନିକମାନେ ନିସାର ସାଟେଲାଇଟର 'ଇନସାର' ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଥିଲେ। ଏହି ପ୍ରଯୁକ୍ତିବିଦ୍ୟା ଉପଗ୍ରହ ଏବଂ ଭୂମି ମଧ୍ୟରେ ଦୂରତାରେ ମଧ୍ୟ ସୂକ୍ଷ୍ମ ପରିବର୍ତ୍ତନକୁ ଚିହ୍ନଟ କରିପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଥମ ଥର ପାଇଁ ଏକ ବଡ଼ ଭୂମିକମ୍ପ ପରେ ଭୂମି ବିସ୍ଥାପନର ସଠିକ୍ ମ୍ୟାପିଂ ପାଇଁ ନିସାରର 'ଅର୍ଜେଣ୍ଟ ରେସପନ୍ସ ସିଷ୍ଟମ' (ୟୁଆର) ବ୍ୟବହାର କରାଯାଇଥିଲା।

# ପତ୍ନୀଙ୍କୁ ୮୨୦୦ କୋଟି ଦେବେ ଦ. କୋରିଆ ବ୍ୟବସାୟୀ



ସିଓଲ, ୨୭।୭: ଦକ୍ଷିଣ କୋରିଆର ବ୍ୟବସାୟୀ ତଥା ଏସ୍‌କେ ଗ୍ରୁପର ଅଧ୍ୟକ୍ଷ ଚେ ତାଏୱୋନ୍‌ଙ୍କ ଛାଡ଼ପତ୍ର ମାମଲା ଏବେ ପୁଣି ଚର୍ଚ୍ଚାରେ। ସିଓଲ ହାଇକୋର୍ଟ ଶୁକ୍ରବାର ଏହି ମାମଲାର ଶୁଣାଣି କରି ପୂର୍ବତନ ପତ୍ନୀ ରୋ ସୋ-ୟୋଙ୍ଗଙ୍କୁ ଭାରତୀୟ ମୁଦ୍ରାରେ ପ୍ରାୟ ୮୨୦୦ କୋଟି ଟଙ୍କା ଭରଣପୋଷଣ ଆକାରରେ ଦେବାକୁ ତାଏୱୋନ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ହାଇପ୍ରୋଫାଇଲ୍ ମାମଲାକୁ ସ୍ଥାନୀୟ ମିଡିଆ 'ଶତାବ୍ଦୀର ମହଙ୍ଗା ଛାଡ଼ପତ୍ର' ନାମ ଦେଇଛି। ଅବଶ୍ୟ ତାଏୱୋନ୍ ଚାହିଁଲେ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିପାରିବେ।

୬୫ ବର୍ଷୀୟ ଚେ-ତାଏ-ୱୋନ୍ ଦକ୍ଷିଣ କୋରିଆର ଜଣେ ବଡ଼ ବ୍ୟବସାୟୀ ଓ ଏସ୍‌କେ ଗ୍ରୁପର ଅଧ୍ୟକ୍ଷ। ଏସ୍‌କେ ଗ୍ରୁପ୍‌ର ଏକ ସହାୟକ କମ୍ପାନି ଏସ୍‌କେ ହାଇନିକ୍ସ ବିଶ୍ୱର ଅଗ୍ରଣୀ ମୋମୋରି ଚିପ୍ ନିର୍ମାତାଙ୍କ ମଧ୍ୟରେ ଅନ୍ୟତମ। ଏସ୍‌କେ ହାଇନିକ୍ସ ଏଆଇ କମ୍ପ୍ୟୁଟିଂ ଜାଏଣ୍ଟ ଏନ୍‌ଭିଡିଆକୁ ଉଚ୍ଚ କ୍ଷମତାସଂପନ୍ନ ମେମୋରି ଚିପ୍ ଯୋଗାଣ କରି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ) ସେକ୍ଟରରେ ଏକ ଚର୍ଚ୍ଚିତ ନାମ ପାଲଟିଛି।

### ଶତାବ୍ଦୀର ମହଙ୍ଗା ଛାଡ଼ପତ୍ର

ପୂର୍ବତନ ପତ୍ନୀ ରୋ ସୋ-ୟୋଙ୍ଗଙ୍କୁ ୱୋନ୍ ୧୯୮୮ ମସିହାରେ ବିବାହ କରିଥିଲେ। ଦମ୍ପତିଙ୍କର ୩ ପିଲା ଅଛନ୍ତି। ମନୋମାଳିନ୍ୟ ଯୋଗୁ ସେମାନେ କିଛି ବର୍ଷ ଧରି ଅଲଗା ରହିଆସୁଥିଲେ। ତେବେ ଅନ୍ୟ ଜଣେ ମହିଳାଙ୍କ ସହ ୱୋନ୍‌ଙ୍କର ଏକ ସନ୍ତାନ ଥିବା ଦାବି କରି ୨୦୧୭ ମସିହାରେ ରୋ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ। ଏହାପରେ ଦମ୍ପତିଙ୍କ ମଧ୍ୟରେ ବୁଝାମଣା ଲାଗି ବହୁ ଉଦ୍ୟମ କରାଯାଇଥିଲା। କିନ୍ତୁ ତାହା ସଫଳ ହୋଇନଥିଲା।

ଶୁକ୍ରବାର ମାମଲାର ଶୁଣାଣି ସମୟରେ ସିଓଲ ହାଇକୋର୍ଟ କହିଥିଲେ ଯେ, ବିବାହ ଅବଧି ମଧ୍ୟରେ ଚେ ତାଏ-ୱୋନ୍‌ଙ୍କ ବ୍ୟାବସାୟିକ ସମ୍ପତ୍ତି ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଥିଲା। ଏହି ସମୟରେ ରୋ ସୋ-ୟୋଙ୍ଗ ପିଲାଙ୍କ ଲାଳନପାଳନ ଓ ସାମାଜିକ ଦାୟିତ୍ୱବୋଧକୁ ତୁଲାଇ ତାଏୱୋନ୍‌ଙ୍କ ସଫଳତାରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ। ସେହି ଆଧାରରେ ତାଙ୍କୁ ୱୋନ୍‌ଙ୍କର ସମ୍ପତ୍ତିର ଏକ ବଡ଼ ଅଂଶ ମିଳିବା ଉଚିତ। ଏସ୍‌କେ ଗ୍ରୁପ୍‌ରେ ୱୋନ୍‌ଙ୍କର ଅଂଶଧନ ପ୍ରାୟ ୫.୫ ବିଲିଅନ ଡଲାର। ପୂର୍ବରୁ ସିଓଲ ହାଇକୋର୍ଟ ୨୦୨୪ରେ ଏହି ମାମଲାର ଶୁଣାଣି କରି ରୋ'ଙ୍କୁ ପ୍ରାୟ ୯,୧୩୦ କୋଟିର ଭରଣପୋଷଣ ଦେବାକୁ ୱୋନ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିକଟରେ ସୁପ୍ରିମକୋର୍ଟ ସିଓଲ ହାଇକୋର୍ଟଙ୍କୁ ସେହି ରାୟ ସଂପର୍କରେ ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

# ସ୍ୱାମୀଜୀଙ୍କ ନାଁରେ ହେବ ଫୁଲବାଣୀ ମେଡିକାଲ କଲେଜ

**ଭୁବନେଶ୍ୱର, ୨୭।୭ (ସଂଚାର ବ୍ୟୁରୋ):** କନ୍ଧମାଳର ସନ୍ଥ, ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଅମ୍ଳାନ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ତଥା କନ୍ଧମାଳର ଜନଜାତିଙ୍କ ପାଇଁ ତାଙ୍କ ସେବା ଓ ତ୍ୟାଗକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କନ୍ଧମାଳରେ ପ୍ରତିଷ୍ଠିତ 'ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ଫୁଲବାଣୀ'କୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ


ଜଳେସପଟ୍ଟା ଆଶ୍ରମର ଐତିହ୍ୟର ସୁରକ୍ଷା ପାଇଁ ୧୩ କୋଟି

କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ଏହା ସହିତ ଜଳେସପଟ୍ଟାରେ ଥିବା ତାଙ୍କର ଆଶ୍ରମ, ଆଶ୍ରମ ସ୍କୁଲ ଏବଂ କନ୍ୟାଶ୍ରମର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସ୍ୱାମୀଜୀଙ୍କ ଆଶ୍ରମର ଐତିହ୍ୟକୁ ସୁରକ୍ଷିତ ତଥା ସ୍ମରଣୀୟ କରିବା ପାଇଁ ଏହି ଅର୍ଥ ବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ ୫ କୋଟି ଟଙ୍କା ବିନିଯୋଗରେ ଛାତ୍ରୀମାନଙ୍କ ପାଇଁ ୩୦୦ ଆସନ ବିଶିଷ୍ଟ ଏକ ଛାତ୍ରୀ ନିବାସ ପ୍ରତିଷ୍ଠା କରାଯିବ। ୩ କୋଟି ଟଙ୍କା ବିନିଯୋଗରେ ସ୍ୱାମୀଜୀଙ୍କ ଐତିହ୍ୟ ସ୍ଥଳର ସଂରକ୍ଷଣ କରାଯିବ। ଏଥିସହ ଜଳେସପଟ୍ଟା ଆଶ୍ରମ, ଆଶ୍ରମ ସ୍କୁଲ ଓ କନ୍ୟାଶ୍ରମ ଛାତ୍ରୀ ନିବାସକୁ ଜଳ ଯୋଗାଣ ପାଇଁ ୬୦ ଲକ୍ଷ ଟଙ୍କାରେ ଏକ ମେଗା ରିଭର ଲିଫ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଆହୁରି ଶୌଚାଳୟ ନିର୍ମାଣ, ଛାତ୍ରୀ ନିବାସ ପାଇଁ ଅତିରିକ୍ତ ଗୃହ ନିର୍ମାଣ, ପ୍ରାଚୀର ନିର୍ମାଣ, ଶ୍ରେଣୀଗୃହ, ହଷ୍ଟେଲ ବିଲ୍ଡିଂର ନବୀକରଣ ଆଦି ପାଇଁ ମଧ୍ୟ ଅର୍ଥର ବ୍ୟବସ୍ଥା କରାଯାଇଛି।

### ● ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଜ୍ଞାନେଶ୍ୱରୀ ଜିତିଲେ ରୌପ୍ୟ

**ଗ୍ଲାସ୍‌ଗୋ(ସ୍କଟ୍‌ଲ୍ୟାଣ୍ଡ) ୨୭।୭:** ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଆଜି ଭାରତ ପାଇଁ ଭାରୋତ୍ତୋଳନରେ ପଦକ ଜିତିଛନ୍ତି ଜ୍ଞାନେଶ୍ୱରୀ ଯାଦବ। ସେ ମହିଳା ୫୩ କିଗ୍ରା ଓଜନ ବର୍ଗରେ ରୌପ୍ୟ ପଦକ ହାସଲ କରିବା ସହ ଚଳିତ ସଂସ୍କରଣରେ ଦେଶ ପାଇଁ ପଞ୍ଚମ ପଦକ ଜିତିଛନ୍ତି। ଏଥିସହ ପ୍ରତିଯୋଗିତାର ୨୩ତମ ସଂସ୍କରଣରେ ଜ୍ଞାନେଶ୍ୱରୀ ଚତୁର୍ଥ ଭାରୋତ୍ତୋଳକ ଭାବେ ଏହି ପଦକଟି ହାସଲ କରିଛନ୍ତି। ଏହା ପୂର୍ବରୁ ରିଶିକାନ୍ତ ସିଂହ ରୌପ୍ୟ, ମୀରାବାଈ ଚାନୁ (ସ୍ୱର୍ଣ୍ଣ) ଓ ରାଜା ମୁଥୁପାଣ୍ଡି (ରୌପ୍ୟ) ପଦକ ହାସଲ କରିସାରିଛନ୍ତି। ୨୩ ବର୍ଷୀୟା ଜ୍ଞାନେଶ୍ୱରୀ ଆଜି ମୋଟ ୧୯୯ କିଗ୍ରା ଓଜନ ଉଠାଇଥିଲେ। ଏଥିମଧ୍ୟରୁ ସେ ସ୍ନାଚ୍‌ରେ ୮୮ କିଗ୍ରା ଏବଂ କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୧ କିଗ୍ରା ଉତ୍ତୋଳନ କରିଥିଲେ।




## ବିଜେପିର ତିରଙ୍ଗା ଯାତ୍ରା

**କୋଲକାତା,୨୭।୭ (ସଂଚାର ବ୍ୟୁରୋ):** ବିଜେପି ଶିଆଲଦାରୁ ଧର୍ମତଲା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଆୟୋଜନ କରିଛି, ଯେଉଁଥିରେ ଦଳୀୟ କର୍ମୀ ଏବଂ ସମର୍ଥକମାନେ ଜାତୀୟ ପତାକା ଧରି ଅଂଶଗ୍ରହଣ କରିଥିଲେ। ଅନ୍ୟପଟରେ, ବିଜେପି ଗୋଲପାର୍କରୁ ଯାଦବପୁର ପର୍ଯ୍ୟନ୍ତ ଆଉ ଏକ 'ତିରଙ୍ଗା ଯାତ୍ରା' (ତ୍ରିରଙ୍ଗା ଯାତ୍ରା) ଆୟୋଜନ କରିଥିଲା। ଗତ ଶୁକ୍ରବାର କୋଲକାତାରେ ବାମପନ୍ଥୀ ସଂଗଠନଗୁଡ଼ିକ ଦ୍ୱାରା ଏକ ଶୋଭାଯାତ୍ରା ସମୟରେ ଘଟିଥିବା ଅଶାନ୍ତିର ପ୍ରତିବାଦରେ ବିଜେପି ଦ୍ୱାରା ଏହି ଶୋଭାଯାତ୍ରାଗୁଡ଼ିକର ଆୟୋଜନ କରାଯାଇଥିଲା।

## ଘର ଭିତରୁ ମହିଳାଙ୍କ ମୃତଦେହ ଉଦ୍ଧାର

**କୋଲକାତା,୨୭।୭(ସଂଚାର ବ୍ୟୁରୋ):** ପାଂସକୁଡ଼ାରେ ଏକ ଘରୁ ଜଣେ ମହିଳାଙ୍କ ରକ୍ତ ଜୁଡ଼ୁବୁଡ଼ୁ ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣାରେ ପାଂସକୁଡ଼ା ଥାନା ପୁଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ମହିଳା ସାଧାରଣତଃ ଘରେ ଏକା ରହୁଥିଲେ। ରବିବାର ବିଳମ୍ବିତ ରାତିରେ ଘର ଭିତରେ ତାଙ୍କର ରକ୍ତ ଜୁଡ଼ୁବୁଡ଼ୁ ମୃତଦେହ ମିଳିଥିଲା। ପୁଲିସ ସୋମବାର ସକାଳେ ଏହାକୁ ଉଦ୍ଧାର କରିଛି। ପୂର୍ବ ମେଦିନୀପୁରର ପାଂସକୁଡ଼ା ଥାନା ଅନ୍ତର୍ଗତ ଜୟକୃଷ୍ଣପୁର ଅଞ୍ଚଳରେ ଏହି ଘଟଣା ଘଟିଛି।

## ବର୍ଦ୍ଧମାନ ମନ୍ଦିରରେ ଚୋରି ମାମଲା, ୨ ଗିରଫ

**କୋଲକାତା,୨୭।୭(ସଂଚାର ବ୍ୟୁରୋ):** ବର୍ଦ୍ଧମାନର ସର୍ବମଙ୍ଗଳା ମନ୍ଦିରରେ ଚୋରି ଘଟଣାରେ ବର୍ଦ୍ଧମାନ ଥାନାର ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ମହମ୍ମଦ ଆଲମଗିର ସର୍ଦ୍ଦାର ଏବଂ ନଜିରୁଲ ମଣ୍ଡଳ। ପୁଲିସ ସୂତ୍ର ଅନୁଯାୟୀ, ମହମ୍ମଦ ଆଲମଗିର ସର୍ଦ୍ଦାର ଉତ୍ତର ୨୪ ପ୍ରଗଣାର ଅଶୋକନଗର ଥାନା ଅନ୍ତର୍ଗତ ସବଜପୁରର ବାସିନ୍ଦା, ଅନ୍ୟପଟେ ନଜିରୁଲ ମଣ୍ଡଳ ସେହି ଜିଲ୍ଲାର ଆମଡାଙ୍ଗା ଥାନା ଅନ୍ତର୍ଗତ ଶିକିରା ଗ୍ରାମର ବାସିନ୍ଦା। ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୩(୨) ଅନୁଯାୟୀ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଥିଲା।

## ଗୋରୁ, ମଇଁଷି ଚୋରା ଚାଲାଣ: ୬ ଗିରଫ

**କୋଲକାତା, ୨୭।୭ (ସଂଚାର ବ୍ୟୁରୋ):** ରବିବାର ରାତିରେ ପୁଲିସ ଅଣ୍ଡାଲ ଓ ଦୁର୍ଗାପୁରର ୧୯ ନମ୍ବର ଜାତୀୟ ରାଜପଥରେ ଏକ ଅଭିଯାନ ସମୟରେ ଗୋରୁ, ମଇଁଷି ବୋଝେଇ ଦୁଇଟି ଟ୍ରକ୍‌କୁ ଅଟକାଇଥିଲା। ଗାଡ଼ିଗୁଡ଼ିକରୁ ୪୦ରୁ ଅଧିକ ଗୋରୁ, ମଇଁଷି ଓ ବାଛୁରୀ ଉଦ୍ଧାର କରାଯିବା ସହ ଛଅ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ବ୍ୟକ୍ତିମାନଙ୍କୁ ସୋମବାର ସକାଳେ ଦୁର୍ଗାପୁର ମହକୁମା ଅଦାଲତରେ ହାଜର କରାଯାଇଥିଲା।

## ଶ୍ରୀଲେଖାଙ୍କ ବିରୋଧରେ ୩ ଥାନାରେ ଅଭିଯୋଗ



**କୋଲକାତା,୨୭।୭(ସଂଚାର ବ୍ୟୁରୋ):** ସୋମବାର ଟଲିଉଡ୍ ଅଭିନେତ୍ରୀ ଶ୍ରୀଲେଖାଙ୍କ ବିରୋଧରେ ତିନୋଟି ଅତିରିକ୍ତ ଥାନାରେ ଅଭିଯୋଗ ଦାଖଲ କରାଯାଇଛି। ଜିଲ୍ଲା ବିଜେପି ୟୁନିଟ୍ ଦ୍ୱାରା ପୁରୁଲିଆ ସଦର ଥାନାରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା ଏବଂ ମୁର୍ଶିଦାବାଦ (ବହରମପୁର) ସାଂଗଠନିକ ଜିଲ୍ଲା ବିଜେପି ଦ୍ୱାରା ଅନ୍ୟ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ କୋଲକାତାରେ ଏକ ପ୍ରତିବାଦ ଶୋଭାଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ 'ଗୁଣ୍ଡା' ପ୍ରତିଛବି ପ୍ରଦର୍ଶନ କରିଥିବା ଅଭିଯୋଗ ପରେ ରବିବାର ଆନନ୍ଦପୁର ଓ ବିଧାନନଗରର ସାଇବର ଥାନାରେ ଅଭିନେତ୍ରୀ ଶ୍ରୀଲେଖା ମିତ୍ରଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ କରାଯାଇଥିଲା।

## ଦୁର୍ଗାପୁରରେ ଏନ୍‌ଆଇଏର ଚଢ଼ାଉ

**କୋଲକାତା,୨୭।୭(ସଂଚାର ବ୍ୟୁରୋ):** ସୋମବାର ସକାଳେ ଏନ୍‌ଆଇଏର ଏକ ଦଳ ଦୁର୍ଗାପୁରର ୧୩ ନମ୍ବର ୱାର୍ଡର ମୁଖ୍ୟ ଫାଟକ ନିକଟରେ ଥିବା ନ୍ୟୁ ଷ୍ଟିଲ୍ ପାର୍କର ଏକ ଘରେ ଚଢ଼ାଉ କରିଥିଲେ। ସୂତ୍ର ଅନୁଯାୟୀ, ଡିଏସ୍‌ପି ର‍୍ୟାଙ୍କ୍ ଅଧିକାରୀଙ୍କ ନେତୃତ୍ୱରେ ଏକ ଛଅ ଜଣିଆ ଦଳ ସ୍ଥାନୀୟ ବାସିନ୍ଦା ଗୋଲାମ ଜାମାଙ୍କ ବାସଭବନରେ ପହଞ୍ଚିଥିଲେ। ପୁଲିସ ସମଗ୍ର ଘରକୁ ଘେରାବନ୍ଦୀ କରି ରଖିଥିଲା। ତେବେ ଚଢ଼ାଉର କାରଣ ଅସ୍ପଷ୍ଟ ରହିଛି। ବାସିନ୍ଦା ଗୋଲାମ ଜାମା ଜଣେ ଶ୍ରମିକ ଯୋଗାଣକାରୀ ଭାବରେ କାମ କରନ୍ତି। ସୂତ୍ର ଅନୁସାରେ, ସେ ଦେଶ ଭିତରେ ଏବଂ ବିଦେଶରେ ପ୍ରକଳ୍ପ ପାଇଁ ଶ୍ରମିକ ଯୋଗାଣ କରନ୍ତି। ଜାଣିବାକୁ ମିଳିଛି ଯେ ଗୋଲାମ ଜାମା ମୂଳତଃ ଛତିଶଗଡ଼ର। ସେ ଦୁର୍ଗାପୁର ଘରେ ଭଡ଼ାଟିଆ ଭାବରେ ରହୁଥିଲେ। ଦୁର୍ଗାପୁରରେ ପହଞ୍ଚିବା ପରେ ସେ ନ୍ୟୁ ଷ୍ଟିଲ ପାର୍କର ଜଣେ ମହିଳାଙ୍କୁ ବିବାହ କରିଥିଲେ। ସ୍ଥାନୀୟ ସୂତ୍ର ଅନୁଯାୟୀ, ସେ, ତାଙ୍କ ସ୍ତ୍ରୀ ଓ ଦୁଇ ପିଲାଙ୍କ ସହିତ ଚାରି ବର୍ଷରୁ ଅଧିକ ସମୟ ଧରି ସେହି ଘରେ ରହୁଥିଲେ। ପଡ଼ୋଶୀମାନେ ଦାବି କରିଛନ୍ତି ଯେ, ସେ ସ୍ଥାନୀୟ ଅଞ୍ଚଳର ସ୍ଥାନୀୟ ବାସିନ୍ଦାଙ୍କ ସହ ବହୁତ କମ୍ ମିଳାମିଶା କରୁଥିଲେ। ତାଙ୍କର ଦୁଇ ପିଲା ସ୍ଥାନୀୟ ସ୍କୁଲରେ ପଢ଼ନ୍ତି। ତେବେ ସ୍ଥାନୀୟ ଲୋକମାନେ ତାଙ୍କ ବୃତ୍ତି ବିଷୟରେ ସ୍ପଷ୍ଟ ନୁହନ୍ତି। ଜାଣିବାକୁ ମିଳିଛି ଯେ ସେ ବେଳେବେଳେ ବିଦେଶ ଯାତ୍ରା କରୁଥିଲେ। ସେ ଶ୍ରମିକ ଯୋଗାଣ କାର୍ଯ୍ୟ ପାଇଁ ମାଲେସିଆ ଏବଂ ସାଉଦି ଆରବ ଭଳି ସ୍ଥାନକୁ ଯାଉଥିଲେ। ଏନ୍‌ଆଇଏ ଦଳ ତାଙ୍କ ଘର ଭିତରେ ତଲାସି କରିବା ସହିତ ଅଧିକାରୀମାନେ ଗୋଲାମ ଓ ତାଙ୍କ ସ୍ତ୍ରୀଙ୍କୁ ପଚରାଉଚରା କରିଛନ୍ତି।

# ରାଉରକେଲା ବିମାନବନ୍ଦର ପାଇଁ ଖର୍ଚ୍ଚ ହୋଇଛି ୫୮.୯୬ କୋଟି

### ■ ସାଂସଦ ଦିଲ୍ଲୀପ ରାୟଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀଙ୍କ ସୂଚନା

**ନୂଆଦିଲ୍ଲୀ,୨୭।୭:** ରାଉରକେଲା ବିମାନବନ୍ଦରର ବିକାଶ ପାଇଁ କେନ୍ଦ୍ର ସରକାର ୫୮ କୋଟି ୯୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍) ମାଲିକାନାରେ ଥିବା ରାଉରକେଲା ବିମାନବନ୍ଦରକୁ କେନ୍ଦ୍ର ସରକାରଙ୍କ ଉଡାନ୍ ଯୋଜନାରେ ସାମିଲ କରାଯାଇ ଏଥିପାଇଁ ଆର୍ଥିକ ବ୍ୟବସ୍ଥା କରାଯାଇଛି। ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମହଲ ଏହି ସୂଚନା ରାଜ୍ୟସଭାରେ ପ୍ରଦାନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଉଡାନ୍ ଯୋଜନାରେ ଦେଶର ବହୁ ସ୍ଥାନରେ ବିମାନବନ୍ଦର ବିକଶିତ ହୋଇଛି। କେନ୍ଦ୍ର ସରକାରଙ୍କ ଗ୍ରିନ୍‌ଫିଲ୍ଡ ଏୟାରପୋର୍ଟ ନୀତି ଅନୁଯାୟୀ ନୂଆ ବିମାନବନ୍ଦର ନିର୍ମାଣ ଓ ପୁରୁଣା ବିମାନବନ୍ଦରଗୁଡ଼ିକର ବିକାଶ ଉପରେ କେନ୍ଦ୍ର ସରକାର ଗୁରୁତ୍ୱାରୋପ କରୁଛନ୍ତି। ଯଦି କୌଣସି ରାଜ୍ୟ ଗ୍ରିନ୍‌ଫିଲ୍ଡ ଏୟାରପୋର୍ଟ ସ୍ଥାପନ କରିବାକୁ ଚାହୁଁଛନ୍ତି, ତେବେ ସେମାନେ ଏଥିପାଇଁ ଆବଶ୍ୟକ ସ୍ଥାନ ନିରୂପଣ କରିବା ସହ ପ୍ରକଳ୍ପ ସମ୍ପର୍କରେ ବୈଷୟିକ ଅନୁଧ୍ୟାନ କରି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇଥାନ୍ତି ଓ ଏହାର ଅନୁଶୀଳନ କରାଯିବା ପରେ ଆବଶ୍ୟକ ମନେ କଲେ କେନ୍ଦ୍ର ସରକାର ଅନୁମୋଦନ ଦିଅନ୍ତି।

ସାଂସଦ ଶ୍ରୀ ରାୟ କହିଛନ୍ତି ଯେ ଇସ୍ପାତ ନଗରୀ ରାଉରକେଲାରେ ଥିବା ଇସ୍ପାତ କାରଖାନାର ଆଧୁନିକୀକରଣ ସହ ଏଠାରେ ଅନ୍ୟ ଶିଳ୍ପାନୁଷ୍ଠାନର ବିକାଶ ପାଇଁ ଯୋଜନା ଚାଲୁଛି। ଏହି ପରିପ୍ରେକ୍ଷୀରେ ରାଉରକେଲାକୁ ଦେଶ ବିଦେଶରୁ ପ୍ରତିଦିନ ବହୁ ବ୍ୟକ୍ତି ଆସୁଛନ୍ତି। ରାଉରକେଲାର ବିକାଶକୁ ଆଖି ଆଗରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ରାଉରକେଲା ବିମାନବନ୍ଦରର ବିକାଶ ସହ ଏଠାରୁ ଦେଶର ବିଭିନ୍ନ ସ୍ଥାନକୁ ବିମାନ ସେବା ବ୍ୟବସ୍ଥା କରିବାକୁ ସେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବେଦାନ୍ତ ଆଲୁମିନିୟମର ବ୍ୟାପକ ସେବା କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ରଥଯାତ୍ରା ଓ ବାହୁଡ଼ା ଯାତ୍ରା-୨୦୨୬ର ସଫଳ ସମାପନ ଅବସରରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ମେଟାଲ୍ ଲିମିଟେଡ୍ ଓଡ଼ିଶା ଓ ଛତିଶଗଡ଼ରେ ବ୍ୟାପକ ସେବାମୂଳକ ପଦକ୍ଷେପ ଗ୍ରହଣ କରିଛି। ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ କମ୍ପାନୀ ପୁରୀ ଜିଲ୍ଲା ପ୍ରଶାସନକୁ ୩ ଲକ୍ଷ ପାଣି ବୋତଲ ଯୋଗାଇଥିବା ବେଳେ ସିଧାସଳଖ ଭାବେ ଭକ୍ତଙ୍କ ମଧ୍ୟରେ ୪୦ ହଜାର ଗ୍ଲୁକୋଜ ପାନୀୟ, ୧୦ ହଜାର କମ୍ୟୁନିଟି ଭୋଜନ, ୫ ହଜାର ଓଆରଏସ୍ ପ୍ୟାକେଟ ଓ ୩ ହଜାର ନିର୍ମାଲ୍ୟ (ଶୁଖିଲା ମହାପ୍ରସାଦ) ବଣ୍ଟନ କରିଛି। ଏଥିସହ ଉତ୍ସବ ପରିଚାଳନାରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ପାଇଁ ୨୦୦ରୁ ଅଧିକ ଛତା ମଧ୍ୟ ପ୍ରଦାନ କରାଯାଇଛି।

ଲାଞ୍ଜିଗଡ଼ ଓ କୋରାପୁଟ କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଧ୍ୟ ବେଦାନ୍ତ ଆଲୁମିନିୟମ ପକ୍ଷରୁ ସେବା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। କୋଡିଙ୍ଗାମାଳି ପ୍ରକଳ୍ପର ନେତୃତ୍ୱରେ ଲକ୍ଷ୍ମୀପୁର ଓ କାକିରିଗୁମାରେ ସ୍ଥାପିତ ସ୍ୱତନ୍ତ୍ର ରିଫ୍ରେଶମେଣ୍ଟ କେନ୍ଦ୍ର ମାଧ୍ୟମରେ ୪୦ ହଜାର ଗ୍ଲୁକୋଜ ପାନୀୟ ଓ ୫ ହଜାର ଓଆରଏସ୍ ପ୍ୟାକେଟ ବଣ୍ଟନ କରାଯାଇ ୩୦ ହଜାରରୁ ଅଧିକ ଭକ୍ତଙ୍କୁ ଗ୍ରୀଷ୍ମ ପ୍ରବାହ ଓ ଦୀର୍ଘ ସମୟର ଭିଡ଼ ମଧ୍ୟରେ ସ୍ୱସ୍ତି ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଛତିଶଗଡ଼ର କୋର୍ବାସ୍ଥିତ (ବାଲକୋ) ପରିସରରେ ମଧ୍ୟ ରଥଯାତ୍ରା ଉତ୍ସବ ପାଳନ କରାଯାଇଥିଲା। ଏଥିରେ ପ୍ରାୟ ୪ ହଜାର କର୍ମଚାରୀ, ବ୍ୟାବସାୟିକ ସହଯୋଗୀ ଓ ସ୍ଥାନୀୟ ସମୁଦାୟର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ପାରମ୍ପରିକ ପୂଜାର୍ଚ୍ଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆୟୋଜିତ ଭଣ୍ଡାରାରେ ୪ ହଜାରରୁ ଅଧିକ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

ଏହି ସେବା କାର୍ଯ୍ୟକ୍ରମ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି ଯେ ପବିତ୍ର ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ଆଧ୍ୟାତ୍ମିକ ପରମ୍ପରାର ପ୍ରତୀକ। ଲକ୍ଷ ଲକ୍ଷ ଭକ୍ତଙ୍କ ସେବା କରିବା ଆମ ପାଇଁ ଗୌରବର ବିଷୟ। ଶିଳ୍ପ ବିକାଶ ସହିତ ସମାଜର ସ୍ୱାସ୍ଥ୍ୟ, ସୁରକ୍ଷା ଓ କଲ୍ୟାଣ ପ୍ରତି ଆମର ସମାନ ପ୍ରତିବଦ୍ଧତା ରହିଛି। ଏହି ବହୁମୁଖୀ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ଭକ୍ତ ଏବଂ ଉତ୍ସବ ପରିଚାଳନାରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ପାଇଁ ଏକ ସୁରକ୍ଷିତ, ସୁବିଧାଜନକ ଓ ସ୍ମରଣୀୟ ଉତ୍ସବ ପରିବେଶ ସୃଷ୍ଟି କରିପାରିଥିବାରୁ ଆମେ ଆନନ୍ଦିତ।

## 'ସଂସଦ ଚଲୋ' ଶୋଭାଯାତ୍ରାରେ ହିଂସା ଘଟାଇଥିଲେ ୨୮୭୩ ଅଭ୍ୟାସଗତ ଅପରାଧୀ

**ନୂଆଦିଲ୍ଲୀ,୨୭।୭:** ଗତ ୨୦ରେ କକ୍ରୋଚ ଜନତା ପାର୍ଟି (ସିଜେପି) ଦ୍ୱାରା ଆହୂତ 'ସଂସଦ ଚଲୋ' ଶୋଭାଯାତ୍ରାରେ ଅନେକ ଅଭ୍ୟାସଗତ ଅପରାଧୀ ସାମିଲ ହୋଇଥିଲେ। ଦିଲ୍ଲୀ ପୁଲିସ ଦ୍ୱାରା ଲଗାଯାଇଥିବା କ୍ୟାମେରା ରେକର୍ଡିଂରୁ ଏହା ସ୍ପଷ୍ଟ ହୋଇଛି। ଏପରିକି ହତ୍ୟା, ଡକାୟତି, ଲୁଟପାଟ ଓ ମହିଳାଙ୍କ ବିରୋଧୀ ହିଂସା ପରି ସଙ୍ଗୀନ ଅପରାଧରେ ସମ୍ପୃକ୍ତ ଥିବା ଅପରାଧୀମାନେ ଆନ୍ଦୋଳନକୁ ଏକ ସୁଯୋଗ ଭାବେ ଗ୍ରହଣ କରି ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା, ପୁଲିସ ଉପରେ ଆକ୍ରମଣ କରିଥିବା ଦିଲ୍ଲୀ ପୁଲିସ ସୂତ୍ରରୁ ଜଣାପଡ଼ିଛି। ସିସିଟିଭିର ତଥ୍ୟକୁ ଆଧାର କରି ପୁଲିସ ପକ୍ଷରୁ ପୂର୍ବରୁ ହତ୍ୟା ଅଭିଯୋଗରେ ସମ୍ପୃକ୍ତ ଥିବା ୧୦୧ ଜଣ, ଡକାୟତି ଓ ଲୁଟପାଟ୍ ମାମଲାଭୁକ୍ତ ୨୮୪ ଜଣ ଏବଂ ମହିଳା ଓ ଶିଶୁଙ୍କ ବିରୋଧରେ ଯୌନ ନିର୍ଯାତନା ଓ ଅନ୍ୟାନ୍ୟ ଅପରାଧରେ ଅଭିଯୁକ୍ତ ୯୨ ଜଣଙ୍କୁ ଚିହ୍ନଟ କରାଯାଇଛି। ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଓ ଗାଡ଼ି ଭଙ୍ଗାରୁଜାରେ ଲିପ୍ତ ଥିବା ସିସିଟିଭିରେ ଦୃଶ୍ୟମାନ ୨,୮୭୩ ଜଣଙ୍କୁ ପୁଲିସ ଯାଞ୍ଚ କରିଛି, ଯେଉଁଥିରୁ ୯୮୯ ଜଣଙ୍କର ଜଘନ୍ୟ ଅପରାଧରେ ଗମ୍ଭୀର ଅପରାଧିକ ପୃଷ୍ଠଭୂମି ଥିବା ଜଣାପଡ଼ିଛି। ଏହି ତାଲିକାରେ ଛିନ୍‌ତାଇ ମାମଲାରେ ୧୩୫ ଜଣ, ଅସ୍ତ୍ରଶସ୍ତ୍ର ଆଇନ (ଆର୍ମସ ଆକ୍ଟ) ଅଧୀନରେ ୨୨୯ ଜଣ, ଏନ୍‌ଡିପିଏସ୍ ଆକ୍ଟ ଅଧୀନରେ ୬୭ ଜଣ ଏବଂ ଅପହରଣ ମାମଲାରେ ୧୯ ଜଣ ଅଭିଯୁକ୍ତ ଅନ୍ତର୍ଭୁକ୍ତ ରହିଛନ୍ତି। ଚିହ୍ନଟ ହୋଇଥିବା ଅନେକ ବ୍ୟକ୍ତି ଅଭ୍ୟାସଗତ ଅପରାଧୀ ବୋଲି ପୁଲିସ କହିଛି। ହତ୍ୟା ମାମଲାରେ ଅଭିଯୁକ୍ତ ୧୦୧ ଜଣଙ୍କ ମଧ୍ୟରୁ ୪୨ ଜଣଙ୍କ ବିରୋଧରେ ଦୁଇ କିମ୍ବା ତତୋଽଧିକ ଅପରାଧିକ ମାମଲା ରୁଜୁ ହୋଇଥିବା ବେଳେ ୧୨ ଜଣଙ୍କର ଅତି କମରେ ୧୦ଟି ମାମଲାର ଅପରାଧିକ ଇତିହାସ ରହିଛି। ସେହିପରି ଡକାୟତି ଓ ଲୁଟପାଟ୍ ମାମଲାରେ ୨୮୪ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୧୫୫ ଜଣଙ୍କ ବିରୋଧରେ ଏକାଧିକ ଅପରାଧିକ ମାମଲା ରହିଛି, ଯେଉଁଥିରେ ୧୦ କିମ୍ବା ତତୋଽଧିକ ମାମଲାରେ ରୁଜୁ ହୋଇଥିବା ୩୧ ଜଣ ସାମିଲ ଅଛନ୍ତି। ଏହି ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରାଯାଇଛି।

# ନିର୍ଭୁଲ ପାଠ୍ୟପୁସ୍ତକ, ଦଶହରା ଟପିଯିବ



**ଭୁବନେଶ୍ୱର,୨୭।୭:** ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ନୂଆ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଇବା ବେଳକୁ ଦଶହରା ପୂଜାଛୁଟି ସରିଯାଇଥିବ। ସେତେବେଳ ପର୍ଯ୍ୟନ୍ତ ଓଡିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ତ୍ରୁଟିପୂର୍ଣ୍ଣ ବହିଗୁଡ଼ିକୁ ସଂଶୋଧନ କରି ପାଠପଢ଼ାଇବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପକ୍ଷରେ କଷ୍ଟକର ବ୍ୟାପାର। ଗତ ଏପ୍ରିଲ ମାସରୁ ବହି ଛପା ସରିଥିବାବେଳେ ନୂଆ ଶିକ୍ଷାବର୍ଷରେ ବହି ବାଣ୍ଟିବାପରେ ଏଥିରେ ଥିବା ମାଳ ମାଳ ତ୍ରୁଟିବିଚ୍ୟୁତି ପଦାକୁ ଆସିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାକୁ ସାମାନ୍ୟ ଭୁଲ୍ କହି ଏଡାଇ ଦିଆଯାଇଥିବାବେଳେ ପରବର୍ତ୍ତୀ ସମୟରେ ନିଜେ ମୁଖ୍ୟମନ୍ତ୍ରୀ ଏହାର ସମୀକ୍ଷା କରିବା ସହିତ ବହିଗୁଡ଼ିକ ଦେଖିବାପରେ ଏହା ପଛରେ ଷଡଯନ୍ତ୍ର ରହିଛି ଏବଂ ଷଡଯନ୍ତ୍ରକାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ।

ସରକାରର ଗୋଟିଏ ଅଂଶ ତ୍ରୁଟି ସଂଶୋଧନ କରି ପଢ଼ାଇବା ଉପରେ ଗୁରୁତ୍ୱ ଦେଉଥିବାବେଳେ ଅନ୍ୟ ପଟେ ନିଜେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ନିର୍ଭୁଲ ପାଠ୍ୟପୁସ୍ତକ ଯୋଗାଯିବ ବୋଲି କହିଛନ୍ତି। ଇତି ମଧ୍ୟରେ କିଛି ଅଧିକାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ଓ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ଏବଂ କେତେକ ଏବେ ବି କାରାଗାରରେ ରହିଛନ୍ତି। ତ୍ରୁଟି ସଂଶୋଧନ ପାଇଁ ଯେଉଁ ତାଲିକା ପଠାଯାଇଥିଲା ସେଥିରେ ବି ଅନେକ ଭୁଲ୍ ଥିବା ଅଭିଯୋଗ ହେଉଛି। ଏହାଛଡା ଇଂରାଜୀ ବହିରେ ପଢିହେଉନଥିବା ଓଡିଆ ରଜଦୋଳି ଗୀତ ଏବଂ ରାଜସ୍ଥାନୀ ଲୋକଗୀତ ଆଦି ରହିଛି। ଏଭଳି ସାଂଘାତିକ ତ୍ରୁଟିକୁ ସୁଧାରିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ କ୍ଷମତା ବାହାରେ।

ଜୁନ୍ ମାସରୁ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବାବେଳେ ଏବେ ସଂଶୋଧନ କରି ନୂଆ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାର ପ୍ରକ୍ରିୟା ଆରମ୍ଭ ହୋଇଥିବା କୁହାଯାଉଛି। ତେବେ ଏବେଠାରୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ରମ ଚାଲିଲେ ପିଲାମାନଙ୍କ ହାତରେ ନୂଆ ନିର୍ଭୁଲ ପାଠ୍ୟପୁସ୍ତକ ପହଞ୍ଚିବାବେଳକୁ ଦଶହରା ଛୁଟି ପର ଅର୍ଥାତ୍ ଅକ୍ଟୋବରମାସ ଶେଷ ହୋଇଯାଇଥିବ ବୋଲି ଆଶଙ୍କା କରାଯାଉଛି। ଯେଉଁ ବିଦ୍ୟାଳୟଗୁଡ଼ିକରେ ଅଧିକ ସଂଖ୍ୟକ ଶିକ୍ଷକ ରହିଛନ୍ତି ସେଠାରେ ପାଠ୍ୟପୁସ୍ତକ ହାତରେ ସଂଶୋଧନ କରିବା ଉଦ୍ୟମ ଚାଲିଛି। ତେବେ ଯେଉଁସବୁ ସ୍ଥାନରେ ଆବଶ୍ୟକତା ଠାରୁ କମ୍ ସଂଖ୍ୟକ ଶିକ୍ଷକ ରହିଛନ୍ତି ସେଠି ସଂଶୋଧନ କରି ପାଠପଢ଼ାଇବା କାଠିକରପାଠ। ଏବେ ଅଧିକାଂଶ ଶିକ୍ଷକ ଜନଗଣନା ଓ ଏସଆଇଆର ପ୍ରକ୍ରିୟାରେ ସାମିଲ ଅଛନ୍ତି। ଏ ପରିପ୍ରେକ୍ଷୀରେ ସେମାନେ ପୁସ୍ତକ ସଂଶୋଧନ ପାଇଁ ସମୟ ନପାଇବା ସ୍ୱାଭାବିକ।

ତେବେ କିଛି କ୍ଷେତ୍ର ଅଧିକାରୀ କହୁଛନ୍ତି ଯେ ଯେଉଁ ବିଷୟଗୁଡ଼ିକ ନିର୍ଭୁଲ ରହିଛି ସେଗୁଡ଼ିକୁ ନୂଆ ବହି ଆସିବା ପର୍ଯ୍ୟନ୍ତ ପଢ଼ାଇବାରେ ବିଶେଷ କିଛି ଅସୁବିଧା ହେବନାହିଁ। ଅନ୍ୟ ପକ୍ଷରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆଶଙ୍କା କରୁଛନ୍ତି ଯେ ପୁଣିଥରେ ସମ୍ପାଦନା ପରେ ନୂଆ ବହିରେ ଯଦି ବ୍ୟାପକ ସଂଶୋଧନ ଆସେ ତେବେ ସେମାନେ ତ୍ରୁଟିପୂର୍ଣ୍ଣ ପୁରୁଣା ବହି ପଢାଇବେ କିଭଳି ? ଚଳିତବର୍ଷ ବିଜୟା ଦଶମୀ ବା ଦଶହରା ଅକ୍ଟୋବର ୨୦ ତାରିଖରେ ପଡୁଥିବାବେଳେ କୁମାରପୂର୍ଣ୍ଣିମା ସେହିମାସ ୨୬ ତାରିଖରେ ଆସୁଛି। ଅକ୍ଟୋବରମାସ ଶେଷ ପର୍ଯ୍ୟନ୍ତ ତେଣୁ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।(ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କ୍ରାଇମବ୍ରାଞ୍ଚ ତଦନ୍ତ...

ସୁରକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟି ପରଖିବା ଏବଂ ହିଂସାକାଣ୍ଡର ମୂଳ କାରଣ ଅନୁସନ୍ଧାନ କରିବାର ଦାୟିତ୍ୱ ଦିଆଯାଇଥିଲା। ତେବେ ରିପୋର୍ଟ ଦାଖଲ ହେବା ପରେ ବି ତତ୍କାଳୀନ ସରକାର ଏହାକୁ ବିଧାନସଭାରେ ଉପସ୍ଥାପନ ନ କରି ଚାପି ରଖିଥିବା ନେଇ ଦୀର୍ଘ ବର୍ଷ ଧରି ଅଭିଯୋଗ ହୋଇଆସୁଥିଲା। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ନାଇଡୁ କମିଶନ ରିପୋର୍ଟର ଖୋଳତାଡ଼ ଆରମ୍ଭ କରିଥିଲେ। ମାତ୍ର ଗୃହ ବିଭାଗରେ ସମ୍ପୃକ୍ତ ମୂଳ ଫାଇଲ ଖୋଜାଯିବା ସମୟରେ ତାହା ଗାଏବ ଥିବା ଜଣାପଡ଼ିଥିଲା।

### ସଂସଦରେ ସାର୍ବଜନୀନ...

ଲିକ୍) ବିଲ୍‌କୁ କିପରି ଅଧିକ କଠୋର ଓ ଫଳପ୍ରଦ କରାଯାଇପାରିବ, ତାହା ଉପରେ ଆଲୋଚନା କରିବା ଲାଗି ଗୃହର ଯୁବ ସାଂସଦମାନଙ୍କୁ ଦାୟିତ୍ୱ ଦେଇଥିଲା। ମାତ୍ର ବିରୋଧୀଦଳଗୁଡ଼ିକ ଦିଲ୍ଲୀ ଜନ୍ତରମନ୍ତରରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରୋଚିତ କାର୍ଯ୍ୟାନୁଷ୍ଠାନ ଉପରେ ସରକାର ଆଗ ବିବୃତ୍ତି ରଖନ୍ତୁ ବୋଲି ଦାବିକରି ଗୃହକୁ ହଟ୍ଟଗୋଳ କରିବାରୁ ଗୃହକୁ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ। ଫଳରେ ସରକାର ଆଣିବାକୁ ଚାହୁଁଥିବା ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ପରୀକ୍ଷା (ପ୍ରିଭେନସନ୍ ଅଫ୍ ଅନଫେୟାର ମିନ୍ସ) ସଂଶୋଧନ ବିଲ୍-୨୦୨୬ ନେଇ କୌଣସି ଆଲୋଚନା ହୋଇପାରି ନଥିଲା। ଅପରପକ୍ଷରେ ଆଜି ରାଜ୍ୟସଭାରେ ଜାତୀୟ ସମ୍ମାନକୁ ଅପମାନ ନିବାରଣ (ସଂଶୋଧନ) ବିଲ୍-୨୦୨୬ ଆଗତ ହେବାକୁ ଥିବା ବେଳେ ବିରୋଧୀମାନେ ତାହା ହେବାକୁ ଦେଇନାହାନ୍ତି। ବିରୋଧୀଙ୍କ ହଟ୍ଟଗୋଳ ଓ ସ୍ଲୋଗାନ ଯୋଗୁ ଉପାଧ୍ୟକ୍ଷ ହରିବଂଶ ଗୃହକୁ ଆସନ୍ତାକାଲି ଯାଏଁ ମୁଲତବୀ ଘୋଷଣା କରିଛନ୍ତି।

### ବଢୁଛି ସାଧାରଣ...

ଅଭିଯୋଗ ମଧ୍ୟରୁ ୧୪,୩୩୧ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସଫଳ ସମାଧାନ କରାଯାଇସାରିଛି। ଏଥିସହ ଜିଲ୍ଲା ସ୍ତରରେ ଜିଲ୍ଲାପାଳ ଓ ଏସ୍‌ପିମାନେ ନିୟମିତ ଭାବେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲା ସ୍ତରରେ ଗତ ଜୁନ୍ ମାସ ଶେଷ ସୁଦ୍ଧା ୨ ଲକ୍ଷ ୫୯ ହଜାର ୨୧୩ଟି ଅଭିଯୋଗର ଶୁଣାଣି ହୋଇ ୮୯ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ଏହାଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ଼ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ରୋଗୀମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀମାନଙ୍କ ଅଭିଯୋଗ ଶୁଣିଥିଲେ ମୁଖ୍ୟମନ୍ତ୍ରୀ। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ପ୍ରାୟ ୧୨ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୬.୧୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି।

### ମନ୍ତ୍ରୀ ପଦ...

କରି ତାଙ୍କର ମନୋବଳ ବଢ଼ାଇଥିଲେ। ଦଳ ପାଇଁ ତାଙ୍କର ଅବଦାନ ଓ ନୈତିକତା ଆଧାରରେ ନିଜ ଆଡୁ ଇସ୍ତଫା ଦେବାର ନିଷ୍ପତ୍ତିକୁ ସାଂସଦମାନେ ସମ୍ମାନ ଜଣାଉଥିବା ଏହି ସ୍ୱାଗତରୁ ସ୍ପଷ୍ଟ ବାରି ହୋଇପଡୁଥିଲା। ଏହି ସମୟରେ ଧର୍ମେନ୍ଦ୍ର ମଧ୍ୟ ହସି ହସି ସମସ୍ତଙ୍କ ଶୁଭେଚ୍ଛାକୁ ଗ୍ରହଣ କରିଥିଲେ ଓ ହାତ ଯୋଡ଼ି କୃତଜ୍ଞତା ଜଣାଇଥିଲେ। ଉଲ୍ଲେଖଯୋଗ୍ୟ ଯେ ସିଜେପି ସଂଗଠନର ନେତୃତ୍ୱରେ ଚାଲିଥିବା ବିଶାଳ ଛାତ୍ର ଆନ୍ଦୋଳନକୁ ଦୃଷ୍ଟିରେ ରଖି ଛାତ୍ରମାନଙ୍କ ସ୍ୱାର୍ଥ ଉଦ୍ଦେଶ୍ୟରେ ଧର୍ମେନ୍ଦ୍ର ପ୍ରଧାନ ଗତ ଶନିବାର ନିଜ ପଦରୁ ଇସ୍ତଫା ଦେଇଥିଲେ। ମନ୍ତ୍ରୀ ପଦରୁ ବିଦାୟ ନେଇଥିଲେ ହେଁ ସଂସଦର ମକର ଦ୍ୱାରରେ ତାଙ୍କୁ ମିଳିଥିବା ଏହି ଅଖଣ୍ଡ ସମର୍ଥନ ପ୍ରମାଣ କରୁଛି ଯେ ବିଜେପିର ସାଙ୍ଗଠନିକ ସ୍ତରରେ ତାଙ୍କର ସ୍ଥାନ ଏବେ ବି ବେଶ୍ ମଜବୁତ ରହିଛି।

### ବିକାଶ ପୁରୁଷଙ୍କ...

ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା, ବିଧାୟକ, ସାଂସଦଙ୍କ ସମେତ ଦଳୀୟ କର୍ମୀ ଯୋଗ ଦେବେ। ଛାତ୍ର ସମାଜକୁ ରାଷ୍ଟ୍ରବିରୋଧୀ ଶକ୍ତି କବଳରୁ ମୁକ୍ତ କରିବା ପାଇଁ ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଦେଶ ଓ ଦଳ ପାଇଁ ଉଦାହାରଣ ସୃଷ୍ଟି କରିଛନ୍ତି ଶ୍ରୀ ପ୍ରଧାନ। ଯେଉଁଥିପାଇଁ ଆଜି ତାଙ୍କୁ ସଂସଦରେ ମଧ୍ୟ ଦଳର ସବୁ ସାଂସଦ ପ୍ରଶଂସା କରିଥିଲେ। ଆସନ୍ତାକାଲି ଦଳ ପକ୍ଷରୁ ମଧ୍ୟ ତାଙ୍କୁ ଭବ୍ୟ ସ୍ୱାଗତ କରିବାକୁ ବିରାଟ ଆୟୋଜନ କରାଯିବ। ଅପରାହ୍ଣରେ ସେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜୀବନୀ ଆଧାରିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ମୃଦୁ ପାନୀୟ...

ଉତ୍ପାଦ ଉପରେ ଲେଖୁଥିବା 'ଏନର୍ଜି ଡ୍ରିଙ୍କ୍' ଶବ୍ଦକୁ ତୁରନ୍ତ ହଟାଇଦେବାର ଆବଶ୍ୟକତା ରହିଛି। ସେହିପରି ଗତ ଶୁକ୍ରବାର ଶିଳ୍ପୋଦ୍ୟୋଗୀ ପ୍ରତିନିଧିଙ୍କ ସହ ହୋଇଥିବା ଏକ ବୈଠକରେ ଏଫ୍‌ଏସ୍‌ଏସ୍‌ଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ରଜିତ ପୁନ୍‌ହାନି ମୃଦୁ ପାନୀୟ ବୋତଲ ଉପରୁ 'ଏନର୍ଜି ଡ୍ରିଙ୍କ୍' ଶବ୍ଦ ହଟିଲେ, ଏହା ବ୍ୟବସାୟକୁ ପ୍ରଭାବିତ କରିବ ବୋଲି ହେଉଥିବା ଆଲୋଚନାକୁ ଖଣ୍ଡନ କରିଛନ୍ତି। ଯଦିବା କୌଣସି କମ୍ପାନୀ ଏପରି ଅନୁଭବ କରୁଛନ୍ତି, ତା'ହେଲେ ସେମାନେ ଏହା ବିରୋଧରେ କୋର୍ଟଙ୍କ ଆଶ୍ରୟ ନେଇପାରିବେ ବୋଲି ଶ୍ରୀ ପୁନ୍‌ହାନି କହିଛନ୍ତି।

### ୧୪୦ କୋଟିର...

ଏ ସଂକ୍ରାନ୍ତରେ ଓସେପା ପକ୍ଷରୁ ଜାରି ସୂଚନାନୁସାରେ, ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ଥିବା ଜିଲ୍ଲାର ଜିଲ୍ଲାପାଳମାନେ ଉନ୍ନତିକରଣ ସକାଶେ ସୁପାରିସ୍ କରିଥିବା ବେଳେ ଏହାକୁ ପିଏବି ପକ୍ଷରୁ ମଞ୍ଜୁରୀ ଦିଆଯାଇଛି। ଉକ୍ତ ୭୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ୬୦ଟି କଳାଭିତ୍ତିକ ହୋଇଥିବା ବେଳେ ୧୧ଟି ବିଜ୍ଞାନ ଭିତ୍ତିକ ବିଦ୍ୟାଳୟ। ମଞ୍ଜୁର ହୋଇଥିବା ଅନୁଦାନ ଉକ୍ତ ବିଦ୍ୟାଳୟଗୁଡ଼ିକର କ୍ଲାସରୁମ୍, ବିଜ୍ଞାନ ପରୀକ୍ଷାଗାର ଓ ଅନ୍ୟାନ୍ୟ ଜରୁରୀ ଭିତ୍ତିଭୂମି ବିକାଶ ଦିଗରେ ବ୍ୟୟ କରାଯିବ। ଏହି ଉନ୍ନତିକରଣ ଦ୍ୱାରା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ବିଶେଷ ଫାଇଦା ପାଇବେ ବୋଲି ଆଶା କରାଯାଉଛି। ଏହିସବୁ ବିଦ୍ୟାଳୟରେ ଭିତ୍ତିଭୂମି ବିକାଶ ହେଲେ ଗ୍ରାମାଞ୍ଚଳ ଛାତ୍ରଛାତ୍ରୀମାନଙ୍କୁ ଯୁକ୍ତ ଦୁଇରେ ପଢ଼ିବା ସକାଶେ ଆଉ ଦୂରଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ ବୋଲି ଆଶା ରହିଛି।

### ପୂର୍ବତନ ମନ୍ତ୍ରୀ...

ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତରମାନେ ତାଙ୍କୁ ବଞ୍ଚାଇ ପାରିନାହାନ୍ତି। ପଶ୍ଚିମ ଓଡ଼ିଶାର ଅତି ପରିଚିତ ନାମ ଥିଲେ ସୁଶାନ୍ତ ସିଂ। ଜଣେ ପରୋପକାରୀ ଓ ସୁସଂଗଠକ ଭାବେ ତାଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ ଥିଲା। ପଶ୍ଚିମ ଓଡ଼ିଶାରେ ବିଜେଡି ସଂଗଠନକୁ ଶକ୍ତିଶାଳୀ କରିବାରେ ତାଙ୍କର ଥିଲା ଯଥେଷ୍ଟ ଅବଦାନ। ୨୦୦୯ରେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ସେ ବିଜେଡି ଟିକେଟରେ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୪ ଓ ୨୦୧୯ ରେ ମଧ୍ୟ ସେ ତାଙ୍କର ବିଜୟଧାରା ବଜାୟ ରଖିଥିଲେ। କିନ୍ତୁ ୨୦୨୪ ନିର୍ବାଚନରେ ବିଜେପି ପ୍ରାର୍ଥୀ ଇରାଶିଷ ଆଚାର୍ଯ୍ୟଙ୍କଠାରୁ ୨୭,୮୯୨ ଖଣ୍ଡ ଭୋଟରେ ସେ ହାରିଯାଇଥିଲେ। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁଶାନ୍ତଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ସେ କହିଛନ୍ତି ଯେ ତାଙ୍କ ବିୟୋଗରେ ଦଳ ଜଣେ ଦକ୍ଷ ସଙ୍ଗଠକ ତଥା ଲୋକପ୍ରିୟ ନେତାଙ୍କୁ ହରାଇଲା। ବିଜେଡିକୁ ମଜବୁତ କରିବା ସହ ଲୋକଙ୍କ ସେବାରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ସେ ଗଭୀର ସମବେଦନା ଜଣାଇଛନ୍ତି। ଶ୍ରୀ ସିଂହଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି।

### ଧର୍ମେନ୍ଦ୍ରଙ୍କ ଉଦାହରଣ...

ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୈତିକତା ଦୃଷ୍ଟିରୁ ନିଜ ପଦରୁ ଇସ୍ତଫା ଦେବା ଉଚିତ ବୋଲି ଦାବି କରିଛନ୍ତି। ଏହାପୂର୍ବରୁ ପିସିସି ସଭାପତି ଭକ୍ତ ଦାସ ମଧ୍ୟ ସାପ୍ତାହିକ ଚେତାବନୀ ଦେଇ କହିଥିଲେ ଯେ ଯଦି ମନ୍ତ୍ରୀ ସପ୍ତାହେ ଭିତରେ ଇସ୍ତଫା ନ ଦିଅନ୍ତି, ତେବେ ଓଡ଼ିଶା ବନ୍ଦ କରାଯିବ। ସେପଟେ ଜବାବରେ ପ୍ରତିକ୍ରିୟା ରଖିଛନ୍ତି ବିଜେପି ବିଧାୟକ ଲକ୍ଷ୍ମଣ ବାଗ। ସେ କହିଛନ୍ତି ଯେ ନୀତି ନୈତିକତାର ପାଠ ନ ପଢ଼ାନ୍ତୁ। ଗତ ସରକାର ସମୟରେ ଅନେକ ବିଭ୍ରାଟ ହୋଇଥିଲା। ପରୀକ୍ଷା ତ୍ରୁଟି ମଧ୍ୟ ଦେଖାଦେଇଥିଲା, ସେତେବେଳେ କେତେ ଜଣ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିଥିଲେ ? ରାଜ୍ୟ ସରକାର ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ପଦକ୍ଷେପ ନେଉଛନ୍ତି। ଇସ୍ତଫା ଦେଇଦେଲେ କୌଣସି ସମସ୍ୟାର ସମାଧାନ ହୁଏ ନାହିଁ। ସରକାର ଓ ନେତୃତ୍ୱ ସେ ଦିଗରେ ଚିନ୍ତା କରୁଛନ୍ତି ବୋଲି ଶ୍ରୀ ବାଗ କହିଛନ୍ତି।

### କେନ୍ଦ୍ର କ୍ୟାବିନେଟ୍...

କଳାହାଣ୍ଡି ସାଂସଦ ମାଳବିକା ଦେବୀ ଓ ବଲାଙ୍ଗିର ସାଂସଦ ସଙ୍ଗୀତା ସିଂହଦେଓ ବି ଆଶା ରଖିଛନ୍ତି। ମାଳବିକା ପ୍ରଥମ ଥର ଲୋକସଭାକୁ ଯାଇଥିବା ବେଳେ ଶ୍ରୀ ଷଡ଼ଙ୍ଗୀ ପୂର୍ବରୁ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ବଲାଙ୍ଗିର ସାଂସଦ ଶ୍ରୀମତୀ ସିଂହଦେଓ ବି ପୂର୍ବରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତେବେ ସବୁକିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ନିର୍ଭର କରୁଥିବା ବେଳେ ଆଶାୟୀମାନେ କିନ୍ତୁ ବିଭିନ୍ନ ସ୍ତରରେ ଲବି ଆରମ୍ଭ କରିଦେଇଛନ୍ତି। ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିଥିବା ବେଳେ ରେକର୍ଡ ସଂଖ୍ୟକ ସାଂସଦ ଜିତାଇଥିବାରୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଧିକରୁ ଅଧିକ ଭାଗ ପଡ଼ିବ ବୋଲି ଆଶା ରହିଛି। ଏହାକୁ ଆୟୁଧ କରି ରାଜ୍ୟର ପ୍ରାୟ ସବୁ ପ୍ରାନ୍ତର ସାଂସଦମାନେ ଏବେ ବିଭିନ୍ନ ସ୍ତରରେ ଲବି ଆରମ୍ଭ କରିଦେଇଛନ୍ତି। ଓଡ଼ିଶାଠୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ବିଭିନ୍ନ ନେତା ଓ ସଂଗଠନ ଜରିଆରେ ଲବି ଜୋରଦାର ହୋଇଥିବା ବେଳେ ଶେଷରେ କିଏ ସଫଳ ହେବ, ତା' ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ମରଣଯନ୍ତା ପାଲଟିଛି ବେଲବାହାଲୀ ବଜାର ରାସ୍ତା

## ବିକାଶ ନାଁରେ ପ୍ରତାରଣା

## ବଢୁଛି ଅସନ୍ତୋଷ



**ଆନନ୍ଦପୁର,୨୭।୭ (ସଂଚାର ବ୍ୟୁରୋ):** ଜାତୀୟ ରାଜପଥ ତିଆରି ହେଲା, କିନ୍ତୁ ପ୍ରତିଶୃତି ରହିଗଲା। ବର୍ଷ ବର୍ଷ ଧରି ଅବହେଳିତ ବେଲବାହାଲୀ ବଜାର ରାସ୍ତା। ଗ୍ରାମବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ନା ସରକାର ଶୁଣୁଛନ୍ତି, ନା ପ୍ରଶାସନ। ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣ ପରେ ସବୁଠୁ ଅଧିକ ଅବହେଳାର ଶିକାର ହୋଇଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ବେଲବାହାଲୀ ବଜାର ରାସ୍ତା।

ସ୍ଥାନୀୟ ଲୋକଙ୍କ ଦାବି, ୨୦ନଂ ଜାତୀୟ ରାଜପଥର ବେଲବାହାଲୀ ଓ ସିଆପଡ଼ା ବାଇପାସ୍‌କୁ ଗୋଲାଇ ବାଇପାସ୍ ଏବଂ ବେଲବାହାଲୀ ବଜାର ରାସ୍ତାକୁ ଭିଆଇପି ରୋଡ୍ ଭାବେ ବିକଶିତ କରିବାକୁ ବାରମ୍ବାର ସରକାର ଓ ପ୍ରଶାସନଙ୍କୁ ଅନୁରୋଧ କରାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଦାବି କେବଳ ଦାବିରେ ସୀମିତ ରହିଛି। ଦିନକୁ ଦିନ ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ ହେଉଛି। ଖାଲଖମାରେ ଭର୍ତ୍ତି ଏହି ରାସ୍ତାରେ ଯାତାୟାତ କରିବା ଏବେ ବିପଦପୂର୍ଣ୍ଣ ହୋଇପଡ଼ିଛି। ଛୋଟ ବଡ଼ ଦୁର୍ଘଟଣା ନିତିଦିନର ଘଟଣା ପାଲଟିଥିବା ବେଳେ ପ୍ରଶାସନର ନିରବତାକୁ ନେଇ ବଢୁଛି ଅସନ୍ତୋଷ। ବେଲବାହାଲୀ ବଜାର ଉପରେ ୫ଟି ପଞ୍ଚାୟତର ହଜାର ହଜାର ଲୋକ ନିର୍ଭରଶୀଳ। ଏଠାରେ ରହିଛି ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବେଲେଶ୍ୱର ଆଞ୍ଚଳିକ କଲେଜ ସହ ଅନେକ ଶିକ୍ଷାନୁଷ୍ଠାନ। ପ୍ରତିଦିନ ଶହ ଶହ ଛାତ୍ରଛାତ୍ରୀ, କର୍ମଚାରୀ ଓ ସାଧାରଣ ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ୍ୟ ଏହାର ମରାମତି ପ୍ରତି କାହାରି ନଜର ପଡୁନାହିଁ।

ଗ୍ରାମବାସୀଙ୍କ ସ୍ପଷ୍ଟ ଦାବି,ଆଉ ବିଳମ୍ବ ନୁହେଁ। ତୁରନ୍ତ ବେଲବାହାଲୀ ବଜାର ରାସ୍ତାର ପୁନଃନିର୍ମାଣ କରାଯାଉ ଏବଂ ଏହାକୁ ଭିଆଇପି ରୋଡ୍ ଭାବେ ବିକଶିତ କରାଯାଉ। ନଚେତ୍ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ପାଇଁ ସ୍ଥାନୀୟ ଲୋକ ଚେତାବନୀ ଦେଇଛନ୍ତି। ଦୀର୍ଘ ଦିନର ଦାବି ପରେ ଏବେ ପ୍ରଶାସନର ନିଦ ଭାଙ୍ଗିବ କି? ବେଲବାହାଲୀ ବଜାର ରାସ୍ତା କେବେ ପାଇବ ନୂଆ ରୂପ? ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ବ୍ରାଉନସୁଗର ଜବତ, ଜଣେ ଗିରଫ




**ପାରାଦ୍ୱୀପ,୨୭।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ଏସପି ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶ ଏବଂ ଅତିରିକ୍ତ ଏସପି ଶ୍ରୀ ମନେ ଅଜିଙ୍କ୍ୟ ବାବୁରାଓଙ୍କ ତତ୍ତ୍ୱାବଧାନରେ ପାରାଦ୍ୱୀପ ଲକ୍ ଥାନା ପୋଲିସ ମାଦକ ଦ୍ରବ୍ୟ ବିରୋଧରେ ଏକ ବଡ ଧରପକଡ କରିଛି। ଗୁପ୍ତ ସୂଚନା ଆଧାରରେ ଭୋର ୩.୫୦ ମିନିଟ୍ ସମୟରେ ବିଶ୍ୱାଳୀ ଗଡା ନିକଟରେ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରି ରାଜକିଶୋର ପାଣି (୨୪) କୁ ଗିରଫ କରିଥିଲା। ତା ନିକଟରୁ ୧୧.୩୪ ଗ୍ରାମ ବ୍ରାଉନ ସୁଗାରଥିବା ଗୋଟିଏ ପଲିଥିନ ପ୍ୟାକେଟ, ଗୋଟିଏ ଭିଭୋ ମୋବାଇଲଏବଂ ୧୦ଟି ନୀଳ ରଙ୍ଗର ଚିଟ୍ କାଗଜ ଜବତ କରାଯାଇଛି। ଜବତ ବ୍ରାଉନ ସୁଗାର ଆନୁମାନିକ ବଜାର ମୂଲ୍ୟ ୧ ଲକ୍ଷ ୧୦ ହଜାର ଟଙ୍କାହେବ। ଏନେଇ ପାରାଦ୍ୱୀପ ଲକ୍ ଥାନାରେ କେସ୍ ନମ୍ବର ୨୫୬, ଧାରା ୨୧(ବ)/୨୯(୧) ଏନଡ଼ିପିଏସ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

## ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

**କଳାହାଣ୍ଡି,୨୭।୭ (ସଂଚାର ବ୍ୟୁରୋ):** ଧର୍ମଗଡ଼ ବ୍ଲକ ଧଅଁରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧଅଁରପୁର ଗ୍ରାମରେ ଜଣେ ଚାଷୀ ଜଙ୍ଗଲି ଭାଲୁର ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସକାଳ ସମୟରେ ନିଜ ମକା ଚାଷ ବିଲକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଛି। ଆହତ ଚାଷୀଙ୍କୁ ଗ୍ରାମବାସୀ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି। ଆହତ ଚାଷୀ ହେଲେ ଧଅଁରପୁର ଗ୍ରାମର ରାମୁ ଅଣ୍ଟି।

ସୂଚନା ଅନୁଯାୟୀ, ରାମୁ ପ୍ରତିଦିନ ଭଳି ଆଜି ସକାଳେ ନିଜ ମକା ଚାଷ ବିଲକୁ ଫସଲର ଅବସ୍ଥା ଦେଖିବା ପାଇଁ ଯାଇଥିଲେ। ସେହି ସମୟରେ ନିକଟସ୍ଥ ଜଙ୍ଗଲରୁ ଏକ ଜଙ୍ଗଲି ଭାଲୁ ହଠାତ୍ ବାହାରି ଆସି, ତାଙ୍କ ଉପରେ ଆକ୍ରମଣ କରିଥିଲା। ଭାଲୁର ଆକ୍ରମଣରେ ରାମୁଙ୍କ ମୁଣ୍ଡ, ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବା ସୂଚନା ମିଳିଛି। ରାମୁଙ୍କ ଚିତ୍କାର ଶୁଣି ନିକଟସ୍ଥ ବିଲରେ କାମ କରୁଥିବା ଚାଷୀ ଓ ଗ୍ରାମବାସୀମାନେ ତୁରନ୍ତ ଘଟଣାସ୍ଥଳକୁ ଧାଇଁ ଯାଇଥିଲେ। ସେମାନେ ପାଟିତୁଣ୍ଡ ଓ ଶବ୍ଦ କରି ଭାଲୁକୁ ଘଉଡ଼ାଇ ରାମୁଙ୍କୁ ଉଦ୍ଧାର କରିଥିଲେ। ପରେ ୧୦୮ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତ ରାମୁଙ୍କୁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ଏହି ଘଟଣା ପରେ ଧଅଁରପୁର ଓ ଆଖପାଖ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି।

## ବାଇକ୍ ଧକ୍କାରେ ମାଙ୍କଡ଼ ଆହତ



**ବାଲିଆପାଳ, ୨୭।୭ (ସଂଚାର ବ୍ୟୁରୋ):** ପ୍ରବଳ ବର୍ଷା ଯୋଗୁଁ ସୋମବାର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବନ୍ୟଜନ୍ତୁମାନେ ମଧ୍ୟ ବିପଦରେ ପଡୁଛନ୍ତି। ବାଲିଆପାଳ ବ୍ଲକର ବାଲିକୁଟୀ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରାସ୍ତା ପାର ହେଉଥିବା ସମୟରେ ଏକ ମାଙ୍କଡ଼କୁ ଜଣେ ବାଇକ୍ ଆରୋହୀ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଛି। ସୂଚନା ଅନୁଯାୟୀ, ଲଗାଣ ବର୍ଷା କାରଣରୁ ଗଛ ଡାଳରେ ରହିବା ଅସୁବିଧା ଥିବାରୁ ମାଙ୍କଡ଼ଟି ଖାଦ୍ୟ ଓ ସୁରକ୍ଷିତ ସ୍ଥାନ ସନ୍ଧାନରେ ରାସ୍ତା ପାର ହେଉଥିଲା। ଏହି ସମୟରେ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ୍ ଆରୋହୀ ତାକୁ ଧକ୍କା ଦେଇଥିଲା।ଫଳରେ ମାଙ୍କଡ଼ଟି ଗୁରୁତର ଆହତ ହୋଇଥିଲା। ଘଟଣା ସ୍ଥଳରେ ସ୍ଥାନୀୟ ଯୁବକମାନେ ପହଞ୍ଚି ମାଙ୍କଡ଼ଟିକୁ ଉଦ୍ଧାର କରି ପ୍ରାଥମିକ ସେବା ଯୋଗାଇଥିବା ଜଣାପଡ଼ିଛି। ବନ ବିଭାଗ ତୁରନ୍ତ ଘଟଣାରେ ହସ୍ତକ୍ଷେପ କରି ଆହତ ମାଙ୍କଡ଼ର ଚିକିତ୍ସା ଓ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ଚେକ ବାଉନ୍ସ ମାମଲାରେ ମୁଦାଲା ଦଣ୍ଡିତ

**ନୀଳଗିରି,୨୭।୭ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଅଧିନସ୍ଥ ବରହମପୁର ପଂଚାୟତବରହମପୁର ଗ୍ରାମର ରସାନନ୍ଦ ସାହୁଙ୍କ ପୁତ୍ର ଜୟନ୍ତ କୁମାର ସାହୁ ସେହି ଗ୍ରାମର ବସନ୍ତ ଚୌଧୁରୀଙ୍କ ଝିଅ ସତ୍ୟଭାମା ଚୌଧୁରୀଙ୍କ ଠାରୁ ଏକ ପିକଅପ ଗାଡି କ୍ରୟ ପାଇଁ ୧୦,୪୬,୦୦୦/ଟଙ୍କା ନେଇ ସୁଝି ନଥିଲେ। ସତ୍ୟଭାମା ଉକ୍ତ ଗ୍ରାମରେ ଭଦ୍ର ଲୋକଙ୍କୁ ଡାକି ମିଟିଙ୍ଗ କରି ମୁଦାଲା ଜୟନ୍ତଙ୍କ ଠାରୁ ୪ଟି ପୋଷ୍ଟ ଚେକ ନେଇଥିଲେ। ସେଥି ମଧ୍ୟରୁ ୩ ନମ୍ବର ଚେକ ଯାହାକି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ବରହମପୁର ଶାଖା ଚେକ ନମ୍ବର ୬୯୯୩୮ତାରିଖ ୫-୧୦-୨୦୨୩ରେ ୩,୦୦୦୦୦ ଟଙ୍କାର ଚେକ୍‌ଟି ବ୍ୟାଙ୍କରେ ବାଉନ୍ସ ହୋଇଥିଲା। ପରେ ସତ୍ୟଭାମା ଚୌଧୁରୀ ନୀଳଗିରି ଏସଡିଜେମ ଅଦାଲତରେ ଆଇସିସି ୮/୨୦୨୪ ନମ୍ବର ମୋକଦମା କରିଥିଲେ। ଉକ୍ତ କେଶକୁ ବିଚାର କରି ମାନ୍ୟବର ଏସ୍‌ଡ଼ିଜେମ କୋର୍ଟର ବିଚାରପତି ମୋନାଲିସା ପଣ୍ଡା ମୁଦାଲା ଜୟନ୍ତ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ଦୋଷୀକୁ ୩,୫୦, ୦୦୦ଟଙ୍କା ଦେବାକୁ ରାୟ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ରାଶି ଅନାଦେୟ ପାଇଁ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟନାୟକ ମୋକଦମା ଲଢୁଥିବା ବେଳେ ଆଇନଜୀବି ଅମୀୟ କୁମାର ନାୟକ,ବିନୟ କୁମାର ପ୍ରଧାନ ସହଯୋଗ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ, ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ହେଲ୍ପର




**କୋରାପୁଟ,୨୭।୭ (ସଂଚାର ବ୍ୟୁରୋ):** କୋରାପୁଟ ବ୍ଲକ ଅନ୍ତର୍ଗତ ମସ୍ତିପୁଟ ପଞ୍ଚାୟତର ବାରିଗୁଡ଼ା ନିକଟ ରାସ୍ତାରେ ଏକ ମାଲବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଥିଲା ଉକ୍ତ ଗାଡ଼ିର ଡ୍ରାଇଭର ଓ ହେଲ୍ପର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ଟିକିରିରୁ ଆଲୁମିନା ପାଉଡର ବୋଝେଇ ଟ୍ରକ ଛତିଶଗଡ ରାଜ୍ୟ ଅଭିମୁଖେ ଯାଉଥିବା ସମୟରେ ବାରିଗୁଡା ନିକଟ ରାସ୍ତାରେ ଦୁର୍ଘଟଣା ଘଟିଥିଲା।ଏହି ଘଟଣା ଘଟିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ସାମାନ୍ୟ ଆହତ ହୋଇଥିବା ଡ୍ରାଇଭରଙ୍କୁ କୋରାପୁଟ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ସେଠାରେ ସେ ପ୍ରାଥମିକ ଚିକିତ୍ସା ପରେ ଘଟଣାସ୍ଥଳକୁ ଫେରି ଆସିଥିଲେ। ଏକ କାରକୁ ବଞ୍ଚେଇବାକୁ ଯାଇ ଟ୍ରକଟିର ଦୁର୍ଘଟଣା ଘଟିଥିଲା ବୋଲି ସୂଚନା ମିଳିଛି।

## ଅପରାଧ ରୋକିବାକୁ ନିଜ ଖର୍ଚ୍ଚରେ ସିସିଟିଭି ଲଗାଇଲା ଇଗଲ ଗ୍ରୁପ



**ହିଞ୍ଜିଳିକାଟୁ, ୨୭।୭ (ସଂଚାର ବ୍ୟୁରୋ):** ଗ୍ରାମର ସୁରକ୍ଷା, ଚୋରି ରୋକିବା ଏବଂ ଅପରାଧ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଅଣ୍ଟା ଭିଡ଼ିଲେ ଯୁବ ଗୋଷ୍ଠୀ । ମିଳିମିଶି ନିଜସ୍ୱ ଉଦ୍ୟମରେ ବିଭିନ୍ନ ସାହି ବା ଛକରେ ସିସିଟିଭି କ୍ୟାମେରା ଲଗାଇଛନ୍ତି । ଏହା ଦ୍ୱାରା ଗ୍ରାମରେ ଶୃଙ୍ଖଳା ରହିବା ସହ ଭୟମୁକ୍ତ ପରିବେଶ ସୃଷ୍ଟି ହୋଇଛି। ଏଭଳି ଭଲ ଘଟଣା ହିଞ୍ଜିଳିକାଟୁ ବ୍ଲକ ପୋଚିଲିମା ପଂଚାୟତ ନୂଆ ସାହିର 'ଇଗଲ' ଯୁବ ଗୋଷ୍ଠୀ ପକ୍ଷରୁ ଦେଖିବାକୁ ମିଳିଛି । ନିଜ ନିଜ ଖର୍ଚ୍ଚରେ ୧୦ରୁ ଉର୍ଦ୍ଧ୍ୱ ସିସିଟିଭି କ୍ୟାମେରା ସଂଯୋଗ କରିଛନ୍ତି । ପ୍ରାୟ ଏକ ବର୍ଷ ହେବ ଏଭଳି ମହତ୍ କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଛି ।

ସୂଚନା ଯେ , ପୋଚିଲିମା ପଂଚାୟତ ଭି. ଲୋକନାଥ, ଡ଼ି.ବାସୁଦେବ, ଭି ଶୁକଦେବ, ଏ ନାରାୟଣ ୪ ଜଣ ଯୁବକ ପେଟ ପାଟଣା ନିମନ୍ତେ ସୁଦୂର ସାଉଦି ଆରବରେ ରହୁଛନ୍ତି। ପୂର୍ବରୁ ଉକ୍ତ ଗାଁରେ ବହୁ ଚୋରି ଅଭିଯୋଗ ଆସୁଥିଲା । ଚୋରି ପରେ ଲୋକେ ପୁଲିସରେ ଅଭିଯୋଗ କରୁଥିଲେ ମଧ୍ୟ ଉକ୍ତ କଥାକୁ ପୁଲିସ ଗୁରୁତ୍ୱ ଦେଉନଥିବାରୁ ଉକ୍ତ ୪ ଜଣ ଯୁବକ ନିଜ ନିଜ ଖର୍ଚ୍ଚରେ 'ଇଗଲ' ଗ୍ରୁପ ତିଆରି କରି ନୂଆ ସାହିରେ ୧୦ରୁ ଉର୍ଦ୍ଧ୍ୱ ସିସିଟିଭି ସଂଯୋଗ କରିଛନ୍ତି । ସିସିଟିଭି ସଂଯୋଗ ପରେ ଗାଁରେ ଗଣ୍ଡଗୋଳ କମିବା ସହ ଅଚିହ୍ନା ଲୋକଙ୍କ ଉପରେ କଡ଼ା ନଜର ରଖାଯାଇଛି । କୌଣସି ଘଟଣା ଘଟିଲେ ସହଜରେ ପ୍ରମାଣ ମିଳିବା ସହ ଉକ୍ତ ସାହିରେ ୫୫ରୁ ଉର୍ଦ୍ଧ୍ୱ ପରିବାର ରହିଥିବା ବେଳେ ସେମାନେ ନିର୍ଭୟରେ ରହୁଥିବା ନେଇ ଜଣାପଡିଛି ।

ସବୁଠାରୁ ବଡ଼ କଥା ହେଉଛି ଉକ୍ତ ସାହିରେ ଛୋଟ ମୋଟ ଘଟଣାକୁ ସରପଞ୍ଚ କି ପ୍ରଶାସନିକ ଅଧିକାରୀ ବା ପୁଲିସ ଉପରେ ସାହିବାସିନ୍ଦାମାନେ ନିର୍ଭର ନକରି ସାହି ଭିତରେ ହିଁ ସମାଧାନ କରୁଛନ୍ତି ନେଇ ନଜିର ରହିଛି। ବାର ମାସରେ ତେର ପର୍ବ ଭଳି ଜାନି ଯାତ୍ରା କି ପର୍ବପର୍ବାଣୀ ମିଳିମିଶି ପାଳନ କରିଥା'ନ୍ତି । ଜଣକ ବିପଦ ପଡିଲେ ଅନ୍ୟ ଜଣେ ଆଗେଇ ଆସିଥା'ନ୍ତି। ଏହି ଘଟଣା ସ୍ଥାନୀୟ ଗ୍ରାମରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ନିଜ ଅଞ୍ଚଳର ସମସ୍ୟା ସମାଧାନ ଦିଗରେ ଯୁବକମାନଙ୍କ ସମ୍ମିଳିତ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି ।

## ଭତ୍ତା ପାଇବାରୁ ବଞ୍ଚିତ ଅସହାୟ ବିଧବା



**ଫୁଲବାଣୀ, ୨୭।୭ (ସଂଚାର ବ୍ୟୁରୋ):** ସରକାର ତରଫରୁ ଅସହାୟ ବିଧବା ମହିଳା, ବୃଦ୍ଧା ମାନଙ୍କୁ ଚଳିବା ପାଇଁ ଭତ୍ତା ପ୍ରଦାନ କରାଯାଉଛି । କିନ୍ତୁ ବୟସର ଅତିକ୍ରାନ୍ତରେ ହେଉ କିମ୍ବା ବିଧବା ଅବସ୍ଥାରେ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକୃତ ଭତ୍ତା ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ଅଧିନ ତଳଦଣ୍ଡିକା ପଞ୍ଚାୟତ ସାରୁମାହା ଗାଁରେ ।

ଏହି ଗାଁର ଅସହାୟ ବିଧବା ମହିଳା କୁରୁଡି ମଲିକ, ସ୍ୱାମୀ ଲୁଣ୍ଡି ମଲିକ ଦୀର୍ଘ ପାଞ୍ଚ ବର୍ଷ ପୂର୍ବରୁ ପକ୍ଷାଘାତ ରୋଗରୁ ପିଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ। ତେବେ ବର୍ତ୍ତମାନ କୁରୁଡି ମଲିକଙ୍କୁ ୬୫ରୁ ଉର୍ଦ୍ଧ୍ୱ ବର୍ଷ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାଙ୍କୁ ସରକାରଙ୍କ ତରଫରୁ ଦିଆଯାଉଥିବା ଭତ୍ତା ମିଳିପାରିନାହିଁ । ଏନେଇ ସେ ପଞ୍ଚାୟତ କାର୍ଯ୍ୟାଳୟରେ ଜଣାଇ ଥିଲେ ମଧ୍ୟ ନିଜର ଆଧାର କାର୍ଡ ଫଟୋ ପରିଚୟପତ୍ରରେ ତ୍ରୁଟି ଥିବାରୁ କୌଣସି କାଗଜପତ୍ର ହୋଇ ପାରୁନାହିଁ। ତେଣୁ ଅସହାୟ ବିଧବା ମହିଳା କୁରୁଡି ମଲିକଙ୍କ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ବିଧବା ଭତ୍ତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

## ରେଡକ୍ରସ ସୋସାଇଟିକୁ ମା' ବୁଢ଼ୀ ଠାକୁରାଣୀ ଟ୍ରାକ୍ଟର ମାଲିକ ସଂଘର ୨୦ ହଜାର ଟଙ୍କା ପ୍ରଦାନ




**ନବରଙ୍ଗପୁର/ପାପଡାହାଣ୍ଡି, ୨୭।୭(ସଂଚାର ବ୍ୟୁରୋ):** ପାପଡାହାଣ୍ଡି ମା' ବୁଢ଼ୀ ଠାକୁରାଣୀ ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଭାରତୀୟ ରେଡକ୍ରସ ସୋସାଇଟି, ନବରଙ୍ଗପୁର ଜିଲ୍ଲା ଶାଖାକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।

ସଂଘର ସଭାପତି ସୁଶାନ୍ତ କୁମାର ବେହେରା, ସମ୍ପାଦକ ଗୌତମ ଆଗ୍ରୱାଲ ଓ କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ପ୍ରମୁଖ ପାପଡାହାଣ୍ଡି ତହସିଲଦାର ତପନ କୁମାର ନାୟକଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ଅର୍ଥ ରାଶି ପ୍ରଦାନ କରିଥିଲେ।ପ୍ରକାଶ ଥାଉକି, ଭାରତୀୟ ରେଡକ୍ରସ ସୋସାଇଟି ପାଣ୍ଠି ମାଧ୍ୟମରେ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଜିଲ୍ଲାର ଅତ୍ୟନ୍ତ ଗରିବ ଓ ଅସହାୟ ଲୋକମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥାଏ। ଏହି ମାନବିକ ପ୍ରୟାସ ପାଇଁ ପାପଡାହାଣ୍ଡି ମା' ବୁଢ଼ୀ ଠାକୁରାଣୀ ଟ୍ରାକ୍ଟର ମାଲିକ ସଂଘର ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ବିପିସିଏଲ କମ୍ପାନୀର ମନମାନୀ, ରାସ୍ତା ପାଲଟିଛି ମରଣଯନ୍ତା



**ଯାଜପୁର ରୋଡ଼,୨୭।୭(ସଂଚାର ବ୍ୟୁରୋ):** ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ଼ କମ୍ପାନୀର ମନମାନି ଯୋଗୁଁ ବ୍ୟାସନଗର ପୌର ସହରର ଯାଜପୁର ରୋଡ଼ ବନ ବିଭାଗ ଅଫିସ ସମ୍ମୁଖ ରାସ୍ତା ଘାଟ ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ଯାହାକୁନେଇ ଏବେ ସାଧାରଣରେ ଆଲୋଚନା ହେଉଛି।

ଏହି ସହରର ମୁଖ୍ୟ ମୁଖ୍ୟ ଜାଗାରେ ରାସ୍ତା ଖୋଳାଯାଇ ଦୀର୍ଘଦିନ ପକେଇ ଦିଆଯାଉଥିବା ଦେଖିବାକୁ ମିଳୁଛି। ଯେଉଁ ଜାଗାରେ ସଂଯୋଗ ସ୍ଥାନ ରହୁଛି ସେ ଜାଗାର ରାସ୍ତାକୁ ମରାମତି କରାନଯାଇ ସେଇମିତି ଛାଡିଦେଉଥିବା ଦେଖିବାକୁ ମିଳୁଛି। ସାଧାରଣ ଲୋକମାନେ ଯାତାୟତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁ ୱାର୍ଡରେ କଂକ୍ରିଟ ଭାଙ୍ଗି ପାଇପ ବିଛା ଯାଉଛି ସେଠି ସଠିକ ଭାବରେ ମଧ୍ୟ କଂକ୍ରିଟ କରାଯାଉ ନଥିବା ଦେଖିବାକୁ ମିଳୁଛି। ରାସ୍ତାରେ ସୃଷ୍ଟି ହେଉଥିବା ବଡ଼ ବଡ ଖାଲଖମା ଯୋଗୁଁ ଛୋଟ ବଡ଼ ଦୁର୍ଘଟଣା ହେବାର ଆଶଙ୍କା ସୃଷ୍ଟି ହେଉଛି।

ବନ ବିଭାଗ କାର୍ଯ୍ୟଳୟ ସମ୍ମୁଖରେ ରାସ୍ତା ଖୋଳି ଖାଲ କରିବା ଦ୍ୱାରା ଆଣ୍ଠୁଏ ପାଣି ରହୁଛି। ଫଳରେ ସ୍କୁଲ, କଲେଜକୁ ଯାଉଥିବା ସହ ସହ ଛାତ୍ରଛାତ୍ରୀ ଭାରସାମ୍ୟ ହରାଇ ସାଇକେଲରୁ ପଡି କ୍ଷତବିକ୍ଷତ ହେଉଛନ୍ତି । ତେଣୁ ଏହି କମ୍ପାନୀର ମନମାନି ଓ ପ୍ରଶାସନର ଅବହେଳା ପାଇଁ ପୂର୍ତ୍ତ ବିଭାଗର ନୂତନ ରାସ୍ତା ଗୁଡିକ ସବୁ ଛାରଖାର ହେବାକୁ ବସିଲାଣି।

ଗତ ଜନ ଶୁଣାଣିରେ ଜିଲ୍ଲାପାଳଙ୍କ ନିକଟରେ ବନ ବିଭାଗ କାର୍ଯ୍ୟାଳୟର ନିକଟସ୍ଥ କଲୋନୀ ଜନସାଧାରଣ ମାନେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିପାରି ନାହିଁ। କମ୍ପାନୀର ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାର ଖାଲଖମା ଯୋଗୁଁ କେଉଁ ସମୟରେ ଯଦି ଏକ ନିରୀହ ଜୀବନ ଚାଲି ଯାଏ ତାହାଲେ ଏଥିପାଇଁ ଥାଇ ରହିବ କିଏ ତାହା ସାଧାରଣରେ ପ୍ରଶ୍ନ ଉଠୁଛି। ତେବେ ତୁରନ୍ତ ଜିଲ୍ଲାପାଳ ଏଥି ପ୍ରତି ଦୃଷ୍ଟି ଦେବାପାଇଁ ସହରବାସୀ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର, ୫୧ଟି ଅଭିଯୋଗ ପଞ୍ଜିକୃତ

**ମାଲକାନଗିରି, ୨୭।୭(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ନିର୍ଦ୍ଦେଶକ୍ରମେ କୋରକୁଣ୍ଡା ବ୍ଲକ ଅନ୍ତର୍ଗତ କାମୱାଡ଼ା ଗ୍ରାମ ପଞ୍ଚାୟତଠାରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜନସାଧାରଣଙ୍କ ପକ୍ଷରୁ ମୋଟ ୫୧ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା, ଯେଉଁଥିରୁ ୧୩ଟି ବ୍ୟକ୍ତିଗତ ଏବଂ ୩୮ଟି ସାମୂହିକ ଅଭିଯୋଗ ରହିଥିଲା । ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-



ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ପ୍ରମୁଖ ଉଚ୍ଚପଦସ୍ଥ ଅଧିକାରୀମାନେ ମଞ୍ଚାସୀନ ରହି ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟାର ସମୀକ୍ଷା କରିବା ସହ ତାର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ମୁଖ୍ୟ ଶିବିର ସହିତ ସେଠାରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ତତ୍କାଳ ସରକାରୀ ସେବା ପ୍ରଦାନ କରିବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପୃଥକ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା ।

## ସୋଆରେ ବିଂଶତମ ଏମ୍‌ଏସ୍ ସ୍ୱାମୀନାଥନ ସ୍ମାରକୀ ବକ୍ତୃତା ମାଳା

## କୃତ୍ରିମ ବୁଦ୍ଧିମତା ହିଁ ସାମ୍ପ୍ରତିକ ଭାରତର ଆହ୍ୱାନ



**ଭୁବନେଶ୍ୱର,୨୭।୭ (ସଂଚାର ବ୍ୟୁରୋ):** କୃଷିର ଆଧୁନିକୀକରଣରେ ଯେଉଁ କେତୋଟି ଦିଗ ବାସ୍ତବିକ କୃଷି ବିଜ୍ଞାନର ଦିଗବଳୟକୁ ପରିବର୍ତ୍ତିତ କରିଛି ସେଥିମଧ୍ୟରୁ କୃତ୍ରିମ ବୁଦ୍ଧିମତା ଓ ସ୍ମାର୍ଟ ଏଗ୍ରିକଲଚର ପ୍ରମୁଖ। ଜୀବନ ଓ ଜୀବିକା ସହିତ କୃତ୍ରିମ ବୁଦ୍ଧିମତା ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହେବା ପରେ କୃଷି ବିଜ୍ଞାନରେ ବି ପ୍ରଭାବ ବିସ୍ତାର କରିସାରିଛି। ଅବଶ୍ୟ ଏଥିପାଇଁ ଅନେକ ବିଷୟରେ ସରଳୀକରଣ ହେଉଛି। ସ୍ମାର୍ଟ ଏଗ୍ରିକଲଚରର ରୂପାୟନ ଦେଶ ପାଇଁ ଶୁଭଙ୍କର ହୋଇଛି। ଏମିତି କିଛି ତତ୍ୱପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ କଥା କହିଛନ୍ତି ଭାରତର ପ୍ରଖ୍ୟାତ ବିଜ୍ଞାନୀ ପ୍ରଫେସର ଡ. ସୁଧିନ୍ଦ୍ର ନାଥ ପଣ୍ଡା। ସୋଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍‌ରେ ବିଂଶତମ ଏମ.ଏସ. ସ୍ୱାମୀନାଥନ ବକ୍ତୃତାମାଳାରେ ମୁଖ୍ୟ ଆଲୋଚକ ଓ ବକ୍ତା ଭାବେ ଯୋଗ ଦେଇ ପ୍ରଫେସର ପଣ୍ଡା ଭାରତୀୟ କୃଷି ବିଜ୍ଞାନ ଧାରାରେ କୃତ୍ରିମ ବୁଦ୍ଧିମତାର ସ୍ଥିତି ଓ ସ୍ମାର୍ଟ ଏଗ୍ରିକଲଚର ବିଷୟରେ ସବିଶେଷ ଆଲୋଚନା କରିଥିଲେ।

ଆଇଏଏସର ଡିନ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ଆଲୋଚନାରେ ଅଧ୍ୟକ୍ଷତା କରି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ବିଶେଷ କରି ଆଇଏଏସରେ ଅନୁଷ୍ଠିତ ହେଉଥିବା ଭିନ୍ନ ଭିନ୍ନ ଉନ୍ନତିମୂଳକ ଓ ବୈଜ୍ଞାନିକ ଆଲୋଚନା ବିଷୟରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଖ୍ୟାତନାମା ବିଜ୍ଞାନୀ ଡ. ୟୁ ସି ମହାନ୍ତି ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ବୋରିଗୁମ୍ମା,୨୭।୭ (ସଂଚାର ବ୍ୟୁରୋ):** ଆଜି ସୋମବାର ଦିନ ସରସ୍ୱତୀ ଶିଶୁ ମନ୍ଦିର ବୋରିଗୁମ୍ମା ଠାରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ମୁଖ୍ୟ ବିଚାରକ ଭାବେ ଗୌରୀଶଙ୍କର ସାମନ୍ତରାୟ (ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ ବୋରିଗୁମ୍ମା) ଗୌତମ ପାତ୍ର (କାଠର ଗଡା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ), ଆଶିଷ ହୋତା ( ବୋରିଗୁମ୍ମା କ୍ଲଷ୍ଟର ସି.ଆର୍.ସି), ଆଶିଷ ପ୍ରଧାନ (ବିଜ୍ଞାନ ଶିକ୍ଷକ) ଯୋଗ ଦେଇଥିଲେ । ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଉଭୟ ଗଣିତ ଓ ବିଜ୍ଞାନରେ ମୋଟ ୧୨୪ଟି ପ୍ରକଳ୍ପରେ ଶିଶୁ ଭାଗ ନେଇଥିଲେ । ଏହା ସହିତ ବିଜ୍ଞାନ, ଗଣିତ, ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ ମଧ୍ୟ ହୋଇଥିଲା । ଏହି ବିଦ୍ୟାଳୟ ସ୍ତରୀୟ ମେଳାରେ କୃତକାର୍ଯ୍ୟ ହୋଇଥିବା ମୋଟ ୩୯ ଜଣ ଶିଶୁ ଆଗକୁ ହେବାକୁ ଥିବା ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଭାଗନେବେ। ଶିଶୁ ମନ୍ଦିର ପ୍ରଧାନଅଚାର୍ଯ୍ୟା ମମତା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ କାର୍ଯ୍ୟକ୍ରମଟି ହୋଇଥିଲା ।



## ନିଦ୍ରାରେ ଡ୍ରେନେଜ ଓ ଜଳସମ୍ପଦ ବିଭାଗ

# ଉଜୁଡ଼ିଲା ଶହ ଶହ ଏକର ଚାଷଜମି

## କେନାଲ ସଫେଇ କାଗଜରେ

## ଚିନ୍ତାରେ ଚାଷୀ



**କାକଟପୁର/ଅସ୍ତରଙ୍ଗ,୨୭।୭ (ସଂଚାର ବ୍ୟୁରୋ):** ଲଘୁଚାପ ଆସିଲା, ବର୍ଷା ହେଲା। ଆଉ ପୁରୀ ଜିଲ୍ଲା ଅସ୍ତରଙ୍ଗର ଚାଷୀଙ୍କ କପାଳ ଫାଟିଲା। କାରଣ ଚାରି ଆଡେ ଧାନ କ୍ଷେତ ନୁହେଁ, ଦେଖିଲେ ଲାଗୁଛି ଯେମିତି ନୂଆ ନଈ ବହୁଛି। ଧାନ କ୍ଷେତ ସୃଷ୍ଟି କରୁଛି ନଈର ଭ୍ରମ - ଏହା ପ୍ରକୃତିର ଦୋଷ ନୁହେଁ, ଏହା ବିଭାଗର ଅବହେଳାର ପ୍ରମାଣ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତ ଅଧୀନ ବିଭିନ୍ନ ଗାଁ ଶିଶୁଅ, କୋରଣା, ଇନାୟିତିପୁର, ବେଲଙ୍ଗ, ବଡସିରେଇ, ନଗର, ଝାଡଲିଙ୍ଗ ସମେତ ସବୁ ଠାରେ ସମାନ ଚିତ୍ର। ୨ରୁ ୩ ଫୁଟ୍ ପାଣି ତଳେ ଧାନ ତଳି। କିଛି ଦିନ ତଳେ ରୁଆଁ ହୋଇଥିବା ଧାନ ଏବେ ପଚି ପଚି ଗନ୍ଧ ହେଉଛି। ଶହ ଶହ ଏକର ଚାଷ ଉଜୁଡି ଗଲାଣି। କୋରଣା ଗାଁର ଚାଷୀ କବିରାଜ ସ୍ୱାଇଁ କହିଛନ୍ତି "ସମବାୟରୁ ଲୋନ୍ ଆଣିଲୁ। ବର୍ଷା ଆସି ସବୁ ଖାଇଦେଲା। ଏବେ ଲୋନ୍ ସୁଝିବୁ କିପରି? ପିଲାଙ୍କୁ ଖୁଆଇବୁ କିପରି?" ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ବିଭାଗରେ କେହି ନାହାନ୍ତି।

ସବୁଠୁ ବଡ ତାମାସା ହେଉଛି, ଡ୍ରେନେଜ ବିଭାଗ ଓ ଜଳସମ୍ପଦ ବିଭାଗ। ବର୍ଷା ଆସିବା ଆଗରୁ ପାଟନାଳୀ ଓ କେନାଲ ସଫେଇ ହେବା କଥା। କିନ୍ତୁ ସେମାନେ କରିଛନ୍ତି କଣ? କାଗଜରେ ସଫେଇ, ଫାଇଲରେ ବିଲ୍, ଆଉ ଜମିରେ ଘାସ। ଫଳରେ ଅଳ୍ପ ବର୍ଷାରେ ପାଣି ନିଷ୍କାସନ ହୋଇପାରୁନି। ପାଣି ଜମି ରହି ଚାଷୀଙ୍କ ଭାଗ୍ୟ ବୁଡାଇ ଦେଉଛି।

ଏହା କି ପ୍ରଥମ ଥର? ପ୍ରତିବର୍ଷ ବର୍ଷା ଆସିଲେ ଚାଷୀ ବୁଡନ୍ତି, ଆଉ ବିଭାଗୀୟ ଅଧିକାରୀ ଏସି ରୁମରେ ବସି "ପରିସ୍ଥିତି ଉପରେ ନଜର" ରଖନ୍ତି। ଖାଲି ଧାନ ନୁହେଁ, ଖଣ୍ଡାସାହି, ଓସ୍ତପୁର, ଓସିଆ ଓ "ପରିବା ଝୁଡି" ନାଁରେ ଖ୍ୟାତ ବେଗୁନିଆବସ୍ତ ଅଂଚଳର ପନିପରିବା ଚାଷ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ। ଚାଷୀଙ୍କ ପକେଟ୍ ଖାଲି ହେଲା, ଆଉ ସାଧାରଣ ଲୋକଙ୍କ ରୋଷେଇ ଘରେ ନିଆଁ ଲାଗିଲା। ସାପ୍ତାହିକ ହାଟରେ ପନିପରିବା ଦର ଆକାଶ ଛୁଇଁଲାଣି। ବିଭାଗ ଶୋଇଲେ, ଜନତା କଷ୍ଟ ପାଇଲେ। ଅନେକ ଗାଁରେ ରାସ୍ତା ଉପରେ ଆଣ୍ଠୁଏ ପାଣି। ଅଳ୍ପ ବର୍ଷା ହେଲେ ବି ପାଣି ଜମେ। ଦିନ ଦିନ ଧରି ଜମି ରହି ଦୁର୍ଗନ୍ଧ ହେଉଛି। ପିଲା ସ୍କୁଲ ଯାଇପାରୁନି, ରୋଗୀ ଡାକ୍ତରଖାନା ଯାଇପାରୁନି। କିନ୍ତୁ ପ୍ରଶାସନର ବର୍ଷା ପାଗରେ ଅଫିସରେ ଘୁମେଇ ନିଦ ଭାଙ୍ଗୁନି।

ଚାଷୀମାନେ କହୁଛନ୍ତି - ତୁରନ୍ତ କ୍ଷତି ଆକଳନ କରି କ୍ଷତିପୂରଣ ଦିଅ, ନଚେତ ଆମେ ରାସ୍ତାକୁ ଓହ୍ଲାଇବୁ। ଡ୍ରେନେଜ ଓ ଜଳସମ୍ପଦ ବିଭାଗ ଯଦି ଏବେ ବି ନଜାଗେ, ତେବେ ଆଗାମୀ ଦିନରେ ଏହି ପାଣି ଚାଷୀଙ୍କ ଆଖିରୁ ନୁହେଁ, ବିଭାଗୀୟ ଅଫିସର କୁର୍ସି ତଳୁ ବହିବ।

ଲଘୁଚାପ ବର୍ଷା ଆଣିଲା, କିନ୍ତୁ ଚାଷ ଉଜାଡିଲା ବିଭାଗର ନିଦ ଭାଙ୍ଗୁନି । ଏହା ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ଏହା ମାନବ ସୃଷ୍ଟ ବିପର୍ଯ୍ୟୟ ।

# ନୀଳକନ୍ଦରକୁ ବିଜେ କଲେ ନୀଳାଦ୍ରିନାଥ



■ ୨୭ ଦିନ ଶୂନ୍ୟ ପଡ଼ିଲାଣି ଶ୍ରୀମନ୍ଦିର ରତ୍ନବେଦୀ

■ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଖୁଆଇ କଲେ ମାନଭଞ୍ଜନ

ପୁରୀ,୨୭।୭(ସଂଚାର ବ୍ୟୁରୋ): ଆଜି ନୀଳକନ୍ଦରକୁ ବିଜେ କରିଛନ୍ତି ନୀଳାଦ୍ରୀନାଥ। ୨୭ ଦିନ ଧରି ଶୂନ୍ୟ ପଡ଼ିଥିଲା ଶ୍ରୀମନ୍ଦିର ରତ୍ନବେଦୀ। ଶ୍ରୀବିଗ୍ରହଙ୍କ ସ୍ନାନ ଯାତ୍ରା ପରେ ଅଣସର ଘରେ ଗୁପ୍ତ ନୀତି ପରକୁ କାଳିଆ ସାଆନ୍ତଙ୍କ ଜନ୍ମବେଦୀ ଲୀଳାଖେଳା ମଧ୍ୟ ଶେଷ ହେବା ପରେ ଆଜି ଶ୍ରୀମନ୍ଦିରକୁ ଫେରିଛନ୍ତି ଶ୍ରୀଜିଉ। ଶ୍ରୀମନ୍ଦିରକୁ ଫେରି ରତ୍ନସିଂହାସନରେ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଅସଂଖ୍ୟ ଭକ୍ତଙ୍କୁ ଛାଡ଼ି ଭଗବାନ ବଡ଼ଦେଉଳକୁ ଫେରିଛନ୍ତି। ଆଉ ସିଂହଦ୍ୱାରରେ ସୃଷ୍ଟି ହୋଇଥିଲା ଭାବବିହ୍ୱଳ ପରିବେଶ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ନୀତି ନିର୍ଘଣ୍ଟ ଅନୁସାରେ ସନ୍ଧ୍ୟାରେ ଠାକୁରଙ୍କ ନୀଳାଦ୍ରି ବିଜେ ପହଣ୍ଡି ଆରମ୍ଭ ହୋଇଥିଲା। ସପ୍ତମୂର୍ତ୍ତି ଗୋଟି ପହଣ୍ଡିରେ ଯାଇ ନିଜ ନିଜ ଆସ୍ଥାନରେ ବିଜେ କରିଛନ୍ତି। ଠାକୁରଙ୍କ ବିଜେ ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧା ସରି ଅଖଣ୍ଡ ବଇଠା ବସିଥିଲା।

ରଥ ଉପରେ ଠାକୁରଙ୍କ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ପହଣ୍ଡି ପାଇଁ ରଥରେ ଚାରମାଳ ବନ୍ଧା ହୋଇଥିଲା। ପୁଷ୍ପାଞ୍ଜଳି ଅର୍ପଣ ହୋଇ ବିଜେ କାହାଳି ବାଜି ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ପୁଷ୍ପାଳକ ସେବକମାନେ ପ୍ରଥମେ ଶ୍ରୀମଦନମୋହନ ଓ ଶ୍ରୀରାମକୃଷ୍ଣଙ୍କୁ ଦକ୍ଷିଣଘରେ ବିଜେ କରାଇଥିଲେ। ପରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୋଇଥିଲା। ସବା ଶେଷରେ ହୋଇଥିଲା ଶ୍ରୀଜଗନ୍ନାଥଙ୍କ ପହଣ୍ଡି। ମହାପ୍ରଭୁଙ୍କ ବିଜେ ରାସ୍ତାରେ ବାଟ ଓଗାଳିଥିଲେ ମା'ଲକ୍ଷ୍ମୀ ସାଆନ୍ତାଣୀ। ସିଂହଦ୍ୱାର ନିକଟରେ 'ଲକ୍ଷ୍ମୀ-ନାରାୟଣ କଳି' ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ରସଗୋଲା ଦେଇ ଧର୍ମପତ୍ନୀଙ୍କ ମାନଭଞ୍ଜନ କରିଥିଲେ। ନୀଳାଦ୍ରି ବିଜେରେ ଠାକୁରଙ୍କ ଏସବୁ ମାନବୀୟ ଲୀଳାଖେଳା ଦେଖିବାକୁ ଲକ୍ଷାଧିକ ଭକ୍ତ ଜଗି ରହିଥିଲେ।

## ଇତି ତୁମର ଭକ୍ତ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ନବଦିନାତ୍ମକ ଯାତ୍ରାର ମୂଳ ଲକ୍ଷ୍ୟ ହେଉଛି ଭକ୍ତ ଓ ଭଗବାନଙ୍କ ମିଳନ। ଭକ୍ତି ଆଉ ଭାବରେ ବନ୍ଧା କାଳିଆ ଠାକୁର ଭକ୍ତଙ୍କ କଥା ଶୁଣିବାକୁ ଆଉ ଭକ୍ତଙ୍କୁ ଦେଖିବାକୁ, ଆଖିରେ ଆଖି ମିଶାଇ ଖୁସି କରିବାକୁ ରଥରେ ଆସନ୍ତି ମହାପ୍ରଭୁ। ଭକ୍ତର ସବୁ ଅଳି, ପ୍ରାର୍ଥନା, ଗୁହାରୀ ଶୁଣନ୍ତି। ସେଇଥିପାଇଁ ତ ଜଣେ ଭକ୍ତ ଆଜି ଜଗାକୁ ଚିଠି ଲେଖି ତା' ଦୁଃଖ କହିଛି। ଭକ୍ତ ଜଣକ ଲେଖିଛନ୍ତି, 'ହେ ପ୍ରଭୁ! ମୁଁ ଜାଣିନି କେମିତି ଆରମ୍ଭ କରିବି। କିନ୍ତୁ ମୋ ମନର ସବୁ ଭାବନାକୁ ବୁଝିପାରିବ ବୋଲି ଆଶା ଆଉ ବିଶ୍ୱାସ। ସଂସାରରେ ତୁମକୁ ଛାଡ଼ିଦେଲେ କିଛି ବି ଚଳେନି ପ୍ରଭୁ। ମୋ ଜୀବନ ଯାହା ନିମନ୍ତେ ଦେଇଛ, ଯେଉଁଥିପାଇଁ ଦେଇଛ। ସେଥିପାଇଁ ମୁଁ ବହୁତ ଖୁସି। ସବୁ ତୁମ ଦାନ ଆଉ ଆଶୀର୍ବାଦ। ଗୋଟିଏ ବିନତୀ ପ୍ରଭୁ ଯେଉଁମାନଙ୍କୁ ମୋ ଜୀବନରେ ଦେଇଛ, ମୋ ଶେଷ ନିଃଶ୍ୱାସ ବେଳକୁ ଯେମିତି ସେ ସମସ୍ତେ ମୋ ସହ ରହିବେ। ହେ ପ୍ରଭୁ ମୋତେ ଧନରେ ଅଭାବ ରଖିବ ପଛକେ, କିନ୍ତୁ ଜନରେ କେବେ ରଖିବନି ଅଭାବ। ତୁମକୁ ପୁଅଟିଏ ମାଗିଥିଲି ମୋତେ ଝିଅ ଦେଇଛ। ସବୁ ତୁମ ଆଶୀର୍ବାଦ ଭାବି ଗ୍ରହଣ କରିଛି। ତୁମ ଦିବ୍ୟଦୃଷ୍ଟି ସବୁବେଳେ ମୋ ଝିଅ ଉପରେ ରଖିଥାଅ



ପ୍ରଭୁ। ଯେମିତି ତା' ଜୀବନ ରଥର ଦଉଡ଼ି ତୁମ ହାତରେ ଚାଲିବ। ମୋ ଝିଅ ତୁମକୁ ଲାଗିଲା। ପ୍ରଭୁ ମୋ ଝିଅ ଜୀବନ ଏମିତି ଗଢ଼ିବ ଯେମିତି ସେ ତୁମ ସେବାରେ ଲାଗିପାରିବ। ମୋତେ ଆଉ ଗୋଟେ ପୁଅ ଦେବ ପ୍ରଭୁ। ଆଉ ଗୋଟିଏ ଅଳି ପ୍ରଭୁ ତୁମ ନିକଟରେ। ଯାହାକୁ ଜୀବନସାଥୀ ଭାବେ ତୁମେ ମୋତେ ଦେଇଛ, ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ତାଙ୍କୁ ମୋ ସହ ରଖିବ ପ୍ରଭୁ। ତାଙ୍କ ଆଗରେ ମୋ ଜୀବନ ନେବ ପ୍ରଭୁ। ତାଙ୍କର ଦେହ ଖରାପ, ତାଙ୍କୁ ଭଲ କରି ଦିଅ। ତାଙ୍କର ସବୁ ରୋଗ ମୋତେ ଦେଇ ଦିଅ। ପ୍ରଭୁ ଯେମିତି ତାଙ୍କ କାନ୍ଧରେ ମୁଁ ସୌଭାଗ୍ୟବତୀ ହୋଇ ତୁମ ବଡ଼ଦାଣ୍ଡରେ ସ୍ୱର୍ଗଦ୍ୱାରକୁ ଯିବି। ମୋ ଶେଷ ନିଃଶ୍ୱାସରେ ଯେମିତି ମୋ ସହ ମୋ ଶଙ୍ଖା ସିନ୍ଦୂର ରହିଥିବ, ମୋତେ ଏତିକି ଆଶୀର୍ବାଦ ଦିଅ ପ୍ରଭୁ। ମୋ ପରିବାର ଉପରେ ତୁମର ଦିବ୍ୟ ଦୃଷ୍ଟି ରଖିଥିବ। ତୁମକୁ ଦେଖିବାକୁ ବହୁତ ଇଚ୍ଛା, ମୋତେ ଟିକେ ତୁମ ପାଖକୁ ନେଇ ଯାଅ ପ୍ରଭୁ। ଏତିକି ତୁମ ପାଖରେ ଅଳି ପ୍ରଭୁ। ...ଇତି ତୁମ ଭକ୍ତ'

# ଗଭୀର ଅବପାତର ପ୍ରଭାବ
## ୯ ଜିଲ୍ଲାକୁ ରେଡ୍ ଆଲର୍ଟ

ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ): ଗାଙ୍ଗେୟରେ ପୁଣି ସକ୍ରିୟ ହୋଇଛି ଅବପାତ। ଏହାର ପ୍ରଭାବରେ ଆଜି ରାଜ୍ୟର ଅଧିକାଂଶ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଶେଷକରି ଉତ୍ତର, ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର ୯ଟି ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। କେତେକ ସ୍ଥାନରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ସହ ଜଳବନ୍ଦୀ ସ୍ଥିତି ଉପୁଜିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷରେ ସ୍ଥିତିର ସମୀକ୍ଷା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜନସାଧାରଣଙ୍କୁ ଆତଙ୍କିତ ନ ହେବାକୁ ନିବେଦନ କରିଛନ୍ତି।



ଅବପାତ ଯୋଗୁଁ ବଦଳିଛି ରାଜ୍ୟର ପାଣିପାଗ। ଉତ୍ତର ଓ ପଶ୍ଚିମ ଓଡ଼ିଶା ସହ ସେଣ୍ଟ୍ରାଲ୍ ପୋକେଟ୍‌ରେ ବର୍ଷାର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କତା ଜାରି କରାଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ମଧ୍ୟ ବର୍ଷାର ପ୍ରଭାବ ଜାରି ରହିବ। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ହେବାର ଆଶଙ୍କା ଥିବାରୁ ଖାଲୁଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇପାରେ। ଅନ୍ୟପଟେ ଜଳମଗ୍ନ ଯୋଗୁଁ ବନ୍ୟା-ସହନଶୀଳ ନଥିବା ଧାନ ତଳି ଓ ଗଛ ନଷ୍ଟ ହେବା ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି। ତେବେ ପୁରୀ ରଥଯାତ୍ରା ସମୟରେ ଉପକୂଳ ଅଞ୍ଚଳରେ ପାଗ ସ୍ୱାଭାବିକ ରହିବା ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

ଆସନ୍ତା ୨୪ ଘଣ୍ଟା ପାଇଁ ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜକୁ ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି। ଏଥିସହ ୧୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଓ ୧୩ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ରହିପାରେ। ବର୍ଷା ଯୋଗୁଁ ଅନେକ ସ୍ଥାନରେ ଆକସ୍ମିକ ବନ୍ୟା ପରିସ୍ଥିତି ବି ଦେଖାଦେଇପାରେ। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଏହି ସିଷ୍ଟମ୍ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି। ଏହା ଓଡ଼ିଶାର ବାଲେଶ୍ୱର ଓ ପଶ୍ଚିମବଙ୍ଗର କ୍ୟାନିଂ ମଧ୍ୟଦେଇ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି। ସ୍ଥଳଭାଗ ଅତିକ୍ରମ କରିବା ସମୟରେ ଉପକୂଳିଆ ଅଞ୍ଚଳରେ ପବନର ବେଗ ବୃଦ୍ଧି ପାଇବା ସହ ନଦୀ ଓ ସମୁଦ୍ର ଅଶାନ୍ତ ରହିବ। ପବନର ବେଗ ଘଣ୍ଟା ପ୍ରତି ୬୦ରୁ ୭୦ କିମି ପର୍ଯ୍ୟନ୍ତ ରହିପାରେ। ପ୍ରବଳ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଏଥିସହ ନଦୀକୂଳିଆ ଓ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ଏବଂ ଆବଶ୍ୟକ ନହେଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି।

■ ଏସିଏଫ ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ବଡ଼ ଟ୍ୱିଷ୍ଟ

## ଆତ୍ମସମର୍ପଣ କଲେ ପୂର୍ବତନ ଡିଏଫଓ



ପାରଳାଖେମୁଣ୍ଡି, ୨୭।୭ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଏସିଏଫ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ତତ୍କାଳୀନ ଗଜପତି ଡିଏଫଓ ସଂଗ୍ରାମ କେଶରୀ ବେହେରା ଆଜି ପାରଳାଖେମୁଣ୍ଡି ଏସଡିଜେଏମ୍‌ଙ୍କ ଅଦାଲତରେ ଆତ୍ମସମର୍ପଣ କରିଛନ୍ତି। ଅଦାଲତଙ୍କ ପକ୍ଷରୁ ଜାରି ହୋଇଥିବା ଗିରଫ ପରୱାନା ପରେ ସେ ନିଜ ଓକିଲଙ୍କ ଜରିଆରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଏସଡିଜେଏମ୍‌ଙ୍କ ଅଦାଲତରେ ଜାମିନ ଆବେଦନ ଖାରଜ ହେବା ପରେ ସଂଗ୍ରାମ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତରେ ଜାମିନ ପାଇଁ ଆବେଦନ କରିଥିବା ସୂଚନା ମିଳିଛି। ଏହାକୁ ନେଇ ଅଦାଲତରେ ଆଇନଗତ ପ୍ରକ୍ରିୟା ଜାରି ରହିଛି। ସୂଚନାଯୋଗ୍ୟ ଯେ ସଂଗ୍ରାମ କେଶରୀ ବେହେରାଙ୍କ ପକ୍ଷରୁ ଦାଖଲ ହୋଇଥିବା ସିଆର୍‌ଏଲ୍‌ଏମ୍‌ସି ନଂ-୪୦୫୬/୨୦୨୫ ମାମଲାରେ ଓଡ଼ିଶା ହାଇକୋର୍ଟ ଗତ ୧୪ ତାରିଖରେ ତାଙ୍କୁ ତଳ ଅଦାଲତରେ ଆତ୍ମସମର୍ପଣ ପାଇଁ ଆଉ ଦୁଇ ସପ୍ତାହ ସମୟ ଦେଇଥିଲେ। ଏପରିକି ଜାମିନ ଆବେଦନ ଉପରେ ଶେଷ ଦିନ ବିଚାର କରିବାକୁ ତଳ ଅଦାଲତକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୨୧ରେ ଗଜପତି ଜିଲ୍ଲାରେ କାର୍ଯ୍ୟରତ ସହକାରୀ ବନ ସଂରକ୍ଷକ (ଏସିଏଫ) ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ସେହି ଘଟଣାକୁ ନେଇ ମାମଲାର ତଦନ୍ତ ଓ ଆଇନଗତ ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟରେ ଜାରି ରହିଛି।

● ଭୋଜି ଖାଇବାକୁ ଯିବା ହେଲା କାଳ

## ୭୦ ଭରି ସୁନା ଓ ୨ ଲକ୍ଷ ଟଙ୍କା ଲୁଟ୍

ଗୁଣୁପୁର,୨୭।୭(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ା ଗ୍ରାମରେ ଏକ ବଡ଼ ଧରଣର ଚୋରି ଘଟଣା ସାମ୍ନାକୁ ଆସିଛି। ଗାଁର ଦେବେନ୍ଦ୍ର ପଞ୍ଚାଙ୍ଗ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ପ୍ରାୟ ୭୦ ଭରି ସୁନା ଅଳଙ୍କାର ସହ ୨ ଲକ୍ଷ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଦେବେନ୍ଦ୍ର ଗଞ୍ଜାମ ଜିଲ୍ଲାର ଶେରଗଡ଼ ଅଞ୍ଚଳରେ ଥିବା ଜଣେ ସମ୍ପର୍କୀୟଙ୍କ ଘରର ଭୋଜି ଖାଇବାକୁ ଗତ ୨୨ ତାରିଖରୁ ପରିବାର ସହ ଘର ବନ୍ଦ କରି ଯାଇଥିଲେ। ତାଙ୍କ ଶ୍ୱଶୁର ଘରେ ରହିଥିଲେ। ତେବେ ଗତକାଲି ସେ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗା ଥିବା ଓ ଆଲମିରାରେ ରଖାଯାଇଥିବା ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିବା ଦେଖି ସେ ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ପଦ୍ମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି।

# ଫେରିଲେ ଇଣ୍ଡିଆନ ଆଇଡଲ ବିଜେତା ଜ୍ୟୋତିର୍ମୟୀ

ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ଫେରିଛନ୍ତି ଇଣ୍ଡିଆନ ଆଇଡଲ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକ। ଇଣ୍ଡିଆନ ଆଇଡଲ ଟ୍ରଫି ସହ ଜ୍ୟୋତିର୍ମୟୀ ଆଜି ସକାଳେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଛନ୍ତି। ସେ ଏଠାରେ ପହଞ୍ଚିବା ପରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପହଞ୍ଚି ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ତାଙ୍କର ଏହି ବିଜୟ ପାଇଁ ସେ ମହାପ୍ରଭୁ ଜଗନ୍ନାଥ ଓ ଓଡ଼ିଶାବାସୀଙ୍କୁ ଶ୍ରେୟ ଦେଇଛନ୍ତି।

ସୋନି ଏଣ୍ଟରଟେନମେଣ୍ଟ୍ ଟେଲିଭିଜନ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ ଲୋକପ୍ରିୟ ସଙ୍ଗୀତ ରିୟାଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ୍-୧୬'ରେ ଚମକିଛନ୍ତି ଓଡ଼ିଶାର ପ୍ରତିଭାବାନ ଗାୟିକା ଜ୍ୟୋତିର୍ମୟୀ। ଶୋ'ର ଗ୍ରାଣ୍ଡ୍ ଫିନାଲେରେ ସେ ବିଜେତା ଘୋଷିତ ହୋଇ ଟ୍ରଫି ସହ ୨୦ ଲକ୍ଷ ଟଙ୍କାର ପୁରସ୍କାର ହାସଲ କରିଛନ୍ତି। ଏହି ସଫଳତା ସହ ସେ ଓଡ଼ିଶାର ଗର୍ବକୁ ଜାତୀୟ ସ୍ତରରେ ଆହୁରି ଉଚ୍ଚକୁ ନେଇଛନ୍ତି। ପ୍ରାୟ ୧୦ ମାସ ଧରି ଚାଲିଥିବା ଏହି ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ବାଉଁଶନାଳର ବାସିନ୍ଦା ଜ୍ୟୋତିର୍ମୟୀ ନିଜର



ପ୍ରଭୁ ଜଗନ୍ନାଥ ଓ ଓଡ଼ିଶାବାସୀଙ୍କୁ ଦେଲେ ଶ୍ରେୟ

ସୁମଧୁର କଣ୍ଠ, ସଙ୍ଗୀତ ପ୍ରତି ସମର୍ପଣ ଓ ନିରନ୍ତର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ବିଚାରକ ଏବଂ ଦର୍ଶକଙ୍କ ହୃଦୟ ଜିତିଥିଲେ। ସେହିପରି ଗ୍ରାଣ୍ଡ୍ ଫିନାଲେରେ ଅଂଶିକା ଚୋଙ୍କର, ଜ୍ୟୋତିର୍ମୟୀ, ମନରାଜ ବୀର ସିଂହ, ମାଇସ୍ଲେ ବସୁ, ସୁହେଲ ସୁଫି ଏବଂ ତନିଷ୍କ ଶୁକ୍ଳା ଟ୍ରଫି ପାଇଁ ମୁହାଁମୁହିଁ ହୋଇଥିଲା ବେଳେ ଜବଲପୁରର ତନିଷ୍କ ଶୁକ୍ଳା ପ୍ରଥମ ରନର୍ସଅପ୍ ହୋଇଥିଲେ। ଏଥର ସିଜନ୍‌ର ବିଚାରକ ଦାୟିତ୍ୱ ଶ୍ରେୟା ଘୋଷାଲ, ବିଶାଳ ଦଦ୍‌ଲାନି ଓ ବାଦ୍‌ଶା ଦାୟିତ୍ୱ ତୁଲାଇଥିବା ବେଳେ 'ୟାଦୋଁ କି ପ୍ଲେଲିଷ୍ଟ' ଥିମ୍ ଦର୍ଶକଙ୍କ ମଧ୍ୟରେ ବ୍ୟାପକ ଲୋକପ୍ରିୟତା ହାସଲ କରିଥିଲା। ଏହାର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଶୋ'ର ସମୟସୀମାକୁ ୨ ଥର ବଢ଼ାଯାଇଥିଲା। ବିଜେତା ହେବା ପରେ ଜ୍ୟୋତିର୍ମୟୀ କହିଛନ୍ତି ଯେ ସେ ଏହି ସଫଳତାର ଶ୍ରେୟ ସଙ୍ଗୀତ ଚିକିତ୍ସା ମାଧ୍ୟମରେ ସୁସ୍ଥ ହୋଇଥିବା କର୍କଟ ରୋଗୀମାନଙ୍କୁ ଦେଉଛନ୍ତି। ତାଙ୍କ କହିବାନୁସାରେ, ପ୍ରାୟ ୧ ବର୍ଷର ଏହି ଯାତ୍ରା ତାଙ୍କ ଜୀବନର ସବୁଠୁ ସ୍ମରଣୀୟ ଅଧ୍ୟାୟ ଥିଲା। ସେ ୧୪ ସେପ୍ଟେମ୍ବର ୨୦୨୫ରେ ମୁମ୍ବାଇ ପହଞ୍ଚିଥିଲେ ଓ ସେହି ଦିନଠାରୁ ଆରମ୍ଭ ହୋଇଥିବା ଯାତ୍ରା ଶେଷରେ ବିଜୟ ସହ ଶେଷ ହୋଇଛି। ଜ୍ୟୋତିର୍ମୟୀ କହିଛନ୍ତି ଯେ ଶୋ'ରେ ଅଂଶଗ୍ରହଣ ସମୟରେ ସେ କେବେ ପୁରସ୍କାର ରାଶି ବିଷୟରେ ଚିନ୍ତା କରି ନ ଥିଲେ। ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ପ୍ରତିଟି ମଞ୍ଚରେ ନିଜର ସର୍ବୋତ୍ତମ ପ୍ରଦର୍ଶନ କରି ବିଚାରକଙ୍କ ପ୍ରଶଂସା ଅର୍ଜନ କରିବା। ବିଜୟ ପରେ ମିଳିଥିବା ପୁରସ୍କାର ରାଶିକୁ କିଭଳି ବ୍ୟବହାର କରିବେ, ସେନେଇ ଏବେ ଚିନ୍ତା କରିବେ ବୋଲି ସେ ମତ ଦେଇଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ, ପ୍ରଧାନଶିକ୍ଷକ ଅଟକ

ଜଳେଶ୍ୱର,୨୭।୭(ସଂଚାର ବ୍ୟୁରୋ): ସବୁଦିନ ପରି ସ୍କୁଲ ଯାଇଥିଲା ଝିଅ। ସ୍କୁଲରୁ ଫେରି କାନ୍ଦିବାରୁ ମା' ପଚାରିଲେ କ'ଣ ହେଲା? କାନ୍ଦି କାନ୍ଦି ପ୍ରଧାନଶିକ୍ଷକଙ୍କ ସବୁ କାରନାମା କହିଲେ ୧୦ ବର୍ଷର କୁନି ଝିଅ। ଥରେ କି ଦୁଇ ଥର ନୁହେଁ, ଅନେକ ଥର ପ୍ରଧାନଶିକ୍ଷକ ଛାତ୍ରୀଙ୍କ ସହ କରିଛନ୍ତି ଅସଦାଚରଣ। ସାର୍ ଖରାପ ବ୍ୟବହାର କରିଥିବା ନେଇ ଛାତ୍ରୀ ଜଣଙ୍କ ମା'ଙ୍କୁ ଜଣାଇଛନ୍ତି। ଏପରି ଚାଞ୍ଚଲ୍ୟକର ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ବେଲି ଗ୍ରାମରେ। ବେଲି ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ ଜେନାଙ୍କ ନାଁରେ ଆସିଛି ସାଂଘାତିକ ଅଭିଯୋଗ।



ଅଭିଯୋଗ ଅନୁଯାୟୀ, ଗତ ୨୩ ତାରିଖ ମଧ୍ୟାହ୍ନଭୋଜନ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ଜେନା ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ନିଜ ଅଫିସ୍ କୋଠରୀକୁ ଡାକି ଅସଦାଚରଣ କରିଥିଲେ। ଛାତ୍ରୀ ଜଣଙ୍କ କାନ୍ଦି କାନ୍ଦି ଘରକୁ ଫେରିଥିଲେ। ଘଟଣା ସାମ୍ନାକୁ ଆସିବା ପରେ ଆଜି ଗ୍ରାମରେ ଏକ ବୈଠକ ଡକାଯାଇଥିଲା। ଗ୍ରାମବାସୀ ଓ ପରିବାର ଲୋକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହାପରେ ପରିବାର ଲୋକେ ସିଧାସଳଖ ଜଳେଶ୍ୱର ଥାନାରେ ପହଞ୍ଚି ପ୍ରଧାନଶିକ୍ଷକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ଆଧାରରେ ଜଳେଶ୍ୱର ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପ୍ରଧାନଶିକ୍ଷକ ଶ୍ରୀ ଜେନାଙ୍କୁ ଥାନାକୁ ଉଠାଇ ଆଣିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବେଳେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ପଡ଼ୋଶୀଙ୍କ ପଥରମାଡ଼ରେ ଯୁବକ ମୃତ, ୫ ଅଟକ

ବଲାଙ୍ଗୀର, ୨୭।୭ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡରୁ ଆସିଛି ଏକ ଚାଞ୍ଚଲ୍ୟକର ଖବର। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପଥର ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି।



ଏହି ଘଟଣାରେ ୫ ଜଣଙ୍କୁ ପୁଲିସ ଥାନାକୁ ଆଣି ଅଟକ ରଖି ପଚାଉଚରା କରୁଛି। ପାଟଣାଗଡ଼ ଲରମ୍ବା ଥାନା ଅନ୍ତର୍ଗତ ବାଘମୁଣ୍ଡି ଗାଁରେ ଘଟିଛି ଏହି ଘଟଣା। ମୃତକଙ୍କ ନାମ ମକୁନ୍ଦ ସାହୁ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁସାରେ, ରଥଯାତ୍ରା ସମୟରେ ହୋଇଥିବା ଏକ ବିବାଦକୁ କେନ୍ଦ୍ର କରି ଗତକାଲି ବିଳମ୍ବିତ ରାତିରେ କେତେକ ଯୁବକ ମକୁନ୍ଦଙ୍କ ଘର ଉପରକୁ ପଥରମାଡ଼ କରିଥିଲେ। ପରିବାର ସଦସ୍ୟମାନେ ଶୋଇଥିବା ବେଳେ ମକୁନ୍ଦ କବାଟ ଖୋଲିବାକୁ ବାହାରିଥିଲେ। ସେହି ସମୟରେ ତାଙ୍କ ଛାତିରେ ପଥର ବାଜିଥିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଖବର ପାଇ ଲରମ୍ବା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପୁଣି ଚର୍ଚ୍ଚାରେ ଦାନ ମାଝୀ
# ଫିଲ୍ମ 'ଲାଶ୍'ର ପ୍ରଯୋଜକଙ୍କ ନାଁରେ ଏତଲା

ଭବାନୀପାଟଣା,୨୭।୭(ସଂଚାର ବ୍ୟୁରୋ): କାନ୍ଧରେ ପତ୍ନୀଙ୍କ ମୃତଦେହ ବୋହି ସାରା ବିଶ୍ୱରେ ଏକଦା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବା କଳାହାଣ୍ଡିର ଦାନ ମାଝୀ ଏବେ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ଦାନ ମାଝୀଙ୍କ ଜୀବନ କାହାଣୀକୁ ନେଇ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର ଫିଲ୍ମ 'ଲାଶ୍'ର ପ୍ରଯୋଜକ ସମ୍ବଲପୁରର ମନୋଜ ବାଗଙ୍କ ନାଁରେ ସେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଜୀବନର ଘଟଣା ଓ କାହାଣୀକୁ ଆଧାର କରି ଫିଲ୍ମ ତିଆରି କରାଯାଇଥିବାରୁ ତାଙ୍କର ସମ୍ମତି ନେବା ଆବଶ୍ୟକ ଥିଲା। ହେଲେ ବିନାନୁମତିରେ ତାଙ୍କ ଜୀବନୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିବା ଅଭିଯୋଗ କରି ଦାନ ଆଇନଗତ ପଦକ୍ଷେପ ନେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଜୀବନର ସବୁଠାରୁ ଦୁଃଖଦ ଘଟଣାକୁ ଆଧାର କରି 'ଲାଶ୍' ନାମକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। କିନ୍ତୁ ଏଥିପାଇଁ ତାଙ୍କଠାରୁ କୌଣସି ପ୍ରକାର ଅନୁମତି ନିଆଯାଇନାହିଁ।



ପ୍ରଯୋଜକ ମନୋଜ ବାଗ କିମ୍ବା ଫିଲ୍ମ ସହ ଜଡ଼ିତ କୌଣସି ସଦସ୍ୟ ତାଙ୍କୁ ଆଦୌ ଯୋଗାଯୋଗ କରିନାହାନ୍ତି। ତାଙ୍କ ବିନାନୁମତିରେ ଫିଲ୍ମ ତିଆରି ହୋଇଛି। ଗତ ୨୦୧୬ରେ ଦାନ ମାଝୀଙ୍କ ଘଟଣା ସାରା ଦେଶରେ ଚର୍ଚ୍ଚାକୁ ଆସିଥିଲା। କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସ୍ତ୍ରୀଙ୍କ ମୃତଦେହ ନେବା ପାଇଁ ଦାନଙ୍କୁ ଆମ୍ବୁଲାନ୍ସ ମିଳି ନ ଥିଲା। ଶେଷରେ ସେ ନିଜେ କାନ୍ଧରେ ମୃତଦେହ ବୋହି ଘରକୁ ଯାଇଥିଲେ। ସାଙ୍ଗରେ ତାଙ୍କର ସାନ ଝିଅ ମଧ୍ୟ ରହିଥିଲେ। ଏହି ଘଟଣା ରାଜ୍ୟର ଦୁର୍ବଳ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ମାନବିକତାର ଅସଲ ଚେହେରା ସାମ୍ନାକୁ ଆଣିଥିଲା। ସେତେବେଳେ ଘଟଣାକୁ ନେଇ ପୂରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ସରକାରୀ ଓ ବେସରକାରୀ ସ୍ତରରେ ଦାନଙ୍କୁ ସହାୟତାର ସୁଅ ମଧ୍ୟ ଛୁଟିଥିଲା। ବର୍ତ୍ତମାନ ଏହି ଘଟଣାକୁ ନେଇ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର 'ଲାଶ୍'କୁ ନେଇ ଆଇନଗତ ବିବାଦ ଆରମ୍ଭ ହୋଇଛି। ଦାନଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ ଆରମ୍ଭ କରିଛି।

## ନଦୀରେ ବୁଡ଼ିଗଲେ ନାବାଳିକା କାଉଡ଼ିଆ

ବାଲେଶ୍ୱର,୨୭।୭(ସଂଚାର ବ୍ୟୁରୋ): ଆଜି ଶ୍ରାବଣ ମାସର ପ୍ରଥମ ସୋମବାରରେ ଘଟିଛି ଏକ ଅଭାବନୀୟ ଘଟଣା। ଶିବ ମନ୍ଦିରରେ ଜଳଲାଗି କରିବା ସକାଶେ ନଦୀରୁ ପାଣି ଆଣିବାକୁ ଯାଇଥିବା ସମୟରେ ଜଣେ ୧୫ ବର୍ଷୀୟା ନାବାଳିକା କାଉଡ଼ିଆଙ୍କର ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଅନ୍ତର୍ଗତ ପାଗ ନଈରେ ଘଟିଛି।



ମିଳିଥିବା ସୂଚନାନୁଯାୟୀ, ଗତକାଲି ସକାଳେ ସକାଳେ ଚାନ୍ଦିପୁର ଥାନା ଅନ୍ତର୍ଗତ ବଡ଼କିଆ ଗ୍ରାମର ଦାମୋଦର ବାରିକଙ୍କ ୧୫ ବର୍ଷୀୟା ଝିଅ ମାନସୀ ବାରିକ ତାଙ୍କ ମା' ଓ ଦାଦାଙ୍କ ସହ ଶିବ ମନ୍ଦିରରେ ଜଳଲାଗି ପାଇଁ ପାଗ ନଈକୁ ପାଣି ଆଣିବାକୁ ଯାଇଥିଲେ। ସେହି ସମୟରେ ନଦୀରେ ପାଣିର ସ୍ରୋତ ଅଧିକ ଥିବାରୁ ଅସାବଧାନତାବଶତଃ ସେ ନଦୀଗର୍ଭରେ ବୁଡ଼ି ଯାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବାଲେଶ୍ୱର ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଖୋଜାଖୋଜି ପରେ ସେମାନେ ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ଘରୋଇ ବସ୍ ଉପରେ ୮ ଲକ୍ଷରୁ ଉର୍ଦ୍ଧ୍ୱ ଜରିମାନା




ଛତ୍ରପୁର, ୨୭।୭ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ବେଳେ ଏକ ଘରୋଇ ବସ୍‌କୁ ୮ ଲକ୍ଷ ୪୦ ହଜାର ୧୬୩ ଟଙ୍କା ଜୋରିମାନା କରାଯାଇଛି। ଗାଡିର ଫିଟନେସ, ରୋଡ଼ ଟ୍ୟାକ୍ସ, ପଲ୍ୟୁସନ, ଇନ୍‌ସ୍ୟୁରାନ୍ସ ଏପରିକି ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ନଥିବାରୁ ଏଭଳି ଜରିମାନା କରାଯାଇଛି। ବ୍ରହ୍ମପୁରରୁ ଓଡି ୧୯ ଆର ୪୫୯୭ ନମ୍ବର ବିଶିଷ୍ଟ ଜୟଶ୍ରୀ ନାମକ ଏକ ଘରୋଇ ବସ ଛତ୍ରପୁର ଅଭିମୁଖେ ଆସୁଥିବା ବେଳେ ଛତ୍ରପୁର ଜାତୀୟ ରାଜପଥ ପାର୍ଶ୍ୱରେ ଗଞ୍ଜାମ ପରିବହନ ବିଭାଗର ଟ୍ରାଫିକ ପୁଲିସ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ିର ୩ ବର୍ଷ ହେଲା ଫିଟନେସ, ରୋଡ଼ ଟ୍ୟାକ୍ସ, ପଲ୍ୟୁସନ, ଇନସ୍ୟୁରାନ୍ସ ଏପରିକି ଗାଡି ଚଳାଉଥିବା ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ନଥିବାରୁ ବସ ଉପରେ ମୋଟ ୮ ଲକ୍ଷ ୪୦ ହଜାର ୧୬୩ ଟଙ୍କା ଜୋରିମାନା କରାଯାଇଛି। ଗାଡ଼ି ମାଲିକ ସନ୍ତୋଷ କୁମାର ସାହୁଙ୍କ ନାମରେ ଚାଲାଣ କଟାଯାଇଛି। ରୋଡ଼ ଟ୍ୟାକ୍ସ ବାବଦକୁ ୮ ଲକ୍ଷ ୫ ହଜାର ୧୬୩ ଟଙ୍କା, ଡ୍ରାଇଭିଂ ଲାଇସେନ୍ସ ଥିବା ଯୋଗୁଁ ୫ ହଜାର ଟଙ୍କା, ଗାଡ଼ିର ରେଜିଷ୍ଟ୍ରେସନ ନଥିବାରୁ ୫ ହଜାର ଟଙ୍କା, ପଲ୍ୟୁସନ ନଥିବା ଯୋଗୁଁ ୧୦ ହଜାର ଟଙ୍କା ଜୋରିମାନା ପକାଯାଇଛି। ଗାଡ଼ିକୁ ଜବତ କରାଯାଇ ଅଗସ୍ତି ନୂଆଗାଁ ସ୍ଥିତ ଡ୍ରାଇଭିଂ ଟେଷ୍ଟିଂ ସେଣ୍ଟରରେ ରଖାଯାଇଛି। ଜରିମାନା ଆଦାୟ ପରେ ଉକ୍ତ ଗାଡିକୁ ଛଡ଼ାଯିବ ବୋଲି ଟ୍ରାଫିକ ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି। ୨୦୨୩ ରୁ ଗାଡ଼ିର ଟ୍ୟାକ୍ସ ଡିପୋଜିଟ କରା ଯାଇନାହିଁ।

# ରାସ୍ତା ମରାମତି ଦାବିରେ ଅନିର୍ଦ୍ଦିଷ୍ଟ କାଳ ରାସ୍ତାରୋକ

ଚମ୍ପୁଆ,୨୭।୭(ସଂଚାର ବ୍ୟୁରୋ): ପ୍ରାଚୁର୍ଯ୍ୟଭରା ଓ ଖଣି ସମ୍ପଦ ଯୋଗୁଁ ସାରା ବିଶ୍ୱରେ ପରିଚିତ ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଅଞ୍ଚଳ। ଏହି ଅଞ୍ଚଳରୁ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କାର ରାଜସ୍ୱ ପାଉଥିଲେ ମଧ୍ୟ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିକାଶ ଆଜି ବି ସାତ ସପନ ପାଲଟିଛି। ବିଶେଷକରି ଯୋଡ଼ା ବ୍ଲକର ୪ଟି ପଞ୍ଚାୟତର ଅଞ୍ଚଳବାସୀ ସ୍ୱାସ୍ଥ୍ୟ ଓ ଉତ୍ତମ ଗମନାଗମନ ସେବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ରହିଛନ୍ତି। ଏହି ସମସ୍ୟା ନେଇ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ହେଁ ପ୍ରଶାସନ ଆଖି ବୁଜି ଚୁପ ହୋଇ ବସିଥିବା ଅଭିଯୋଗ ହୋଇଛି। ପ୍ରଶାସନିକ ଉଦାସୀନତା ପ୍ରତିବାଦରେ ଆଜି କାଳିମାଟି-ଦବୁନା ରାସ୍ତା ମରାମତି ଦାବିରେ ଜନସାଧାରଣ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତାରୋକ କରିଛନ୍ତି।



ସୂଚନାନୁଯାୟୀ, ବାମେବାରୀ ଯୋଡ଼ାରୁ ପଳାସପଙ୍ଗାକୁ ସଂଯୋଗ କରୁଥିବା ରାସ୍ତାଟି ଏବେ ସମ୍ପୂର୍ଣ୍ଣ ମରଣଯନ୍ତା ପାଲଟିଛି। ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ଓ କାଦୁଅ ପଚପଚ ହେଉଥିବାରୁ ପଥଚାରୀ, ବାଇକ୍ ଚାଳକ ଓ ଚାରିଚକିଆ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଏହି ବିପଦପୂର୍ଣ୍ଣ ରାସ୍ତା ଯୋଗୁଁ ଅଞ୍ଚଳବାସୀ ନିୟମିତ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କାଳିମାଟି ଛକଠାରୁ ଦବୁନା ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଗତବର୍ଷ ରଥଯାତ୍ରା ସମୟରେ ରଥ ଚକ ଭାଙ୍ଗି କାଦୁଅରେ ଫସି ରହିଥିଲା। ଶେଷରେ ଶ୍ରଦ୍ଧାଳୁମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ କାନ୍ଧରେ ବୋହି ଗୁଣ୍ଡିଚା ମନ୍ଦିରକୁ ନେଇଥିଲେ। ଚଳିତ ବର୍ଷ ମଧ୍ୟ ସମାନ ସ୍ଥିତିର ପୁନରାବୃତ୍ତି ଘଟିଛି। କାଦୁଅରେ ରଥ ଫସିଯିବା ପରେ ବହୁ କଷ୍ଟରେ ଠାକୁରଙ୍କୁ ମାଉସୀମା' ମନ୍ଦିରକୁ ନିଆଯାଇଥିଲା। ରାସ୍ତାର ଏଭଳି ଦୁର୍ଦ୍ଦଶା କାରଣରୁ ଦବୁନା ଶ୍ରୀ ଗୁପ୍ତେଶ୍ୱର ଉଚ୍ଚ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀମାନେ ଚପଲକୁ ହାତରେ ଧରି, କାଦୁଅ ପଙ୍କ ଭିତରେ ଜୀବନକୁ ବାଜି ଲଗାଇ ସ୍କୁଲକୁ ଯାଉଥିବା ଦେଖିବାକୁ ମିଳୁଛି। ସେହିପରି ଦବୁନା ଅଞ୍ଚଳର ଜଣେ ଯୁବକ ପାଦରେ ଚାଲି ଚାଲି ଆସୁଥିବା ବେଳେ ହଠାତ ଗୋଡ଼ ଖସିଯିବାରୁ ରାସ୍ତା ମଝିରେ ଥିବା ଏକ ବଡ଼ ଖାଲରେ ପଡ଼ି ଯାଇଥିଲେ। ସେ ସମ୍ପୂର୍ଣ୍ଣ ଭାବେ କାଦୁଅ ସଲବଲ ହୋଇଯିବା ପରେ ସ୍ଥାନୀୟ ଲୋକଙ୍କ ଧୈର୍ଯ୍ୟଚ୍ୟୁତି ଘଟିଥିଲା। 'ଆଉ କେତେ କଷ୍ଟ ସହିବୁ?' ବୋଲି ପ୍ରଶ୍ନ କରି ଉତ୍ତ୍ୟକ୍ତ ଲୋକମାନେ କାଳିମାଟି-ଦବୁନା ରାସ୍ତା ନିର୍ମାଣ ଦାବିରେ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରିଦେଇଛନ୍ତି। ରାସ୍ତା ଅବରୋଧ ଯୋଗୁଁ ସ୍ଥାନୀୟ ଖଣି କମ୍ପାନୀଗୁଡ଼ିକରୁ ଲୁହାପଥର ବୋଝେଇ ହୋଇ ଯାଉଥିବା ଶହ ଶହ ଟ୍ରକ ରାସ୍ତାର ଦୁଇ ପାର୍ଶ୍ୱରେ ଅଟକି ରହିଛି। ଏଥିସହ ଆନ୍ଦୋଳନକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ଯେପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ଏବଂ ସ୍ଥାୟୀ ପ୍ରତିଶ୍ରୁତି ନମିଳିଛି, ସେପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ। ତେବେ ପ୍ରଶାସନ କେବେ ଆଖି ଖୋଲୁଛି ଏବଂ ଅଞ୍ଚଳବାସୀ ଏହି ନର୍କ ଯନ୍ତ୍ରଣାରୁ ମୁକ୍ତି ପାଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

## ଏନକାଉଣ୍ଟରରେ କୁଖ୍ୟାତ ଅପରାଧୀ ଅଙ୍କିତ ଆହତ

ବ୍ରଜରାଜନଗର,୨୭।୭(ସଂଚାର ବ୍ୟୁରୋ): ପୁଲିସ ଗୁଳିରେ କୁଖ୍ୟାତ ଅପରାଧୀ ଅଙ୍କିତ ଘୋଷ ଆହତ ହୋଇଛି। ଗତକାଲି ବିଳମ୍ବିତ ରାତିରେ ବ୍ରଜରାଜନଗର ପୁଲିସ ଏହି ଏନକାଉଣ୍ଟର କରିଛି। ଅଙ୍କିତର ଡାହାଣ ପଟ ଗୋଡ଼ରେ ଗୁଳି ବାଜିଛି। ଆହତ ଅବସ୍ଥାରେ ପୁଲିସ ତାକୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରିଛି। ଅଙ୍କିତ ନାଁରେ ୭ଟି ସଙ୍ଗୀନ ମାମଲା ରହିଛି। ସୂଚନାନୁଯାୟୀ, ଇବ୍ ନଦୀ ଓ ପିଏମ ଘାଟ ଅଞ୍ଚଳରେ ଅଙ୍କିତ ଓ ତାଙ୍କ ସହଯୋଗୀମାନେ ବସି କୌଣସି ଅପରାଧିକ ଯୋଜନା କରୁଥିବା ଖବର ପାଇ ବ୍ରଜରାଜନଗର ପୁଲିସ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ପୁଲିସକୁ ଦେଖି ଅଙ୍କିତ ପ୍ରଥମେ ୫ ରାଉଣ୍ଡ ଗୁଳି ଚଳାଇଥିଲା। ଆତ୍ମରକ୍ଷା ପାଇଁ ପୁଲିସ ମଧ୍ୟ ପାଲଟା ଜବାବରେ ୪ ରାଉଣ୍ଡ ଗୁଳି ଚଳାଇଥିଲା। ତେବେ ଅଙ୍କିତ ଦେହରେ ଗୁଳି ବାଜିଥିବା ବେଳେ ତାର ଅନ୍ୟ ସହଯୋଗୀମାନେ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ହଠାତ୍ କମିଗଲା ସୁନା ଦର




ନୂଆଦିଲ୍ଲୀ, ୨୭।୭: ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ବଡ ଧରଣର ପ୍ଲାନ୍ କରୁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଏସବୁର ପ୍ରଭାବ ସୁନା ଏବଂ ରୁପା ଦାମ୍ ଉପରେ ପଡିଛି। ସୋମବାର ସକାଳେ ସୁନା ଦାମ୍ ଅହେତୁକ ହ୍ରାସ ପାଇଛି। ରିପୋର୍ଟ ଅନୁସାରେ, ସୋମବାର ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ୧୪୪,୯୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ୍ ବିଶିଷ୍ଟ ସୁନା ଦର ୧୩୨,୮୪୦ ଟଙ୍କା ରହିଛି। ସେହିପରି ୧୮ କ୍ୟାରେଟ୍ ସୁନା ରେଟ୍ ଏକ ଲକ୍ଷ ୮ ହଜାର ୬୯୦ ଟଙ୍କା ରହିଛି। ଶୁକ୍ରବାର କିନ୍ତୁ ୨୪ କ୍ୟାରେଟ୍ ବିଶିଷ୍ଟ ସୁନାର ଦାମ୍ ୧ ଲକ୍ଷ ୪୬ ହଜାର ଟଙ୍କାରୁ ଅଧିକ ରହିଥିଲା। ସେହିପରି ୨୨ କ୍ୟାରେଟ୍ ବିଶିଷ୍ଟ ସୁନା ଦାମ୍ ୧,୩୩,୯୯୦ ଟଙ୍କା ରହିଥିଲା। ଅର୍ଥାତ ୨୪ କ୍ୟାରେଟ୍ ବିଶିଷ୍ଟ ସୁନାର ଦାମ୍ ୧୨୫୦ ଟଙ୍କା କମିଥିବା ବେଳେ ୨୨ କ୍ଯାରେଟର ସୁନାର ଦାମରେ ୧୧୫୦ ଟଙ୍କା ହ୍ରାସ ପାଇଛି। ଯୁଦ୍ଧର ପ୍ରଭାବ ସୁନା ଦର ଉପରେ ପଡୁଛି। ଯୁଦ୍ଧ ଆରମ୍ଭ ହେଲା ପରେ ଦାମ୍ ଲଗାତାର ଖସିଥିଲା। ପରେ କିଛି ସମୟ ପାଇଁ ବୃଦ୍ଧି ପାଇଥିଲା। ଏବେ ପୁଣି ଏହା ଖସିବା ଆରମ୍ଭ କରିଛି। ଅର୍ଥାତ ରେଟରେ ଅନିଶ୍ଚିତତା ଜାରି ରହିଛି। ଅନ୍ତର୍ଜାତୀୟ କାରଣ ପାଇଁ ଘରୋଇ ରେଟ୍ ଉପରେ ପ୍ରଭାବ ପଡୁଛି।

ଗୁଡ୍ ରିଟର୍ଣ୍ଣସ୍ ଡଟ୍ ଇନର ରିପୋର୍ଟ ଅନୁସାରେ, ଚେନ୍ନାଇରେ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦାମ୍ ୧,୪୫,୦୮୦ ଟଙ୍କା ରହିଛି। ସେହିପରି ଦିଲ୍ଲୀରେ ୧୪୫,୦୭୦ ଟଙ୍କା, ଅହମ୍ମଦାବାଦରେ ୧,୪୪,୯୭୦, କୋଲକାତାରେ ୧,୪୪,୯୨୦ ଟଙ୍କା ରହିଛି। ସେହିପରି ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ ଭଳି ସହରରେ ୨୨ କ୍ୟାରେଟ୍ ବିଶିଷ୍ଟ ସୁନାର ଦାମ୍ ୧,୩୨,୮୪୦ ଟଙ୍କା ରହିଛି।

## ଇଏମ୍ଆଇ ଖାଉଛି ୬୦% ଆୟ

### ଋଣ ଯନ୍ତାରେ ଭାରତୀୟ ପରିବାର

ନୂଆଦିଲ୍ଲୀ,୨୭।୭: ଋଣ ନେଇ ନିଜ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଭିଳାଷ ପୂରଣ କରିବାକୁ ଆଗେଇ ଆସିଥିବା ପରିବାରଗୁଡ଼ିକ ପାଇଁ ମାସିକ କିସ୍ତି ବା ଇଏମ୍ଆଇ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଘର କିମ୍ବା ଗାଡ଼ି କିଣିବା ଲାଗି ମୋଟା ଅଙ୍କର ଋଣ ନେଇଥିବା ଗ୍ରାହକମାନଙ୍କ ପରିବାରର ୬୦ ପ୍ରତିଶତ ପର୍ଯ୍ୟନ୍ତ ରୋଜଗାର ଇଏମ୍ଆଇ ଦେବାରେ ଯାଉଛି ବୋଲି 'ଏକ୍ସପର୍ଟ ପ୍ୟାନେଲ୍'ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ଏଥିରେ ଭାଗ ନେଇଥିବା ୬୦ ପ୍ରତିଶତ ଗ୍ରାହକ କହିଛନ୍ତି ଯେ ସେମାନଙ୍କ ସମ୍ପୂର୍ଣ୍ଣ ମାସିକ ଆୟ ଇଏମ୍ଆଇ ଦେବାରେ ଚାଲିଯାଉଛି। ଅନ୍ୟ ୪୦ ପ୍ରତିଶତ ଗ୍ରାହକ କହିଛନ୍ତି ଯେ ପୁରୁଣା ଋଣ ଶୁଝିବାକୁ ସେମାନେ ଆହୁରି ଋଣ କରିଛନ୍ତି ଓ ଘର ଚଳାଇବା ପାଇଁ ସେମାନଙ୍କୁ କ୍ରେଡିଟ୍ କାର୍ଡ ଉପରେ ନିର୍ଭର କରିବାକୁ ପଡୁଛି। ଋଣ ନେଇ ଗ୍ରାହକମାନେ ଏଭଳି ଏକ ଗୋଲକଧନ୍ଦାରେ ଫସିଯାଇଛନ୍ତି, ଯେଉଁଥିରୁ ବାହାରିବାକୁ ସେମାନେ ବାଟ ପାଉନାହାନ୍ତି।

ଜୀବନର ବଡ଼ ସଉକ ପୂରଣ କରିବାକୁ ଲୋକମାନେ ଋଣ କରିଥାନ୍ତି ବୋଲି ସାଧାରଣରେ ଯେଉଁ ଭାବନା ରହିଛି ତାହା ସମ୍ପୂର୍ଣ୍ଣ ସତ ନୁହେଁ। ଏହି ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଅଧିକାଂଶ ଗ୍ରାହକ ନିଜର ଅତ୍ୟାବଶ୍ୟକ କାମ କିମ୍ବା ଏଡ଼ାଇ ହେଉନଥିବା ଖର୍ଚ୍ଚ ପାଇଁ ଋଣ ନେଇଥିଲେ। ଡାକ୍ତରଖାନା ଖର୍ଚ୍ଚ ବହନ କରିବାକୁ ୨୬ ପ୍ରତିଶତ ଗ୍ରାହକ ଋଣ କରିଥିଲେ। ଅନ୍ୟ ୨୨ ପ୍ରତିଶତ ଗ୍ରାହକ ପରିବାର ସଦସ୍ୟଙ୍କ ବିବାହ ଖର୍ଚ୍ଚ ପାଇଁ ଋଣ ନେଇଥିଲେ। ସେହିପରି ୧୮ ପ୍ରତିଶତ ଗ୍ରାହକ ଚାକିରି ଚାଲିଯିବା କିମ୍ବା ବ୍ୟବସାୟରେ ବିଫଳ ହେବାରୁ ଋଣ କରିବାକୁ ବାଧ ହୋଇଥିଲେ। ଅବଶିଷ୍ଟ ୧୫ ପ୍ରତିଶତ ଗ୍ରାହକ ଘର ଚଳାଇବାକୁ ଋଣ ନେଇଥିବା କହିଥିଲେ।

ସର୍ବେକ୍ଷଣରେ ସାମିଲ ହୋଇଥିବା ୨୮ ପ୍ରତିଶତ ଗ୍ରାହକ କହିଥିଲେ ଯେ ଆୟ ତୁଳନାରେ ସେମାନଙ୍କ ଇଏମ୍ଆଇ ବୋଝ ଅଧିକ ରହୁଛି। ୧୯ ପ୍ରତିଶତ ଗ୍ରାହକ ଏକାଧିକ ଋଣ ନେଇଥିବାରୁ ତାହାକୁ ଶୁଝିବାରେ ଅସୁବିଧା ଭୋଗୁଛନ୍ତି। ୧୨ ପ୍ରତିଶତ ଗ୍ରାହକ କହିଛନ୍ତି ଯେ ମେଡିକାଲ୍ ଓ ପରିବାରରେ ଜରୁରୀକାଳୀନ ସମସ୍ୟା ପାଇଁ ସେମାନେ ଠିକ୍ ଭାବେ ଋଣ ଶୁଝିପାରୁନାହାନ୍ତି। ୬୦ ପ୍ରତିଶତ ଗ୍ରାହକ କେବଳ ସର୍ବନିମ୍ନ ମାସିକ କିସ୍ତି ଦେଉଛନ୍ତି।




## ନୂଆ ଅବତାରରେ ଆସିବ ମହିନ୍ଦ୍ରା ସ୍କର୍ପିଓ ଏନ ଫେସଲିଫ୍ଟ

ନୂଆଦିଲ୍ଲୀ, ୨୭।୭: ଦମଦାର୍ ରୋଡ୍ ପ୍ରେଜେନ୍ସ, ମଜବୁତ ଇଞ୍ଜିନ୍ ଓ ଚମତ୍କାର ଅଫ୍ ରୋଡ୍ କ୍ଷମତା ଯୋଗୁଁ ମହିନ୍ଦ୍ରା ସ୍କର୍ପିଓ ଏନ୍ ଦୀର୍ଘ ସମୟ ଧରି ଗ୍ରାହକଙ୍କ ପସନ୍ଦ ହୋଇ ରହିଛି। ଏବେ କମ୍ପାନୀ ଏହି ପପୁଲାର ଏସୟୁଭିକୁ ଆହୁରି ଉନ୍ନତ କରିବାକୁ ପ୍ରସ୍ତୁତ ହେଉଛି। ରିପୋର୍ଟ ଅନୁସାରେ, ମହିନ୍ଦ୍ରା ସ୍କର୍ପିୟୋ ଏନ ଫେସଲିଫ୍ଟର ଉନ୍ମୋଚନ ୧୫ ଅଗଷ୍ଟ ଆଖପାଖରେ ହୋଇପାରେ। ତେବେ କମ୍ପାନୀ ଏନେଇ ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ଦେଇନାହିଁ।



ନୂଆ ସ୍କର୍ପିଓ ଏନରେ ସବୁଠାରୁ ବଡ଼ ପରିବର୍ତ୍ତନ ଏହାର ଡିଜାଇନରେ ଦେଖିବାକୁ ମିଳିପାରେ। ଏସୟୁଭି ଏସୟୁଭିର ମଜବୁତ ଓ ମସ୍କୁଲାର ଲୁକ୍ ପୂର୍ବଭଳି ରହିବ, କିନ୍ତୁ ଏହାର ଫ୍ରଣ୍ଟ ଓ ରିୟର ଡିଜାଇନକୁ ଅଧିକ ମର୍ଡନ କରାଯାଇପାରେ। ଏଥିରେ ନୂଆ ଡିଜାଇନର ଫ୍ରଣ୍ଟ ଗ୍ରିଲ୍, ଅପଡେଟେଡ୍ ଏଲଇଡି ହେଡଲାଇଟ୍, ନୂଆ ଏଲଇଡି ଡେ-ଟାଇମ୍ ରନିଂ ଲାଇଟ୍, ନୂଆ ବମ୍ପର ଓ ନୂଆ ଡିଜାଇନ୍‌ର ଆଲୋୟ ହ୍ୱିଲ୍ ଦିଆଯାଇପାରେ। ନୂଆ ସ୍କର୍ପିଓ ଏନର ଇଣ୍ଟେରିୟରରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇପାରେ। ଏଥିରେ ନୂଆ ଡ୍ୟାସବୋର୍ଡ ଡିଜାଇନ୍, ଭଲ ଗୁଣବତ୍ତାର ସଫ୍ଟ-ଟଚ୍ ମ୍ୟାଟେରିଆଲ୍ ଓ ନୂଆ ଇଣ୍ଟେରିୟର ଥିମ୍ ଦେଖିବାକୁ ମିଳିପାରେ। ଏହା ସହ ବଡ଼ ଟଚ୍‌ସ୍କ୍ରିନ୍ ଇନ୍‌ଫୋଟେନମେଣ୍ଟ ସିଷ୍ଟମ୍, ନୂଆ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଓ ଅପଡେଟେଡ୍ ୟୁଜର୍ ଇଣ୍ଟରଫେସ୍ ମିଳିପାରେ। ଏହା ଫଳରେ କ୍ୟାବିନ୍ ପୂର୍ବ ତୁଳନାରେ ଅଧିକ ମର୍ଡନ ଓ ପ୍ରିମିୟମ୍ ଅନୁଭବ ଦେବ। ମହିନ୍ଦ୍ରା ନୂଆ ସ୍କର୍ପିଓ ଏନରେ ଗ୍ରାହକଙ୍କ ଦୀର୍ଘଦିନର ଚାହିଦା ଅନୁସାରେ ଅନେକ ନୂଆ ଫିଚର୍ ଯୋଡ଼ିପାରେ। ଏଥିରେ ପାନୋରାମିକ୍ ସନ୍‌ରୁଫ୍, ୩୬୦ଡିଗ୍ରୀ କ୍ୟାମେରା, ୱାୟାରଲେସ୍, ୱାୟାରଲେସ୍ ମୋବାଇଲ୍ ଚାର୍ଜର୍, ଡୁଆଲ୍-ଜୋନ୍ କ୍ଲାଇମେଟ୍ କଣ୍ଟ୍ରୋଲ୍, ଭେଣ୍ଟିଲେଟେଡ୍ ଫ୍ରଣ୍ଟ ସିଟ୍ ଓ କନେକ୍ଟେଡ୍ କାର୍ ଟେକ୍ନୋଲୋଜି ଭଳି ସୁବିଧା ମିଳିବାର ଆଶା ରହିଛି। ନୂଆ ସ୍କର୍ପିୟୋ ଏନ ଫେସଲିଫ୍ଟରେ ସୁରକ୍ଷା ଫିଚରକୁ ମଧ୍ୟ ଅଧିକ ଉନ୍ନତ କରାଯାଇପାରେ। ଏଥିରେ ଲେବଲ-୨ ଆଡଭାନ୍ସଡ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ୍(ଏଡିଏଏସ) ଦିଆଯାଇପାରେ। ଏହା ବ୍ୟତୀତ ୩୬୦ ଡିଗ୍ରୀ କ୍ୟାମେରା, ଅନେକ ଏୟାରବ୍ୟାଗ୍, ଇଲେକ୍ଟ୍ରୋନିକ୍ ଷ୍ଟାବିଲିଟି କଣ୍ଟ୍ରୋଲ୍ (ଇଏସସି), ହିଲ୍ ହୋଲ୍ଡ ଓ ହିଲ୍ ଡିସେଣ୍ଟ କଣ୍ଟ୍ରୋଲ୍ ଭଳି ଫିଚର୍ ମିଳିପାରେ। ଇଞ୍ଜିନ୍ ବିଷୟରେ କହିଲେ, ମହିନ୍ଦ୍ରା ଏଥିରେ ବର୍ତ୍ତମାନ ଥିବା ଇଞ୍ଜିନ୍ ଅପ୍ସନକୁ ଜାରି ରଖିପାରେ। ଏସୟୁଭିରେ ୨.୦ ଲିଟର ଏମଷ୍ଟାଲିୟନ ଟର୍ବୋ ପେଟ୍ରୋଲ୍ ଇଞ୍ଜିନ୍ ଓ ୨.୨ ଲିଟର ଏମହକ୍ ଡିଜେଲ୍ ଇଞ୍ଜିନ୍ ମିଳିବାର ସମ୍ଭାବନା ରହିଛି। ଏହି ଇଞ୍ଜିନ୍‌ଗୁଡ଼ିକ ୬-ସ୍ପିଡ୍ ମାନୁଆଲ୍ ଓ ୬-ସ୍ପିଡ୍ ଅଟୋମେଟିକ୍ ଗିୟରବକ୍ସ ସହ ଆସିପାରେ। କିଛି ଡିଜେଲ୍ ଭାରିଆଣ୍ଟରେ ପୂର୍ବଭଳି ୪X୪ ସିଷ୍ଟମ୍‌ର ଅପ୍ସନ ମଧ୍ୟ ଜାରି ରହିବାର ଆଶା ରହିଛି। ଅର୍ଥାତ୍ କମ୍ପାନୀ ଏଥର ଡିଜାଇନ୍ ଓ ଫିଚର୍ସ ଉପରେ ଅଧିକ ଧ୍ୟାନ ଦେଇପାରେ, କିନ୍ତୁ ଏହାର ପରଫର୍ମାନ୍ସ ପୂର୍ବଭଳି ପାୱାରଫୁଲ୍ ରହିବ।

## ବଦଳିଲା ଟୋଲ୍ ନିୟମ

ନୂଆଦିଲ୍ଲୀ,୨୬।୭: ଯଦି ଆପଣ ପ୍ରାୟତଃ ଜାତୀୟ ରାଜପଥ (ନ୍ୟାଶନାଲ ହାଇୱେ) କିମ୍ବା ଏକ୍ସପ୍ରେସୱେରେ ଯାତ୍ରା କରନ୍ତି, ତେବେ ଏନଏଚଏଆଇର ଏହି ନୂତନ ନିୟମ ଆପଣଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣି ଦେଇଛି। ସରକାର ଟୋଲ ଟ୍ୟାକ୍ସ ଆଦାୟ କରିବାର ପୁରୁଣା ଫର୍ମୁଲାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ନୂତନ ସିଷ୍ଟମ ଲାଗୁ କରିଛନ୍ତି।

ବର୍ତ୍ତମାନ ହାଇୱେରେ ଗାଡ଼ି ଚଲାଉଥିବା ଲୋକଙ୍କଠାରୁ ଇଚ୍ଛାଧୀନ ଟୋଲ ଆଦାୟ କରିବା ସମ୍ଭବ ହେବ ନାହିଁ। ଏହି ନୂତନ ନିୟମର ସିଧାସଳଖ ଉଦ୍ଦେଶ୍ୟ ହେଲା ଦେଶବ୍ୟାପୀ କୋଟି କୋଟି ଯାନବାହନ ଚାଳକଙ୍କ ପକେଟ୍ ଉପରେ ପଡୁଥିବା ବୋଝକୁ କମ୍ କରିବା ଏବଂ ସେମାନଙ୍କ ଯାତ୍ରାକୁ ସହଜ କରିବା। ଆସନ୍ତୁ ଜାଣିବା ନୂତନ ଟୋଲ ଫର୍ମୁଲା ଦ୍ୱାରା ଆପଣଙ୍କ ହାଇୱେ ଯାତ୍ରା କିପରି ଶସ୍ତା ଏବଂ ସହଜ ହେବାକୁ ଯାଉଛି।




ସୂଚନାଯୋଗ୍ୟ ଯେ, ପୁରୁଣା ନିୟମ ଅନୁଯାୟୀ ଯଦି ଆପଣ ହାଇୱେରେ ମାତ୍ର ୧୦ କିମ୍ବା ୧୫ କିଲୋମିଟର ଯାତ୍ରା ମଧ୍ୟ କରୁଥିଲେ, ତଥାପି ଆପଣଙ୍କୁ ସମ୍ପୂର୍ଣ୍ଣ ୬୦ କିଲୋମିଟର ଟୋଲ ପ୍ଲାଜାର ନିର୍ଦ୍ଦିଷ୍ଟ ଚାର୍ଜ ପଇଠ କରିବାକୁ ପଡୁଥିଲା। ନୂତନ ନିୟମରେ ଏହି ସିଷ୍ଟମକୁ ସମ୍ପୂର୍ଣ୍ଣ ଶେଷ କରିଦିଆଯାଇଛି। ବର୍ତ୍ତମାନ ଆପଣ ହାଇୱେରେ ଯେତିକି କିଲୋମିଟର ଗାଡ଼ି ଚଳାଇବେ, କେବଳ ସେତିକି ଦୂରତା ପାଇଁ ହିଁ ଟ୍ୟାକ୍ସ ଦେବାକୁ ପଡ଼ିବ। ସାଟେଲାଇଟ ଆଧାରିତ ଜିପିଏସ (GPS) ଟୋଲ କଲେକ୍ସନ ସିଷ୍ଟମ ଲାଗୁ ହେବା କାରଣରୁ ଆପଣଙ୍କ ଆକାଉଣ୍ଟରୁ କେବଳ ସ୍ଥିର କରାଯାଇଥିବା ସଠିକ୍ ଦୂରତାର ଟଙ୍କା ହିଁ କଟିବ, ଯାହାଫଳରେ ଛୋଟ ରୁଟ୍‌ରେ ଯାତ୍ରା କରୁଥିବା ଲୋକମାନେ ସବୁଠାରୁ ଅଧିକ ଉପକୃତ ହେବେ। ବର୍ତ୍ତମାନ ଟୋଲ ପ୍ଲାଜାରେ ଲାଗୁଥିବା ଲମ୍ବା ଜାମ ମଧ୍ୟ ସମ୍ପୂର୍ଣ୍ଣ ଶେଷ ହେବାକୁ ଯାଉଛି। ନୂତନ ଅଟୋମେଟିକ ସିଷ୍ଟମ ମାଧ୍ୟମରେ ଗାଡ଼ିଗୁଡ଼ିକ ବିନା ଅଟକି ଟୋଲ କ୍ରସ କରିପାରିବେ, ଯାହାଫଳରେ ବ୍ୟାରିୟରରେ ଲାଗୁଥିବା ଲମ୍ବା ଧାଡ଼ିରୁ ମୁକ୍ତି ମିଳିବ। ଯେତେବେଳେ ଗାଡ଼ିଗୁଡ଼ିକ ବିନା କାରଣରେ ଷ୍ଟାର୍ଟ ହୋଇ ଅଟକି ରହିବ ନାହିଁ, ସେତେବେଳେ ଇନ୍ଧନର ବ୍ୟୟ ମଧ୍ୟ ବହୁ ପରିମାଣରେ କମିଯିବ ଏବଂ ସମୟ ମଧ୍ୟ ବଞ୍ଚିବ।



## ଆଜିର ସୁନା ଦର

ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୮୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୭୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧ ୧,୪୫,୮୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୩,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୮୬୦ ଟଙ୍କା ଓ ୨୨ କ୍ୟାରେଟେ ମୂଲ୍ୟ ୧,୩୩,୭୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୬,୦୪୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୮୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୫,୮୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୮୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

## ବସୁମତୀ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଉଦ୍‌ଘାଟିତ



ବେତନଟୀ,୨୭।୭ (ସଂଚାର ବ୍ୟୁରୋ): ବେତନଟୀ ପଞ୍ଚାୟତ ଅଫିସ ନିକଟରେ ବସୁମତୀ ଇନ୍ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ, ବେତନଟୀ ଉଦଘାଟିତ ହୋଇ ଯାଇଛି। ଏଥିରେ ଛାତ୍ରଛାତ୍ରୀ ମାନଙ୍କୁ ନର୍ସିଂ ପାଠ୍ୟକ୍ରମ ପ୍ରଦାନ କରାଯିବ। ବସୁମତୀ ଇନ୍ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସର ଅଧ୍ୟକ୍ଷ ତାପସ କୁମାର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ସେନା ଅଧିକାରୀ ବିଶ୍ୱନାଥ ମହାନ୍ତ, ମୁଖ୍ୟବକ୍ତା ଭାବରେ ଜଗଦିଶ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗଦିଶ ଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ହେଲଥ ୱାର୍କର ପ୍ରେମ ମଞ୍ଜରୀ ତ୍ରିପାଠୀ, ଅବସରପ୍ରାପ୍ତ ଗ୍ରାଜୁଏଟ ଲାଇବ୍ରେରିୟାନ ପ୍ରଦୀପ କୁମାର ମହାପାତ୍ର, କାଜଲ ଲେଙ୍କା, ବସୁମତୀ ଲେଙ୍କା, ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଗତିକୃଷ୍ଣ ମହାନ୍ତ, ଶିକ୍ଷୟିତ୍ରୀ ତନିଶା ଜେନା, କୃତିଦୀପା ଖୁଣ୍ଟିଆ ପ୍ରମୁଖ ଯୋଗଦାନ କରି ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ତାଲିମ କେନ୍ଦ୍ର ନିଜ ମାଆଙ୍କ ନାମରେ ପ୍ରତିଷ୍ଠା କରିଥିବା ତାପସ ଲେଙ୍କାଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ଛାତ୍ର ଛାତ୍ରୀ ମାନେ ନର୍ସିଂ କୋର୍ସ କରି ଭବିଷ୍ୟତରେ ଜଣେ ଭଲ ନର୍ସ ହୋଇ ଲୋକଙ୍କ ସେବା କରିବା ପାଇଁ ଅତିଥି ମାନେ ପରାମର୍ଶ ପ୍ରଦାନ କରିଥିଲେ। ଏହି କେନ୍ଦ୍ରରେ ଗରିବ ମେଧାବୀ ପିଲାମାନଙ୍କୁ ମାଗଣାରେ ନର୍ସିଂ ତାଲିମ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ତାପସ ଲେଙ୍କା ପ୍ରକାଶ କରିଛନ୍ତି ।

### କର୍ଲାପାଟ ହରାଇଲା ୪.୩୨ ବର୍ଗ କିମି

# ଖଣିଜ ବ୍ଲକ ନିଲାମ୍ ରାସ୍ତା ପ୍ରଶସ୍ତ

## ସଙ୍କଟରେ ଜୈବ ବିବିଧତା

## ପରିବେଶବିତ୍‌ଙ୍କ ଉଦ୍‌ବେଗ

ଭବାନୀପାଟଣା,୨୭।୭ (ସଂଚାର ବ୍ୟୁରୋ): ନିଲାମ ହେବ କର୍ଲାପାଟ ବକ୍ସାଇଟ ଖଣି। ରାଜ୍ୟର ଅନ୍ୟତମ ଜୈବବିବିଧତା ପୂର୍ଣ୍ଣ କର୍ଲାପାଟ ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ଥିବା ଏହି ଖଣିଜ ବ୍ଲକ ନିଲାମ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଏଥି ନିମନ୍ତେ ଅଭୟାରଣ୍ୟର ପ୍ରାୟ ୪.୩୨ବର୍ଗ କିମି ଅଞ୍ଚଳକୁ ହ୍ରାସ କରି ଦେଇଛନ୍ତି। ପରିବେଶଗତ ଦୃଷ୍ଟିରୁ ଏହି ବକ୍ସାଇଟ ଖଣି ପ୍ରକଳ୍ପ ଦୀର୍ଘ ଦଶନ୍ଧି ଧରି ଚର୍ଚ୍ଚାରେ ରହି ଆସିଥିଲା। ହାତୀ ଚଳା ପଥ ଘଞ୍ଚ ଜଙ୍ଗଲ ଥିବାରୁ ପୂର୍ବରୁ ନିଲାମ ପ୍ରକ୍ରିୟା ଆଇନଗତ ଓ ପରିବେଶ ସମ୍ବନ୍ଧୀୟ ବାଧାବିଘ୍ନର ସମ୍ମୁଖିନ ହୋଇଥିଲା । ମାତ୍ର ସରକାର ଅଭୟାରଣ୍ୟର ୪.୩୨ବର୍ଗ କିମି ଅଞ୍ଚଳକୁ ହ୍ରାସ କରାଇ ଖଣିଜ ବ୍ଲକ ନିଲାମ ମାର୍ଗ ପ୍ରଶସ୍ତ କରିଛନ୍ତି। ଏହା ଦ୍ୱାରା ଅଭୟାରଣ୍ୟର ପ୍ରାକୃତିକ ସଂରଚନା ବଦଳିଯିବ । ଜୈବବିବିଧତା ଗୁରୁତ୍ୱର କ୍ଷତି ପହଞ୍ଚିବ ବୋଲି ଅଭିଯୋଗ ଆଣି ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ପରିବେଶବିତ୍।

କଳାହାଣ୍ଡି ଜିଲ୍ଲାର ପରିବେଶଗତ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ କର୍ଲାପାଟ ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ରହିଛି କର୍ଲାପାଟ ବକ୍ସାଇଟ ବ୍ଲକ । ସରକାରୀ ଆକଳନ ଅନୁସାରେ ଏଠାକାର ୩୧୦୦ ହେକ୍ଟରରୁ ଉର୍ଦ୍ଧ ଅଞ୍ଚଳରେ ପ୍ରାୟ ୨୨୦ ନିୟୁତ ଟନ୍ ବକ୍ସାଇଟ ଗଚ୍ଛିତ ଅଛି । ଏହାର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି । ଖଣି ହାତେଇବାକୁ ବଡ ବଡ କମ୍ପାନୀ ଦୌଡ ଲଗାଇଛନ୍ତି।

ଉଲ୍ଲେଖ ଯୋଗ୍ୟ ପ୍ରାକୃତିକ ସମ୍ପଦରେ ଭରପୁର କର୍ଲାପାଟ। ପ୍ରାୟ ୧୭୫ ବର୍ଗ କିଲୋମିଟର ପରିମିତ ଅଂଚଳରେ ବ୍ୟାପ୍ତ ଏହି ଅଭୟାରଣ୍ୟରେ ପ୍ରବାହିତ ହେଉଛି ଚିର ସ୍ରୋତ ଶଗଡା ନଦୀ ଏକାଧିକ ବର୍ଷାଦିନିଆ ନାଲ ଏହାର ଜୈବବିବିଧତା ସମୃଦ୍ଧ କରୁଛନ୍ତି। ପ୍ରାକୃତିକ ଅନ୍ୟାନ୍ୟ ଉପହାର ଫୁର୍ଲିଝରଣ, ଘୁଷୁରିଗୁଡ଼ି ଓ ଖଣ୍ଡୁଆଲଧାରା ଭଳି ଜଳପ୍ରପାତ, ସବୁଜିମା ଶ୍ୟାମଳକରି ରଖିଛନ୍ତି । ଏହା ସହ ବିଭିନ୍ନ ପ୍ରଜାତିର ଜୀବଜନ୍ତୁ ରହିଛନ୍ତି। ମୟୂର, ହର୍ଣ୍ଣବିଲ ବଣ କୁକୁଡ଼ା, କାଠଯୋଡି, ପାହାଡି ମଇନା ଓ ଶଙ୍ଖଚିଲ ଭଳି ପକ୍ଷୀ ଅଛନ୍ତି। ସେହିପରି ଅନେକ ବିଷାକ୍ତ ଓ ଅଣ ବିଷାକ୍ତ ସରିସୃପ ପ୍ରଜାତିଙ୍କ ସୁରକ୍ଷିତ ଆବାସ ପାଲଟିଛି। ୧୫୭ ପ୍ରଜାତିର ପ୍ରଜାପତି, ୬ ପ୍ରଜାତିର ମାଛ ମଧ୍ୟ ଏଠାରେ ଠାବ କରାଯାଇଛି ।

କର୍ଲାପାଟ ଅଭୟାରଣ୍ୟ । ବିବିଧ ବୃକ୍ଷ ସବୁଜକୁ ନେଇ ସମୃଦ୍ଧ। ଏଠାରେ ୯୧୨ରୁ ଉଦ୍ଧାର ପ୍ରଜାତିର ଗଛଲତା ଓ ସବୁ ଚିହ୍ନଟ କରାଯାଇଛି। ତନ୍ମଧ୍ୟରେ ୭୭୮ ପ୍ରଜାତିର ଆଞ୍ଜିଓର୍ସ୍ପର୍ମସ (ସପୁଷ୍ପକ), ୩ ପ୍ରଜାତିର ଜୀମୋର୍ସ୍ପର୍ମସ (ଅପୁଷ୍ପକ), ୨୧ ପ୍ରଜାତିର ବ୍ରାଇଓଫାଇଟସ (ଆବାହି), ୪୯ ପ୍ରଜାତିର ଟେରିଡୋଫାଇଟସ (ଫର୍ଣ୍ଣ ଜାତୀୟ), ୪୬ ପ୍ରଜାତିର ଜବକ, ୧୫ ପ୍ରଜାତିର ଲାଇକେନ୍ ଏଥିରେ ଅନ୍ତର୍ଭୁକ୍ତ। ଏହାବାଦ ୫୮ ଲତା ଜାତୀୟ, ୪୦୭ ଔଷଧୀୟ ୧୦୧ ବୁଦୁବୁଦୁଆ ଏବଂ ୨୧୧ ଟି ବଡ଼ ବୃକ୍ଷ ପ୍ରଜାତି ଦେଖିବାକୁ ମିଳନ୍ତି । ଅସଂଖ୍ୟ ବହୁମୂଲ୍ୟ ଔଷଧୀୟ ଗଛର ଏହାର ପ୍ରାକୃତିକ ଭଣ୍ଡାର। ଏଠାରେ ପ୍ରଚୁର ପରିମାଣରେ କରଡ଼ା ବା କର୍ଲା ଗଛ ଦେଖାଯାଏ। ଯେଉଁଥିପାଇଁ ଅଭୟାରଣ୍ୟର ନାମ କର୍ଲାପାଟ ନାମ ହୋଇଛି । ।

ସମ୍ପ୍ରତି ଖଣି ସ୍ଥାପନ ପରେ ଏହାକୁ ଆହୁରି କ୍ଷତିଗ୍ରସ୍ତ ହେବ ଆଶଙ୍କା ରହିଛି। ଏକ ଆଦର୍ଶ ଜୈବ- ମଣ୍ଡଳୀରେ ଖଣି ଶିଳ୍ପ ସ୍ଥାପନ ପାଇଁ ପରିବେଶକୁ କଙ୍କୁଚିତ କରାଯିବା ଦ୍ୱାରା ଜୈବବିବିଧତା ସମ୍ପୂର୍ଣ୍ଣ ନିଷ୍କିନ୍ନ ହୋଇଯିବାର ବିପଦ ଘନେଇବାରେ ଲାଗିଛି । ଏହାକୁ ନେଇ ପରିବେଶବିତମାନେ ଉଦବେଗ ବ୍ୟକ୍ତ ପ୍ରକାଶ କରିଛନ୍ତି। ଏଦିଗରେ ସରକାର ସମ୍ବେଦନଶୀଳ ହୋଇ ଚିନ୍ତା କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।




## ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୭।୭ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସଏସ୍) ଶାଖା ତରଫରୁ ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ (ଆଇଭିଏସ୍‌ଏଏଚ୍) ପରିସରରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ବୃକ୍ଷ ହିଁ ଜୀବନ। ବୃକ୍ଷ ଆମ ଜୀବନ ଓ ଜୀବିକା ସହିତ ଓତଃପ୍ରୋତ ଭାବେ ଜଡିତ। ବିନା ସର୍ତ୍ତ ବା ସ୍ୱାର୍ଥରେ ବୃକ୍ଷ ଆମକୁ ଖାଦ୍ୟ, ଔଷଧ, ଫଳ, ଫୁଲ, ଜାଳେଣି ଇତ୍ୟାଦି ଦେବା ସହ ଅମ୍ଳଜାନ ପ୍ରଦାନ କରି ଜୀବନ ସୁରକ୍ଷା କରେ। ବୃକ୍ଷର ଏପରି ନିସର୍ତ୍ତ ଉପକାରିତା ନେଇ ବ୍ୟାପକ ଭାବରେ ବୃକ୍ଷ ରୋପଣ କରିବାକୁ ଏଠାରେ ଏନ. ଏସ. ଏସ ତରଫରୁ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

ଏନ୍‌ଏସ୍‌ଏସ୍ ପକ୍ଷରୁ ଆଇଭିଏସ୍‌ଏଏଚ୍ ପରିସରରେ ଏନ. ଏସ. ଏସର ଆବାହକ ଡ଼ଃ କମଳ ଲୋଚନ ମହାନ୍ତଙ୍କ ଅଧକ୍ଷତାରେ ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଭିଏସଏଏଚ୍‌ର ଡିନ ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହିତ ବୃକ୍ଷର ଉପକାରିତା, ବିଶ୍ୱ ଉତାପ ହ୍ରାସ, ପରିବେଶ ସୁରକ୍ଷା, ବନ୍ୟ ପ୍ରାଣୀ ସୁରକ୍ଷା, ଜଳସ୍ତର ବୃଦ୍ଧି ସହିତ ଚାଷ କ୍ଷେତ୍ରରେ ଉନ୍ନତି ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଯୁବ ଛାତ୍ରଛାତ୍ରୀ ମାନଙ୍କୁ ବ୍ୟାପକ ବୃକ୍ଷ ରୋପଣ କରି ପରିବେଶର ସନ୍ତୁଳନ ରକ୍ଷା କରିବାକୁ ପ୍ରଫେସର ଦାସ ପରାମର୍ଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଆଇଭିଏସ୍‌ଏଏଚର ନିର୍ଦ୍ଦେଶକ ତଥା ଆବାହକ ଓ ମନିଟରିଙ୍ଗ ପ୍ରଫେସର କୌତୁକ କୁମାର ସର୍ଦ୍ଦାର, କୃଷି ବିଜ୍ଞାନ ମହାବିଦ୍ୟାଳୟ (ଆଇଏଏସ)ର ଡିନ ପ୍ରଫେସର ସନ୍ତୋଷ କୁମାର ରାଉତ, ଏନ. ଏସ. ଏସ. ର ପ୍ରୋଗ୍ରାମ ଅଫିସର (ପ୍ରାଣୀ ଚିକିତ୍ସା ବିଜ୍ଞାନ) ତଥା ସହକାରୀ ଅଧ୍ୟାପକ ଦେବେନ୍ଦ୍ର ନାଥ ବିଶ୍ୱାଳ, କୃଷି ବିଜ୍ଞାନ ପ୍ରତିଷ୍ଠାନର ଏନ. ଏସ. ଏସ ଅଫିସର ସରୋଜ କୁମାର ମହାନ୍ତି, ଏନ. ସି. ସି ଅଫିସର ସନ୍ତୋଷ କୁମାର ସାହୁଙ୍କ ସମେତ ୨୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରି ବିଭିନ୍ନ ଗଛ ଯଥା - ବଉଳ, ଅଁଳା, ବେଲ, ଓଉ, ନିମ୍ବ, ସୁନାରୀ, ଜାମ୍ବୁ ଆଦିର ଚାରା ରୋପଣ କରିଥିଲେ।

## ଅଖିଳ ଭାରତୀୟ ଯୁବକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ସୁନ୍ଦରଗଡ଼,୨୭।୭ (ସଂଚାର ବ୍ୟୁରୋ): ଅଖିଳ ଭାରତୀୟ ଯୁବକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହେମଗିର ଅତିରିକ୍ତ ତହସିଲଦାରଙ୍କ ଜରିଆରେ ସୋମବାର ଦିନ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଦାବି ପୂରଣ ନକଲେ ଆଗକୁ ଖଣିଖାଦାନ ସମେତ ସରକାରୀ କାର୍ଯ୍ୟାଳୟ ତାଲା ପକାଇବାକୁ ଚେତାବନି ଦେଇଛନ୍ତି।



ହେମଗିରି ବ୍ଲକ ଅଖିଳ ଭାରତୀୟ ଯୁବକ ସଂଘ ପକ୍ଷରୁ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନକୁ ଆଜିକୁ ୩୫ ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନିକ ଅଧିକାରୀଙ୍କ ନିଦ ଭାଙ୍ଗିନି କି କାହାରି ଦର୍ଶନ ମିଳିନାହିଁ । ହେମଗିରି ବ୍ଲକ ସିପିଆଇ ନେତୃବୃନ୍ଦ ଉକ୍ତ ଆନ୍ଦୋଳନକୁ ସମର୍ଥନ ଦେବା ସହ ସହଯୋଗ କରିଛନ୍ତି ଏବଂ ସୋମବାର ଦିନ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦାବି ପତ୍ରରେ ପିଲାଙ୍କ ପଢ଼ା ବହିରେ ତ୍ରୁଟିପୂର୍ଣ୍ଣ ଶବ୍ଦ ଛାପିବାକୁ ନେଇ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଖଣିଖାଦାନ ଅଞ୍ଚଳ ହୋଇ ମଧ୍ୟ ଶିକ୍ଷିତ ଯୁବକ ଯୁବତୀ ବେକାର୍, ସ୍କୁଲ ମାନଙ୍କ ରେ ଡିଏମଏଫ୍ ରୁ ପାଉଣା ଦେଇ ଶିକ୍ଷକ ଭର୍ତ୍ତି, କୌଶଳ ପ୍ରଶିକ୍ଷଣ ପାଇଁ ଉଚ୍ଚଶିକ୍ଷା କେନ୍ଦ୍ର ସ୍ଥାପନ , ପ୍ରଶିକ୍ଷଣ ପରେ ନିଯୁକ୍ତି ଇତ୍ୟାଦି ବିଭିନ୍ନ ଦାବି ଉଲ୍ଲେଖ କରିଛନ୍ତି ।

## ଗୋ ମାତାଙ୍କୁ ରାଷ୍ଟ୍ରମାତା ଘୋଷଣା ଦାବି



ସୁନ୍ଦରଗଡ଼,୨୭।୭ (ସଂଚାର ବ୍ୟୁରୋ): ଆଜି ଗୋ ରକ୍ଷକ, ବଜରଙ୍ଗ ଦଳ, ବିଶ୍ୱହିନ୍ଦୁ ପରିଷଦ, ମହାକାଳ ପରିବାର ପକ୍ଷରୁ ଗୋ ମାତାଙ୍କୁ ରାଷ୍ଟ୍ରମାତା ଘୋଷଣା ନେଇ ଦାବୀ ଉଠିଛି। ଆଜି ଏକ ବିଶାଳ ପଟୁଆରରେ ମିଳିତ ହିନ୍ଦୁ ସଂଗଠନ ଅଟଳ ଛକ ସ୍ଥିତ ମହାବୀର ସେବାଟ୍ରଷ୍ଟ ନିକଟରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବୀ ପତ୍ର ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ସଂଗଠନର ଦାବୀ ହେଲା ଗୋ ହତ୍ୟାକୁ ସମ୍ପୂର୍ଣ୍ଣ ନିଷେଧ ସହ ଗୋମାତାଙ୍କ ସୁରକ୍ଷା ନେଇ ଗୋଶାଳା ନିର୍ମାଣ ଏବଂ ଯାହା ତାଙ୍କର ମୁଖ୍ୟଦାବୀ ଗୋମାତାଙ୍କୁ ରାଷ୍ଟ୍ରମାତା ଘୋଷଣା କରାଯାଉ।

## ୨୭ତମ ସାଧାରଣ ଅଧିବେଶନ



ହିଞ୍ଜିଳିକାଟୁ,୨୭।୭ (ସଂଚାର ବ୍ୟୁରୋ): ହିଂଜିଳିକାଟୁ ପୌରାଂଚଳ ସ୍ଥିତ ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର ପରିସରରେ ସ୍ଥାନୀୟ ଭାଗବତ କଥା ବିତରଣ ପରିଷଦର ସଭାପତି ଦେବାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ୨୭ ତମ ଅଧିବେଶନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଆୟ, ବ୍ୟୟ ଓ ବିଗତ କାର୍ଯ୍ୟକ୍ରମର ଏକ ଚିଠା ଉପସ୍ଥାପନା କରିଥିଲେ ଏବଂ ଏହାକୁ ପରିଷଦର ସମସ୍ତ ସଭ୍ୟ ସର୍ବସମ୍ମତି କ୍ରମେ ପାରିତ କରିଥିଲେ । ଆଗାମୀ ବର୍ଷ ପାଇଁ ପରିଷଦ ପକ୍ଷରୁ ବିଭିନ୍ନ ରଚନାତ୍ମକ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତି ନିଆଯାଇଛି | ଉକ୍ତ ଅଧିବେଶନରେ ସମ୍ପାଦକ ତରୁଣ କୁମାର ପଣ୍ଡାଙ୍କ ସମେତ ବହୁ ଭଗବତ୍ ପ୍ରେମୀ ଅଂଶ ଗ୍ରହଣ କରିଥିଲେ ।

## ଦାଣ୍ଡରେ ବସିଛି ଝିଅ, ଘରେ ମା'ର ଆତ୍ମହତ୍ୟା; କାରଣ ଅସ୍ପଷ୍ଟ

ହିଞ୍ଜିଳିକାଟୁ,୨୭।୭ (ସଂଚାର ବ୍ୟୁରୋ): ଜେଜେ ମା ସହ ଅଢ଼େଇ ବର୍ଷର କୁନି ଝିଅ ଦାଣ୍ଡରେ ଖେଳୁଥିବା ବେଳେ ଘର ଭିତରେ ମାର ଆତ୍ମହତ୍ୟା | ଏହି ଘଟଣା ହିଞ୍ଜିଳି ବ୍ଲକ ବେଲ ଗାଁ ଥାନା ଅଧୀନ ବେଲେଶ୍ୱର ସାହିରେ ଦେଖିବାକୁ ମିଳିଛି | ମୃତକ ମହିଳା ହେଲେ ଝୁମୁରୀ ନାହାକ (୨୪)|

ସୂଚନା ପ୍ରକାରେ , ବେଲ ଗାଁ ଥାନା ଅଧୀନ ବେଲେଶ୍ୱର ସାହିରେ ମହିଳା ଜଣକ ଉକ୍ତ ସାହିରେ ଭଡ଼ା ସୂତ୍ରରେ ରହି ଆସୁଥିଲେ | ମହିଳାଙ୍କ ସ୍ୱାମୀ କଟକର ଏକ ଘରୋଇ ହୋଟେଲରେ କାମ କରନ୍ତି | ତେବେ ଗତକାଲି ଜେଜେ ମା ସହ ଅଢ଼େଇ ବର୍ଷର କୁନି ଝିଅ ଦାଣ୍ଡରେ ଖେଳୁଥିବା ବେଳେ ଘରେ କେହି ନଥିବା ଦେଖି ମହିଳା ଜଣକ କବାଟ କୋଣରେ ଲୁଗା ସାହାଯ୍ୟରେ ଝୁଲି ପଡ଼ିଥିଲେ | ପରେ ପରିବାର ଲୋକେ ଓ ସ୍ଥାନୀୟ ଲୋକେ ଜାଣିବା ପରେ ସଂଗେ ସଂଗେ ବେଲ ଗାଁ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବେଲ ଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରି ଥାନାରେ ୦୪/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି | ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନଥିବା ବେଳେ ଘଟଣାର ପୋଲିସର ତଦନ୍ତ ଜାରି ରହିଛି ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

## ୨୭ତମ କାରଗିଲ ବିଜୟ ଦିବସ ପାଳିତ




ବାଲିଆପାଳ, ୨୭।୭ (ସଂଚାର ବ୍ୟୁରୋ): ଭାରତୀୟ ପୂର୍ବତନ ସୈନିକ ସଂଗଠନ, ବାଲିଆପାଳ ଶାଖା ପକ୍ଷରୁ ୨୭ତମ କାରଗିଲ ବିଜୟ ଦିବସ ସ୍ଥାନୀୟ ଗୁରୁକୁଳ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ସଂଗଠନର ସଭାପତି ମନୋଜ କୁମାର ସୀ, ପୂର୍ବ ସଭାପତି କମଳ ଲୋଚନ ପିଳା, ରାମଚନ୍ଦ୍ର ଜେନା ଏବଂ ଜୟରାମ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜାତୀୟ ସଙ୍ଗୀତ ଗାନରୁ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

କାରଗିଲ ଯୁଦ୍ଧରେ ଦେଶ ପାଇଁ ଜୀବନ ଦାନ କରିଥିବା ୫୨୭ଜଣ ଅମର ବୀର ସୈନିକ ମାନଙ୍କର ଶୌର୍ଯ୍ୟ ଓ ବଳିଦାନକୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ସଂଗଠନ ତରଫରୁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାରଗିଲ ଯୁଦ୍ଧରେ ଅଂଶ ଗ୍ରହଣ କରିଥିବା ସଦସ୍ୟ ରାମଚନ୍ଦ୍ର ଜେନା, ଜୟରାମ ପାତ୍ର, କାଳିଚରଣ ମହାନ୍ତି, ପ୍ରଦୀପ କୁମାର ପରିଡା, ନାରାୟଣ ପ୍ରଧାନ,ଚୈତନ୍ୟ ପ୍ରଧାନ, ନିରଞ୍ଜନ ଗିରି, ଅବିନାଶ ପରିଡା, ଶ୍ରୀଧର ସାହୁ, ଗୌରହରି ମହାନ୍ତି, ନବୀନ କୁମାର ବିଶ୍ୱାଳ ଏବଂ ଅଜୟ କୁମାର ଦାସ ଅଧିକାରୀଙ୍କୁ ସଂଗଠନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଏହି ଅବସରରେ ଭାରତୀୟ ସେନାର ଅଦମ୍ୟ ସାହସ, ବଳିଦାନ, ପରାକ୍ରମ, ଅଟଳ ସଂକଳ୍ପ ଏବଂ ଦେଶଭକ୍ତି ଚିର ସ୍ମରଣୀୟ ହୋଇ ରହିବା ସହିତ ଦେଶବାସୀଙ୍କୁ ପ୍ରେରଣା ଯୋଗାଇବ ବୋଲି କାରଗିଲ ଯୁଦ୍ଧା ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ପୂର୍ବ ସ୍ଥଳସେନା, ବାୟୁସେନା ଏବଂ ନୌସେନାର ତଥା ବୀରନାରୀ ମାନେ ଉପସ୍ଥିତ ହୋଇ କାରଗିଲ ସହିଦ ବୀର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

କାରଗିଲ ସହିଦ ସ୍ମୃତିରେ " ଏକ ସହିଦ, ଏକ ବୃକ୍ଷ " ନାମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂଗଠନ ପକ୍ଷରୁ ତୁରନ୍ତ ଆରମ୍ଭ କରାଯିବ ବୋଲି ସମ୍ପାଦକ ରାଧାନାଥ ରାଉତ ଘୋଷଣା କରିଥିଲେ।

# ନେଟୱର୍କ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ



ଫୁଲବାଣୀ,୨୭।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଗୁଦାରି ପଞ୍ଚାୟତର ମୋବାଇଲ ନେଟୱର୍କ ସମସ୍ୟାକୁ ନେଇ ରାସ୍ତାରୋକ କଲେ ଗ୍ରାମବାସୀ। କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅନ୍ତର୍ଗତ ମୁଳଗୁଦାରି ଗ୍ରାମରେ ଦୀର୍ଘଦିନ ଧରି ମୋବାଇଲ ଟାୱାର ଥିଲେ ମଧ୍ୟ ନେଟୱର୍କ ସେବା ମିଳୁନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବହୁବାର ପ୍ରଶାସନକୁ ଜଣାଇଲେ ମଧ୍ୟ ସମସ୍ୟାର ସମାଧାନ ନ ହେବାରୁ ଆଜି ଗ୍ରାମବାସୀ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ଘଟଣାସ୍ଥଳରେ ଖଜୁରୀପଡ଼ା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅନ୍ତର୍ଗତ ମୁଳଗୁଦାରି ଗ୍ରାମରେ ବହୁଦିନ ହେଲା ମୋବାଇଲ ଟାୱାର ବସିଥିଲେ ମଧ୍ୟ ନେଟୱର୍କ ସମସ୍ୟା ଲାଗି ରହିଛି। ଏନେଇ ଗ୍ରାମର ଏସଏସଜି ମହିଳା, ଯୁବକ ଓ ସ୍ଥାନୀୟ ବାସିନ୍ଦାମାନେ ବହୁବାର ଜିଲ୍ଲାପାଳ ଓ ଖଜୁରୀପଡ଼ା ବ୍ଲକ ପ୍ରଶାସନଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ ସମସ୍ୟାର ସମାଧାନ ନ ହେବାରୁ ଆଜି ଗ୍ରାମବାସୀ ରାସ୍ତା ରୋକ କରି ପ୍ରତିବାଦ ଜଣାଇଥିଲେ ଦୁଇ ଘଣ୍ଟାରୁ ଉର୍ଦ୍ଧ ହେବ ରାସ୍ତା ରୋକ୍ କରିଥିଲେ।

ଗ୍ରାମରେ ମୋବାଇଲ ନେଟୱର୍କ ନଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ଫୋନ କରିବାକୁ ହେଲେ କିଛି ବାଟ ଓ ବଣ ଜଙ୍ଗଲ ଓ ପାହାଡ କୁ ଯିବାକୁ ପଡ଼େ କିଲୋମିଟର ଦୂରକୁ ଯିବାକୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫୁଲବାଣୀ ସହରଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଥିବା ସତ୍ତ୍ୱେ ଏଭଳି ସମସ୍ୟାରେ ଲୋକେ ଭୋଗୁଥିବା କହିଛନ୍ତି। ପରେ ଖଜୁରୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ରୋକ ହଟିଥିଲ।

## ତୃତୀୟ ଶ୍ରୀକ୍ଷେତ୍ର ସ୍ନାନ ମଣ୍ଡପରେ ଭଜନ ସନ୍ଧ୍ୟା ସମାରୋହ



ନୀଳଗିରି,୨୭।୭ (ସଂଚାର ବ୍ୟୁରୋ): ନୀଳଗିରି ଶ୍ରୀ ଜଗନ୍ନାଥ ମନ୍ଦିର ସ୍ନାନମଣ୍ଡପ ରେ ଶ୍ରୀଜୀଉ ଙ୍କ ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ନବଯୌବନ ଭଜନ ସନ୍ଧ୍ୟା କମିଟିର ୩୧ତମ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟିକୁ କମିଟିର ସଭାପତି ସରୋଜ କୁମାର ସେଠୀ, ସମ୍ପାଦକ ଅଭିଷେକ ମହାପାତ୍ର, ଉପଦେଷ୍ଟା ଦେବେନ୍ଦ୍ର ପଣ୍ଡା ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସଭାପତି ଶ୍ରୀଯୁକ୍ତ ସେଠୀ କଳାକାର ମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କମିଟି ର ସଦସ୍ୟ ସଞ୍ଜୀବ ବେହେରା ଙ୍କ ଗତ ତା୨୧/୦୭/୨୬ ରିଖ ହୃଦଘାତ ରେ ପରଲୋକ ଘଟିଥିବାରୁ ୧ ମିନିଟ୍ ନୀରବ ପ୍ରାର୍ଥନା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପାଦକ ଶ୍ରୀ ମହାପାତ୍ର କମିଟି ର ବାର୍ଷିକ ବିବରଣୀ ପାଠ କରିଥିଲେ।

ବରିଷ୍ଠ ସଦସ୍ୟ ମନୋଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ର ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଓ ଶିବ ପ୍ରସାଦ ଦାସଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା, ଆଜୀବନ ସଦସ୍ୟ ଡକ୍ଟର ଅମିତାଭ ଗିରି ମଧ୍ୟ ଏକ ସୁନ୍ଦର ଶ୍ରୀ ଜଗନ୍ନାଥ ଙ୍କ ଭଜନ ଗାନ କରିଥିଲେ। କମିଟି ର ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ରାଉତ, ଗୋପୀନାଥ ପାତ୍ର, କମଳାକାନ୍ତ ବାରିକ୍, ପୂର୍ଣ୍ଣଶ୍ଲୋକ ନନ୍ଦ, କୁମାର ରାଏ, ଦିବ୍ୟ ମହାପାତ୍ର, ଅବିନାଶ ନନ୍ଦ, ସୁବ୍ରମଣ୍ୟମ ଦାସବାବୁ, ବିବେକାନନ୍ଦ କର, ପୁରୁଷୋତ୍ତମ ଦାସ, ମାନସ ଶତପଥୀ, ମନୋରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ବହୁ ସଂଖ୍ୟାରେ ଶ୍ରୋତାଗଣ ବଡ଼ଦାଣ୍ଡ ରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ବଜ୍ରପାତରେ ଗର୍ଭବତୀ ଗାଈ ମୃତ, କ୍ଷତିପୂରଣ ଦାବି



କାକଟପୁର/ଅସ୍ତରଙ୍ଗ, ୨୭।୭ (ସଂଚାର ବ୍ୟୁରୋ): ପ୍ରବଳ ବର୍ଷା ସହ ଘଡଘଡି ମଧ୍ୟରେ ବଜ୍ରପାତ ପଡି ଏକ ଗର୍ଭବତୀ ଗାଈର ମୃତ୍ୟୁ ହୋଇଥିବା ଘଟଣା ପୁରୀ ଜିଲ୍ଲା କାକଟପୁର ବ୍ଲକ ଜଳେଶ୍ୱରପଡା ପଂଚାୟତ ଅଧୀନ କଜଳପାଡିଆ ଗାଁରେ ଘଟିଛି।

ସୋମବାର ଅପରାହ୍ନରେ ଆକାଶ ମେଘାଚ୍ଛନ୍ନ ହୋଇ ପ୍ରବଳ ବର୍ଷା ସହ ଘଡଘଡି ହେଉଥିଲା। ଏହି ସମୟରେ କଜଳପାଡିଆ ଗାଁର ଜଣେ ଚାଷୀଙ୍କ ଗର୍ଭବତୀ ଗାଈଟି ଗାଁ ନିକଟ ବିଲମୁଣ୍ଡରେ ବନ୍ଧା ହୋଇ ଚରୁଥିଲା। ହଠାତ୍ ପାଗ ଖରାପ ହେବାରୁ ଗାଈଟିକୁ ଘରକୁ ଆଣିବା ପାଇଁ ଚାଷୀ ଜଣକ ଯିବା ପୂର୍ବରୁ ଜୋରରେ ବଜ୍ରପାତ ହୋଇ ଗାଈଟି ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲା। ଗାଈଟି ଗର୍ଭବତୀ ଥିବାରୁ ଚାଷୀ ପରିବାର ଉପରେ ଦୁଇଗୁଣ ଆର୍ଥିକ କ୍ଷତି ହୋଇଛି। ଏହି ଅଘଟଣ ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଶୋକ ବ୍ୟକ୍ତ କରିଥିଲେ।

ସ୍ଥାନୀୟ ଲୋକମାନେ କାକଟପୁର ତହସିଲଦାରଙ୍କ ନିକଟରେ ଦାବୀ କରିଛନ୍ତି ଯେ, ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ପ୍ରଭାବିତ ଚାଷୀ ପରିବାରକୁ ତୁରନ୍ତ ସରକାରୀ ସହାୟତା ଓ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ। ବର୍ଷା ଦିନରେ ପଶୁପାଳକମାନେ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ସେମାନେ ଅନୁରୋଧ କରିଛନ୍ତି।

# ୪ କୋଟିର ରାସ୍ତାରେ ୪ ମାସରେ ଫାଟ

## ନିମ୍ନମାନର କାର୍ଯ୍ୟ ଅଭିଯୋଗ

## ଭିଜିଲାନ୍ସ ତଦନ୍ତ ଦାବି



ବାଲିପାଟଣା, ୨୭।୭ (ସଂଚାର ବ୍ୟୁରୋ): ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳୀପୁର ହାଇସ୍କୁଲ ଠାରୁ ଅପୂଜା ପର୍ଯ୍ୟନ୍ତ ପାଖାପାଖି ପାଞ୍ଚ କିଲୋମିଟର ରାସ୍ତା ପାଇଁ ଚାରି କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାସ୍ତା ଫାଳ ଫାଳ ହୋଇଥିବା ନେଇ ଅଭିଯୋଗ ହେବା ସହିତ ସୁରକ୍ଷା ବାଡା ଧରାଶାୟୀ ହୋଇଥିବା ଜଣାପଡିଛି । ଏହି ରାସ୍ତାଟି ୨୦୨୪ ମସିହାରେ ୫ଟି ଯୋଜନାରେ ସାମିଲ ହୋଇଥିଲା। ଅବଧି ଶେଷ ହୋଇଥିଲେ ସୁଦ୍ଧା ରାସ୍ତାଟି ଗତ ତିନି ମାସ ତଳେ ଶେଷ ନ ହେଉଣୁ ରାସ୍ତା ସାରା ଖାଲଖମା ସାଙ୍ଗକୁ ମେଷ୍ଟାଲ ଉଠିଲାଣି। ରାସ୍ତା କାମ ନିମ୍ନମାନର ହୋଇଥିବା କାରଣରୁ ରାସ୍ତା ଫାଟି ଆଁ କରିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମେଷ୍ଟାଲିଙ୍ଗ, ପିଚୁ ଏବଂ ବ୍ୟବହୃତ ଗୋଡି ସମେତ ପ୍ରାଇମର ପରିମାଣରେ ଭାଗମାପ କମ ଥିବା ଯୋଗୁଁ ରାସ୍ତା ଖୁବ୍ କମ୍ ଦିନରେ ଏପରି ଅବସ୍ଥା ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ବନମାଳୀପୁର ଉଚ୍ଚବିଦ୍ୟାଳୟ ଠାରୁ ଅପୂଜା ପର୍ଯ୍ୟନ୍ତ ନିର୍ମିତ ପ୍ରାୟ ୫.୦୨୦ କି.ମି. ରାସ୍ତା ଏବେ ଫାଟି ଆଁ କରିଛି। ଏହି ପ୍ରକଳ୍ପ ପାଇଁ ମୋଟ ୪,୨୦,୧୩,୦୭୯ ଟଙ୍କା ଅର୍ଥରାଶି ମଞ୍ଜୁର ହୋଇଥିଲା। ୧୯/୦୧/୨୦୨୪ରେ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୧୮/୦୭/୨୦୨୪ ସୁଦ୍ଧା ସାରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଏବଂ ପ୍ରଶାସନିକ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ କାମ ବିଳମ୍ବ ହେବା ସହ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି।

ଏହି ରାସ୍ତା ଉପରେ ୨ଟି ବ୍ଲକ୍‌ର ପ୍ରାୟ ୨୦ରୁ ୩୦ଟି ଗ୍ରାମର ଲୋକେ ନିର୍ଭରଶୀଳ। ପ୍ରତିଦିନ ହଜାର ହଜାର ଗାଡ଼ି ସହିତ ଶହ ଶହ ଛାତ୍ରଛାତ୍ରୀ ଏହି ବାଟଦେଇ କଲେଜ ଓ ସ୍କୁଲ ଯାତାୟାତ କରନ୍ତି।ବର୍ତ୍ତମାନ ରାସ୍ତାରୁ ପିଚୁ ଉଠିଯାଇ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଛି ଏବଂ ସୁରକ୍ଷା ବାଡ଼ ମଧ୍ୟ ଧରାଶାୟୀ ହୋଇଛି। ପରିସ୍ଥିତି ଏଭଳି ହୋଇଛି ଯେ,ଗ୍ରାମକୁ ଜରୁରୀକାଳୀନ ଆମ୍ବୁଲାନ୍ସଟିଏ ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଠିକାଦାରଙ୍କ ଏଭଳି ମନମୁଖୀ କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତାଟିର ପୁନଃନିର୍ମାଣ କରାଯିବା ସହ ସମ୍ପୃକ୍ତ ଠିକାଦାର ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ କରାଯିବାକୁ ଜନସାଧାରଣ ଦାବି କରିଛନ୍ତି। ପ୍ରଶାସନର ନିଦ କେବେ ଭାଙ୍ଗୁଛି, ତାହା ଦେଖିବାକୁ ବାକି ରହିଲା।

ଏ ସମ୍ପର୍କ ରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ଉତ୍ତର ମିଳିପାରିନାହିଁ।




# ବ୍ରଣ ସମସ୍ୟାରୁ ମୁକ୍ତିଦେବ ପିଜୁଳି ପତ୍ରର ଫେସ୍ ପ୍ୟାକ୍



ଖରାଦିନ ଆସିଲେ ତ୍ୱଚା ଉପରେ ପ୍ରଥମେ ବ୍ରଣ ସମସ୍ୟା ହିଁ ବାହାରିଥାଏ, ଯାହାର କାରଣ ହେଉଛି ପ୍ରବଳ ଗରମ ଏବଂ ଝାଳ। ନିଜ ସ୍କିନ୍‌କୁ ସୁରକ୍ଷିତ ରଖିବା ପାଇଁ ମହିଳାମାନେ ଖରାଦିନେ ସନସ୍କ୍ରୀନ୍ ଆଦି ବ୍ୟବହାର କରିଥାଆନ୍ତି। କିନ୍ତୁ ଏହା ସତ୍ତ୍ୱେ କୌଣସି ପ୍ରଭାବ ପଡ଼ି ନ ଥାଏ। ଏମିତିରେ ଯଦି ଆପଣ ବି ଏହି ଦିନେ ବ୍ରଣ, ଟ୍ୟାନିଂ ଆଦି ସମସ୍ୟାକୁ ନେଇ ଚିନ୍ତିତ ଅଛନ୍ତି, ତା'ହେଲେ ଆମେ ଆପଣଙ୍କ ପାଇଁ ଏମିତି କିଛି ଜିନିଷ ନେଇକି ଆସିଛୁ, ଯଦ୍ୱାରା ଆପଣଙ୍କୁ ବହୁତ ଆରାମ ମିଳିପାରିବ। ଗ୍ରୀଷ୍ମ ଋତୁରେ ପିଜୁଳି ବହୁତ ଲାଭଦାୟକ ହୋଇଥାଏ। ସେହିପରି ଏହାର ପତ୍ର ମଧ୍ୟ ବହୁତ ଉପକାରୀ ବୋଲି ଜଣାଯାଏ। ପିଜୁଳି ପତ୍ରରେ ଆଣ୍ଟି ମାଇକ୍ରୋବିୟଲ ଆକ୍ସନ ହୋଇଥାଏ। କାହିଁକି ନା, ଏଥିରେ ଗ୍ୟାଲିକ ଏସିଡ୍, ଏସ୍କୋର୍ବିକ ଏସିଡ, କାରୋଟେନାଇଡ୍‌ସ ଭଳି ଆକ୍ଟିଭ ଇନ୍‌ଗ୍ରୀଡିଏଣ୍ଟସ୍ ମହଜୁଦ ଥାଏ, ଯାହାକି ସ୍କିନ୍ ଇନ୍‌ଫେକ୍ସନ ଏବଂ ଜ୍ୱଳନ ଆଦିକୁ ଠିକ୍ କରିପାରିଥାଏ। ଆଜି ଆମେ ପିଜୁଳି ପତ୍ରର ଫେସ୍ ପ୍ୟାକ୍ ପ୍ରସ୍ତୁତି ବିଷୟରେ କହିବୁ।

**ଆବଶ୍ୟକ ସାମଗ୍ରୀ:** ପ୍ରଥମେ କଅଁଳ ପିଜୁଳି ପତ୍ର ନିଅନ୍ତୁ। ଏହାକୁ ଭଲ ଭାବେ ସଫା କରି ନିଅନ୍ତୁ। ଏଥିରେ ଅଳ୍ପ ପାଣି ଦେଇ ଏହାର ପେଷ୍ଟ ପ୍ରସ୍ତୁତ କରନ୍ତୁ।

**ଲଗାଇବା ବିଧି:** ଏହାକୁ ଲଗାଇବା ପାଇଁ ପ୍ରଥମେ ଚେହେରାକୁ ନଖଉଷୁମ ପାଣି ଅଥବା ମାଇଲ୍ଡ କ୍ଲିଞ୍ଜରରେ ଧୁଅନ୍ତୁ। ନଚେତ୍ ଆପଣ ନିଜ ଚେହେରାକୁ ୫ ମିନିଟ୍ ପାଇଁ ଷ୍ଟିମ୍ ମଧ୍ୟ ଦେଇପାରିବେ, ଯାହାଫଳରେ କି, ଲୋମକୂପ ଖୋଲିଯିବ। ଏବେ ଏହି ପେଷ୍ଟକୁ ଚେହେରାରେ ଲଗାନ୍ତୁ। ପେଷ୍ଟ ଶୁଖିଯିବା ପରେ ଚେହେରାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।



# ଶିଶୁଙ୍କୁ ମଧ୍ୟ ହୋଇପାରେ ମଧୁମେହ

**ମଧୁମେହ ବର୍ତ୍ତମାନ ଏକ ସାଧାରଣ ରୋଗ ଭାବେ ପରିଚିତ ହୋଇଗଲାଣି। ଏହା କେବଳ ବୟସ୍କଙ୍କୁ ହୋଇଥାଏ ତାହା ନୁହଁ, ନବଜାତଠାରୁ ଆରମ୍ଭ କରି ଯବକଙ୍କ ପର୍ଯ୍ୟନ୍ତ ଏହା ସମସ୍ତଙ୍କ ନିକଟରେ ଦେଖାଯାଇଥାଏ। ଶରୀରରେ ବିଟା କୋଷିକା ଶେଷ ହେବା ପରେ ଇନ୍ସୁଲିନ୍ ପ୍ରସ୍ତୁତ ହେବା ବନ୍ଦ ହୋଇଯାଇଥାଏ, ଯାହା ଫଳରେ ଶରୀରରେ ଶର୍କରା ମାତ୍ରା ବଢ଼ିଥାଏ। ମଧୁମେହକୁ ସଠିକ୍ ସମୟରେ ଚିହ୍ନଟ କରି ଏହାର ଉପଚାର କରିବା ଦ୍ୱାରା ଶିଶୁଙ୍କୁ ମଧୁମେହରୁ ରକ୍ଷା କରାଯାଇପାରିବ। ଏଣୁ ଆସନ୍ତୁ ଜାଣିବା ଶିଶୁ ମଧୁମେହର ଲକ୍ଷଣ ଏବଂ ଏହାର ଉପଚାର।**

**ଲକ୍ଷଣ:** ବାରମ୍ବାର ଶୋଷ ଲାଗିବା ସହ ବାରମ୍ବାର ପରିସ୍ରା ଲାଗିବା। ଶିଶୁଙ୍କୁ ଖାଦ୍ୟ ଗ୍ରହଣର ତୁରନ୍ତ ପରେ ଆହୁରି ଭୋକ ଲାଗିବା। ଯେତେ ପରିମାଣର ଖାଦ୍ୟ ଗ୍ରହଣ କଲେ ମଧ୍ୟ ଓଜନରେ କୌଣସି ପ୍ରକାରର ବୃଦ୍ଧି ନ ଘଟିବା। ଶରୀରରେ ଇନସୁଲିନର ମାତ୍ରା କମ୍ ରହିବ ଯୋଗୁଁ ଥକାପଣ ଅନୁଭବ ହେବା। ଶିଶୁଙ୍କ ସଂକ୍ରମଣ ହେବା ବା ଡ଼ାଏପର ପିନ୍ଧିଲେ ଖଣ୍ଡିଆ ହୋଇ ଶୀଘ୍ର ନଶୁଖିବା।

**କିପରି କରିବେ ଉପଚାର:** ପୋଷକଯୁକ୍ତ ଖାଦ୍ୟ ସହ ସଠିକ୍ ସମୟରେ ଖାଦ୍ୟ ଗ୍ରହଣ କରାନ୍ତୁ। ଶରୀରରେ ଇନ୍ସୁଲିନ୍ ମାତ୍ରା ଠିକ୍ ରହିଛି କି ନାହିଁ ସମୟ ବ୍ୟବଧାନରେ ପରୀକ୍ଷା କରିବା। ଶିଶୁଙ୍କୁ ନିୟମିତ ବ୍ୟାୟାମ ଅଭ୍ୟାସ କରାଇବା। ମଧୁମେହରୁ ବଞ୍ଚିବା ପାଇଁ କଲରା ଏବଂ ପିତା ଜାତୀୟ ଖାଦ୍ୟ ଦେବା ସହ ସମାନ୍ ସମୟ ବ୍ୟବଧାନରେ ରକ୍ତ ପରୀକ୍ଷା କରାଇବା।

# ହାଡ଼, କ୍ୟାନସର ପାଇଁ ବ୍ରୋକଲି ହିତକର

ବର୍ତ୍ତମାନ ସମୟରେ ଅନେକ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି। ଖରାପ ପାଣିପାଗ ଏବଂ ଖାଦ୍ୟପେୟ ହେଉଛି ଏହାର ମୁଖ୍ୟ କାରଣ। ଭଲ ସ୍ୱାସ୍ଥ୍ୟ ପାଇଁ ଭଲ ଖାଦ୍ୟର ଆବଶ୍ୟକତା ରହିଛି ନଚେତ୍ ସ୍ୱାସ୍ଥ୍ୟକୁ ଖରାପ କରିଦେଇଥାଏ। ଆମ ସୁସ୍ଥ ଶରୀର ଗଠନ ପାଇଁ ସମସ୍ତ ପନିପରିବାର ଆବଶ୍ୟକତା ରହିଛି। ଯାହା ଆମକୁ ଅନେକ ପୋଷକ ତତ୍ତ୍ୱ ଯୋଗାଇଥାଏ। ସମସ୍ତ ପନିପରିବାରେ କିଛି ନା କିଛି ବିଶେଷ ଗୁଣ ରହିଛି। ଯାହା ଆମ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଆଜି ଆମେ ଆପଣଙ୍କୁ ସେହିଭଳି ସୁପରଫୁଡ୍ ସମ୍ପର୍କରେ ଜଣାଇବୁ। ସମସ୍ତ ପନିପରିବା ଭଳି ବ୍ରୋକଲି ମଧ୍ୟ ଆମ ଶରୀର ପାଇଁ ଉପଯୋଗୀ। ଯାହା ସାଧାରଣତଃ କୋବି ଭଳି ଦେଖାଯାଇଥାଏ। କିନ୍ତୁ ସେଇଟା କୋବି ନୁହେଁ। ଦେଖିବାକୁ ଠିକ୍ ଫୁଲ କୋବି ଭଳି ଏବଂ ନୀଳ ରଙ୍ଗର। ଯାହାର ଚାହିଦା ବର୍ତ୍ତମାନ ସମୟରେ ଖୁବ୍ ବଢ଼ିଛି। ଯାହାକୁ ଶୀତଦିନେ ଖୁବ୍ ସହଜରେ ମାର୍କେଟରୁ ମିଳିଯାଇଥାଏ। କିନ୍ତୁ କିଛି ଲୋକ ଏହାକୁ ଖାଇବାକୁ ପସନ୍ଦ କରି ନଥାନ୍ତି। ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ବ୍ରୋକଲିରେ ଅନେକ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଯାହା ଶରୀର ପାଇଁ ବରଦାନ ସଦୃଶ ହୋଇଥାଏ। ସାଲାଡ୍ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ପନିପରିବା ପର୍ଯ୍ୟନ୍ତ ଅନେକ ପ୍ରକାରର ପନିପରିବା ତିଆରିରେ ବ୍ରୋକୋଲି ବ୍ୟବହାର କରାଯାଏ। ବ୍ରୋକଲିରେ କେଉଁ ସବୁ ଉପାଦାନ ରହିଛି ଆସନ୍ତୁ ପ୍ରଥମେ ସେସମ୍ପର୍କରେ ଜାଣିବା। ବ୍ରୋକଲିରେ ଭରପୁର ମାତ୍ରାର ପ୍ରୋଟିନ୍, କ୍ୟାଲସିୟମ୍, କାର୍ବୋହାଇଡ୍ରେଟ, ଆଇରନ, ଭିଟାମିନ ଏ, ସି ଏବଂ ଅନ୍ୟାନ୍ୟ ପୋଷକ ରହିଛି। ଏହା ସହିତ ଆଣ୍ଟିଅକ୍ସିଡାଣ୍ଟ, ପୋଟାସିୟମ୍, ସେଲେନିୟମ୍, ଭିଟାମିନ୍ ବି, ଫାଇବର ଏବଂ ଫସଫରସ ଭଳି ଗୁଣ ମଧ୍ୟ ଏଥିରେ ରହିଛି। ଯାହା ସମସ୍ତ ବର୍ଗର ଲୋକଙ୍କ ପାଇଁ ଲାଭଦାୟକ ବୋଲି ପ୍ରମାଣିତ ହୋଇଛି। ତେବେ ଆସନ୍ତୁ ଏହି ବ୍ରୋକଲିର ଚମତ୍କାରୀ ଗୁଣ ସମ୍ପର୍କରେ ଜାଣିବା।

ଡାଇବେଟିସ ରୋଗୀଙ୍କ ପାଇଁ ସବୁଜ ପନିପରିବା ଫଳପ୍ରଦ ହୋଇଥାଏ। ସେହି ସବୁ ମଧ୍ୟରୁ ବ୍ରୋକଲି ଅନ୍ୟତମ। ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ



ବେଷ୍ଟ ହୋଇଥାଏ। ବ୍ରୋକଲି ଖାଇବା ଦ୍ୱାରା ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଭିଟାମିନ୍ ସି ଏବଂ ଜିଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଯାହା ଖାଇବା ଦ୍ୱାରା ରୋଗ ସହିତ ଲଢେଇ କରିବାର କ୍ଷମତାକୁ ବୃଦ୍ଧି କରେ। ପିଲାମାନଙ୍କ ପାଇଁ ଏହା ଉପଯୁକ୍ତ ଖାଦ୍ୟ ବୋଲି କୁହାଯାଇପାରେ। ବ୍ରୋକଲିରେ ଫାଇବର, ପୋଟାସିୟମ୍ ଏବଂ ପ୍ରୋଟିନରେ ଭରପୁର। ଯାହା ଖାଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ଫୁଲ କରି ରଖିଥାଏ। ଫଳରେ ଓଜନ ଯାତ୍ରାକୁ ସହଜ କରିଥାଏ। ଏତିକି ନୁହେଁ ବରଂ ଲିଭର ସମସ୍ୟା ପାଇଁ ଏହା ଶକ୍ତିଶାଳୀ ହୋଇଥାଏ। ତେଣୁ ଏହାକୁ ଆପଣ ଡାଏଟ ପ୍ଲାନରେ ଆଡ୍ କରିପାରିବେ। କ୍ୟାନସର ଭଳି ମାରାତ୍ମକ ରୋଗରୁ ମଧ୍ୟ ରକ୍ଷା କରିଥାଏ। ଏହି ସବୁ ସମସ୍ୟା ଥିଲେ ଏହାକୁ ନିଶ୍ଚିନ୍ତ ଖାଆନ୍ତୁ। କ୍ୟାଲସିୟମର ଅଭାବ ଥିଲେ ହାଡ଼ ଜନିତ ସମସ୍ୟା ଦେଖିବାକୁ ମିଳିଥାଏ। ଯାହା ଏବେ ଘରେ ଘରେ ଖୁବ୍ ସାଧାରଣ କଥା ହୋଇଗଲାଣି। ଏହି ସବୁ ସମସ୍ୟା ଦେଖାଦେଉଥିଲେ ସେସବୁ ପାଇଁ ଚିନ୍ତା କରନ୍ତୁ ନାହିଁ। ଯେଉଁଥି ପାଇଁ ପ୍ରଭାବଶାଳୀ ହୋଇଥାଏ ବ୍ରୋକଲି। ହାଡ଼ ଜନିତ ସମସ୍ୟାଠାରୁ ମୁକ୍ତି ଦେବା ସହ ହାଡ଼କୁ ମଜବୁତ କରେ। ତେଣୁ ବ୍ରୋକଲି ଖାଇବାର ଅଭ୍ୟାସ କରନ୍ତୁ।

# ଅସମୟରେ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ



ସୁସ୍ଥ ରହିବା ପାଇଁ ସଠିକ ସମୟରେ ଖାଦ୍ୟ ଖାଇବା ଖୁବ୍ ଆବଶ୍ୟକ। ଆଉ ଆମେ ଜାଣିଛେ କି ଅସମୟରେ ଖାଦ୍ୟ ଖାଇଲେ ଏହା ଶରୀର ଉପରେ କୁପ୍ରଭାବ ପକାଇଥାଏ। ଆମ ଶରୀର ମଧ୍ୟ ଖାଦ୍ୟପେୟ ପାଇଁ ଏକ ସମୟ ନିର୍ଦ୍ଧାରିତ କରିଥାଏ ଯାହାକୁ ଆମେ 'ଇଣ୍ଟରନାଲ୍ କ୍ଲକ୍' କହିଥାଉ। ବିଳମ୍ବ ବା ଅସମୟରେ ଖାଦ୍ୟ ଖାଇଲେ ଏହା ଶରୀର ସହିତ ଆମର ଲିଭର ବା ଯକୃତ ଉପରେ ସିଧାସଳଖ କୁପ୍ରଭାବ ପକାଇଥାଏ। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଆମ ଶରୀରରେ ଲିଭର ନିଜସ୍ୱ ଏକ ସମୟଚକ୍ର ରହିଛି। ଲିଭର ଆମ ଶରୀରର ରକ୍ତରେ ପ୍ରବାହିତ ପ୍ରମୁଖ ପ୍ରୋଟିନ ତତ୍ତ୍ୱକୁ ସଂଶ୍ଲେଷଣ କରିଥାଏ। ନୂତନ ପ୍ରକାଶିତ ତଥ୍ୟ ଅନୁଯାୟୀ ଲିଭର ୨୪ ଘଣ୍ଟା ଏକ ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟ କରିଥାଏ। ରକ୍ତକୁ ପ୍ରୋଟିନ ପ୍ରଦାନ କରିଥାଏ। ସେହିପରି ବିଭିନ୍ନ ସିଫ୍ଟରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ନିଜର ଚାକିରି ପାଇଁ ଅସମୟରେ ଖାଦ୍ୟଗ୍ରହଣ କରିଥାନ୍ତି। ଯଦ୍ୱାରା ତାଙ୍କ ଲିଭରର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇଥାଏ। ଅସମୟରେ ଖାଦ୍ୟ ଗ୍ରହଣ କରିବା ଲିଭରର ସର୍କେଡିଆନ ରିଦମ୍ କୁ ପ୍ରଭାବିତ କରିଥାଏ। ଶରୀରର ସମୟ ଅନୁଯାୟୀ ଲିଭର ପ୍ରୋଟିନ କ୍ଷରଣ କରୁଥିବାରୁ ଅସମୟରେ ଖାଇବା ଦ୍ୱାରା ଏହି ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ।

ଲିଭରର କାର୍ଯ୍ୟକାରିତା ୨୪ ଘଣ୍ଟାରୁ ଅଧିକ ସମୟ ଧରି ବାଧାପ୍ରାପ୍ତ ହେଲେ ଏହା ଶରୀର ପ୍ରତି ଘାତକ ସାଜିପାରେ। ଏଥିପାଇଁ ଦୀର୍ଘକାଳୀନ ମେଦବହୁଳତା ଭଳି ସମସ୍ୟା ସୃଷ୍ଟି ହୋଇଥାଏ। ଏହି ଅଧ୍ୟୟନ ଲିଭରର କାର୍ଯ୍ୟକାରିତା ଓ ମେଦବହୁଳତା ମଧ୍ୟରେ ସାମଞ୍ଜସ୍ୟ ଉପରେ ଆଲୋକପାତ କରିଛି।ଲିଭର କିପରି ମଲେକ୍ୟୁଲାର ସ୍ତରରେ କାର୍ଯ୍ୟ କରେ ଏବଂ ଏହାର ଶରୀର ଉପରେ କେଉଁ ପ୍ରଭାବ ରହିଛି ସେନେଇ ଏହି ଅଧ୍ୟୟନ ପ୍ରକାଶ ପାଇଛି। ଏହା ଆମର ପ୍ରତିଦିନର ଦିନଚର୍ଯ୍ୟା ଓ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦିଆଯାଇଛି।

# ପ୍ରତିଦିନ ରୁଟି ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର କି ?

**ରୁଟି ଅନେକ ଦିନ ଧରି ଭାରତୀୟ ଖାଦ୍ୟର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଆସିଛି। ବିଶେଷକରି ଉତ୍ତର ଭାରତରେ। ଏହାକୁ ହାଲୁକା, ସନ୍ତୁଳିତ ଏବଂ ହଜମ କରିବାକୁ ସହଜ ବୋଲି ବିବେଚନା କରାଯାଏ। ସରଳତା ଏବଂ ପରମ୍ପରାରେ ମୂଳ ଏହି ଖାଦ୍ୟ ଲୋକପ୍ରିୟ। କିନ୍ତୁ ପ୍ରକୃତରେ କ'ଣ ରୁଟି ଚିନ୍ତାମୁକ୍ତ ହୋଇ ଖାଇପାରିବେ ? ଆସନ୍ତୁ ଜାଣିବା ବିଶେଷଜ୍ଞଙ୍କ ମତ...**



ହରିୟାଣା ଗୁରୁଗ୍ରାମର ଜଣେ ଅର୍ଥୋପେଡିକ୍ ଏବଂ ଆର୍ଥ୍ରୋସ୍କୋପି ବିଶେଷଜ୍ଞ ଡକ୍ଟର ମନୁ ବୋରା ନିଜର ସୋସିଆଲ ମିଡିଆ ପୋଷ୍ଟରେ ଏକ ଭିନ୍ନ ଦୃଷ୍ଟିକୋଣ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ଗହମର ନିୟମିତ ଏବଂ ଅତ୍ୟଧିକ ବ୍ୟବହାର, ବିଶେଷକରି ଯେଉଁମାନେ ନିଜ ଓଜନ ଏବଂ ମେଟାବୋଲିକ୍ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ, ସେମାନଙ୍କ ପାଇଁ ଲୁକ୍କାୟିତ ବିପଦ ସୃଷ୍ଟି କରିପାରେ। ଡକ୍ଟର ବୋରାଙ୍କ ଅନୁଯାୟୀ, "ଯଦି ଖାଦ୍ୟରେ ସବୁଠାରୁ ଖରାପ ଜିନିଷ ଅଛି, ତେବେ ତାହା ଗହମ ହୋଇପାରେ। ଅଧିକାଂଶ ଲୋକ ପ୍ରତିଦିନ ମିଠା ଖାଆନ୍ତି ନାହିଁ, କିଛି ଲୋକ ସେଗୁଡ଼ିକୁ ଆଦୌ ଖାଆନ୍ତି ନାହିଁ। ଚିନି ବ୍ୟବହାର ମଧ୍ୟ ସମସ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ନାହିଁ। କିନ୍ତୁ ଯେଉଁମାନେ ନିରନ୍ତର ଭାବରେ ସେମାନଙ୍କ ଦୈନନ୍ଦିନ ଖାଦ୍ୟରେ ଗହମ ବ୍ୟବହାର କରନ୍ତି, ସେମାନଙ୍କ ପାଇଁ ଏହା କ୍ଷତିକାରକ ହୋଇପାରେ। ପ୍ରାଚୀନ କାଳରେ, ମଣିଷ ପ୍ରାକୃତିକ ଭାବରେ ଗହମ ବ୍ୟବହାର କରୁନଥିଲେ।"

ତାଙ୍କ ମତରେ, ଆମେ ଯାହାକୁ ସାଧାରଣ ଏବଂ ସୁରକ୍ଷିତ ବୋଲି ବିବେଚନା କରୁ, ତାହା ମଧ୍ୟ ଯଦି ଅତ୍ୟଧିକ ସେବନ କରାଯାଏ ତେବେ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ବିଶେଷକରି ଆଜିର ଦୁନିଆରେ, ଯେତେବେଳେ ଗହମ ପ୍ରାୟତଃ ପ୍ରକ୍ରିୟାକୃତ କିମ୍ବା ପରିଷ୍କୃତ ରୂପରେ ବ୍ୟବହାର କରାଯାଏ, ଏହାର ପ୍ରଭାବ ଆହୁରି ବଢ଼ିପାରେ। ଡକ୍ଟର ବୋରା ବ୍ୟାଖ୍ୟା କରନ୍ତି ଯେ, ଅତ୍ୟଧିକ ପ୍ରକ୍ରିୟାକୃତ ଗହମ ଉତ୍ପାଦ ପ୍ରଦାହ, ଓଜନ ବୃଦ୍ଧି ଏବଂ ମେଟାବୋଲିକ୍ ବିକାର ଭଳି ସମସ୍ୟା ସୃଷ୍ଟି କରିପାରେ। ଅଧିକ ପରିମାଣରେ ଏବଂ ନିୟମିତ ଭାବରେ ସେବନ କଲେ, ଏହା ଧୀରେ ଧୀରେ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ। ଏହି କାରଣରୁ ସେ ସନ୍ତୁଳନ ଏବଂ ସଂଯମତା ଉପରେ ଗୁରୁତ୍ୱ ଦିଅନ୍ତି।

ତେବେ ଏହାର ଅର୍ଥ ନୁହେଁ ଯେ ଆପଣ ରୁଟି ସମ୍ପୂର୍ଣ୍ଣ ଭାବରେ ଛାଡିଦେବା ଉଚିତ, କିନ୍ତୁ ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ଏହାର ପରିମାଣ ଏବଂ ଗୁଣବତ୍ତା ଉଭୟ ଗୁରୁତ୍ୱପୂର୍ଣ୍ଣ। ସମ୍ପୂର୍ଣ୍ଣ ଶସ୍ୟ ବାଛିବା, ସେଗୁଡ଼ିକୁ ସୀମିତ ପରିମାଣରେ ଖାଇବା ଏବଂ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଅଧିକ ବୁଦ୍ଧିମାନର ହୋଇପାରେ। ତାଙ୍କ ମତରେ, ଆପଣଙ୍କ ଦୈନନ୍ଦିନ ପ୍ଲେଟରେ ଥିବା ଖାଦ୍ୟ ମଧ୍ୟ ମନମୁଖୀ ଭାବରେ ନ ଖାଇ ବୁଦ୍ଧିମାନ ଭାବରେ ବାଛିବା ଉଚିତ। ଏକ ସୁସ୍ଥ ଖାଦ୍ୟ କେବଳ ଆପଣ କ'ଣ ଖାଆନ୍ତି ତାହା ଉପରେ ନୁହେଁ, ବରଂ କେତେ ଏବଂ କେଉଁ ଆକାରରେ ଖାଆନ୍ତି ତାହା ଉପରେ ମଧ୍ୟ ନିର୍ଭର କରେ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ହଷ୍ଟେଲ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

## ରେଜିଷ୍ଟ୍ରାରଙ୍କୁ ଘେରାଉ, ମାସେ ମଧ୍ୟରେ ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ



ଜୟପୁର,୨୭।୭ (ସଂଚାର ବ୍ୟୁରୋ): ଅବିଭକ୍ତ କୋରାପୁଟ ଜିଲ୍ଲାର ଉଚ୍ଚଶିକ୍ଷାର ଅନ୍ୟତମ ପ୍ରମୁଖ କେନ୍ଦ୍ର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ମୌଳିକ ସୁବିଧାର ଅଭାବକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ବିଶେଷକରି ହଷ୍ଟେଲଗୁଡ଼ିକରେ ଜରାଜୀର୍ଣ୍ଣ ଅବସ୍ଥା ଓ ସୁରକ୍ଷା ବ୍ୟବସ୍ଥାର ଅଭାବକୁ ନେଇ ସୋମବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ତୀବ୍ର ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଏବିଭିପି ସଭାପତି ଜ୍ୟୋତି ରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ୫୦ରୁ ଅଧିକ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ନାୟକଙ୍କୁ ଘେରାଉ କରିବା ସହିତ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଗତ ରାତିରେ ପିଏମ୍‌ଜି-୨ ଛାତ୍ରୀନିବାସର ଛାତରୁ ସ୍ଲାବର ଏକ ଅଂଶ ଖସିପଡ଼ିବାରୁ ଦୁଇ ଜଣ ଛାତ୍ରୀ ଆହତ ହୋଇଥିଲେ। ପୂର୍ବରୁ ମଧ୍ୟ ହଷ୍ଟେଲରେ ପାନୀୟ ଜଳ, ରହଣୀୟ ପରିବେଶ ଓ ସୁରକ୍ଷା ସମ୍ବନ୍ଧୀୟ ଅନେକ ସମସ୍ୟା ଉଠିଥିଲେ ମଧ୍ୟ ସେଗୁଡ଼ିକର ସ୍ଥାୟୀ ସମାଧାନ ହୋଇପାରିନାହିଁ। ସେହିପରି ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଉତ୍କଳମଣି ଛାତ୍ରାବାସର ଅବସ୍ଥା ମଧ୍ୟ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଜରାଜୀର୍ଣ୍ଣ କୋଠା ଓ ବାରମ୍ବାର ଛାତ ଖସିବା ଘଟଣା ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି।

ଏବିଭିପି ସଭାପତି ଜ୍ୟୋତି ରଞ୍ଜନ ପାଣିଗ୍ରାହୀ କହିଛନ୍ତି, ବାରମ୍ବାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରାଯାଉଥିଲେ ମଧ୍ୟ ସମସ୍ୟାର ସମାଧାନ ଦିଗରେ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଉନାହିଁ। ପ୍ରତିଥର କେବଳ ଆଶ୍ୱାସନା ଦେଇ ଛାତ୍ରଛାତ୍ରୀଙ୍କୁ ଫେରାଇ ଦିଆଯାଉଛି। ଏହି ପରିସ୍ଥିତିରେ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ଏକ ମାସର ସମୟ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ନହେଲେ ବ୍ୟାପକ ଛାତ୍ର ଆନ୍ଦୋଳନ ଆରମ୍ଭ କରାଯିବ ଏବଂ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସେ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ନାୟକ କହିଛନ୍ତି ଯେ, ହଷ୍ଟେଲ ସମସ୍ୟା ସମ୍ପର୍କରେ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି ଏବଂ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଅତିଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରାଯାଇ ହଷ୍ଟେଲଗୁଡ଼ିକର ଅବସ୍ଥାରେ ସୁଧାର ଆଣାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଅଞ୍ଜନା ମୁଣ୍ଡା, ମନୀଷା ମୁର୍ମୁ, ରଶ୍ମିତା ଜେନା, ପ୍ରିୟଙ୍କା ଆଚାର୍ଯ୍ୟ, ସୁଦୀପ୍ତ ନାୟକ, ନିର୍ଝରଣୀ ହନ୍ତାଳ, ଭେଙ୍କଟେଶ୍ୱରୀ କାନ୍ତ, ସିବାଶିଷ ତ୍ରିପାଠୀ, ଆଦିତେଦ ଦତ୍ତ, ଆଶୁତୋଷ ମହାନ୍ତି, ଗଗନ ମେହେରା, ଶୁଭମ ପଟ୍ଟନାୟକ, ଅନିକେତ ସରକାରଙ୍କ ସମେତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଗର୍ଭବତୀ ମହିଳାଙ୍କୁ ରକ୍ତ ଦେଇ ବଞ୍ଚାଇଲେ



ଫୁଲବାଣୀ,୨୭।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫେରିଙ୍ଗିଆ ଅଂଚଳ ର ଜଣେ ଛଅ ମାସର ଗର୍ଭବତୀ ମା କନ୍ଧମାଳ ଜିଲ୍ଲା ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯଶୋଦା ଦିଗାଲଙ୍କର ରକ୍ତ ହୀନତା ପାଇଁ ନିହାତି ଜରୁରୀ B+Ve ରକ୍ତ ର ଆବଶ୍ୟକତା ଜିଲ୍ଲା ମୁଖ୍ୟାଳୟ ରେ ଥିଲା।ଜିଲ୍ଲା ରକ୍ତ ଭଣ୍ଡାର ରେ ରକ୍ତ ର ଅଭାବ ଦେଖି ଫିରିଙ୍ଗିଆ ମହିଳା ସ୍ୱାସ୍ଥ୍ୟ କର୍ମୀ ପଦ୍ମାଲୟା ମିରକାପ ନିଜର O+Ve ରକ୍ତ ପ୍ରତିବଦଳ ସ୍ୱରୂପ ରକ୍ତଦାନ କରିବା ସହ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟରତ ପୁରୁଷ ସ୍ୱାସ୍ଥ୍ୟକର୍ମୀ ବେଣୁ ପାଣି ଦିଗାଲ ଓ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ସୁମନ୍ତ କୁମାର ମାଝୀ ଙ୍କୁ ଯୋଗାଯୋଗ କରିଥିଲେ। ଏହାର ଗୁରୁତ୍ୱକୁ ଉପଲବ୍ଧ କରି ବେଣୁ ପାଣି ଦିଗାଲ ସଙ୍ଗେ ସଙ୍ଗେ ଅନ୍ୟ ଦୁଇ ଜଣ B+Veରକ୍ତ ଦାତା ନିଜର ସାନ ଭାଇ ବେଣୋ ରଞ୍ଜନ ଦିଗାଲ ରାୟଗଡା ଜିଲ୍ଲାରେ ଏଇଆଇସି କାର୍ଯ୍ୟରତ ଓ ଅନ୍ୟ ଜଣେ ରକ୍ତ ଦାତା ସରୋଜ ମଲିକ ଙ୍କୁ ଯୋଗାଯୋଗ କରି ଆଉ ୨ ୟୁନିଟ B+Ve ରକ୍ତ ଯୋଗାଇ ଦେଇଥିଲେ।ଫିରିଙ୍ଗିଆ ଅଂଚଳରେ ବାରମ୍ବାର ଗର୍ଭବତୀ ଓ ପ୍ରସୂତି ଙ୍କ କ୍ଷେତ୍ରରେ ରକ୍ତହୀନତାର ଅଭାବ ଦେଖାଯାଉଛି, ଏହାର ନିରାକରଣ ପାଇଁ ସଚେତନତା ଓ ରକ୍ତଦାନ ଶିବିର ମାନଙ୍କର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ବ୍ୟକ୍ତ କରିବା ସହ ପଦ୍ମାଲୟା ଓ ବେଣୁପାଣିଙ୍କର ସେବା ମନୋବୃତ୍ତି ପାଇଁ ପ୍ରଶଂସା କରିଥିଲେ।

## ଫୁଲୁଛି ଗୋବରୀ, କୂଳବାସୀ ଆତଙ୍କିତ

କେନ୍ଦ୍ରାପଡ଼ା,୨୭।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ୨୦ ଦିନ ହେଲା ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ପାଣି ଘେରରେ ଥିବାବେଳେ ଅନେକଗୁଡ଼ିଏ ରାସ୍ତା ବର୍ଷା ଜଳରେ ବୁଡ଼ି ରହିଛି। ମାଟିକାନ୍ଥ, ଚାଳଘରଗୁଡ଼ିକ କେତେକ ସ୍ଥାନରେ ଭାଙ୍ଗି ପଡ଼ିଥିବାବେଳେ ବହୁ ପୁରୁଣା ଘରଗୁଡ଼ିକ ବିପଦ ଜନକ ଅବସ୍ଥାରେ ପଡ଼ିରହିଛି। ରଣପଡ଼ା, ଜଇପୁରା, ଆମ୍ବାଳି ଏବଂ ବାଇପାସ୍ ରାସ୍ତାର ନଦୀକୁଡ଼ାରେ ବସବାସ କରୁଥିବା ଭୂମିହୀନମାନେ ପାଣି ଘେରରେ ରହିଛନ୍ତି। ଗୋବରୀ ନଦୀ ଫୁଲିଥିବାରୁ ଏହି କୂଳ ବାସିନ୍ଦାମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ରଣପଡ଼ା ଗ୍ରାମର ଜଳ ନିଷ୍କାସନ ବାଟ ନଥିବାରୁ ଗ୍ରାମର ଅଧିକାଂଶ ଘରଗୁଡ଼ିକ ପାଣି ଘେରରେ ରହିଛି। ପ୍ରାୟ ଦୁଇଫୁଟରୁ ଅଧିକ ବର୍ଷାଜଳ ଘର ଭିତରେ ରହିଥିବାରୁ ବରିଷ୍ଠ ନାଗରିକ, ମହିଳା, ଶିଶୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛନ୍ତି। ଘର ଭିତରେ ଥିବା ଖଟ ଉପରେ ରୋଗୀ ଓ ବୟସ୍କାମାନେ ରାତି ଦିନ ବସିଥିବାବେଳେ ଶୌଚ ହେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରଣପଡ଼ା ଗ୍ରାମରେ ଜଳ ନିଷ୍କାସନ ବାଟକୁ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ଜୋର ଜବରଦସ୍ତ ଘର କରିଥିବାରୁ ପୌର ପ୍ରଶାସନ ଏମାନଙ୍କୁ ଉଚ୍ଛେଦ କରିନପାରିବାରୁ ଗ୍ରାମବାସୀ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ତୁରନ୍ତ ସରକାରୀ ଜାଗାରେ ଜବରଦଖଲ କରି ଗୃହ ନିର୍ମାଣ କରିଥିବା ଘରକୁ ଭାଙ୍ଗି ଜଳ ନିଷ୍କାସନ ବାଟ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ହଜାର ହଜାର କାଉଡିଆଙ୍କ ସମାଗମ

ନୀଳଗିରି,୨୭।୭ (ସଂଚାର ବ୍ୟୁରୋ): ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅବସରରେ ହଜାର ହଜାର କାଉଡିଆଙ୍କ ବୋଲ ବମ୍ ହର୍ ହର୍ ବମ୍, ଭୋଲା ବାବବା ପାର୍ କରେଗା...ଧ୍ୱନିରେ ପ୍ରକମ୍ପିତ ହେବା ସହ ଉତ୍ସବମୁଖର ହୋଇଉଠିଲା ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ପଞ୍ଚଲିଙ୍ଗେଶ୍ୱର। ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆମାନେ ବଡ଼ ଉତ୍ସାହର ସହ ବିଭିନ୍ନ ନଦୀ ତଥା ବାଲେଶ୍ୱରସ୍ଥିତ ବାଲିଘାଟ, ନୀଳଗିରିର କାଠପାଳ, ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ସୋନ ନଦୀରୁ ରିତି ନୀତି ଅନୁଯାୟୀ ପୂଜାଅର୍ଚ୍ଚନା କରି ଜଳ ଆଣି ଚାଲି ଚାଲି ଆସି ରବିବାର ରାତ୍ରୀ ୧୨ଟା ପରଠାରୁ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି । ପାଣିର ସ୍ରୋତ ପ୍ରଖର ଥିବାରୁ ପଥର ଖୋଲ ମଧ୍ୟରେ ଆବିର୍ଭୁତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ରବିବାର ରାତ୍ରି ଠାରୁ କାଉଡିଆ ଓ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଲିଙ୍ଗ ସ୍ପର୍ଶ ବନ୍ଦ ରଖାଯାଇଛି। କାଉଡିଆ ଓ ପର୍ଯ୍ୟଟକ କେବଳ ପୂଜା ମଣ୍ଡପ ପର୍ଯ୍ୟନ୍ତ ଜାଇ ପୂଜା କରିଥିଲେ। ନୂଆକରି ଆସିଥିବା କିଛି କାଉଡିଆ ଏଠାକାର ରମଣୀୟ ପ୍ରାକୃତିକ ପରିବେଶ ସହ ଚିରସ୍ରୋତା ଝରଣାର କୁଳୁକୁଳୁ ନାଦ କୁ ଦେଖି ବିଭୋର ହୋଇଥିଲେ। ଏହା ସହ ପଞ୍ଚଲୀଗେଂଶ୍ୱରକୁ ସଂଯୋଗ କରୁଥିବା ରାସ୍ତାରେ କାଉଡିଆଙ୍କ ଲମ୍ବା ଧାଡ଼ି ସହ ବହୁ ସ୍ଥାନରେ ରାସ୍ତା ପାର୍ଶ୍ୱରେ କାଉଡିଆଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଷ୍ଟଲ କରି ପାଣି, ଗଜାବୁଟ, ମୁଗ, ଚା', ପ୍ରସାଦ, ସରବତ ଦେଉଥିବାର ଦେଖିବାକୁ ମିଳିଛି।



### ଜଳ ନିଷ୍କାସନ ବ୍ୟବସ୍ଥା ଧ୍ୱସ୍ତ

## କୃତ୍ରିମ ବନ୍ୟାରେ ସତ୍ୟବାଦୀ ବ୍ଲକ ପରିସର, ଲୋକେ ହନ୍ତସନ୍ତ



ସତ୍ୟବାଦୀ,୨୭।୭ (ସଂଚାର ବ୍ୟୁରୋ): ବର୍ଷା ହେଲେ ସତ୍ୟବାଦୀ ବ୍ଲକ ପରିସରରେ ସୃଷ୍ଟି ହେଉଥିବା ଜଳାବଦ୍ଧତା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଏକ ନିତିଦିନିଆ ସମସ୍ୟାରେ ପରିଣତ ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସର କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରୁଥିବାବେଳେ ସାକ୍ଷୀଗୋପାଳ ବଜାର ସମେତ ଆଖପାଖ ଅଞ୍ଚଳର ଅବସ୍ଥା ମଧ୍ୟ ସମାନ ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାବେଳେ ଥିବା କେନାଲଗୁଡ଼ିକ ନିୟମିତ ସଫା ନ ହେବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ସାଧାରଣ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କୁ ଦାୟୀ କରିଛନ୍ତି।

ତାଙ୍କ କହିବା ଅନୁଯାୟୀ, ଜାତୀୟ ରାଜପଥ ନିର୍ମାଣ ସମୟରେ ବର୍ଷାଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ତେବେ ବ୍ଲକ ପରିସରରେ ଜଳ ଜମିବା ରୋକିବା ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ତେବେ କେବଳ ବ୍ଲକ ପରିସରରୁ ପାଣି ହଟାଇଲେ ସମସ୍ୟାର ସମାଧାନ ହେବ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ମତ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ସମନ୍ୱିତ ଜଳ ନିଷ୍କାସନ ବ୍ୟବସ୍ଥା ନ ହେଲେ ପାଣି ରାଜରାସ୍ତା କଡ଼ରେ ଜମି ରହିବ ଏବଂ ଜନସାଧାରଣଙ୍କ ସମସ୍ୟା ଆହୁରି ବଢ଼ିବ।

ସୂଚନାଯୋଗ୍ୟ ଯେ, ସତ୍ୟବାଦୀ ବ୍ଲକ ପରିସରର ଭିତ୍ତିଭୂମି ବିକାଶ ପାଇଁ ପୂର୍ବ ସରକାର ଅମଳରେ ପ୍ରାୟ ୮ କୋଟି ଟଙ୍କାର ପ୍ରକଳ୍ପ ବ୍ୟୟ ଅଟକଳ କରାଯାଇଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ପ୍ରକଳ୍ପଟି କାର୍ଯ୍ୟକାରୀ ହୋଇପାରି ନ ଥିଲା। ଏହି ପ୍ରକଳ୍ପକୁ ପୁନଃ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିବାକୁ ଅଧ୍ୟକ୍ଷ ଶ୍ରୀ ପଣ୍ଡା ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବରଗଛ ଉପୁଡି ଯାତାୟାତ ବାଧାପ୍ରାପ୍ତ



ପଟ୍ଟାମୁଣ୍ଡାଇ,୨୭।୭ (ସଂଚାର ବ୍ୟୁରୋ): ସମ୍ପ୍ରତି ଲଘୁଚାପ ଜନିତ ଲଗାଣ ବର୍ଷା ବିପ୍ୟାତରେ ପଟ୍ଟାମୁଣ୍ଡାଇ ବ୍ଲକର ବନ୍ୟାବିପନ୍ନ ଧୋୟାଅଞ୍ଚଳର ୧୦ ଟି ପଞ୍ଚାୟତର ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । ସରକାରୀ ଜାଗାରେ ଥିବା ବହୁ ପୁରୁଣା ବଡ଼ ବଡ଼ ଗଛ ଗୁଡିକ କାଠ ମାଫିଆଙ୍କ କବଳରୁ ରକ୍ଷା ପାଇଥିବାବେଳେ ଲଗାଣ ବର୍ଷାରେ ଉପୁଡି ପଡୁଥିବା ଦେଖାଯାଉଛି। ଗତ କିଛିଦିନ ତଳେ ଅଳପୁଆ ଓ ନୀଳକଣ୍ଠପୁର ମୁଖ୍ୟ ରାସ୍ତାରେ ୨ ଟି ବିଶାଳ ଓସ୍ତଗଛ ଉପୁଡି ପଡିଥିଲା । ମାତ୍ର ସୌଭାଗ୍ୟବଶତଃ କୌଣସି ଜୀବନହାନି ଘଟିନାହିଁ । ଏହି ରାସ୍ତା ଅବରୋଧ ହଟାଇବାକୁ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀକୁ ନାକେଦମ ହେବାକୁ ପଡିଥିଲା। ଆଜି ଅପରାହ୍ନରେ ତରଡ଼ିପାଳ କନକବିହାରସ୍ଥିତ ସତ୍ୟସାଇ ଶିଶୁ ବିଦ୍ୟା ମନ୍ଦିର ମୁଖ୍ୟରାସ୍ତାର ବାମ ପାର୍ଶ୍ୱରେ ଥିବା ଏକ ବିରାଟ ବରଗଛ ଉପୁଡି ପଡିଛି। ଲଗାଣ ବର୍ଷା କାରଣରୁ ଗଛ ମୂଳରୁ ମାଟି ଧୋଇ ଯିବା ଫଳରେ ମୂଳ ଦୁର୍ବଳ ହୋଇ ଗଛ ଉପୁଡି ଯାଇ ଥିବା ଜଣାପଡିଛି । ଏହି ବରଗଛ ଉପୁଡିବା ଫଳରେ ରାସ୍ତାରେ ପ୍ରାୟ ୨୦ ଫୁଟ ଚଉଡାର ଖାଲ ସୃଷ୍ଟି ହୋଇ ସମ୍ପ୍ରତି ରେନକଟରେ ପରିଣତ ହୋଇଛି । ଏହି ଗୁରୁତ୍ୱ ପୂର୍ଣ୍ଣ ରାସ୍ତା ଉପରେ ଶତାଧିକ ଲୋକ ନିର୍ଭର କରୁଥିବାବେଳେ ସତ୍ୟସାଇ ଶିଶୁ ବିଦ୍ୟା ମନ୍ଦିରର କୋମଳମତି ଛାତ୍ରଛାତ୍ରୀ ଯାତାୟାତ ପାଇଁ ନିର୍ଭର କରିଥାନ୍ତି । କ୍ରମାଗତ ଲଗାଣବର୍ଷା ଯୋଗୁଁ ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ନିଶ୍ଚିତ ସମ୍ଭାବନା ଥିବାରୁ ପଟ୍ଟାମୁଣ୍ଡାଇ ପୂର୍ତ୍ତବିଭାଗ ଓ ବ୍ଲକ କତୃପକ୍ଷ ଜନସାଧାରଣଙ୍କ ଯାତାୟାତ ସୁବିଧା ପାଇଁ ଅବିଳମ୍ବେ ଜାଫ୍ରି କରି ବାଲିବସ୍ତା ପ୍ୟାକିଙ୍ଗ କରିବାକୁ ଶିକ୍ଷାବିତ୍ ଅଧ୍ୟାପକ ରବି ରଞ୍ଜନ ଶର୍ମା ଦୃଢ଼ ଦାବି କରିଛନ୍ତି।

### ଟୋକନ୍ ଅପେକ୍ଷାରେ ୭୫ ଚାଷୀ

## ବର୍ଷାରେ ଖୋଲା ଆକାଶ ତଳେ ପଡ଼ିରହିଛି ରବିଧାନ

ଝାରସୁଗୁଡ଼ା,୨୭।୭ (ସଂଚାର ବ୍ୟୁରୋ): ହୀରାକୁଦ ବୁଡ଼ି ଅଞ୍ଚଳରେ ରବିଧାନ କ୍ରୟ ପ୍ରକ୍ରିୟାରେ ଅବ୍ୟବସ୍ଥା ଯୋଗୁଁ ଅନେକ ଚାଷୀ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସମବାୟ ସମିତି ମାଧ୍ୟମରେ ନିୟମିତ ପଞ୍ଜିକରଣ କରିଥିଲେ ମଧ୍ୟ ସମୟରେ ଟୋକନ ନ ମିଳିବାରୁ ପ୍ରାୟ ୭୫ ଜଣ ଚାଷୀ ଏପର୍ଯ୍ୟନ୍ତ ରବିଧାନ ବିକ୍ରି କରିପାରି ନାହାନ୍ତି। ଏହାଫଳରେ ବର୍ଷା ଋତୁରେ ଖୋଲା ଆକାଶ ତଳେ ଗଚ୍ଛିତ ଧାନ ନଷ୍ଟ ହେବାର ଆଶଙ୍କା ବଢ଼ିବା ସହ ଚାଷୀଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି।

ସୂଚନା ଅନୁଯାୟୀ, ରାଜ୍ୟ ଯୋଗାଣ ବିଭାଗର ବିଜ୍ଞପ୍ତି ଅନୁସାରେ ହୀରାକୁଦ ବୁଡ଼ି ଅଞ୍ଚଳର ୭୯୬ ଜଣ ଚାଷୀ ରବିଧାନ ବିକ୍ରି ପାଇଁ ସମବାୟ ସମିତିରେ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଟୋକନ ପାଇ ମଣ୍ଡିରେ ଧାନ ବିକ୍ରି କରିଥିବାବେଳେ ପ୍ରାୟ ୭୫ ଜଣ ଚାଷୀ ଏପର୍ଯ୍ୟନ୍ତ ଟୋକନ ପାଇନାହାନ୍ତି। ଫଳରେ ସେମାନେ ଆର୍ôଥକ ସଙ୍କଟରେ ପଡ଼ିଥିବା ଅଭିଯୋଗ କରିଛନ୍ତି। ଲଖନପୁର ବ୍ଲକ ଭିକମପାଲି ସମବାୟ ସମିତି ଅଧୀନ ପଲସଦା ଗ୍ରାମର ଚାଷୀ ଅଦ୍ୱୈତ ମେହେର, ମଣିରାମ ସା, ଗୋପାଳ ମେହେର, ଜୟ କୁମାର ସା ଓ ଦେବାନନ୍ଦ ସାଙ୍କର ୮୦୦ରୁ ଅଧିକ ବସ୍ତା ଧାନ ଏପର୍ଯ୍ୟନ୍ତ ବିକ୍ରି ହୋଇପାରିନାହିଁ। ଘରେ ସ୍ଥାନ ଅଭାବରୁ ସେମାନେ ବାଧ୍ୟ ହୋଇ ଟ୍ରାକ୍ଟର ଟ୍ରଲି ଓ ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଧାନବସ୍ତା ରଖିଛନ୍ତି। ଲଗାଣ ବର୍ଷା ଜାରି ରହିଥିବାରୁ ଖୋଲା ସ୍ଥାନରେ ଥିବା ଧାନର ଗୁଣବତା ହ୍ରାସ ପାଇବା ସହ ବ୍ୟାପକ କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି।

ଗୋଟିଏ ପଟେ ଖରିଫ ଧାନ ରୁଆ କାମ ଓ ଅନ୍ୟପଟେ ଅମଳ ହୋଇଥିବା ରବିଧାନ ବିକ୍ରି ହୋଇନପାରିବାରୁ ଚାଷୀମାନେ ମାନସିକ ଓ ଆର୍ôଥକ ଚାପରେ ରହିଛନ୍ତି। ପ୍ରଶାସନିକ ସମନ୍ୱୟର ଅଭାବ ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଟୋକନ ବଞ୍ଚିତ ଚାଷୀଙ୍କୁ ସ୍ୱତନ୍ତ୍ର ଭାବେ ଟୋକନ ପ୍ରଦାନ କରି ଅବଶିଷ୍ଟ ରବିଧାନ କ୍ରୟ ପାଇଁ ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ତତ୍ପରତାର ସହ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

## ବନ୍ୟପ୍ରାଣୀ ଅପରାଧ ମାମଲାରେ ଦୁଇ ଅଭିଯୁକ୍ତ ଗିରଫ



ନୀଳଗିରି,୨୭।୭ (ସଂଚାର ବ୍ୟୁରୋ): ନୀଳଗିରି ବନ ବିଭାଗ ପକ୍ଷରୁ ଏକ ବଡ଼ ବନ୍ୟ ପ୍ରାଣୀ ଅପରାଧ ମାମଲାରର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ହଜାତକୁ ପଠାଇଥିବା ଜଣା ପଡ଼ିଛି । ଅଭିଯୁକ୍ତମାନଙ୍କ ଠାରୁ ଏକ ଜୀବନ୍ତ ଗୋଧି, ଏକ ପ୍ଲାଷ୍ଟିକ ବ୍ୟାଗ,ପ୍ରାୟ ୨ ମିଟର ଲମ୍ବର ହଳଦିଆ ପ୍ଲାଷ୍ଟିକ ଦଉଡିଏବଂ ସବୁଜ ଦଉଡିରେ ତିଆରି ୯ଟିଫାଶ ଜବତ କରାଯାଇଛି। ଅଟକ ରଖାଯାଇଥିବା ଅଭିଯୁକ୍ତ ଉଜ୍ଜଳ ଭକ୍ତା (୩୫) ଏବଂ ସୁଜିତ ଭକ୍ତା (୧୯), ଉଭୟ ପଶ୍ଚିମବଙ୍ଗର ରାଜ୍ୟ ମେଦିନା ପୁର ଜିଲ୍ଲାର ନାରାୟଣଗଡ ଥାନା ଅନ୍ତର୍ଗତ ମେଟାଲ ଅଞ୍ଚଳର ବାସିନ୍ଦା।

ସୂଚନା ଅନୁସାରେ ଗତ ୨୬ ତାରିଖ ରବିବାର ଅପରାହ୍ନ ପ୍ରାୟ ୨:୩୦ ଘଟିକା ସମୟରେ ଖନ୍ତାପଡା ଥାନା ପୋଲିସ ଖବର ପାଇ ନୀଳଗିରି ବନପାଳ ଓ କର୍ମଚାରୀ ମାନଙ୍କୁ ଖବର ଦେବା ସହିତ ଘଟଣାସ୍ଥଳ ରେ ପହଞ୍ଚି ଅଭିଯୁକ୍ତ ମାନଙ୍କୁ ଅଟକ ରଖିଥିଲେ । ପରେ ଜବତ ସାମଗ୍ରୀ ସହିତ ଅଭିଯୁକ୍ତ ମାନଙ୍କୁ ନୀଳଗିରି ବନାଞ୍ଚଳ କାର୍ଯ୍ୟାୟାଳୟକୁ ଆଣାଯାଇ ଅଧିକ ତଦନ୍ତ ଆରମ୍ଭ କରାଯାଇଥିଲା ।ବାଲେଶ୍ୱର ବନ୍ୟଜୀବ ବନଖଣ୍ଡର ବନଖଣ୍ଡ ଅଧିକାରୀ ଶ୍ରୀ ପ୍ରତୀକ ପ୍ରକାଶ ଇନ୍ଦଲକର (ଭା.ବ.ରସ.)ଙ୍କ ନିର୍ଦ୍ଦେଶ କ୍ରମେ ଅନୁସନ୍ଧାନ ଅଧିକାରିଣୀ ତଥା ସହକାରୀ ବନସଂରକ୍ଷକ ତଟିନୀ ସେଠୀ ଆଜି ଉଭୟ ଅଭିଯୁକ୍ତଙ୍କ ଓଆର କେଶ ନମ୍ବର୦୯ ଏନ୍ ରେ ୨୦୨୬-୨୭ ରେ ମାମଲା ରୁଜୁ କରିଥିଲେ ।

## ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ



ନୀଳଗିରି ,୨୭।୭ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ଅଧିନସ୍ଥ ଚଟୁରିପଡା ଗ୍ରାମର କହ୍ନେଇ କିସ୍କୁ ଙ୍କ ପୁତ୍ର ବୁଦ୍ଧିଆ ଓରଫ ସମରାଏ କିସ୍କୁ ( ୫୫) ଆଜି ଅପରାହ୍ନ ପ୍ରାୟ୪.୩୦ ମିନିଟ ସମୟରେ ବିଲରେ ପାଖ ହାଣୁଥିବା ବେଳେ ହଠାତ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଉକ୍ତ ବଜ୍ରାଘାତରେ ସମରାଏ ସେଠାରେ ଟଳି ପଡ଼ିଥିଲେ ।କିଛି ଦୂରରେ ଥିବା ଅନ୍ୟ ଚାଷୀ ମାନେ ଏହା ଦେଖି ସମରାଏ କୁ ଉଠାଇ ବା ସହିତ ତାଙ୍କ ଘରକୁ ଖବର ଦେଇଥିଲେ ।ପରେ ପରିବାର ଲୋକେ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘଷାଣା କରିଥିଲା।ଉକ୍ତ ଖବର ପ୍ରଚାରିତ ହେବାକ୍ଷଣି ପରିବାର ଓ ହସ୍ପିଟାଲ ପରିସରରେ ଶୋକ ର ଛାୟା ଖେଳିଯାଇଥିଲା ।ଖବର ପାଇ ବରହମପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।ଅପରପକ୍ଷରେ ଥାନା ପକ୍ଷରୁ ୯/୨୬ ରେ ଏକ ଅପ ମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାପଡିଛି। ମୃତ ବୁଦ୍ଧିଆ ର ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପଠାଇଛି।ଆସନ୍ତା କାଲି ମୃତ ଚାଷୀ ବୁଦ୍ଧିଆ ଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

## ଲଘୁଚାପ ବର୍ଷାରେ କୁଜଙ୍ଗ-ପାରାଦ୍ୱୀପ ଜଳବନ୍ଦୀ

### ବ୍ୟାପକ ପରିବା ଚାଷ ନଷ୍ଟ

ପାରାଦ୍ୱୀପ,୨୭।୭ (ସଂଚାର ବ୍ୟୁରୋ): ଲଘୁଚାପ ଜନିତ ଲଗାତାର ବର୍ଷା ଯୋଗୁଁ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଓ ପାରାଦ୍ୱୀପ ଅଞ୍ଚଳରେ ଜନଜୀବନ ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡିଛି। ନିମ୍ନାଞ୍ଚଳରେ ବ୍ୟାପକ ଜଳବନ୍ଦୀ ସୃଷ୍ଟି ହୋଇଥିବା ବେଳେ ଚାଷ ଜମିରେ ପାଣି ପଶି ବ୍ୟାପକ ଭାବେ ପରିବା ଚାଷ ନଷ୍ଟ ହୋଇଯାଇଛି। ଗତ ୨ ଦିନ ଧରି ହେଉଥିବା ପ୍ରବଳ ବର୍ଷା ଯୋଗୁଁ ଚାଷୀଙ୍କ ଆଶା ଉପରେ ପାଣି ପଡିଛି। ଜମିରେ ଥିବା ଭେଣ୍ଡି, କାକୁଡି, ବାଇଗଣ, ଜହ୍ନି ସମେତ ଅନ୍ୟାନ୍ୟ ପରିବା ଫସଲ ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯାଇଛି। ଏଥିଯୋଗୁଁ କୁଜଙ୍ଗ ବ୍ଲକର ଶତାଧିକ ଚାଷୀ ବହୁ ଲକ୍ଷ ଟଙ୍କାର କ୍ଷତି ସହିଛନ୍ତି। ଆଉଥରେ ଚାଷ କରିବା ପାଇଁ ସେମାନଙ୍କ ପାଖରେ ଆଉ ସମ୍ବଳ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

କୁଜଙ୍ଗ ବ୍ଲକର ସାହାରାଡିଆ, ବରିହାଡିଆ, ତେନ୍ତୁଳିଆ ଖମାର, ଷଣ୍ଢପୁର, ତାଳଦଣ୍ଡା, ହରିପୁର, ତେରମାଣପୁର ଓ କୁଜଙ୍ଗ ବଜାର ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ରାସ୍ତାଘାଟ ପାଣିରେ ବୁଡି ଯିବା ଫଳରେ ଯାତାୟାତ ବ୍ୟବସ୍ଥା ଠପ ହୋଇପଡିଛି। ସେହିପରି ପାରାଦ୍ୱୀପ ଗଡ଼ ଓ ପାରାଦ୍ୱୀପ ମ୍ୟୁନିସିପାଲିଟିର ଅନେକ ୱାର୍ଡରେ ଘର ଭିତରକୁ ପାଣି ପଶିବା ସହ ଡ୍ରେନ ଜାମ ହୋଇଯିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ପିଲାମାନଙ୍କ ସ୍କୁଲ ଯିବା ଆସିବା ଓ ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ବଜାରରେ ପରିବା ଦର ମଧ୍ୟ ହଠାତ ବୃଦ୍ଧି ପାଇଛି।

ସ୍ଥାନୀୟ ଲୋକେ କହିଛନ୍ତି ଯେ ପ୍ରତିବର୍ଷ ଏଭଳି ସମସ୍ୟା ସୃଷ୍ଟି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଡ୍ରେନ ସଫା ଓ ଜଳ ନିଷ୍କାସନ ବ୍ୟବସ୍ଥା ଦୃଢ଼ିକରଣ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ପାଇଁ ସେମାନେ ଦାବି କରିଛନ୍ତି।

## ବେଆଇନ ପେଣ୍ଟାଜୋସିନ୍ ଇଞ୍ଜେକ୍ସନ କାରବାରର ପର୍ଦ୍ଦାଫାସ, ୨ ଗିରଫ

କୋରାପୁଟ,୨୭।୭ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର ଦାମନଯୋଡ଼ି ଅଞ୍ଚଳରେ ବେଆଇନ ଭାବେ ନିଷିଦ୍ଧ ପେଣ୍ଟାଜୋସିନ୍ ଲାକ୍ଟେଟ୍ ଇଞ୍ଜେକ୍ସନ ବିକ୍ରି କରୁଥିବା ଏକ ରାକେଟର ପର୍ଦ୍ଦାଫାସ କରିଛି ଦାମନଯୋଡ଼ି ପୋଲିସ। ଏହି ଅଭିଯାନରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୩୨ଟି ପେଣ୍ଟାଜୋସିନ୍ ଲାକ୍ଟେଟ୍ ଇଞ୍ଜେକ୍ସନ ଆମ୍ପୁଲ, ଦୁଇଟି ମୋବାଇଲ ଫୋନ୍ ଓ ୧,୭୩୦ ଟଙ୍କା ନଗଦ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ୨୬ ଜୁଲାଇରେ ବିଶ୍ୱସ୍ତ ସୂଚନା ପାଇବା ପରେ ଦାମନଯୋଡ଼ି ଥାନାର ଉପ ନିରୀକ୍ଷକ ସୁପ୍ରିୟା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଦଳ ଅମଲାବାଡ଼ି କଲୋନୀ ମଶାଣି ଛକ ନିକଟରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଦୁଇ ଜଣ ବ୍ୟକ୍ତି ବେଆଇନ ଭାବେ ନିୟନ୍ତ୍ରିତ ପେଣ୍ଟାଜୋସିନ୍ ଲାକ୍ଟେଟ୍ ଇଞ୍ଜେକ୍ସନ ବିକ୍ରି କରୁଥିବା ବେଳେ ସେମାନଙ୍କୁ କାବୁ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ମାଥାଲପୁଟ ମାଳିସାହିର ବିଷ୍ଣୁ ମାଳି (୨୩) ଓ ସୁନାବେଡ଼ା ଥାନା ଅନ୍ତର୍ଗତ ଭେଜାପୁଟ ସତସଙ୍ଗ ଗ୍ରାମର ସଞ୍ଜୟ ଜେନା (୩୫)।କାର୍ଯ୍ୟାନୁଷ୍ଠାନ ସମୟରେ କାର୍ଯ୍ୟପାଳକ ମାଜିଷ୍ଟ୍ରେଟ୍, ଡ୍ରଗ୍ ଇନ୍ସପେକ୍ଟର ଏବଂ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ଏନଡିପିଏସ୍ ଆଇନର ସମସ୍ତ ବିଧିବିଧାନ ପାଳନ କରାଯାଇଥିଲା। ଡ୍ରଗ୍ ଇନ୍ସପେକ୍ଟର ଜବତ ହୋଇଥିବା ଇଞ୍ଜେକ୍ସନଗୁଡ଼ିକୁ ସ୍କେଡ୍ୟୁଲ-ଏଚ୍-୧ ଶ୍ରେଣୀର ନିୟନ୍ତ୍ରିତ ଔଷଧ ବୋଲି ସୁନିଶ୍ଚିତ କରିବା ସହ ଅଭିଯୁକ୍ତମାନଙ୍କ ପାଖରେ ଏହାର ସଂରକ୍ଷଣ କିମ୍ବା ବିକ୍ରୟ ପାଇଁ କୌଣସି ବୈଧ ଲାଇସେନ୍ସ ନଥିବା ସ୍ପଷ୍ଟ କରିଥିଲେ। ଏହି ଘଟଣାରେ ଦାମନଯୋଡ଼ି ଥାନାରେ ମାମଲା ରୁଜୁ କରାଯାଇଛି।ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର

### ୫୫ ଅଭିଯୋଗର ଶୁଣାଣି

### ତଟବନ୍ଧ ବିଭାଗ ପକ୍ଷରୁ ନିର୍ମିତ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ

### ଘଣ୍ଟବାଡ଼େଇ ଅଭିଯୋଗ ଦେଲେ ଗ୍ରାମବାସୀ



ଡେରାବିଶ,୨୭।୭ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ କାର୍ଯ୍ୟାଳୟର ସଭାକକ୍ଷରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲିକ ଓ କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ ଜ୍ୟୋତିରଞ୍ଜନ ଗୌଡ଼ ଉପସ୍ଥିତ ରହି ସମୁଦାୟ ୫୫ଟି ଅଭିଯୋଗର ଶୁଣାଣୀ କରିଥିଲେ। ସେଥିମଧ୍ୟରୁ ୧୦ ସାମୁହିକ ଅଭିଯୋଗ ଓ ୪୫ ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସାମୁହିକ ଅଭିଯୋଗ ମଧ୍ୟରେ ବ୍ଲକ ଅଧିନସ୍ଥ ଖମୋଳ ପଞ୍ଚାୟତ ଅନ୍ତର୍ଗତ ୨୦ ନଂ ଡ୍ରେନେଜ୍‌କଟ୍ ଉପରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣଧୀନ ପୋଲ କାର୍ଯ୍ୟରେ ବହୁ ବିଳମ୍ବତାକୁ ନେଇ ସମ୍ପୃକ୍ତ ପଞ୍ଚାୟତବାସୀଙ୍କ ପକ୍ଷରୁ ଏକ ଅଭିଯୋଗ କରାଯାଇଥିଲା। ପଞ୍ଚାୟତର ଲୋକମାନେ ଘଣ୍ଟ ବାଡ଼େଇ ଅଭିଯୋଗ ପ୍ରକୋଷ୍ଠକୁ ଆଜି ପୋଲ କାର୍ଯ୍ୟ ପାଇଁ ଉଭୟ ପଟରେ ମାଟିବନ୍ଧ ପକାଯାଇଥିବାରୁ ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ଜଳ ଜମି ରହିବା ଫଳରେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବ୍ୟାହାତ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ସେଠାରେ ଉପସ୍ଥିତ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ସଙ୍ଗୀତା ସାହୁ ମଙ୍ଗଳବାର ସହକାରୀ ଯନ୍ତ୍ରୀଙ୍କ ସହ ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ବାଘିଲୋ ବାବନପୁର ଠାରୁ କନ୍ଦରପୁର ରାସ୍ତାଟିକୁ ବିଭାଗ ସମ୍ପୂର୍ଣ୍ଣ ଅଣଦେଖା କରିଥିବାରୁ ଏହା ବର୍ତ୍ତମାନ ମରଣଜନ୍ତା ପାଲଟିଥିବା ଏବଂ ରାସ୍ତା ଉପରେ ନିର୍ଭରଶୀଳ ତିନୋଟି ପଞ୍ଚାୟତର ଅଧୀବାସୀଙ୍କ ଯାତାୟତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିବାରୁ ଏହି ରାସ୍ତା ତୁରନ୍ତ ନିର୍ମାଣ କରିବାକୁ ଅଞ୍ଚଳବାସୀମାନେ ଅଭିଯୋଗ କରିଥିଲେ। ଅନ୍ୟ ପକ୍ଷରେ ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ମହାକାଳପଡ଼ା ବ୍ଲକ ଅଞ୍ଚଳର ନୟନମଣୀ ସାମଲ କରିଥିବା ଅଭିଯୋଗ ଅନୁଯାୟୀ ତଟବନ୍ଧ ବିଭାଗ ପକ୍ଷରୁ ଗୋଜାବନ୍ଧ ସେକ୍ସନ ଅଧୀନରେ ନିର୍ମାଣ ହେଉଥିବା ସ୍ଲୁଇସ୍ ଗେଟ୍ ଏବଂ ବତୀଘର ପଞ୍ଚାୟତରେ ୪୦ କୋଟି ଟଙ୍କା ବ୍ୟୟ ଅଟକରେ ନିର୍ମାଣଧୀନ କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି କରିଥିଲେ। ତୁରନ୍ତ ମହାକାଳପଡ଼ା ତଟବନ୍ଧ ଉପବିଭାଜନ କାର୍ଯ୍ୟାଳୟରେ ଦୀର୍ଘ ୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବା ଯନ୍ତ୍ରୀ ଚିତରଞ୍ଜନ ବେହେରାଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିଥିଲେ। ଏଥିସହିତ ଗତ ନରଣପଡ଼ା ଗ୍ରାମର ଶଶିକାନ୍ତଙ୍କ ହତ୍ୟାକାଣ୍ଡକୁ ୨୨ ଦିନ ବିତିଯାଇଥିଲେ ମଧ୍ୟ ତାଙ୍କ ହତ୍ୟାକାରୀ ନିଳାଦ୍ରୀ ଦାଶଙ୍କୁ ପୋଲିସ୍ ଧରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଶଶିକାନ୍ତଙ୍କ ପରିବାର ହତ୍ୟାକାରୀ ଭୟରେ ଆତଙ୍କିତ ଅବସ୍ଥାରେ କାଳାତିକାପ କରୁଥିବା ବେଳେ ଶଶିକାନ୍ତଙ୍କ ସ୍ତ୍ରୀ ସଂଘମିତ୍ରା ଅଭିଯୋଗ କରିଥିଲେ।

ଅନ୍ୟ ଅଭିଯୋଗ ମଧ୍ୟରେ ରାଶନ କାର୍ଡ଼ରେ ନାମ ପଞ୍ଜିକରଣ, ବାସଗୃହ ଯୋଜନାରେ ବାଦପଡ଼ିଥିବା ହିତାଧିକାରୀଙ୍କ ନାମକୁ ତାଲିକା ଭୁକ୍ତ କରିବା, ବିଭିନ୍ନ ଭତା ଯୋଜନାରୁ ବଞ୍ଚିତ ହିତାଧିକାରୀ, ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ପାନୀୟ ଜଳ ଯୋଗାଣ ପ୍ରମୁଖ ଅଭିଯୋଗ ଆସିଥିଲା।